# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧୯/୨୦୨୬ (୧୬ ପୃଷ୍ଠା) Bhubaneswar, Thursday, February 19/2026 Page 16

୫୨ଶ ଭାଗ ୮୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 87 ମୂଲ୍ୟ ₹୭/-





**ବଡ଼ ପରଦାରେ 'ଅପରେଶନ ସିନ୍ଦୂର'**

'ଅପରେଶନ ସିନ୍ଦୂର'କୁ ନେଇ ପ୍ରଯୋଜକ ଭୂଷଣ କୁମାର ଏବଂ ନିର୍ଦ୍ଦେଶକ-ପ୍ରଯୋଜକ ବିବେକ ଅଗ୍ନିହୋତ୍ରୀ ଏକ ଚଳଚ୍ଚିତ୍ର ନିର୍ମାଣ କରିବେ ବୋଲି ଚର୍ଚ୍ଚା ଚାଲିଛି। ୦୨

୧୬ **ଶିବମ୍ ଦୁବେଙ୍କ ଅର୍ଦ୍ଧଶତକ**

ଅହମଦାବାଦରେ ଅନୁଷ୍ଠିତ ନେଦରଲାଣ୍ଡ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଭାରତର ଶିବମ୍ ଦୁବେ।




## ରାଜ୍ୟ ସଭା: ମାର୍ଚ୍ଚ ୧୬ରେ ୩୭ ଆସନରେ ନିର୍ବାଚନ, ଓଡ଼ିଶାରୁ ୪

ଭୁବନେଶ୍ୱର,୧୮।୨ (ରବିନାରାୟଣ ଜେନା)

ରାଜ୍ୟ ସଭାରେ ଖାଲି ହେବାକୁ ଥିବା ୧୦ ରାଜ୍ୟର ମୋଟ ୩୭ ଆସନ ପାଇଁ ଆସନ୍ତା ମାର୍ଚ୍ଚ ୧୬ରେ ନିର୍ବାଚନ ହେବ। ଏଥିରେ ଓଡ଼ିଶାର ୪ ଆସନ ରହିଛି। ବୁଧବାର ଭାରତର ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ପକ୍ଷରୁ ଏ ସଂକ୍ରାନ୍ତୀୟ ପ୍ରେସ୍ ନୋଟ୍ ଜାରି କରାଯାଇଛି। ଆୟୋଗଙ୍କ ପକ୍ଷରୁ ଅନୁଶାସନ ସଚିବ ରାଜେଶ କୁମାର ସିଂ ଦର୍ଶାଇଛନ୍ତି, ଦେଶର ୧୦ଟି ରାଜ୍ୟରେ ୩୭ଜଣ ଏମ୍‌ପିଙ୍କ ଅବଧି ଏପ୍ରିଲରେ ଶେଷ ହେଉଛି। ଏହି ପଦ ପୂରଣ ପାଇଁ ଫେବୃଆରୀ ୨୬ରେ ବିଜ୍ଞପ୍ତି ଜାରିହେବ। ମାର୍ଚ୍ଚ ୫ରେ ନାମାଙ୍କନପତ୍ର ଦାଖଲ କରିବାକୁ ଦିନ ଧାର୍ଯ୍ୟ ହୋଇଥିବାବେଳେ ୬ରେ ଯାଞ୍ଚ ଏବଂ ୯ରେ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଛି। ମାର୍ଚ୍ଚ ୧୬ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ। ୫ଟା ପର୍ଯ୍ୟନ୍ତ ଗଣନା କରାଯିବ। ୨୦ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି ରାଜେଶ ସୂଚନା ଦେଇଛନ୍ତି। ପ୍ରିଲ ୨ରେ ଓଡ଼ିଶାର ଏମ୍‌ପି ମମତା ମହାନ୍ତ, ମୁଜିବୁଲ୍ଲା ଖାନ୍, ସୁଜିତ କୁମାର ଏବଂ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ପୂରଣ ହେଉଛି। ☞ପୃଷ୍ଠା-୪



ଯୁକ୍ତ୨ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଥିବାବେଳେ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ବିଜ୍ଞାନ ଛାତ୍ରୀମାନେ ମାତୃଭାଷା ଓଡ଼ିଆରେ ପରୀକ୍ଷା ଦେଉଛନ୍ତି। **(ଫଟୋ- ବିକାଶ ନାୟକ)**






# ଏଆଇ ସମିଟ୍: ଚାଇନା ରୋବୋକୁ ନେଇ ବିବାଦ




ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପୋଷ୍ଟ ଡିଲିଟ୍ ସମ୍ପର୍କରେ ମହୁଆ ମୋଇତ୍ରଙ୍କ ପୋଷ୍ଟ।

**ନୂଆଦିଲ୍ଲୀରେ ଚାଲିଥିବା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬'ରେ ଗ୍ରେଟର ନଏଡାସ୍ଥିତ ଗାଲ୍‌ଗୋଟିଆସ୍ ୟୁନିଭର୍ସିଟି ଦ୍ୱାରା ପ୍ରଦର୍ଶିତ ରୋବୋଟିକ୍ ଡଗ୍‌କୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିରୋଧୀ। ଚାଇନା ଦ୍ୱାରା ବିକଶିତ ଏକ ରୋବୋଟିକ୍ ଡଗ୍‌କୁ ଗାଲ୍‌ଗୋଟିଆସ୍ ଉକ୍ତ ସମିଟ୍‌ର ଏକ ଷ୍ଟଲ୍‌ରେ ନିଜସ୍ୱ ଉତ୍ପାଦ ବୋଲି ଦାବି କରିଥିବାବେଳେ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାହାକୁ ପ୍ରଶଂସା କରି 'X'ରେ ପୋଷ୍ଟ କରିଥିଲେ। କିନ୍ତୁ ସମିଟ୍‌କୁ ଯାଇଥିବା ଲୋକେ ଓ ଇଣ୍ଟରନେଟ୍ ବ୍ୟବହାରକାରୀମାନେ ଗାଲ୍‌ଗୋଟିଆସ୍‌ର ମିଥ୍ୟାକୁ ପଦାରେ ପକାଇ ଦେଇଛନ୍ତି। ଏହାପରେ ମନ୍ତ୍ରୀ ତାଙ୍କ 'X' ପୋଷ୍ଟକୁ ଡିଲିଟ୍ କରିଦେଇଥିବାବେଳେ ଆୟୋଜନକାରୀମାନେ ଗାଲ୍‌ଗୋଟିଆସ୍ ୟୁନିଭର୍ସିଟି ଷ୍ଟଲ୍ ବନ୍ଦ କରି ଫେରିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଅନ୍ୟ ବିରୋଧୀ ଦଳ ନେତା କେନ୍ଦ୍ର ସରକାରଙ୍କୁ ଘେରିବା ସହ ମେକ୍ ଇନ୍ ଇଣ୍ଡିଆର ସଫଳତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର ମନ୍ତ୍ରୀ ବୈଷ୍ଣବଙ୍କ ଇସ୍ତଫା ଦାବି କରି ତାଙ୍କୁ କଟାକ୍ଷ କରିଛନ୍ତି।**

ନୂଆଦିଲ୍ଲୀ,୧୮।୨(ରଏଟର୍ସ/ପିଟି)

ଭାରତ ସରକାରଙ୍କ ପକ୍ଷରୁ ଆୟୋଜିତ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଚାଇନା ନିର୍ମିତ ଏକ ରୋବୋଟିକ୍ ଡଗ୍‌କୁ ବୁଧବାର ଘରୋଇ ବିଶ୍ୱବିଦ୍ୟାଳୟ ଗାଲ୍‌ଗୋଟିଆସ୍ ନିଜର ବୋଲି ଦର୍ଶାଇବା ନେଇ ବଡ଼ ବିବାଦ ମୁଣ୍ଡ ଟେକିଛି। ସ୍ୱଦେଶୀ ସମିଟ୍‌ରେ ଚାଇନା ମାଲ୍‌କୁ ପୂରାଇ ନିଜର ବୋଲି ଦାବି କରିବା କେତେ ଯୁକ୍ତିଯୁକ୍ତ ବୋଲି ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇବା ସହ ଏହି ପ୍ରସଙ୍ଗରେ କେନ୍ଦ୍ରକୁ ଘେରିଛନ୍ତି। ଇତିମଧ୍ୟରେ ଉକ୍ତ ଫ୍ଲାଗ୍‌ଶିପ୍ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀ ଛାଡ଼ି ଚାଲିଯିବା ପାଇଁ ଗାଲ୍‌ଗୋଟିଆସ୍ ୟୁନିଭର୍ସିଟିକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନିଜର ହୋଇ ନ ଥିବା କୌଣସି ଉପକରଣର ପ୍ରଦର୍ଶନ କରାଇବାକୁ ସରକାର ଚାହୁଁନାହାନ୍ତି ବୋଲି ଆଇଟି ସଚିବ ଏସ୍. କ୍ରିଷ୍ଣନ୍ ସଫେଇ ଦେଇଛନ୍ତି। ଶେଷରେ ଏଭଳି ଦ୍ୱନ୍ଦ୍ୱକୁ ନେଇ ଗାଲ୍‌ଗୋଟିଆସ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଚିତାରେ ସତୀ


**ଶ୍ୱଶୁର ଘରେ ସ୍ତ୍ରୀଙ୍କୁ ପେଟ୍ରୋଲରେ ପୋଡ଼ି ହତ୍ୟା ଉଦ୍ୟମ**

**ଓଡ଼ିଶାବାସୀ ଖାଉଛନ୍ତି ନିମ୍ନମାନର ଦୁଗ୍ଧଜାତ ସାମଗ୍ରୀ**

ପୃଷ୍ଠା-୩












## ଆଜିଠୁ ମାଟ୍ରିକ୍ ପରୀକ୍ଷା

କଟକ,୧୮।୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହେବ। ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଅନୁଷ୍ଠିତ ହେବ। ଏକସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ମଧ୍ୟ ଆରମ୍ଭ ହେବ। ସୂଚନାଯୋଗ୍ୟ, ଚଳିତବର୍ଷ ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ମୋଟ ୫ ଲକ୍ଷ ୬୧ ହଜାର ୯୭୯ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବାବେଳେ ୩୨୨ଟି ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ଗଚ୍ଛିତ ରହିଛି। ୩୦୮୨ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ସାଢେ ୭ଟାରୁ କେନ୍ଦ୍ର ମଧ୍ୟକୁ ପ୍ରବେଶ କରିବେ ଛାତ୍ରୀଛାତ୍ର। ମୋଟ ୩ ହଜାର ୮୨ଟି ସେଣ୍ଟରରେ ସିସିଟିଭି ବ୍ୟବସ୍ଥା କରାଯାଇଛି। କପି କରୁଥିବା ଛାତ୍ରୀଛାତ୍ରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କପି ଯୋଗାଇଲେ କିମ୍ବା କିଛି ଅନିୟମିତତା କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଜରୁରିକାଳୀନ ପରିସ୍ଥିତି ପରୀକ୍ଷା କେନ୍ଦ୍ରରେ ପ୍ରବେଶ ଲାଗି ପରୀକ୍ଷାର୍ଥୀଙ୍କୁ ଅଧିକ ୧୫ ମିନିଟ୍ ସମୟ ଦିଆଯାଇଛି। ସବ୍‌ଜେକ୍ଟିଭ ଏବଂ ଅବ୍‌ଜେକ୍ଟିଭରେ ଯଥାକ୍ରମେ ୫୦ ମାର୍କର ପ୍ରଶ୍ନ ରହିବ। ତେବେ ଭିନ୍ନକ୍ଷମ ☞ପୃଷ୍ଠା-୪



ଜର୍ମାନୀ ଫ୍ରାଙ୍କଫର୍ଟରେ ଏକ ଟ୍ରେନ୍ ଜଳମଗ୍ନ ପଡ଼ିଆ ଉପରେ ଥିବା ରେଲକ୍ରସିଂ ଅତିକ୍ରମ କରୁଛି। (ଫଟୋ ସୌଜନ୍ୟ: ଗାର୍ଡିଆନ୍)

# 'ବନ୍ଧୁତ୍ୱ ନବୋନ୍ମେଷ ପାଇଁ ବାଟ କଢ଼ାଏ'

**ମୋଦିଙ୍କ ସହ ଏଆଇ ଫଟୋ ପୋଷ୍ଟକଲେ ମାକ୍ରନ୍**

ନୂଆଦିଲ୍ଲୀ,୧୮।୨

୩ ଦିନିଆ ଭାରତ ଗସ୍ତରେ ଆସିଥିବା ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍ ବୁଧବାର ମୁମ୍ବାଇରୁ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଗୁରୁବାର ଭାରତ ମଣ୍ଡପମ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟନ ହେବାକୁ ଥିବା ଏଆଇ ଇମ୍ପାକ୍ଟ ସମିଟ୍ ଏକ୍ସପୋ ପୂର୍ବରୁ ମାକ୍ରନ୍ ସସ୍ତ୍ରୀକ ଦିଲ୍ଲୀରେ ପହଞ୍ଚିଛନ୍ତି। ସେ ଏଆଇ ସମିଟ୍‌ରେ ଯୋଗଦେବାକୁ ପ୍ରସ୍ତୁତ ବୋଲି ତାଙ୍କ 'X' ଆକାଉଣ୍ଟରେ ଉଲ୍ଲେଖ କରିବା ସହିତ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଏକ ଏଆଇ ଆଧାରିତ ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି। ବନ୍ଧୁତ୍ୱର ନିବିଡ଼ତା ନବୋନ୍ମେଷ ପାଇଁ ବାଟ କଢାଇଥାଏ ବୋଲି ମାକ୍ରନ ତାଙ୍କ ଫଟୋ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଗୁରୁବାର ଏଆଇ ଇମ୍ପାକ୍ଟ ସମିଟ୍ ଏକ୍ସପୋ ଉଦ୍‌ଘାଟନୀ ଉତ୍ସବରେ ମାକ୍ରନଙ୍କ ବ୍ୟତୀତ ୨୦ଟି ରାଷ୍ଟ୍ର ପ୍ରତିନିଧି ଯୋଗଦେବେ।

# ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ରାସ୍ତାକୁ ଓହ୍ଲାଇଲା ପିଟିଆଇ

ଇସଲାମାବାଦ,୧୮।୨

ବନ୍ଦୀ ଜୀବନ କାଟୁଥିବା ପାକ୍ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସ୍ୱାସ୍ଥାବସ୍ଥାକୁ ନେଇ ତାଙ୍କ ପିଟିଆଇ ଦଳର ହଜାର ହଜାର କର୍ମୀ ବୁଧବାର ରାଜରାସ୍ତାକୁ ଓହ୍ଲାଇଛନ୍ତି। ଇମ୍ରାନ୍‌ଙ୍କୁ ଜେଲ ଭିତରେ ଅକଥନୀୟ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି ଏବଂ ତାଙ୍କ ସ୍ୱାସ୍ଥ୍ୟ ପ୍ରତି ସରକାର ଆଦୌ ଗୁରୁତ୍ୱ ଦେଉ ନ ଥିବାରୁ ଇମ୍ରାନ ବେଳକୁ ବେଳ ରୁଗ୍‌ଣ ହୋଇପଡୁଛନ୍ତି ବୋଲି ତାଙ୍କ ଭଉଣୀ କହିବାପରେ ପିଟିଆଇ ପକ୍ଷରୁ ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଇଛି। ହଜାର ହଜାର ଦଳୀୟ କର୍ମୀ ଖାଇବର୍ ପଖତୁନ୍‌ଖ୍ୱା-ପଞ୍ଜାବ ରାଜପଥ ଅବରୋଧ କରି ଧାରଣା ଦେଇଥିଲାବେଳେ ଇସଲାମାବାଦସ୍ଥିତ ସଂସଦ ନିକଟରେ ମଧ୍ୟ ଧାରଣା ଦିଆଯାଇଛି। ଏହାପୂର୍ବରୁ ପାକ୍ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଣେ ଆଇନଜୀବୀ ଇମ୍ରାନଙ୍କ ସ୍ୱାସ୍ଥାବସ୍ଥାକୁ ନେଇ ଗୁରୁତର ଟିପ୍ପଣୀ କରିଥିଲେ। ଇମ୍ରାନ ଅନ୍ଧ ହେବାକୁ ବସିଛନ୍ତି ବୋଲି କହିବା ପରେ ବିଭିନ୍ନ ସ୍ଥାନରେ ପିଟିଆଇ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ବୁଧବାର ଦେଶର ବିଭିନ୍ନ ସ୍ଥାନରେ ହଜାର ହଜାର କର୍ମୀ ପୁଣି ବିକ୍ଷୋଭରେ ସାମିଲ ହୋଇଛନ୍ତି।

# ଚାଇନା ବାଣ ଦୋକାନରେ ବିସ୍ଫୋରଣ, ୧୨ ମୃତ

ବେଜିଂ,୧୮।୨

ଚାଇନାର ହୁବେଇ ପ୍ରଦେଶରେ ବୁଧବାର ଏକ ବାଣ ଦୋକାନରେ ବିସ୍ଫୋରଣ ଘଟିବାରୁ ୧୨ ଜଣଙ୍କ ମୃତ୍ୟୁ ହେବା ସହିତ ୧୦ରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି। ଜିନ୍‌ହୁଆ ଖବରଦାତା ସଂସ୍ଥା ଅନୁସାରେ ଦିନ ପ୍ରାୟ ୨ଟାବେଳେ କୌଣସି କାରଣରୁ ବାଣ ଦୋକାନରେ ବିସ୍ଫୋରଣ ହୋଇଥିଲା। ଏହାର ପ୍ରକୋପ ଏତେ ଅଧିକ ଥିଲା ଯେ, ଆଖପାଖ ପ୍ରାୟ ୪୦୦ ମିଟର ଅଞ୍ଚଳକୁ ଦୋହଲାଇ ଦେଇଥିଲା। ଏଥିରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୪ ଦିନ ମଧ୍ୟରେ ବାଣ ବିସ୍ଫୋରଣକୁ ନେଇ ଏହା ହେଉଛି ଦ୍ୱିତୀୟ ଘଟଣା। ଏହାପୂର୍ବରୁ ସାଂଘାଇ ଅଞ୍ଚଳରେ ୭ ଜଣଙ୍କ ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ଚାଇନାରେ ଲୁନାର ନ୍ୟୁ ଇୟର ପାଳନ କରାଯାଉଥିଲା ବେଳେ ଲୋକମାନେ ଆତସବାଜି ପ୍ରଦର୍ଶନରେ ସାମିଲ ହୋଇଛନ୍ତି।

# ସ୍ତନ ସ୍ପର୍ଶ ବଳାତ୍କାର ଉଦ୍ୟମ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୮।୨(ପି.ଟି./ଲାଇଭ୍ ଲ)

**ଆଲ୍ଲାହାବାଦ ହାଇକୋର୍ଟଙ୍କ ବିବାଦୀୟ ରାୟ ଖାରଜ**



ଜଣେ ଝିଅଙ୍କ ସ୍ତନ ସ୍ପର୍ଶ କରିବା ଓ ତାଙ୍କ ପାଇଜାମା ଖୋଲିବା ବଳାତ୍କାର ଉଦ୍ୟମ ବୋଲି ବୁଧବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଆଲ୍ଲାହାବାଦ ହାଇକୋର୍ଟ ପୂର୍ବରୁ ଦେଇଥିବା ଏ ସମ୍ପର୍କିତ ରାୟକୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି।

୨୦୨୧ ନଭେମ୍ବର ୧୦ରେ ଉତ୍ତର ପ୍ରଦେଶର ଜଣେ ମହିଳା ନଣନ୍ଦଙ୍କ ଘରୁ ନିଜ ନାବାଳିକା ଝିଅ(୧୪)ଙ୍କ ସହ ଫେରୁଥିଲେ। ବାଟରେ ଅଭିଯୁକ୍ତ ପବନ, ଆକାଶ ଓ ଅଶୋକ ତାଙ୍କୁ ଭେଟିବା ପରେ ଝିଅଙ୍କୁ ଲିଫ୍ଟ ଦେବେ ବୋଲି କହିଥିଲେ। ସେମାନେ ଝିଅଙ୍କୁ ନେଇ ଗାଁକୁ ଫେରିବା ବାଟରେ ଏକ ପୋଲ ତଳେ ତାଙ୍କ ସ୍ତନକୁ ଧରିବା ସହ ପାଇଜାମା ଓ ଅନ୍ତଃବସ୍ତ୍ରକୁ ତଳକୁ ଟାଣିଥିଲେ। ଝିଅଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ବିରୋଧ କରିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଗତବର୍ଷ ମାର୍ଚ୍ଚ ୧୭ରେ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ରାମମନୋହର ନାରାୟଣ ମିଶ୍ରା ଏହି ପ୍ରସଙ୍ଗରେ ଶୁଣାଣି କରି ନିଜ ରାୟରେ କହିଥିଲେ, କେବଳ ଜଣେ ଝିଅଙ୍କ ସ୍ତନକୁ ଛୁଇଁବା ଓ ପାଇଜାମା ଟାଣିବା ବଳାତ୍କାର ନୁହେଁ। ଅଭିଯୁକ୍ତମାନେ ବଳାତ୍କାର ଉଦ୍ଦେଶ୍ୟରେ ଏପରି କରିନାହାନ୍ତି ବୋଲି ସେ କହିଥିଲେ। ଏହି ରାୟ ଭାରତରେ ଯୌନ ଅପରାଧ ନିରୋଧୀ ଆଇନ ପ୍ରତି ଦୃଷ୍ଟିଭଙ୍ଗୀ ଓ ଏହାର କାର୍ଯ୍ୟକାରିତା ଉପରେ ବ୍ୟାପକ ବିତର୍କ ସୃଷ୍ଟି କରିଥିଲା। ଏଥିସହ ମହିଳାଙ୍କ ଅଧିକାର ଓ ସୁରକ୍ଷା ପାଇଁ ସମ୍ବେଦନଶୀଳତା ଏବଂ ପୀଡ଼ିତାଙ୍କ ସହ ବିତିଥିବା ବର୍ବରତାକୁ ନେଇ ନ୍ୟାୟିକ ଆଭିମୁଖ୍ୟରେ ପରିବର୍ତ୍ତନର ଆବଶ୍ୟକତାକୁ ରେଖାଙ୍କିତ କରିଥିଲା। ହାଇକୋର୍ଟ ବିଚାରପତିଙ୍କ ରାୟକୁ ରାଜନେତା ଓ ମହିଳା ଅଧିକାର ସଙ୍ଗଠନଗୁଡ଼ିକ ମଧ୍ୟ ସମାଲୋଚନା କରିଥିଲେ। ଗତବର୍ଷ ମାର୍ଚ୍ଚ ୨୬ରେ ସୁପ୍ରିମକୋର୍ଟ ଏହାକୁ ନିଜ ସଂଜ୍ଞାନକୁ ନେଇ ଉକ୍ତ ରାୟ ଉପରେ ସ୍ଥଗିତାଦେଶ ଜାରିକରିଥିଲେ। ଏହି ବିବାଦୀୟ ଟିପ୍ପଣୀକୁ ଅସମ୍ବେଦନଶୀଳ ଓ ଅମାନବୀୟ ବୋଲି ଅଭିହିତ କରିଥିଲେ। ୨୦୨୬ ଫେବୃଆରୀ ୧୦ରେ ସୁପ୍ରିମକୋର୍ଟ ହାଇକୋର୍ଟ ରାୟକୁ ଖାରଜ କରି ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ବଳରେ ଅଭିଯୁକ୍ତମାନଙ୍କ ଶୁଣାଣି ହେବା ନେଇ ସ୍ପଷ୍ଟ କରିଥିଲେ। ସିଜେଆଇ ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଏବଂ ଏନ୍.ଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ଏହା ଉପରେ ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ହାଇକୋର୍ଟ ଆପରାଧିକ ଆଇନ ସିଦ୍ଧାନ୍ତର ଭୁଲ୍ ଅବତାରଣା କରିଛନ୍ତି ବୋଲି ଖଣ୍ଡପୀଠ ଭର୍ତ୍ସନା କରିଛନ୍ତି। ଏଥିସହ ଆଇପିସି ଦଫା ୩୭୬ ଅଧୀନରେ ଅଭିଯୁକ୍ତମାନଙ୍କୁ ଦିଆଯାଇଥିବା ମୂଳ ନୋଟିସକୁ ଖଣ୍ଡପୀଠ ବଳବତ୍ତର ରଖିଛନ୍ତି। ପୋକ୍ସୋ ଆଇନର ଧାରା ୧୮ ମଧ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ଲାଗୁ ହେବ। ଆଲୋଚ୍ୟ ମାମଲାରେ ହାଇକୋର୍ଟ ଯାହାକୁ ବଳାତ୍କାର ପାଇଁ ପ୍ରସ୍ତୁତି ବୋଲି କହିଛନ୍ତି, ସେଥିରେ କୌଣସି ଯଥାର୍ଥତା ନାହିଁ। ଏହା ଅପରାଧ ଘଟାଇବା ପାଇଁ ଉଦ୍ୟମ ବୋଲି ସିଜେଆଇଙ୍କ ଖଣ୍ଡପୀଠ କହିଛନ୍ତି।

# ମଧ୍ୟପ୍ରାଚ୍ୟକୁ ଆମେରିକା ପଠାଇଲା ୫୦ ଯୁଦ୍ଧବିମାନ

**ଇରାନର ବହୁ ସାମରିକ ପ୍ରତିଷ୍ଠାନରେ ନିଆଁ**

ତେହରାନ୍,୧୮।୨

ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଆମେରିକା ସହ ଲାଗିଥିବା ବିବାଦର ସମାଧାନ ପାଇଁ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଜାରି ରହିଛି। ଏହାସତ୍ତ୍ୱେ ଉଭୟ ଦେଶ ଯୁଦ୍ଧ ପ୍ରସ୍ତୁତି ବି ଚଳାଇଛନ୍ତି। ମଙ୍ଗଳବାର ଜେନେଭାଠାରେ ଉଭୟ ପକ୍ଷ ମଧ୍ୟରେ ବୈଠକ ଚାଲିଥିଲା ବେଳେ ଇରାନ ହର୍ମୁଜ୍ ପ୍ରଣାଳୀରେ ଯୁଦ୍ଧାଭ୍ୟାସ କରିବା ସହିତ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା। ଏହାର କିଛି ଘଣ୍ଟା ପରେ ଆମେରିକା ଏହାର ୫୦ ଶକ୍ତିଶାଳୀ ଯୁଦ୍ଧ ବିମାନ ମଧ୍ୟପ୍ରାଚ୍ୟ ଅଭିମୁଖେ ପଠାଇଛି। ଏଥିରେ ଏଫ୍-୨୨, ଏଫ୍-୩୫ ଏବଂ ଏଫ୍-୧୬ ବିମାନ ରହିଛି। ଏହାପୂର୍ବରୁ ଆବ୍ରାହମ୍ ଲିଙ୍କନ୍ ଏବଂ ଗେରାଲ୍ଡ ଆର୍. ଫୋର୍ଡ ଦୁଇଟି ପରମାଣୁ ଶକ୍ତିସମ୍ପନ୍ନ ଯୁଦ୍ଧ ଜାହାଜ ଇରାନ ଉପକୂଳ ନିକଟରେ ଡେରା ପକାଇଥିଲା ବେଳେ ୩ ହଜାରରୁ ଅଧିକ ସୈନ୍ୟ ମଧ୍ୟ ମୁତୟନ ହୋଇଛନ୍ତି। ଆମେରିକା ଇରାନ ଉପରେ ଆକ୍ରମଣ ପାଇଁ ପୂର୍ଣ୍ଣ ପ୍ରସ୍ତୁତି ନେଇସାରିଛି ବୋଲି କୁହାଯାଉଛି। ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଚାଲିଥିଲେହେଁ ପାରସ୍ପରିକ ସର୍ତ୍ତକୁ ନେଇ ଉଠିଥିବା ବିବାଦର ସମାଧାନର ଆଶା କ୍ଷୀଣ ହୋଇପଡ଼ିଛି। ଦ୍ୱିପାକ୍ଷିକ ବୈଠକରେ ଅନେକ ବିଷୟର ବିଭିନ୍ନ ଦିଗ ଉପରେ ଆଲୋଚନା ହେବାକୁ ଥିବାରୁ ବିବାଦର ସମାଧାନ ଏତେ ଶୀଘ୍ର ସମ୍ଭବ ନୁହେଁ ବୋଲି ଆମେରିକା କହିଛି। ସେପଟେ ଇରାନ ମଧ୍ୟ ନିଜର ସୁରକ୍ଷା ପାଇଁ ସାମରିକ ସଜା ଆରମ୍ଭ କରିଦେଇଛି। କିନ୍ତୁ ତେହେରାନ୍ ନିକଟରେ ଥିବା ଇରାନର ବହୁ ଗୁରୁତ୍ୱପୂର୍ଣ୍ଣ ସାମରିକ ପ୍ରତିଷ୍ଠାନରୁ ବୁଧବାର ନିଆଁ ଉଠୁଥିବା ଦେଖାଯାଇଛି। ଏହାର କାରଣ ସ୍ପଷ୍ଟ କରାଯାଇନାହିଁ।

# ତାକାଇଚି ପୁଣି ଜାପାନ ପ୍ରଧାନମନ୍ତ୍ରୀ ନିଯୁକ୍ତ



ସାନି ତାକାଇଚି

ଟୋକିଓ,୧୮।୨

ଜାପାନ ପ୍ରଧାନମନ୍ତ୍ରୀ ଭାବେ ସାନି ତାକାଇଚି ପୁନର୍ବାର ନିଯୁକ୍ତ ହୋଇଛନ୍ତି। ଗତ ସପ୍ତାହରେ ହୋଇଥିବା ନିର୍ବାଚନରେ ତାକାଇଚି ବିପୁଳ ଭୋଟ ବ୍ୟବଧାନରେ ବିଜୟଲାଭ କରିବାପରେ ବୁଧବାର ପୁଣି ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି। ଏଥିସହିତ ତାଙ୍କ ମନ୍ତ୍ରିମଣ୍ଡଳରେ ରହିଥିବା ସମସ୍ତ ମନ୍ତ୍ରୀ ମଧ୍ୟ ପୁନଃ ନିଯୁକ୍ତ ହେବେ ବୋଲି ଜାପାନ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ କୁହାଯାଇଛି।

# ମହାରାଷ୍ଟ୍ରରେ ୫% ମୁସଲମାନ ସଂରକ୍ଷଣ କୋଟା ଉଚ୍ଛେଦ

**ମହାଯୁତି ସରକାରଙ୍କୁ ବିରୋଧୀଙ୍କ ସମାଲୋଚନା**

ମୁମ୍ବାଇ,୧୮।୨

ମହାରାଷ୍ଟ୍ରରେ ମୁସଲମାନଙ୍କ ଲାଗି ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ରହିଥିବା ୫% ସଂରକ୍ଷଣ କୋଟାକୁ ମହାଯୁତି ସରକାର ପ୍ରତ୍ୟାହାର କରିନେଇଛନ୍ତି। ସାମାଜିକ ନ୍ୟାୟାଧିକରଣ ବିଭାଗ ପକ୍ଷରୁ ବୁଧବାର ଏ ସମ୍ପର୍କରେ ଏକ ପ୍ରସ୍ତାବ ଜାରି କରାଯିବା ସହିତ ୨୦୧୪ରେ ଲାଗୁ କରାଯାଇଥିବା ଏହି ସଂରକ୍ଷଣ ବ୍ୟବସ୍ଥାକୁ ପ୍ରତ୍ୟାହାର କରିନେବାକୁ କୁହାଯାଇଛି। ୨୦୧୪ରେ କଂଗ୍ରେସ-ଏନ୍‌ସିପି ମେଣ୍ଟ ସରକାର ଏକ ସ୍ୱତନ୍ତ୍ର ଅଧ୍ୟାଦେଶ ଆଣି ମୁସଲମାନଙ୍କୁ ସ୍ୱତନ୍ତ୍ର ପଛୁଆବର୍ଗ(ଏସ୍‌ବିସି-ଏ) ଶ୍ରେଣୀଭୁକ୍ତ କରିଥିଲେ। ଏହି ବ୍ୟବସ୍ଥାରେ ଶିକ୍ଷା କ୍ଷେତ୍ରରେ ମୁସଲମାନମାନଙ୍କୁ ସଂରକ୍ଷଣ ମିଳିବା ସହିତ ସରକାରୀ ଏବଂ ସରକାରୀ ଅଧିକୃତ ସଂସ୍ଥାଗୁଡିକରେ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସଂରକ୍ଷଣ ସୁବିଧା ମିଳିଆସୁଥିଲା। କିନ୍ତୁ ମହାଯୁତି ସରକାର ଏହି ବ୍ୟବସ୍ଥାକୁ ହଟାଇ ଦେଇଛନ୍ତି। ମହାରାଷ୍ଟ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଏମ୍‌ଆଇଏମ୍‌ଆଇଏମ୍ ଏବଂ ଅନ୍ୟ କେତେକ ବିରୋଧୀ ଦଳ ପକ୍ଷରୁ ବିରୋଧ କରାଯାଇଛି। ମୁସଲମାନମାନେ ଆଇଏଏସ୍, ଆଇପିଏସ୍ ଅଧିକାରୀ ହୁଅନ୍ତୁ, ଏକଥା ମହାଯୁତି ସରକାର ଚାହୁଁନାହିଁ ବୋଲି ଏମ୍‌ଆଇଏମ୍‌ଆଇଏମ୍ ପକ୍ଷରୁ କୁହାଯାଇଛି।

# ଏଆଇ ଇମ୍ପାକ୍ଟ ସମିଟ୍ ଏକ୍ସପୋ'ର ଉଦ୍‌ଘାଟନ ଆଜି

**୫୦ ବିଲିୟନ ଡଲାର ନିବେଶ କରିବ ମାଇକ୍ରୋସଫ୍ଟ**

ନୂଆଦିଲ୍ଲୀ,୧୮।୨




ନୂଆଦିଲ୍ଲୀରେ ଭାରତ ମଣ୍ଡପମ୍‌ରେ ଚାଲିଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍-୨୦୨୬ର ପ୍ରଦର୍ଶନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଉଦ୍‌ଘାଟନ କରିବେ। ଏହି ଉଦ୍‌ଘାଟନୀ ସମାରୋହକୁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ଏବଂ ଜାତିସଂଘ ମହାସଚିବ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ଏହି ପ୍ରଦର୍ଶନୀରେ ଆମନ୍ତ୍ରିତ ହୋଇଥିବା ବିଭିନ୍ନ ଦେଶର ପ୍ରତିନିଧିମାନେ ମଧ୍ୟ ଯୋଗଦେବେ। ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ବୁଧବାର ସନ୍ଧ୍ୟାରେ ସମସ୍ତ ବିଦେଶୀ ପ୍ରତିନିଧିମାନଙ୍କୁ ସ୍ୱାଗତ କରି ସେମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏଆଇକୁ ନେଇ ଗ୍ଲୋବାଲ୍ ସାଉଥ୍ ଏବଂ ଗ୍ଲୋବାଲ୍ ନର୍ଥ ମଧ୍ୟରେ ରହିଥିବା ଅନ୍ତର ଦୂର କରିବାକୁ ମାଇକ୍ରୋସଫ୍ଟ କର୍ପୋରେଶନ ୫୦ ବିଲିୟନ ଡଲାର ନିବେଶ କରିବାକୁ ଘୋଷଣା କରିଛି। ସେହିପରି ବିଶ୍ୱସ୍ତରରେ ଏଆଇକୁ ସାର୍ବଜନୀନ କରିବାକୁ ଭାରତର ପଦକ୍ଷେପକୁ ଆଲ୍‌ଫାବେଟ୍ ଇନ୍‌କର୍ପୋରେଶନ ସିଇଓ ସୁନ୍ଦର ପିଚାଇ ପ୍ରଶଂସା କରିଛନ୍ତି।

# କାନାଡାରୁ ବିଦାହେବେ ୬ ହଜାର ଭାରତୀୟ

ଟରଣ୍ଟୋ,୧୮।୨

କାନାଡାରେ ବେଆଇନ ଭାବେ ବସବାସ କରୁଥିବା ୬ ହଜାରରୁ ଅଧିକ ଭାରତୀୟଙ୍କୁ ଦେଶାନ୍ତର କରିବାକୁ କାନାଡା ସରକାର କାର୍ଯ୍ୟ ଆରମ୍ଭ କରିଛନ୍ତି। ୨୦୨୫ରେ ପ୍ରବାସନ ନିୟମ ଉଲ୍ଲଂଘନକରି କାନାଡାରେ ରହୁଥିବା ୨୮୩୧ ଜଣ ଭାରତୀୟଙ୍କୁ କାନାଡା ବର୍ଡର ସର୍ଭିସେସ୍ ଏଜେନ୍ସି(ସିବିଏସ୍‌ଏ) ଦେଶ ଛାଡିବାକୁ କହିଥିଲା। ଏହାପରେ ଏବେ ୬ ହଜାରରୁ ଅଧିକ ଭାରତୀୟଙ୍କୁ ବିଦା କରିବାକୁ ସମ୍ପୃକ୍ତ ଏଜେନ୍ସି କାର୍ଯ୍ୟ ଆରମ୍ଭ କରିଛି।

# ଗର୍ଭବତୀଙ୍କୁ ହତ୍ୟାକଲେ ସିଏ ସ୍ୱାମୀ

ଚଣ୍ଡିଗଡ଼,୧୮।୨

ସ୍ୱାମୀ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ଏବଂ ସ୍ତ୍ରୀ ହେଉଛନ୍ତି ଜଣେ ବ୍ୟାଙ୍କ ଅଧିକାରୀ। ସେମାନଙ୍କ ବିବାହକୁ ମାତ୍ର ୪ ମାସ ପୂରିଛି। ହେଲେ ଭାଲେଣ୍ଟାଇନ୍ସ ଡେ' ପାଳନ କରିବା ପରେ ଏହି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସ୍ୱାମୀ ତାଙ୍କ ଗର୍ଭବତୀ ସ୍ତ୍ରୀଙ୍କୁ ହତ୍ୟା କରିବା ଘଟଣା ବିଭିନ୍ନ ମହଲରେ ଆଲୋଚନାର ବିଷୟ ହୋଇଛି। ହରିୟାଣା ଝାଜର୍ ଜିଲାରେ ଏଭଳି ଜଘନ୍ୟ କାଣ୍ଡ ଘଟିଛି। ୪ ମାସ ତଳେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଂଶୁଲ ଧାୱନ୍ ମେହକ୍ ଧାୱନ୍‌ଙ୍କୁ ବିବାହ କରିଥିଲେ। ୨୭ ବର୍ଷୀୟା ଅଂଶୁଲ ଏକ ବ୍ୟାଙ୍କରେ ଚାକିରି କରିଥିଲେ। ସେ ଦୁଇ ମାସର ଗର୍ଭବତୀ ହୋଇଥିଲା ବେଳେ ନିକଟରେ ନିଜ ବାପାଙ୍କ ଘରକୁ ଯାଇଥିଲେ। ଗତ ରବିବାର ମେହକ୍ ଅଂଶୁଲଙ୍କୁ ଧରି ଗୁରୁଗ୍ରାମ ଆସୁଥିଲା ବେଳେ ବାଦ୍‌ଲି ଗ୍ରାମ ନିକଟରେ ତାଙ୍କୁ ହତ୍ୟା କରିଥିଲେ। କିନ୍ତୁ ପୋଲିସକୁ ସେ ବିଭ୍ରାନ୍ତକରି ଭୁଲ୍ କଥା କହିଥିଲେ। ସେମାନେ ଆସୁଥିଲା ବେଳେ କେତେଜଣ ଦୁର୍ବୃତ୍ତ ତାଙ୍କ ଗାଡି ଅଟକାଇ ଅଂଶୁଲଙ୍କ ଉପରେ ଆକ୍ରମଣ କରି ତାଙ୍କ ଗହଣା ଏବଂ ଗାଡ଼ି ନେଇଯାଇଥିଲେ ବୋଲି ମେହକ୍ ପୋଲିସ ନିକଟରେ କହିଥିଲେ। ଏଥିରେ ଅଂଶୁଲଙ୍କ ମୃତ୍ୟୁ ହୋଇଥିବା ଦର୍ଶାଇଥିଲେ। ହେଲେ କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଏବଂ ପାରିପାର୍ଶ୍ୱିକ ପ୍ରମାଣକୁ ନେଇ ପୋଲିସ ସନ୍ଦେହ କରି ମେହକ୍‌ଙ୍କୁ ପଚରାଉଚରା କରିବା ପରେ ମେହକ୍ ସତକଥା କହିବାକୁ ବାଧ ହୋଇଥିଲେ। ସେ ହିଁ ଅଂଶୁଲଙ୍କୁ ମାରିଥିବା ସ୍ୱୀକାର କରିବା ପରେ ପୋଲିସ ତାଙ୍କୁ ଗିରଫ କରିଛି।



ମେହକ୍ ଧାୱନ୍‌ଙ୍କ ସହ ସ୍ତ୍ରୀ ଅଂଶୁଲ।

# ବଡ଼ ପରଦାରେ 'ଅପରେଶନ ସିନ୍ଦୂର'



ବିବେକ ଅଗ୍ନିହୋତ୍ରୀ

**ମୁମ୍ବାଇ:** ୨୬ ଏପ୍ରିଲ ୨୦୨୫ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା ଯେଉଁ ସାହସିକତା ପ୍ରଦର୍ଶନ କରିଥିଲା, ତାହା ଏବେ ବଡ଼ ପରଦାକୁ ଆସିବ। ମେ' ୨୦୨୫ ଆରମ୍ଭରେ ଭାରତ ପକ୍ଷରୁ କରାଯାଇଥିବା 'ଅପରେସନ ସିନ୍ଦୂର' ଉପରେ ଏବେ ଏକ ଚଳଚ୍ଚିତ୍ର ନିର୍ମାଣ ହେବା ସ୍ପଷ୍ଟ ହୋଇଛି।

ପହଲଗାମ ଆକ୍ରମଣରେ ଅନେକ ନିରୀହ ପର୍ଯ୍ୟଟକଙ୍କ ପ୍ରାଣହାନୀ ପରେ ଭାରତୀୟ ବାୟୁସେନା ପାକିସ୍ତାନ ସୀମା ଭିତରକୁ ପଶି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏଥିରେ ଜୈଶ-ଏ-ମହମ୍ମଦ ଏବଂ ଲସ୍କର-ଏ-ତୋଏବାର ଆତଙ୍କବାଦୀ ଶିବିର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ପ୍ରଥମେ ଭାରତ କେବଳ ଆତଙ୍କବାଦୀଙ୍କୁ ଟାର୍ଗେଟ କରିଥିଲା, କିନ୍ତୁ ଯେତେବେଳେ ପାକିସ୍ତାନୀ ସେନା ବିରୋଧ କରିବାକୁ ଚେଷ୍ଟା କଲା, ଭାରତର ଜବାବ ଆଗରେ ଆଣ୍ଠେଇ ଥିଲା। ରିପୋର୍ଟ ଅନୁସାରେ, ପ୍ରଯୋଜକ ଭୂଷଣ କୁମାର ଏବଂ ନିର୍ଦ୍ଦେଶକ-ପ୍ରଯୋଜକ ବିବେକ ଅଗ୍ନିହୋତ୍ରୀ ଏହି ପ୍ରୋଜେକ୍ଟ ପାଇଁ ଏକାଠି ହୋଇଛନ୍ତି। ଟି-ସିରିଜ ଏବଂ 'ଆଇ ଏମ୍ ବୁଦ୍ଧ' ପ୍ରଡକ୍ସନ ବ୍ୟାନରରେ ଏହା ନିର୍ମାଣ ହେବ। ତେବେ ବର୍ତ୍ତମାନ ସୁଦ୍ଧା ନିର୍ମାତାଙ୍କ ପକ୍ଷରୁ ଏନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। ଫିଲ୍ମର କାଷ୍ଟ ଓ ରିଲିଜ ତାରିଖ ବିଷୟରେ ଜାଣିବା ପାଇଁ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି।

# ଗୋପୀନାଥପୁର ମିଶନ ଶକ୍ତି ବିଲ୍ଡିଂ ଅକ୍ଷୁଣ୍ଣ ରହିବ

## ଏନ୍‌ଜିଟି ରାୟ ସୁପ୍ରିମକୋର୍ଟରେ ଖାରଜ



ପୁରୀ ସଦର ବ୍ଲକ୍ ଗୋପୀନାଥପୁରରେ ଥିବା ମିଶନ ଶକ୍ତି ଗୃହ।

ନୂଆଦିଲ୍ଲୀ,୧୮।୨(ପି.ଟି.)

ପୁରୀ ଜିଲାର ଏକ ଗ୍ରାମରେ ଜଳାଶୟ ଉପରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ପକ୍ଷରୁ ନିର୍ମିତ ଏକ ବିଲ୍ଡିଂକୁ ଭାଙ୍ଗିବା ପାଇଁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଦେଇଥିବା ରାୟକୁ ବୁଧବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଏବଂ ବିପୁଲ ଏମ୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୦୨୨ ଜୁଲାଇରେ ଓଡ଼ିଶା ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜକରି ପୁରୀ ସଦର ବ୍ଲକ୍ ଗୋପୀନାଥପୁର ଗ୍ରାମ ପଞ୍ଚାୟତର ଆବେଦନର ଶୁଣାଣି ବେଳେ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି।

ବିଲ୍ଡିଂ ଭାଙ୍ଗିବା ନେଇ ଏନ୍‌ଜିଟିଙ୍କ ରାୟ ବିରୋଧରେ ହାଇକୋର୍ଟ କୌଣସି ରାୟ ଦେବାକୁ ମନା କରିଦେଇଥିଲେ ଏବଂ ପ୍ରତିକାରମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି, ଉକ୍ତ ଢାଞ୍ଚା ମହିଳା ସଶକ୍ତୀକରଣ କରୁଥିବା ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ଯୋଜନା ଅଧୀନରେ ନିର୍ମାଣ ହୋଇଥିଲା। ଏକ ସରକାରୀ କୋଠାକୁ ଭାଙ୍ଗିବା ପାଇଁ ଏନ୍‌ଜିଟି କିପରି ନିର୍ଦ୍ଦେଶ ଦେଉଛନ୍ତି ବୋଲି ସିଜେଆଇ ପ୍ରଶ୍ନ କରିବା ☞ପୃଷ୍ଠା-୪

# ଭୋଜିବେଳେ ସାଙ୍ଗଙ୍କୁ ଗୁଳି

କଟକ,୧୮।୨(କାର୍ତ୍ତିକ ସାହୁ)

କଟକ ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ା ପ୍ରେସ କଲୋନୀର ଏକ ପରିତ୍ୟକ୍ତ ଘରେ ୬ରୁ ୭ ଜଣ ସାଙ୍ଗ ମିଶି ଭୋଜି କରୁଥିଲେ। ସମସ୍ତେ ହସଖୁସିରେ ମସ୍‌ଗୁଲ୍ ଥିଲେ। ହେଲେ କୌଣସି କାରଣକୁ ନେଇ ୨ ସାଙ୍ଗଙ୍କ ମଧ୍ୟରେ ହୋଇଥିବା ବଚସା ଭୋଜିଭାତର ଆସରକୁ ନିମିଷକ ମଧ୍ୟରେ ବିଷାଦପୂର୍ଣ୍ଣ କରିଦେଇଥିଲା। ଜଣେ ସାଙ୍ଗଙ୍କ ଗୁଳିରେ ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା କଟକ ସହରର ଛାତି ଉପରେ ବୁଧବାର ଅପରାହ୍ନରେ ଘଟିଥିବାବେଳେ ସମସ୍ତଙ୍କୁ ଚକିତ କରିଦେଇଛି। ମୃତ ଯୁବକ ହେଉଛନ୍ତି ନୂଆପଡ଼ାର ସୌମ୍ୟରଞ୍ଜନ ଜେନା ଓରଫ ରିଙ୍କୁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ସାଙ୍ଗସାଥୀ ହୋଇ ଭୋଜିଭାତ କରୁଥିବା ସମୟରେ ବନ୍ଧୁକ ପାଖରେ ରଖିବା ଏବଂ ବଚସାରୁ ଗୁଳିକରି ଜଣେ ସାଙ୍ଗକୁ ହତ୍ୟା କରିବା ଘଟଣାପଛର ଅନେକ ରହସ୍ୟ ରହିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି।



ସୌମ୍ୟରଞ୍ଜନ ଜେନା

ମିଳିଥିବା ସୂଚନାନୁସାରେ ରିଙ୍କୁ ଓ ତାଙ୍କର ୫ରୁ ୬ଜଣ ସାଙ୍ଗ ପ୍ରେସ୍ କଲୋନୀର ଏକ ପରିତ୍ୟକ୍ତ ଘରେ ବୁଧବାର ଅପରାହ୍ନରେ ଭୋଜିଭାତ କରୁଥିଲେ। ତେବେ ଏହି ସମୟରେ କୌଣସି କାରଣରୁ ରିଙ୍କୁଙ୍କ ସହ ୨ଜଣ ସାଙ୍ଗଙ୍କର ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରିଙ୍କୁଙ୍କୁ ଜଣେ ସାଙ୍ଗ ଗୁଳି କରିଥିଲେ। ଗୁଳିଟି ରିଙ୍କୁଙ୍କ ଛାତିରେ ବାଜିବାରୁ ସେ ଟଳିପଡ଼ିଥିଲେ। ସେଠାରୁ ୨ଜଣ ସାଙ୍ଗ ତାଙ୍କୁ ରକ୍ତ ଜୁଡ୍ଡୁବୁଡ୍ଡୁ ଅବସ୍ଥାରେ ଏସ୍‌ସିବି ମେଡିକାଲ୍‌କୁ ନେଇଯାଇଥିବାବେଳେ ଡାକ୍ତର ସେଠାରେ ରିଙ୍କୁଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଅନ୍ୟ ସାମଙ୍ଗମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁଳିକାଣ୍ଡ ଖବରପାଇ କଟକ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓଙ୍କ ସମେତ ମଧୁପାଟଣା ଥାନା ପୋଲିସ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ଗୁଳିକାଣ୍ଡ ଘଟିଥିବା ସ୍ଥାନରେ ପହଞ୍ଚି ଉକ୍ତ କୋଠରିକୁ ବନ୍ଦ କରିଦେଇଥିଲେ। ସାଇଣ୍ଟିଫିକ ଟିମ୍ ଆସିବା ପରେ ତଦନ୍ତ ଆଗକୁ ଯିବ। ମୃତ ଯୁବକଙ୍କ ଜଣେ ☞ପୃଷ୍ଠା-୪

# କେବଳ ୭ ମିନିଟ୍

**ରାଜ୍ୟରେ ଧାନକିଣା ଓ ଚାଷୀ ସମସ୍ୟା ନେଇ ସପ୍ତଦଶ ବିଧାନସଭାର ୬ଷ୍ଠ ଅଧିବେଶନର ଦ୍ୱିତୀୟ ଦିନ ଏକପ୍ରକାର ଅଚଳ ହୋଇଯାଇଛି। ଚାଷୀମାନଙ୍କ ଧାନ କିଣିବାରେ ସରକାର ବିଫଳ କହି ବିରୋଧୀ ବିଜେଡି ଓ କଂଗ୍ରେସ ଗୃହର ମଧ୍ୟଭାଗରେ ଧାନ ଥୋଇବା ସହ ହାତରେ ବ୍ୟାନର ଓ ପୋଷ୍ଟର ଧରି ହଟ୍ଟଗୋଳ କରିବା ଯୋଗୁ ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲି ପାରି ନ ଥିଲା। ପ୍ରଶ୍ନକାଳ, ଶୂନ୍ୟକାଳ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇଯାଇଥିବାବେଳେ ଅପରାହ୍ନରେ ମଧ୍ୟ ଗୃହ ସ୍ୱାଭାବିକ ଭାବେ ଚାଲି ନ ଥିଲା। ହଟ୍ଟଗୋଳ ମଧ୍ୟରେ ତିନୋଟି ପର୍ଯ୍ୟାୟରେ ମାତ୍ର ୭ ମିନିଟ୍ ଗୃହ ଚାଲିଥିଲା। ପ୍ରଥମ ପର୍ଯ୍ୟାୟ ୧୦ଟା ୩୦ମିନିଟ୍‌ରୁ ୧୦ଟା ୩୩ ମିନିଟ୍, ଦ୍ୱିତୀୟରେ ସାଢ଼େ ୧୧ଟାରୁ ୧୧ଟା ୩୨ ମିନିଟ୍ ଏବଂ ଅପରାହ୍ନରେ ୪ଟାରୁ ୪ଟା ୦୨ ମିନିଟ୍ ପର୍ଯ୍ୟନ୍ତ ଗୃହ ଚାଲିଥିଲା। ଗୃହରେ ବିରୋଧୀଙ୍କ ହଟ୍ଟଗୋଳ ଓ ନାରାବାଜି ଏତେ ତୀବ୍ର ଥିଲା ଯେ, ବାଚସ୍ପତି ସୁରମା ପାଢ଼ୀ ଆସନ୍ତା ଗୁରୁବାର ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଏଭଳି ଅଚଳାବସ୍ଥାକୁ ନେଇ ଗୃହ ବାହାରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଦୋଷାରୋପ ଜୋର୍ ଧରିଥିଲା।**

ଭୁବନେଶ୍ୱର,୧୮।୨
(ରବିନାରାୟଣ ଜେନା)

ବୁଧବାର ପୂର୍ବାହ୍ନ ସାଢ଼େ ୧୦ଟାରେ ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଭାଜପା ସଦସ୍ୟ ସୁଧୀର ରଞ୍ଜନ ପାଟ୍ଟଯୋଶୀଙ୍କ ପ୍ରଶ୍ନର ଉତ୍ତର ରଖିବାକୁ ଡାକିଥିଲେ। ଏହି ସମୟରେ ମନ୍ତ୍ରୀ ଉତ୍ତର ରଖୁଥିବାବେଳେ ବିଜେଡି ଓ କଂଗ୍ରେସ ହାତରେ ବ୍ୟାନର, ପୋଷ୍ଟର ଧରି ଗୃହର ମଧ୍ୟଭାଗକୁ ପ୍ରବେଶ କରିଥିଲେ। ବିଜେଡି ସଦସ୍ୟମାନେ ବିଧାନସଭା ସଚିବଙ୍କ ଟେବୁଲ ଉପରେ ଧାନ ଥୋଇ ତୀବ୍ର ପ୍ରତିବାଦ ଜଣାଇଥିଲେ। ମା' କାନ୍ଦୁଛି, ଚାଷୀ କାନ୍ଦୁଛି, ମୋହନ ସରକାର ଛି ଛି ଏବଂ ଡବଲ ଇଞ୍ଜିନ ସରକାରରେ ଡବଲ କଟ୍‌ନି ଛଟ୍‌ନି ଭଳି ବିଭିନ୍ନ ବ୍ୟାନର ଧରିବା ସହ ନାରାବାଜି କରିଥିଲେ। କଂଗ୍ରେସ ସଭ୍ୟମାନେ ମଧ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଶୂନ୍ୟକାଳରେ ଭାଜପା ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରାୟ ଏବଂ ଆଶ୍ରିତ ପଟ୍ଟନାୟକଙ୍କୁ ବାଚସ୍ପତି ଡାକିଥିଲେ, ସଦସ୍ୟମାନେ ସ୍ଥାନୀୟ ଅଞ୍ଚଳର ରାସ୍ତା ଓ ବିଦ୍ୟୁତ୍ ସମସ୍ୟା ପ୍ରସଙ୍ଗରେ କହିଥିଲେ ହେଁ ହଟ୍ଟଗୋଳ ମଧ୍ୟରେ ତାହା ବୁଝାପଡୁ ନ ଥିଲା। ଫଳରେ ପ୍ରଥମାର୍ଦ୍ଧରେ ଦୁଇଟି ପର୍ଯ୍ୟାୟରେ ମାତ୍ର ୫ ମିନିଟ୍ ଗୃହ ଚାଲିବା ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ସେହିପରି ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ପୁନର୍ବାର ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସମାନ ଢଙ୍ଗରେ ପ୍ରତିବାଦ ଜାରି ରଖିଥିଲେ। ନିଜ ନିଜ ଆସନକୁ ଫେରିଯିବାକୁ ବାଚସ୍ପତି ବାରମ୍ବାର ଅନୁରୋଧ କରିଥିଲେ ହେଁ ସଦସ୍ୟମାନେ ଶୁଣି ନ ଥିଲେ। ଗୃହରେ ଏଭଳି ଅସ୍ୱାଭାବିକ ସ୍ଥିତିକୁ ନେଇ ବାଚସ୍ପତି ଅପରାହ୍ନ ୪ଟା ୦୨ ମିନିଟ୍‌ରୁ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ।

ଗୃହ ବାହାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ରାଜ୍ୟ ସରକାରଙ୍କ କଥା ଅଧିକ କାମ କମ୍। ରାଜ୍ୟରେ ଚାଷୀମାନେ ଦୁର୍ଦ୍ଦିନ ଭିତରେ ଗତି କରୁଛନ୍ତି। ସରକାର କହିଲେ, ଚାଷୀଙ୍କ ସବୁ ଧାନ କିଣାଯିବ। ହେଲେ ଖାଦ୍ୟଯୋଗାଣ ମନ୍ତ୍ରୀ ଜଣେ ଚାଷୀଙ୍କଠାରୁ ଅତିବେଶିରେ ୧୫୦ କୁଇଣ୍ଟାଲ ଧାନ କିଣିବା ନେଇ ଫତୁଆ ଜାରିକଲେ। ଏହି ପ୍ରସଙ୍ଗରେ ରାଜ୍ୟପାଳଙ୍କ ଅଭିଭାଷଣରେ କିଛି ରହିଲା ନାହିଁ। ସରକାର ଓ ମନ୍ତ୍ରୀଙ୍କ କଥାରେ ତାଳମେଳ ନାହିଁ। କହୁଛନ୍ତି ଗୋଟାଏ କରୁଛନ୍ତି ଆଉ ଗୋଟାଏ। କୃଷିମନ୍ତ୍ରୀ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି କାଡାମ ଦାବି କରିଛନ୍ତି।

ବିଜେଡି ସଦସ୍ୟ ☞ପୃଷ୍ଠା-୪

# ଓଡ଼ିଶାବାସୀ ଖାଉଛନ୍ତି ନିମ୍ନମାନର ଦୁଗ୍ଧଜାତ ସାମଗ୍ରୀ

ଭୁବନେଶ୍ୱର,୧୮।୨
(ରବିନାରାୟଣ ଜେନା)

ଓଡ଼ିଶାବାସୀ ନିମ୍ନମାନର ଦୁଗ୍ଧ ତଥା ଦୁଗ୍ଧଜାତୀୟ ଖାଦ୍ୟ ଖାଉଛନ୍ତି। ଏହିଭଳି ଏକ ସାଂଘାତିକ ତଥ୍ୟ ବୁଧବାର ବିଧାନସଭା ତଥ୍ୟରୁ ଜଣାଯାଇଛି। ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଦେଇଥିବା ତଥ୍ୟ ଅନୁଯାୟୀ, ଓଡ଼ିଶା ବଜାରରୁ ସଂଗ୍ରହ ହୋଇଥିବା ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ୮୮ ନମୁନାରୁ ୮ଟି ନିମ୍ନମାନର ତଥା ସବ୍‌ଷ୍ଟାଣ୍ଡାର୍ଡ ଥିବା ଜଣାପଡ଼ିଛି। ୨୦୨୫ ଜାନୁଆରୀ ପହିଲାରୁ

**୮ ନମୁନା ସବ୍‌ଷ୍ଟାଣ୍ଡାର୍ଡ**

ଡିସେମ୍ବର ୩୧ ମଧ୍ୟରେ ୮୮ଟି ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୮୦ଟି ନମୁନା ମାନକ(ଷ୍ଟାଣ୍ଡାର୍ଡ) ବଜାୟ ରଖୁଥିବାବେଳେ ୮ଟି ସବ୍‌ଷ୍ଟାଣ୍ଡାର୍ଡ ରହିଛି। ସେହିପରି ମନ୍ତ୍ରୀ ଦର୍ଶାଇଛନ୍ତି, ଓଡ଼ିଶାରେ ଓମ୍‌ଫେଡ୍ ବ୍ୟତୀତ ୨୨ଟି କମ୍ପାନୀ ଦୁଗ୍ଧଜାତ ସାମଗ୍ରୀର ବ୍ୟବସାୟ କରୁଛନ୍ତି। ଏଥିରୁ ୧୦ଟି କମ୍ପାନୀ ରାଜ୍ୟ ଭିତରର ହୋଇଥିବାବେଳେ ବାହାର ରାଜ୍ୟର ୧୨ଟି କମ୍ପାନୀ ରହିଛନ୍ତି। ଏହିସବୁ କମ୍ପାନୀର ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ମାନ ଯାଞ୍ଚ କରିବା ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଥିବା ଖାଦ୍ୟ ସୁରକ୍ଷା କମିଶନରେଟ୍ ଦ୍ୱାରା ପରୀକ୍ଷା କରାଯାଇଥାଏ। ତେବେ ଖାଦ୍ୟ ସୁରକ୍ଷା କମିଶନରେଟ୍ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଓଡ଼ିଶାରେ ବାହାର ରାଜ୍ୟର ଅଧିକ କମ୍ପାନୀ ଦୁଗ୍ଧ ତଥା ଦୁଗ୍ଧଜାତୀୟ ଖାଦ୍ୟ ବ୍ୟବସାୟ କରୁଛନ୍ତି।

# ଶ୍ୱଶୁର ଘରେ ସ୍ତ୍ରୀଙ୍କୁ ପେଟ୍ରୋଲରେ ପୋଡ଼ି ହତ୍ୟା ଉଦ୍ୟମ

## ଉଦ୍ଧାର କରିବାକୁ ଯାଇ ୩ ଗୁରୁତର

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/
ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ),୧୮।୨

ଶ୍ୱଶୁର ଘରେ ସ୍ତ୍ରୀଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଛନ୍ତି ଜଣେ ଯୁବକ। ଉକ୍ତ ମହିଳାଙ୍କୁ ଉଦ୍ଧାର କରିବାକୁ ଯାଇ ତାଙ୍କ ବାପା, ମା' ଓ ଭାଇ ନିଆଁରେ ପୋଡ଼ି ଗୁରୁତର ହୋଇଛନ୍ତି। ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁକରି ପୋଲିସ ଜିମା ଦେଇଛନ୍ତି। ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମରେ ମଙ୍ଗଳବାର ରାତିରେ ଏହି ଘଟଣା ଘଟିଛି। ନାରାୟଣପୁରର ରାଜେନ୍ଦ୍ର ସାମନ୍ତରାୟ ତାଙ୍କ ଝିଅ ଯୋଗମାୟାଙ୍କୁ ସୋର ଅଞ୍ଚଳର ମାଣତ୍ରୀ ଗ୍ରାମର କରୁଣାକର କବିଙ୍କୁ ବିବାହ ଦେଇଥିଲେ। ଉଭୟଙ୍କର ୨ ସନ୍ତାନ ଅଛନ୍ତି। ବିବାହକୁ ୭ବର୍ଷ ହୋଇଥିଲେ ହେଁ ଦୁହିଁଙ୍କ ମଧ୍ୟରେ ବିଭିନ୍ନ କାରଣରୁ କଳହ ହେଉଥିଲା। ନିର୍ଯାତନା ସହି ନ ପାରି ଯୋଗମାୟା ଆଇନର ଆଶ୍ରୟ ନେଇଥିଲେ। ମାସକ ତଳେ ସେ ଶାଶୁଘରୁ ଲୁଚି ବାପଘରକୁ ପଳାଇ ଆସିଥିଲେ। ମଙ୍ଗଳବାର ରାତିରେ କରୁଣାକର ଶ୍ୱଶୁରଘରେ ପହଞ୍ଚି ପାଟିତୁଣ୍ଡ କରିବା ସହ ସାଙ୍ଗରେ ଆଣିଥିବା ପେଟ୍ରୋଲ ଯୋଗମାୟାଙ୍କ ଉପରକୁ ପକାଇ ନିଆଁ ଲଗାଇବା ବେଳେ ପରିବାର ଲୋକେ ବିରୋଧ କରିଥିଲେ। ଫଳରେ ଶ୍ୱଶୁର, ଶାଶୁ ଓ ଶଳା ପୋଡ଼ି ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଶ୍ୱଶୁରଙ୍କ ଶରୀରର ୪୦% ପୋଡ଼ି ଯାଇଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଯୋଗମାୟାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୮୮/୨୬) ରୁଜୁ କରି କରୁଣାକରଙ୍କୁ ଗିରଫ ପରେ ବୁଧବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- 'ସଂସ୍କୃତି ଓ ସଂସ୍କୃତି' ଏବଂ 'ବିଦ୍ୟାକନକ ସୃଜନାନୁଷ୍ଠାନ' ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'କୁହୁଡ଼ି', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।
- ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ବାଲିଅନ୍ତା ବ୍ଲକର ବେଣ୍ଟପୁରସ୍ଥିତ କଲ୍ୟାଣ ମଣ୍ଡପ ପରିସର, ସମୟ: ସକାଳ ୯ଟା।
- ଶ୍ରୀରାମ ମନ୍ଦିରର ୧୭ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବାଲିଅନ୍ତା ବ୍ଲକର ବେଣ୍ଟପୁରସ୍ଥିତ ଶ୍ରୀରାମ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାଧା ଓ ଚେତନା ପ୍ରବାହ, ଶିଶୁମାନଙ୍କର ମାନସିକ ବିକାଶ ପୁସ୍ତକ ଉନ୍ମୋଚନ, ସ୍ଥାନ: ହୋଟେଲ ନ୍ୟୁ ମ୍ୟାରିଅନ୍, ସମୟ: ଅପରାହ୍ନ ୫ ଟା ୨୦।
- ବାସନ୍ତୀ ମହାନ୍ତିଙ୍କ ପ୍ରବନ୍ଧ ସଙ୍କଳନ ତ୍ରୟ ଉନ୍ମୋଚନ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୫ଟା ୫୫।
- ବାଦି ପାଲା ଉଦ୍‌ଯାପନୀ, ସ୍ଥାନ: ବାଲିଅନ୍ତା ବ୍ଲକର ଶାଳେଶ୍ୱର ଗ୍ରାମ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଛତ୍ରପତି ଶିବାଜି ଜୟନ୍ତୀ ଉତ୍ସବ ଅବସରରେ ଶୋଭାଯାତ୍ରା, ସ୍ଥାନ: ଗୁଣ୍ଡିଚା ମନ୍ଦିର ଠାରୁ ସିଂହଦ୍ୱାର, ସମୟ: ପୂର୍ବାହ୍ନ ୧୦ଟା।
- ଭଗବାନ ଶ୍ରୀରାମକୃଷ୍ଣ ପରମହଂସଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ରାମକୃଷ୍ଣ ମିଶନ ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।
- ସାଧାରଣ ସଭା, ସ୍ଥାନ: ପୌର ସଦନ, ସମୟ: ଅପରାହ୍ନ ୩ଟା।
- ଭାରତ ରକ୍ଷା ମଞ୍ଚ ପକ୍ଷରୁ ଶିବାଜି ଜୟନ୍ତୀ, ସ୍ଥାନ: ଗୋଏଙ୍କା ଧର୍ମଶାଳା, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା

- ହିନ୍ଦୁ ଜାଗରଣ ଯାତ୍ରା, ସ୍ଥାନ: ଗୀତାଭବନ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ୍ ପରିସର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନ, ସ୍ଥାନ: ଚାରୁ ଓ କାରୁ କଳା ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଦକ୍ଷିଣେଶ୍ୱରୀ କାଳୀମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ନୂତନ ବସ୍‌ଷ୍ଟାଣ୍ଡ ନିକଟ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ପ୍ରସ୍ତାବିତ ମେଗା ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ଜନଶୁଣାଣି, ସ୍ଥାନ: ଚେମଣା ପଞ୍ଚାୟତ ରେଙ୍ଗାଳବେଡା, ପାଟଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀମଦ୍ ଭାଗବତ କଥା ଜ୍ଞାନ ଯଜ୍ଞ, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ: ଅପରାହ୍ନ ୩ ଟା।

## ମୟୂରଭଞ୍ଜ

- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା, ସ୍ଥାନ: ମାଣତ୍ରୀ, ବଡ଼ସାହି, ସମୟ: ସକାଳ ୮ଟା।
- ସିଦ୍ଧି ବିନାୟକ ମନ୍ଦିରର ପ୍ରତିଷ୍ଠା ଅବସରରେ ସୂର୍ଯ୍ୟପୂଜା, ଗୋପୂଜା ଓ ଯଜ୍ଞ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ଗୋଶାଳା କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା ବାରିପଦା, ସମୟ: ପୂର୍ବାହ୍ନ ୧୧ଟ।

## ଢେଙ୍କାନାଳ

- ଆଦିବାସୀ ସମାବେଶ, ସ୍ଥାନ: ଲହଡା, ଗଁଦିଆ ବ୍ଲକ, ସମୟ: ଅପରାହ୍ନ ୧ଟା।

## ଜଗତ୍‌ସିଂହପୁର

- ମୁଖ୍ୟମନ୍ତ୍ରୀ ବସ ସେବା ଯୋଜନାରେ ରୁଟ୍ ସଂଶୋଧନ ସଂକ୍ରାନ୍ତୀୟ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଆଶା କାର୍ଯ୍ୟକଳାପ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲାର ସମସ୍ତ ବେସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକର ମାଲିକମାନଙ୍କ ସହ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା

- ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ଖଡିଅଙ୍ଗ, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୦ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ଚାଷୀ ପଞ୍ଜୀକରଣ ଏବଂ ଡିଜିଟାଲ କ୍ରପ୍ ସର୍ଭେ ସଂକ୍ରାନ୍ତରେ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ଇଣ୍ଟିଗ୍ରେଟେଡ ଫାର୍ମିଂ ସିଷ୍ଟମ ସଂକ୍ରାନ୍ତରେ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ମଧ୍ୟାହ୍ନ ୧୨ଟା।
- ଫସଲ ବୀମା ଯୋଜନାର ଜିଲାସ୍ତରୀୟ ମନିଟରିଂ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା୩୦।
- ଅଷ୍ଟପ୍ରହରର ନଗର ପରିକ୍ରମା, ସ୍ଥାନ: ଧର୍ମଶାଳା ବ୍ଲକ୍‌ର କଣିପାଟିଆ ଗ୍ରାମ, ସମୟ: ଅପରାହ୍ନ ୨ଟା।

## ନୟାଗଡ଼

- ଜାମାଲାଗି ବେଶର ୨୮ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ଜିଲାସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ସନ୍ଧାନ ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ରଣପୁର ବ୍ଲକ ରାଜସୁନାଖଳା, ସମୟ: ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ ଟା ।
- ମହିଳା ଆତ୍ମରକ୍ଷା କୌଶଳ ଶିବିରର ଉଦ୍‌ଯାପନ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ମହାଶିବରାତ୍ରି ଅବସରରେ ଜାଗରଯାତ୍ରାର ୫ମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ:ସନ୍ଧ୍ୟା ୬ଟା ।

## ରାୟଗଡ଼ା

- ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଏଟିଏମ୍ ଛକ, ଗୁଡାରି, ସମୟ:ସନ୍ଧ୍ୟା ୬ଟା।

## କୋରାପୁଟ

- ୭ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା, ସ୍ଥାନ: ନନ୍ଦପୁର ବ୍ଲକ, ସମୟ: ସକାଳ ୯ଟା।
- ବଟ ଗଣେଶ ମନ୍ଦିର ପ୍ରତିଷ୍ଠା ନେଇ କଳସ ଯାତ୍ରା, ସ୍ଥାନ: କୋରାପୁଟ ଚନ୍ଦନ ପୋଖରୀ, ସମୟ: ସକାଳ ୯ ଟା।
- ହିନ୍ଦୁ ସମାଜ ପକ୍ଷରୁ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ଚନ୍ଦନ ଶ୍ରୀକ୍ଷେତ୍ର ମନ୍ଦିର ଆମ୍ବତୋଟା, ଦଶମନ୍ତପୁର, ସମୟ: ଅପରାହ୍ନ ୧ଟା୪୦।
- ରୋଗୀ କଲ୍ୟାଣ ସମିତି ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଡିଏଚ୍‌ଏଚ୍ ସଭାଗୃହ, ସମୟ: ଅପରାହ୍ନ ୪ ଟା।
- ମା ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ସେମିଳିଗୁଡ଼ା ଗୋପବନ୍ଧୁ ନଗରସ୍ଥିତ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ ଟା।

## ସମ୍ବଲପୁର

- ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜନରେ ଦୀନବନ୍ଧୁ ଗୋସ୍ୱାମୀ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର କୋଲକାତା ବିରାଟ ଏକାଡେମୀ ବନାମ ଜାମସେଦପୁର ଟାଟା ଏସଓସି ମ୍ୟାଚ, ସ୍ଥାନ : ହାୱା ମଇଦାନ, ହାୱା ମଇଦାନ, ସମୟ : ସକାଳ ୮ଟା ।
- ସମ୍ବଲପୁର ସେଲିବ୍ରିଟି କପ କ୍ରିକେଟ ଟୁର୍ନାମେଣ୍ଟର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା ।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା ।

## ବଲାଙ୍ଗୀର

- ମାଟ୍ରିକ ପରୀକ୍ଷା ଆରମ୍ଭ, ସ୍ଥାନ: ଜିଲାର ୧୬୮ ହାଇସ୍କୁଲ ପରୀକ୍ଷା କେନ୍ଦ୍ର, ବଲାଙ୍ଗୀର, ସମୟ: ସକାଳ ୯ଟା ।
- ଶ୍ରୀଗୁପ୍ତେଶ୍ୱର ମନ୍ଦିର ମହାଶିବରାତ୍ରି ମେଳା ଉଦ୍‌ଯାପନ, ସ୍ଥାନ: ଗୁପ୍ତେଶ୍ୱର ମନ୍ଦିର ପରିସର, ଖୁଟୁଲୁମୁଣ୍ଡା, ତୁରେକେଲା ବ୍ଲକ, ସମୟ : ପୂର୍ବାହ୍ନ ୧୦ଟା ୩୦ ମିନିଟ ।

## ରାଉରକେଲା

- ୫ମ ଦିବସ ଜାଗର ମେଳା, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା।
- ଶୀତଳାମାତା ମନ୍ଦିର ପ୍ରତିଷ୍ଠା ଉତ୍ସବ, ୨ୟ ଦିନ, ସ୍ଥାନ: ବିଶ୍ରା ଡାହାର ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଗାୟତ୍ରୀ ଶକ୍ତିପୀଠରେ ୨୪ କୁଣ୍ଡିୟ ଯଜ୍ଞ ଆରମ୍ଭ ଓ କଳସଯାତ୍ରା, ସ୍ଥାନ: ସେକ୍ଟର–୨, ସମୟ: ମଧ୍ୟାହ୍ନ ୧୨ଟା।

## ବରଗଡ଼

- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: ଆର୍‌ଏମ୍‌ସି ମାର୍କେଟ ୟାର୍ଡ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଆଇସିଡିଏସ୍‌ର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- କେସିଙ୍ଗା ମାରୱାଡି ଯୁବମଞ୍ଚ ପକ୍ଷରୁ ମାଗଣାରେ ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ଓ ଉପକରଣ ପ୍ରଦାନ ଶିବିର, ସ୍ଥାନ: କେସିଙ୍ଗା ଥାନା ସମ୍ମୁଖ ଅଗ୍ରସେନ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଇସ୍ପାତ ଟ୍ରେନ୍ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଜୁନାଗଡ଼ ରେଳଷ୍ଟେଶନ, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ଶିବ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ବୀରମହାରାଜପୁର ଦୋଳଯାତ୍ରା ଫଗୁନପୁନି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଉପ ଜିଲପାଳ ଅପିସ ସଭାଗୃହ, ସମୟ: ଅପରାହ୍ନ ୨ଟା୩୦।
- ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ମ୍ୟାଚ୍, ସ୍ଥାନ:ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ, ସମୟ:ଅପରାହ୍ନ ୩ଟା ୩୦।
- ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟର ଷଷ୍ଠ ସନ୍ଧ୍ୟା, ସ୍ଥାନ:ସୁବର୍ଣ୍ଣପୁର ସହର ସ୍ଥିତ ରୟାଲ ପଡିଆ, ସମୟ:ସନ୍ଧ୍ୟା ୬ଟା ୩୦।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

## ନୂଆପଡ଼ା

- ଏସ୍‌ବିଆଇ ପକ୍ଷରୁ ନତନ ଏଟିଏମ୍‌ର ଶୁଭାରମ୍ଭ, ସ୍ଥାନ: ନୂତନ ବସ୍‌ଷ୍ଟାଣ୍ଡ ନୂଆପଡ଼ା, ସମୟ: ଅପରାହ୍ନ ୪ଟା।

## କେବଳ ୭...

ସାରଦା ଜେନା ସରକାରଙ୍କ ଚାଷୀ ମାରଣନୀତିକୁ ନେଇ ତୀବ୍ର ନିନ୍ଦା କରିଛନ୍ତି। ରାଜ୍ୟ ସରକାର ରାଜ୍ୟପାଳଙ୍କ ମୁହଁରେ ମିଛ କୁହାଇଛନ୍ତି। ଚଳିତବର୍ଷ ସରକାର ଚାଷୀଙ୍କଠାରୁ ଧାନ କିଣିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଚାଷୀମାନେ ଏବେ କାନ୍ଦୁଛନ୍ତି। ନୈତିକତା ଦୃଷ୍ଟିରୁ ବିଭାଗୀୟ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଶାସକ ଦଳ ପକ୍ଷରୁ ସଦସ୍ୟ ବାବୁ ସିଂ କହିଛନ୍ତି, ରାଜ୍ୟପାଳଙ୍କ ଅଭିଭାଷଣ ପରେ ବିଧାନସଭା ମଙ୍ଗଳବାର ବନ୍ଦ ପରେ ବୁଧବାର ଆରମ୍ଭ ହୋଇଥିଲା। ପ୍ରଶ୍ନକାଳ ସାଢ଼େ ୧୦ଟାରୁ ସାଢ଼େ ୧୧ଟା ଯାଏ ଚାଲିବା କଥା। ଏହି ସମୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ହେଲେ ବିରୋଧୀମାନେ ଗୃହକୁ ଚଳାଇବାରେ ସହଯୋଗ କରୁନାହାନ୍ତି। ବିରୋଧୀମାନେ ରାଜ୍ୟର ବିକାଶ ଚାହୁଁନାହାନ୍ତି। ଯଦି ସଦସ୍ୟମାନେ ରାଜ୍ୟପାଳଙ୍କ ଅଭିଭାଷଣକୁ ନେଇ କିଛି କହିବାର ଥିଲା, ତାହା କହିପାରିଥାନ୍ତେ। ହେଲେ ରାଜ୍ୟ ସରକାରଙ୍କ ବିକାଶକୁ ବିରୋଧୀ ସହ୍ୟ କରିପାରୁନାହାନ୍ତି। ରାଜ୍ୟ ବିକାଶରେ ବିରୋଧୀ ବାଧକ ସାଜିଛନ୍ତି ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏ ବର୍ଷର ମନୁ ଆର ବର୍ଷକୁ ବଇଦ ।**

ମଣିଷ ବିପଦରେ ପଡ଼ିଲେ ସେଥିରୁ ବର୍ତ୍ତିବା ପାଇଁ ଚେଷ୍ଟାକରେ , ଫଳସ୍ୱରୂପ ବୁଦ୍ଧି ଖଟାଇ କିଛି ଶିକ୍ଷା ହାସଲ କରେ। ବିପଦ ହିଁ ମଣିଷକୁ ଅଭିଜ୍ଞ କରାଏ। ଅଭିଜ୍ଞତାରୁ ଶିଖି କୌଣସି ବିଷୟରେ ଅଭିଜ୍ଞ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏ ଘରେ ମୁଁ ରହିବି ନାହିଁ, ଏ ଗଞ୍ଜଣା ମୁଁ ସହିବି ନାହିଁ ।**

ଯେଉଁ ଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ, ସେ ଘର ପ୍ରତି ବ୍ୟକ୍ତିର ମୋହ ମାୟା ତୁଟିଯାଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ ମଧ୍ୟ କ୍ରମଶଃ ଫିକା ପଡ଼ିଯାଇଥାଏ। ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କ ଠାରୁ କଥାକଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଏଆଇ ସମିଟ୍: ଚାଇନା ...

କ୍ଷମା ମାଗିଛି। ଗତବର୍ଷ ଫେବୃଆରୀରେ ପ୍ୟାରିସ୍‌ରେ ଏଆଇ ଆକ୍ସନ ସମିଟ୍ ଆୟୋଜିତ ହୋଇଥିଲା। ଚଳିତବର୍ଷ ଭାରତ ସରକାର ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଏଆଇ ଇମ୍ପାକ୍ଟ ସମିଟ୍‌ର ଆୟୋଜନ କରୁଛନ୍ତି। ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ଫେବୃଆରୀ ୧୬ରେ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ ଏହି ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଥିବାବେଳେ ସମିଟ୍ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଆଇ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ଭାରତର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ, ଆଇଟି ପ୍ରତିଷ୍ଠାନଗୁଡ଼ିକୁ ଏଥିରେ ଭାଗନେଇ ନିଜ ଉପକରଣ ପ୍ରଦର୍ଶନର ସୁଯୋଗ ମିଳିଛି। ଏହି ପରିପ୍ରେକ୍ଷୀରେ ଘରୋଇ ବିଶ୍ୱବିଦ୍ୟାଳୟ ଗାଲ୍‌ଗୋଟିଆସ୍ ୟୁନିଭର୍ସିଟିକୁ ସେଠାରେ ଏକ ଷ୍ଟଲ୍ ଦିଆଯାଇଥିଲା। ଉକ୍ତ ଷ୍ଟଲ୍‌ରେ ଥିବା ଏକ ରବୋଟିକ୍ ଡଗ୍‌କୁ ଗାଲ୍‌ଗୋଟିଆସ୍ ୟୁନିଭର୍ସିଟି ନିଜ ପ୍ରଡକ୍ଟ କହି ପ୍ରଦର୍ଶନ କରୁଥିଲା ଏବଂ ତା'ର ନାଁ 'ଓରିଅନ୍' ଦିଆଯାଇଥିଲା। ୟୁନିଭର୍ସିଟିର ଯୋଗାଯୋଗ ବିଭାଗ ପ୍ରଫେସର ନେହା ସିଂ 'ଦୂରଦର୍ଶନ' ନ୍ୟୁଜ୍ ଚ୍ୟାନେଲକୁ କହିଥିଲେ, ଏହି ରୋବୋଟିକ୍ ଡଗ୍ ଗାଲ୍‌ଗୋଟିଆସ୍ ୟୁନିଭର୍ସିଟିର ସେଣ୍ଟର ଅଫ୍ ଏକ୍ସିଲେନ୍ସ (ଉତ୍କର୍ଷ କେନ୍ଦ୍ର) ଦ୍ୱାରା ବିକଶିତ ହୋଇଛି। ଆପଣଙ୍କୁ ଓରିଅନ୍‌କୁ ଭେଟିବାକୁ ପଡ଼ିବ। ନେହା ସିଂଙ୍କ ଏହି ମନ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। କିନ୍ତୁ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀମାନେ ତତ୍‌କ୍ଷଣାତ୍ ଉକ୍ତ ରୋବୋକୁ ଚିହ୍ନିପାରିଥିଲେ। ଚାଇନା ପ୍ରସ୍ତୁତ ୟୁନିଟ୍ରି ରୋବୋଟିକ୍ସର ମୂଲ୍ୟ ୨,୮୦୦ ଆମେରିକୀୟ ଡଲାର, ଯାହାକୁ ବିଶ୍ୱବ୍ୟାପୀ ଗବେଷଣା ଓ ଶିକ୍ଷା କ୍ଷେତ୍ରରେ ବହୁଳ ଭାବେ ବ୍ୟବହାର କରାଯାଇଥାଏ। ଏହି ଉପାଖ୍ୟାନ ଭାରତର ଏଆଇ ମହତ୍ତ୍ୱାକାଂକ୍ଷାକୁ ଅଡୁଆରେ ପକାଇବା ସହ କେନ୍ଦ୍ର ସରକାରଙ୍କୁ ସମାଲୋଚିତ କରିଛି। ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିବାଦ ସୃଷ୍ଟି ହେବା ପୂର୍ବରୁ ଉକ୍ତ ଭିଡିଓ କ୍ଲିପ୍‌କୁ ସୋସିଆଲ ମିଡିଆରେ ଶେୟାର କରିଥିଲେ। ଅଶ୍ୱିନୀ ଏଥିରେ ଲେଖିଥିଲେ, ଭାରତର ସାର୍ବଭୌମ ମଡେଲ୍‌ଗୁଡ଼ିକ ବୈଶ୍ୱିକ ମାପଦଣ୍ଡ ଅନୁସାରେ କାର୍ଯ୍ୟ କରୁଛି। ଏହା ଆମ ଇଞ୍ଜିନିୟର ଓ ନବୋନ୍ମେଷକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ତେବେ ହଟହଟା ହେବା ପରେ ଅଶ୍ୱିନୀ ସେହି ପୋଷ୍ଟକୁ ଡିଲିଟ୍ କରିଦେଇଥିଲେ। ଏହା ଉପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର 'X'ରେ ସମାଲୋଚନା କରି କହିଛନ୍ତି, ପୋଷ୍ଟ ଡିଲିଟ୍ କରିଦେଲେ ବାସ୍ତବତା ବଦଳିଯାଏ ନାହିଁ। ଆପଣ ଭାରତକୁ ଉପହାସର ପାତ୍ର କରିଦେଇଛନ୍ତି। ଯଦି ନିଜ ଦାୟିତ୍ୱ ତୁଲାଇପାରୁ ନାହାନ୍ତି ତେବେ ମନ୍ତ୍ରୀପଦ ଛାଡ଼ି ଗାଲ୍‌ଗୋଟିଆସ୍‌ର ଘୂର୍ଣ୍ଣନ ପ୍ରଫେସର ଭାବେ ଯୋଗଦେଇପାରନ୍ତି ବୋଲି ମହୁଆ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସେହିପରି କଂଗ୍ରେସ ନେତା ପୱନ ଖେରା କହିଛନ୍ତି, କେନ୍ଦ୍ରରେ ଏକ 'ଗାଲ୍‌ଗୋଟିଆସ୍ ସରକାର' ଚାଲିଛି। 'ଗାଲ୍‌ଗୋଟିଆସ୍ ସରକାର' ଭାରତରେ କେବଳ ଗାଲ୍‌ଗୋଟିଆସ୍ ଭଳି ବିଶ୍ୱବିଦ୍ୟାଳୟକୁ ପ୍ରୋତ୍ସାହନ ଦେଇଛନ୍ତି। ଭାରତରେ ଥିବା ଅନେକ ଅଗ୍ରଣୀ ତଥା ବୈଶ୍ୱିକ ଟେକ୍ ଏକ୍‌ଜିକ୍ୟୁଟିଭ୍ କଂଗ୍ରେସ ଦ୍ୱାରା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ପାଠ ପଢ଼ିଛନ୍ତି।

ସେପଟେ ବିବାଦୀୟ ଓ ସମାଲୋଚିତ ହେବା ପରେ ଉଭୟ ଗାଲ୍‌ଗୋଟିଆସ୍ ଏବଂ ପ୍ରଫେସର ନେହା ସିଂ ଉକ୍ତ ରୋବୋ ତାଙ୍କ ୟୁନିଭର୍ସିଟି ଦ୍ୱାରା ବିକଶିତ କରାଯାଇନାହିଁ। ୟୁନିଭର୍ସିଟି ଏହାକୁ କେବେ ନିଜର ବୋଲି ଦାବି କରିନାହିଁ। ଏହା ଦ୍ୱନ୍ଦ୍ୱ ଯୋଗୁ ସୃଷ୍ଟି ହୋଇଥିବା ଏକ ବିବାଦ କହି ବିଶ୍ୱବିଦ୍ୟାଳୟ ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଥିବା କୁହାଯାଇଛି। ପ୍ରଫେସର ନେହା ସିଂ ଉକ୍ତ ରୋବୋ ଡଗ୍ ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ନ ଥିବାରୁ ଭୁଲ୍ ସୂଚନା ଦେଇଥିଲେ ବୋଲି ଗାଲ୍‌ଗୋଟିଆସ୍ ସଫେଇ ଦେଇଛି। ଆୟୋଜକଙ୍କ ଭାବାବେଗକୁ ବୁଝି ଭାରତ ମଣ୍ଡପମ୍‌ରେ ମିଳିଥିବା ଷ୍ଟଲ୍‌କୁ ଛାଡ଼ି ଦିଆଯାଇଥିବା ଗାଲ୍‌ଗୋଟିଆସ୍ କହିଛି। ସରକାରଙ୍କ ଆଇଟି ସଚିବ ଏସ୍. କ୍ରିଷ୍ଣନ୍ କହିଛନ୍ତି, ନିଜର ହୋଇ ନ ଥିବା କୌଣସି ଉପକରଣକୁ କେହି ନିଜର ବୋଲି ଦାବି କରନ୍ତୁ, ତାହା ସରକାର ଚାହାନ୍ତି ନାହିଁ।

## ଆଜିଠୁ ମାଟ୍ରିକ୍...

ପରୀକ୍ଷାର୍ଥୀଙ୍କ ପରୀକ୍ଷା ଲାଗି ଅତିରିକ୍ତ ୫୦ ମିନିଟ ସମୟ ଦିଆଯିବ। ପ୍ରତିଦିନ ଗୋଟିଏ ସିଟିଂରେ ପରୀକ୍ଷା କରାଯିବ। ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ସେଣ୍ଟର ସହାୟକ ଲେଖାଳି ଯୋଗାଇଦେବେ। ଯଦି ନିଜେ ଚାହିଁବେ ତେବେ ଦଶମ ଶ୍ରେଣୀରୁ ତଳ ଶ୍ରେଣୀର ଛାତ୍ରଙ୍କୁ ସହାୟକ ଲେଖାଳି ଭାବେ ଭିନ୍ନକ୍ଷମ ପରୀକ୍ଷାର୍ଥୀ ଆଣି ପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ପରୀକ୍ଷା ପରିଚାଳନା ତଦାରଖ ପାଇଁ ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ପ୍ରଶ୍ନପତ୍ର ଭାଇରାଲ ରୋକିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ର ସମେତ ନୋଡାଲ ସେଣ୍ଟରରେ ଲାଇଭଷ୍ଟ୍ରିମିଂ ବ୍ୟବସ୍ଥା ହୋଇଛି। କୌଣସି ବିଶୃଙ୍ଖଳା ହେଲେ ଏହି ବ୍ୟବସ୍ଥାରେ ବୋର୍ଡ ମୁଖ୍ୟାଳୟ ଜାଣିପାରିବ। ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ବୁକ୍‌ଲେଟର ପ୍ରତି ପୃଷ୍ଠା ତଥା ପ୍ରତି ନମ୍ବରରେ ୱାଟରମାର୍କ ରହିଛି। ପ୍ରଶ୍ନପତ୍ର ଭାଇରାଲ ହେଲେ, ତାହା ସହଜରେ ଧରିହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

## ରାଜ୍ୟ ସଭା: ମାର୍ଚ୍ଚ ୧୬ରେ...

ଏହି ୪ ଆସନରେ ନିର୍ବାଚନ ହେବ। ମହାରାଷ୍ଟ୍ରର ୭ଜଣ ଏମ୍‌ପିଙ୍କ କାର୍ଯ୍ୟକାଳ ଏପ୍ରିଲ ୨ରେ ଶେଷ ହେଉଛି। ସେମାନଙ୍କ ମଧ୍ୟରେ କରଡ ଡ. ଭଗୱତ୍ କିସନରାଓ, ଖାନ୍ ଡ. ଫଉଜୀ ତେହସିନ ଅହମ୍ମଦ, ଚତୁର୍ବେଦୀ ପ୍ରିୟଙ୍କା ବିକ୍ରମ, ପାୱାର ସାରଦଚନ୍ଦ୍ର ଗୋବିନ୍ଦ ରାଓ, ପାଟିଲ ଧୈରଶୀଳ ମୋହନ, ପାଟିଲ ରଜନୀ ଅଶୋକରାଓ, ଆଠୱାଲେ ରାମଦାସ ବନ୍ଧୁ ରହିଥିବାବେଳେ ତାମିଲନାଡୁର ଏନ୍. ଆର୍. ଇଲାଙ୍ଗୋ, ପି.ସେଲଭାରସୁ, ଏମ୍.ଥାମ୍ବିଦୁରାଇ, ତିରୁଚି ସିବ, ଡ. କାନିମୋଝି ଏନ୍‌ଭିଏନ୍ ସୋମୁ, ଜି.କେ. ଭାସନ, ପଶ୍ଚିମବଙ୍ଗର ସକେତ ଗୋଖଲେ, ରୀତାବ୍ରତ ବାନାର୍ଜୀ, ବିକାଶ ରଞ୍ଜନ ଭଟ୍ଟାଚାର୍ଯ୍ୟ, ମଉସମ ନୁର୍, ସୁବ୍ରତ ବକ୍ସି, ଆସାମର ରାମେଶ୍ୱର ନେଲି, ଭୁବନେଶ୍ୱର କଲିତା, ଅଜିତ କୁମାର ଭୂୟାଁ, ବିହାରର ଅମରେନ୍ଦ୍ର ଧରି ସିଂ, ପ୍ରେମଚାନ୍ଦ ଗୁପ୍ତା, ରାମନନାଥ ଠାକୁର, ଉପେନ୍ଦ୍ର ଖୁସ୍‌ୱାହା, ହରିବଂଶ ନାରାୟଣ ସିଂ, ଛତିଶଗଡ଼ର କବି ତେଜପାଲ ସିଂ ତୁଲସୀ, ଫଉଲୋଦେବୀ ନେତମ, ହରିୟାଣାର କିରଣ ଚୌଧରୀ, ରାମଚନ୍ଦେର ଜଙ୍ଗରା, ହିମାଚଳ ପ୍ରଦେଶର ଇନ୍ଦୁବାଳା ଗୋସ୍ୱାମୀ, ତେଲଙ୍ଗାନାର ଡ. ଅଭିଷେକ ମନୁ ସିଂଙ୍ଗଭୀ ଏବଂ କେ. ଆର୍. ସୁରେଶ ରେଡ୍ଡୀ ରହିଛନ୍ତି।

ଅନୁ ସଚିବ ଦର୍ଶାଇଛନ୍ତି, ଏହି ନିର୍ବାଚନ ପ୍ରକ୍ରିୟା ବେଳେ ରିଟର୍ନିଂ ଅଫିସରମାନେ ପ୍ରଦତ୍ତ କରିଥିବା କେବଳ ବାଇଗଣୀ ରଙ୍ଗର ସ୍କେଚ୍ ପେନ୍‌କୁ ବାଲାଟ ପେପରରେ ବ୍ୟବହାର କରାଯିବ। ନିର୍ବାଚନ ପର୍ଯ୍ୟବେକ୍ଷକମାନେ ଯେଭଳି ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ ତୀକ୍ଷ୍ଣ ଭାବେ ନିରୀକ୍ଷଣ କରିବେ ସେଥିପ୍ରତି ଦୃଷ୍ଟିଦେବାକୁ ଇସିଆଇ ନିର୍ଦ୍ଦେଶ ଦେଇଥିବା ରାଜେଶ କୁମାର ଦର୍ଶାଇଛନ୍ତି।

## ଗୋପୀନାଥପୁର...

ସହ ଏହାକୁ ଲୋକ ପାଇଁ ମୌଳିକ ସୁବିଧା ପ୍ରଦାନକୁ ଚ୍ୟାଲେଞ୍ଜ ଭାବେ ଅଭିହିତ କରିଛନ୍ତି। ଏଭଳି ପିଟିଶନ ଦାଖଲ କରି ସବୁକିଛିକୁ ବନ୍ଦ କରାଇବାକୁ ଆପଣ ଚାହୁଁଛନ୍ତି। ସେଠାରେ ଅନେକ ପୋଖରୀ ରହିଛି। ଯଦି ସ୍ଥାନୀୟ ଏସ୍‌ଏଚ୍‌ଜି ଏହି ବିଲ୍ଡିଂକୁ ବ୍ୟବହାର କରୁଛି ତେବେ ତାକୁ ନେଇ କୌଣସି ସମସ୍ୟା ରହିବା ଅନୁଚିତ ବୋଲି ସିଜେଆଇ କହିଛନ୍ତି। ଏହା ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ଏହି ପ୍ରସଙ୍ଗକୁ ଜଳାଶୟ ପାଇଁ ଚିନ୍ତାଜନକ ବୋଲି ଯୁକ୍ତି ବାଢ଼ିଥିଲେ। ସିଜେଆଇ କହିଥିଲେ, ଏହି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକ କିପରି କାର୍ଯ୍ୟ କରିଥାଏ, ତାହା ତାଙ୍କୁ ଜଣା। ଏପରି ପ୍ରସଙ୍ଗରେ ଏନ୍‌ଜିଟି ଏକ ବିଶେଷଜ୍ଞ ସଂସ୍ଥାର ସହାୟତା ନେବା ଉଚିତ ବୋଲି ସିଜେଆଇ କହିଛନ୍ତି। ଖଣ୍ଡପୀଠ କହିଲେ, ଏକ ଝରଣାକୁ ଭୁଲ୍ ଭାବେ ଏକ ଜଳାଶୟ ରୂପେ ବର୍ଣ୍ଣନା କରାଯାଇଛି। ସିଜେଆଇ କହିଲେ, ଗ୍ରାମାଞ୍ଚଳର ମହିଳାମାନଙ୍କୁ ଆତ୍ମନିଯୁକ୍ତି ଓ ନିରନ୍ତରତା ପ୍ରଦାନ କରିବା ଏକ ସାମ୍ବିଧାନିକ ଲକ୍ଷ୍ୟ, ଯାହାକୁ ଅଣଦେଖା କରାଯାଇପାରିବ ନାହିଁ। ଏହାର ସଂରକ୍ଷଣ ଜରୁରୀ, ଏପରି କି ନ୍ୟାୟିକ ମଞ୍ଚରେ ମଧ୍ୟ। ତେବେ ଆଇନର ଖୋଲା ଉଲ୍ଲଂଘନ ହେଲେ ସେନେଇ ବିଚାର କରାଯାଇପାରେ। ଏହି ପ୍ରସଙ୍ଗରେ ଆବେଦନକାରୀ ସେହି ଅଞ୍ଚଳର ଜଣେ ବାସିନ୍ଦା। ସେ ବିଲ୍ଡିଂ ନିର୍ମାଣ ପରେ ଆଇନର ଆଶ୍ରୟ ନେଇଛନ୍ତି। ତେବେ ଉକ୍ତ କୋଠା ଝରଣାର ସ୍ରୋତକୁ ରୋକୁଥିବା ନେଇ କୌଣସି ସ୍ଥାନରେ ଉଲ୍ଲେଖ କରାଯାଇ ନାହିଁ। କୋଠା ନିର୍ମାଣ ହୋଇସାରିବା ପରେ ଟ୍ରିବ୍ୟୁନାଲ ଉକ୍ତ ଆବେଦନର ଶୁଣାଣି କରିବାର କୌଣସି ଯଥାର୍ଥତା ନାହିଁ। ତେଣୁ କୋଠା ଭଙ୍ଗ ନେଇ ଏନ୍‌ଜିଟି ଏବଂ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବଳବତ୍ତର ରଖାଯାଇପାରିବ ନାହିଁ। କୋଠା ଅକ୍ଷୁଣ୍ଣ ରହିବ ବୋଲି ସିଜେଆଇ ନିର୍ଦ୍ଦେଶ ଦେଇଛନ୍ତି।

## ଭୋଜିବେଳେ...

ସାଙ୍ଗଙ୍କ କହିବାନୁସାରେ ରିଙ୍କୁ ଭଲ କ୍ରିକେଟ ଖେଳନ୍ତି। ତାଙ୍କର କାହା ସହ ଶତ୍ରୁତା ନ ଥିଲା। ଅନ୍ୟପକ୍ଷରେ ମୃତ ଯୁବକଙ୍କୁ ମେଡିକାଲ ନେଇଯାଇଥିବା ୨ ସାଙ୍ଗଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଉଲ୍ଲେଖଯୋଗ୍ୟ ଯେ, କଟକରେ ଚୋରା ବନ୍ଧୁକ କାରବାର ବଢ଼ି ଚାଲିଥିବାବେଳେ ଆପରାଧିକ କାର୍ଯ୍ୟକଳାପ ଏହି କାରଣରୁ ବଢ଼ିଚାଲିଛି। ସ୍ପଷ୍ଟ ଦିବାଲୋକରେ ଏପରି ଅପରାଧ ଘଟିବା ପରେ ସାଧାରଣ ଲୋକେ ଅଧିକ ଭୟଭୀତ ହୋଇପଡ଼ିଛନ୍ତି। ପୁଣି ପ୍ରେସ୍ କଲୋନୀର ଉକ୍ତ ଖାଲି ଷ୍ଟାଫ୍ କ୍ୱାର୍ଟର୍ସରେ ଭୋଜି କରିବା ପାଇଁ କେମିତି ସୁଯୋଗ ଦିଆଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଅଧିକ ତଦନ୍ତର ଆବଶ୍ୟକତା ରହିଥିବା ମତପ୍ରକାଶ ପାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ପାରିବାରିକ ଜୀବନରେ ସ୍ନେହ, ସହାନୁଭୂତିର ଅଭାବ ରହିବ ନାହିଁ। ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ଭ୍ରମଣଜନିତ କ୍ଳାନ୍ତି ଓ ଅବସାଦ ଦେଖାଦେବ। ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତି ମନୋରଞ୍ଜନ କାର୍ଯ୍ୟକ୍ରମରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ**: ବନ୍ଧୁପରିଜନଙ୍କ ସହିତ ଯାତ୍ରା ସମୟରେ କୌଣସି ବିଜାତୀୟ ବ୍ୟକ୍ତିଙ୍କ ଦ୍ୱାରା ଅର୍ଥହାନିର ଯୋଗ ରହିଛି। ସହକର୍ମୀଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ଅପ୍ରିୟତା ଅର୍ଜନ କରିବେ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁଦଉଡ଼ କରିବାକୁ ପଡ଼ିବ। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ**: ସ୍ୱାସ୍ଥ୍ୟସମସ୍ୟା ବୃଦ୍ଧି ପାଉଥିବାରୁ ଚିନ୍ତାପ୍ରକଟ କରିପାରନ୍ତି। ସାଧାରଣ କଥାରେ ଉତ୍ତେଜିତ ହେବା ଦ୍ୱାରା ପଡ଼ୋଶୀମାନଙ୍କ ସହ ସମ୍ପର୍କରେ ହ୍ରାସ ଘଟିବ। କଚେରି ମାମଲାରେ ବାଇଦା ପଡିବା କାରଣରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ବ୍ୟବସାୟିକ ସ୍ଥିତି ଭଲ ରହିବ ଓ ବନ୍ଧୁଙ୍କ ସହିତ ଆଜିର ଆଲୋଚନା ଫଳପ୍ରଦ ହେବ।

**କର୍କଟ**: ବନ୍ଧୁଙ୍କ ଅବିବେକୀ କାମ, ସହକର୍ମୀଙ୍କ କୂଟନୀତି ଓ ଆତ୍ମୀୟଙ୍କ ବେଖାତିର କଥାରୁ ଦୁଃଖାନୁଭବ କରିପାରନ୍ତି। କର୍ମକ୍ଷେତ୍ରସ୍ଥ ବନ୍ଧୁଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କ ଅନୁଚିନ୍ତା ଦୂର ହୋଇଯିବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ପାରିବାରିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି।

**ସିଂହ**: ଆଜି କୌଣସି କାମ କରିସାରିବା ପଶ୍ଚାତେ ଅନୁତାପ କରିପାରନ୍ତି। ଆବଶ୍ୟକ ଟଙ୍କା ପଇସା ଯୋଗାଡ଼ ସକାଶେ ବିଭିନ୍ନ ଯୋଜନା କରିବେ। ସହକର୍ମୀଙ୍କ ସହ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ଏଜେନ୍ସି, ଗଣଯୋଗାଯୋଗ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା**: ସାମାନ୍ୟ କଥାରୁ ମତାନ୍ତର ଘଟିଥିବା ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ତରବର ନ ହୋଇ କାମକଲେ ସମସ୍ୟା ସମାଧାନ ହେବାରେ ଅସୁବିଧା ରହିବ ନାହିଁ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ଶତ୍ରୁତା କରିପାରନ୍ତି। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ।

**ତୁଳା**: ସ୍ଥଗିତ କାମଟି ଆଜି ହିଁ ଶେଷ କରିବାକୁ ଭାବୁଥିଲେ ମଧ୍ୟ ତାହା ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହେବ। କୌଣସି ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ। ସଭାସମିତିରେ ସମ୍ମାନିତ ହୋଇପାରନ୍ତି।

**ବିଛା**: ନିଜକୁ ପୂର୍ଣ୍ଣ ଶୃଙ୍ଖଳିତ କରିବାକୁ ଚାହୁଁଥିଲେ ମଧ୍ୟ ପରିସ୍ଥିତି ତାହା କରାଇ ଦେଇ ନ ପାରେ। କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧର ସାମ୍ନା କରିବେ। ପ୍ରଶାସନିକ ସ୍ତରରେ ଅନ୍ୟମାନଙ୍କୁ ନିଜ କାମରେ ସହଭାଗିତା କରାଇପାରିବେ। ଅତୀତର ବିବାଦକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ବାକ୍‌ବିତଣ୍ଡା ସୃଷ୍ଟି ହେବାର ସୂଚନା ରହିଛି।

**ଧନୁ**: କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ଭାବୁଥିବା କଥାଟି ଆଜି ସମ୍ପନ୍ନ ହୋଇଯିବ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତି ଓ ଆନୁଷ୍ଠାନିକ କାମରୁ ମନ ଖୁସି ରହିପାରେ।

**ମକର**: ସ୍ଥଗିତ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ସକାଶେ ବନ୍ଧୁଙ୍କ ସହଯୋଗର ଆବଶ୍ୟକତା ଅନୁଭବ କରିବେ। ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି କରିବା ସାଙ୍ଗକୁ ସୁନାମ ମଧ୍ୟ ପାଇବେ। ପ୍ରତ୍ୟାବର୍ତ୍ତନର ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ**: ଜମା ଭଲ ସମ୍ପର୍କ ନ ଥିବା ନିଜର ଲୋକମାନେ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି କରିପାରିବେ ନାହିଁ । ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ଯୋଗୁ ଖୁସି ହେବେ। ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ଯୋଗୁ ମନ ଭାରାକ୍ରାନ୍ତ ରହିପାରେ।

**ମୀନ**: ପରୋକ୍ଷ ଶତ୍ରୁତାରୁ କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦକୁ ଟାଣି ହୋଇପାରନ୍ତି। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ନେବେ। ଆଜିର ଦିନଚର୍ଯ୍ୟାରେ ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହେବ। ମାଙ୍ଗଳିକ କାମ ସକାଶେ ଆତ୍ମୀୟଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

ଆଜି ଫେବୃଆରୀ ୧୯ ତାରିଖ, ଫାଲ୍‌ଗୁନ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ଗୁରୁବାର। ଶ୍ରୀରାମକୃଷ୍ଣ ପରମହଂସଙ୍କ ଜନ୍ମତିଥି, ରମ୍‌ଜାନ ମାସର ରୋଜା ଆରମ୍ଭ। ରାଶିନକ୍ଷତ୍ର–ପୂର୍ବଭାଦ୍ରପଦ/କୁମ୍ଭ, ଦିବା ଘ.୦୨।୫୯ମି. ଗତେ ମୀନଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୧୭ମି. ଗତେ ଘ.୦୭।୪୮ମି. ମଧ୍ୟେ, ଘ.୧୦।୫୧ମି. ଗତେ ଘ.୦୧।୦୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧।୨୬ମି. ଗତେ ଘ.୦୨।୫୨ମି. ମଧ୍ୟେ ରାହୁ କାଳ ।

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାଫଳ ପ୍ରକାଶ**

**କଟକ(କାର୍ତ୍ତିକ ସାହୁ):** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ବୋର୍ଡ ୱେବ୍‌ସାଇଟ www.bseodisha.ac.inରେ ସନ୍ଧ୍ୟା ୬ଟାରୁ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ନିଜ ରୋଲ୍ ନମ୍ବର ଜରିଆରେ ଫଳ ଡାଉନଲୋଡ୍ କରି ଜାଣିପାରିବେ।




# ମହାନଦୀକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା

**ସମ୍ବଲପୁର,୧୮।୨(ପ୍ରମୋଦ ବହିଦାର)**

ମହାନଦୀକୁ ଡେଇଁ ବୁଧବାର ବୁର୍ଲାର ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅଞ୍ଜୁ କୁମ୍ଭାର(୨୨)। ସେ କ୍ଷେତରାଜପୁର ଥାନା ତାଲଭଟାପଡ଼ାର ମୂଳ ବାସିନ୍ଦା ହୋଇଥିବାବେଳେ ବୁର୍ଲା ମହତାବ ନଗରରେ ରହୁଥିଲେ। ସେ କାହିଁକି ଏଭଳି ଚରମ ପଦକ୍ଷେପ ନେଲେ ତାହା ଜଣାପଡ଼ିନାହିଁ। ତେବେ ଅଞ୍ଜୁ ବ୍ରିଜ୍‌ରୁ ଦୁର୍ଭାଗ୍ୟବଶତଃ ମହାନଦୀକୁ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ତାଙ୍କ ମା' ଅଞ୍ଜଳି ସାହୁ ବୁର୍ଲା ଥାନାରେ ଏତଲା ଦେଇଛନ୍ତି। ଏନେଇ ଅପମୃତ୍ୟୁ ମାମଲା(ନଂ.୧୧୫/୨୬) ରୁଜୁକରି ପୋଲିସ ତଦନ୍ତ କରୁଛି।

ସୂଚନା ଅନୁସାରେ ଅଞ୍ଜୁ ତାଙ୍କ ସ୍ୱାମୀଙ୍କ ଘର ଛାଡ଼ି ତାଲଭଟାପଡ଼ାର ଅନ୍ୟ ଜଣକଙ୍କ ସହ ଗତ ୬ ମାସ ହେଲା ବୁର୍ଲାରେ ରହୁଥିଲେ। ବୁଧବାର ପୂର୍ବାହ୍ନ ୧୧ଟାରେ ବୁର୍ଲାରୁ ସମ୍ବଲପୁର ଯିବା ବାଟରେ ଜାତୀୟ ରାଜପଥ(୫୩) ବାମପାର୍ଶ୍ୱସ୍ଥ ମହାନଦୀ ବ୍ରିଜ୍ ଉପରେ ଚଢ଼ି ଡେଇଁବାକୁ ଉଦ୍ୟମ କରୁଥିଲେ। ଭାଇରାଲ ହୋଇଥିବା ଏକ ଭିଡିଓରେ ମହିଳା ଜଣଙ୍କ ନଦୀକୁ ଡେଇଁବା ପୂର୍ବରୁ ବ୍ରିଜ୍ ବାଡ଼ ଉପରେ ଚଢ଼ିଥିବା ଦେଖି କେତେଜଣ ପଥଚାରୀ ତାଙ୍କୁ ବୁଝାଶୁଝା କରିଥିଲେ। ହେଲେ ସେ କାହା କଥା ନ ଶୁଣି ମହାନଦୀକୁ ଡେଇଁ ପଡ଼ିଥିଲେ। ଦମକଳ ବାହିନୀ ପହଞ୍ଚି ନଦୀରୁ ଅଞ୍ଜୁଙ୍କ ମୃତଦେହ ବାହାର କରିଥିଲେ।


ନଦୀକୁ ଡେଇଁବା ପୂର୍ବରୁ ବ୍ରିଜ୍ ଉପରେ ଚଢ଼ିଥିବା ମହିଳା।

# କଂଗ୍ରେସରୁ ଇସ୍ତଫା ଦେଲେ ଜୟରାମ ପାଙ୍ଗି

**ପଟ୍ଟାଙ୍ଗି, ୧୮।୨(ଶରତ କୁମାର ଧଳ)**


ଜୟରାମ ପାଙ୍ଗି

କୋରାପୁଟର ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ ବୁଧବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। କଂଗ୍ରେସରେ ଯୋଗଦେବା ପରଠାରୁ ଦଳ ପାଇଁ ସମୟ ଦେଇ ପାରୁ ନ ଥିବା ଇସ୍ତଫାପତ୍ରରେ ସେ ଦର୍ଶାଇଛନ୍ତି। ବିଭିନ୍ନ ଦଳରେ ରହି ୪୮ବର୍ଷ ଧରି ରାଜନୀତି କରିଛି। ବର୍ତ୍ତମାନ ନିର୍ଦ୍ଦଳୀୟ ଭାବେ କାର୍ଯ୍ୟ କରି ଦଣ୍ଡକାରଣ୍ୟ ପର୍ବତମାଳା ବିକାଶ ପରିଷଦର କାର୍ଯ୍ୟକ୍ରମ ଓ ସ୍ୱତନ୍ତ୍ର ରାଜ୍ୟ ପାଇଁ ଲଢ଼େଇ ଜାରି ରଖିବି ବୋଲି ପାଙ୍ଗି କହିଛନ୍ତି। କଂଗ୍ରେସରୁ ଇସ୍ତଫା ନେଇ ଜିଲା ସଭାପତିଙ୍କଠାରୁ ଆରମ୍ଭ କରି ରାଜ୍ୟ ସଭାପତି ଏବଂ ବିଭିନ୍ନ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ପୋଷ୍ଟ କରି ଜଣାଇ ଦେଇଥିବା ସେ କହିଛନ୍ତି। ପ୍ରକାଶ ଯେ, ଜୟରାମ ପାଙ୍ଗି ଜନତା ପାର୍ଟିରୁ ବିଧାୟକଭାବେ ନିର୍ବାଚିତ ହୋଇ ରାଜନୀତି ଜୀବନ ଆରମ୍ଭ କରିଥିଲେ। ଏହାପରେ ବିଜେଡି, ଭାଜପା ଓ କଂଗ୍ରେସ ପ୍ରମୁଖରେ ଯୋଗଦେଇ ଜିଲା ଓ ରାଜ୍ୟ ସ୍ତରରେ ସାଙ୍ଗଠନିକ ଦାୟିତ୍ୱ ତୁଲାଇ ଆସୁଥିଲେ। ଜୟରାମ ପାଙ୍ଗି ଭାଜପା ଛାଡି କଂଗ୍ରେସରେ ଯୋଗ ଦେବାପରଠାରୁ ତାଙ୍କୁ ଏକପ୍ରକାର କୋଣଠେସା କରି ରଖାଯାଇଥିଲା। ନିର୍ବାଚିତ ହୋଇ ଆସିଥିବା ଏମ୍‌ପି କିମ୍ବା ବିଧାୟକ ତାଙ୍କୁ ଗୁରୁତ୍ୱ ଦେଉ ନ ଥିଲେ ବୋଲି ଆଲୋଚନା ହେଉଛି।

# କୋଇଲା ଖଣି ପାଇଁ ମେଶିନ ସର୍ଭେକୁ ତୀବ୍ର ବିରୋଧ

**ଛେଣ୍ଡିପଦା,୧୮।୨ (ଅଜିତ ଧଳ)**


ମେଶିନ ସର୍ଭେକୁ ମାରୁଡ଼ିପ ଗ୍ରାମବାସୀ ବିରୋଧ କରୁଛନ୍ତି।

ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲର ବୈତରଣୀ ପଶ୍ଚିମରେ ଥିବା କୋଡାନାଳି ଲୁବୁରୀ କୋଲ୍ ବ୍ଲକରେ କୋଇଲା ଖଣି ହେବ। ଏହି ଖଣି ସର୍ଭେ ପାଇଁ ୪୪ରୁ ଅଧିକ ବୋର୍‌ୱେଲ ଖନନ ଆବଶ୍ୟକ ରହିଥିବାବେଳେ ଏହି କୋଲ୍ ବ୍ଲକ୍ ପାଇଥିବା ଜିଏମ୍‌ଡିସି କମ୍ପାନୀ ପକ୍ଷରୁ ଏଥିପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଜିଏମ୍‌ଡିସି ପକ୍ଷରୁ ଏକ ଠିକା ସଂସ୍ଥା ବୁଧବାର ମେଶିନ ଧରି ଜଙ୍ଗଲ ନିକଟରେ ସର୍ଭେ ପାଇଁ ପହଞ୍ଚିବା ବେଳେ ଏହାକୁ କ୍ଷତିଗ୍ରସ୍ତ ହେବାକୁ ଥିବା ଗ୍ରାମବାସୀଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ଏହାକୁ ନେଇ ମାରୁଡ଼ିପ ଗାଁ ନିକଟରେ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏଠାରେ କୋଇଲା ଖଣି ହେଲେ ମାରୁଡ଼ିପ ସଂରକ୍ଷିତ ଜଙ୍ଗଲ ସମେତ କଣଲୋଇ ଓ ନୂଆଗାଁ ପଞ୍ଚାୟତ କ୍ଷତିଗ୍ରସ୍ତ ହେବ। ମାରୁଡ଼ିପ ଜଙ୍ଗଲରୁ ଗ୍ରାମବାସୀ ଦୀର୍ଘ ଶହେ ବର୍ଷ ହେବ ଉପକୃତ ହେଉଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଓ ବନବିଭାଗ କାହାକୁ ନ ଜଣାଇ ଏହି ଜଙ୍ଗଲରେ କୋଇଲା ଖଣି ପାଇଁ ଯୋଜନା ଚଳାଇଛନ୍ତି। ଏହି ଜଙ୍ଗଲ ହାତୀଙ୍କ ବାସସ୍ଥାନ ହୋଇଥିବା ବେଳେ ଏଠାରେ କୋଇଲା ଖଣି ହେଲେ ହାତୀପଲ ଗାଁରେ ପଶିବେ। ତେଣୁ ଏଠାରେ କୋଇଲା ଖଣି କରାଇ ଦିଆଯିବ ନାହିଁ। ଗ୍ରାମକୁ ସର୍ଭେ ପାଇଁ ଆସିଥିବା ବୋର୍ ମେଶିନକୁ ଗ୍ରାମବାସୀ ଅଟକାଇବା ସହିତ ସପକ୍ଷବାଦୀ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ପୋଲିସ ଗାଁରେ ପହଞ୍ଚି ସର୍ଭେ ମେଶିନକୁ ଗାଁରୁ ବାହାର କରିଦେଇଥିଲେ। ମେଶିନ ଗାଁରୁ ବାହାର କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ସମ୍ପର୍କରେ କଣଲୋଇ ସରପଞ୍ଚ ଜନ୍ମେଞ୍ଜୟ ମାଝୀ କହିଛନ୍ତି, ପଞ୍ଚାୟତବାସୀ ଓ ଜଙ୍ଗଲ କମିଟିକୁ ନ ଜଣାଇ ସର୍ଭେ ପାଇଁ ଉଦ୍ୟମ କରାଯାଇଥିଲା। ଏହାକୁ ବିରୋଧ କରାଯାଇଛି। ଏଠାରେ କୌଣସି କୋଇଲା ଖଣି କରାଯାଇ ଦିଆଯିବ ନାହିଁ। ବାଗେଡିଆ ଥାନା ଏଏସ୍‌ଆଇ ଅଜୟ କୁମାର ସ୍ୱାଇଁ କହିଛନ୍ତି, ବର୍ତ୍ତମାନ କାମ ସ୍ଥଗିତ ରଖାଯାଇଛି। ଗ୍ରାମବାସୀ, କମ୍ପାନୀ ଓ ପ୍ରଶାସନକୁ ନେଇ ଆଲୋଚନା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ।

# 'ପଞ୍ଚାୟତ, ପୌରସଂସ୍ଥା ନିର୍ବାଚନରେ ପଛୁଆବର୍ଗଙ୍କ ସଂରକ୍ଷଣ ବ୍ୟବସ୍ଥା ଅଣାଯାଉ'

**ଭୁବନେଶ୍ୱର, ୧୮।୨(ସୁନିତ୍ ମିଶ୍ର)**

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଶ୍ରୀକାନ୍ତ

ନବଗଠିତ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଏବଂ ପୌରସଂସ୍ଥାଗୁଡ଼ିକରେ ହେବାକୁ ଥିବା ସ୍ଥାନୀୟ ସ୍ୱାୟତ୍ତ ଶାସନ ନିର୍ବାଚନ ବିଷୟ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଙ୍ଗଳବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଏକ ଚିଠି ଲେଖିଛନ୍ତି। ଚିଠିରେ ଶ୍ରୀକାନ୍ତ ଉଲ୍ଲେଖ କରିଛନ୍ତି, ରାଜ୍ୟ ପଞ୍ଚାୟତ ଓ ପୌରସଂସ୍ଥାଗୁଡିକରେ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି। ମାତ୍ର ପଛୁଆବର୍ଗଙ୍କ ପାଇଁ କୌଣସି ସଂରକ୍ଷଣ ନାହିଁ। ବହୁଦିନରୁ ପଛୁଆବର୍ଗଙ୍କ ପକ୍ଷରୁ ଏନେଇ ଦାବି ହୋଇଆସୁଥିଲେ ମଧ୍ୟ ସରକାର ଏହାକୁ ଉପେକ୍ଷା କରିଛନ୍ତି। ଅପରପକ୍ଷରେ ଅନ୍ୟ ରାଜ୍ୟଗୁଡିକରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବର୍ଗଙ୍କ ସହ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି। ଓଡ଼ିଶାରେ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ନ ରହିବା ସାମାଜିକ ନ୍ୟାୟ ପ୍ରତି ଏକ ଉପହାସ। ଏହି ପରିପ୍ରେକ୍ଷୀରେ ଆଗାମୀ ସ୍ୱାୟତ୍ତ ଶାସନ ନିର୍ବାଚନ ପୂର୍ବରୁ ପଛୁଆବର୍ଗ ସମୁଦାୟଙ୍କ ପାଇଁ ସଂଖ୍ୟାନୁପାତିକ ଆସନ ସଂରକ୍ଷଣ ନିଶ୍ଚିତ କରିବା ସହ ଏହାର ଆଇନଗତ ପ୍ରକ୍ରିୟା ଆରମ୍ଭ ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ। ଚଳିତ ବିଧାନସଭା ଅଧିବେଶନରେ ଆବଶ୍ୟକ ବିଧେୟକ କିମ୍ବା ସଂଶୋଧନ ଆଗତ ଏବଂ ଗୃହୀତ କରିବାକୁ ଶ୍ରୀକାନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।







ସ୍ୱର୍ଗଟିଏ ନିର୍ମାଣ କରିବା କେଡେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ। କାରଣ– ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ।–ଶ୍ରୀଅରବିନ୍ଦ

-ରମଜାନ୍ ମାସ ଆରମ୍ଭ,
ରାମକୃଷ୍ଣ ପରମହଂସ
ଜୟନ୍ତୀ ଓ ଶରଣ ଶେଷ



# ଚିତାରେ ସତୀ



ଦେବଦତ୍ତ ପଟ୍ଟନାୟକ

ୟୁରୋପରେ ସଇତାନଙ୍କୁ ପୂଜା କରୁଥିବା ସନ୍ଦେହରେ ମହିଳାଙ୍କୁ ଡାହାଣୀ ଆଖ୍ୟା ଦେଇ ଖ୍ରୀଷ୍ଟିଆନ୍ ଧର୍ମଯାଜକମାନେ ସେମାନଙ୍କୁ ଜିଅନ୍ତା ପୋଡ଼ିଦେଉଥିଲେ। ଆରବରେ ଇସ୍‌ଲାମ ଛାଡ଼ିବାକୁ ମନା କରୁଥିବା ଲୋକଙ୍କୁ ଏକ ଖାଲରେ ପୋଡ଼ି ଦିଆଯାଉଥିଲା। ଏଭଳି ମୃତ୍ୟୁକୁ ପସନ୍ଦ କରୁଥିବା ଲୋକ ଶହୀଦ ହେଉଥିଲେ। ଧର୍ମୀୟ ବିଶ୍ୱାସକୁ ଦେଖିଲେ ମୃତ୍ୟୁର ରଙ୍ଗମଞ୍ଚ ମାନବ ସଂସ୍କୃତିର ଏକ ବଡ଼ ଅଂଶ ହୋଇ ରହିଛି। ଏହି ପରିପ୍ରେକ୍ଷୀରେ ଭାରତର ସତୀଦାହ ପ୍ରଥା କଥାକୁ ଦେଖାଯାଉ। ଉକ୍ତ ପ୍ରଥାନୁଯାୟୀ ହିନ୍ଦୁ ବିଧବା ଚିତାରେ ଝାସ ଦେଉଥିଲେ। ୧୮୯୨ରେ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ସତୀ ପ୍ରଥାକୁ ବନ୍ଦ କରିବାକୁ ଏକ ଆଇନ ପ୍ରଣୟନ କରିଥିଲା। ଖ୍ରୀଷ୍ଟଧର୍ମ ପ୍ରଚାରକମାନେ ବହୁ ଦିନ ଧରି ୟୁରୋପୀୟ ଦେଶଗୁଡ଼ିକରେ ଏହି ପ୍ରଥାକୁ ସାମ୍ନାକୁ ଆଣିବା ସହ ବିରୋଧ କରୁଥିଲେ। ସେମାନଙ୍କ ଯୁକ୍ତି ଥିଲା, ଭାରତୀୟ ଦର୍ଶନ ଶ୍ରେଷ୍ଠ ହେଲେ ମଧ୍ୟ ଭାରତ ଏକ ବର୍ବର ଭୂମି ଏବଂ ଏହାର ସଭ୍ୟତାକୁ ବଞ୍ଚାଇବା ଦରକାର। ତେବେ ଏକ ଦଶନ୍ଧି ପରେ ଇଂରେଜ ସରକାରଙ୍କ ପ୍ରତିବନ୍ଧକକୁ ଅସ୍ୱୀକାର କରି ଶିଖ୍ ସାମ୍ରାଜ୍ୟରେ ରାଜା ରଣଜିତ୍ ସିଂହଙ୍କ ଚିତାଗ୍ନିରେ ଚାରି ଜଣ ରାଜପୁତ ରାଣୀ ଏବଂ ସାତ ଜଣ ଦାସୀ ଝାସ ଦେଇଥିଲେ। ଏକ କଙ୍ଗଡ଼ା ଚିତ୍ରକଳାରେ ଏହି ଘଟଣା ଦେଖିବାକୁ ମିଳେ।

୧୮୬୧ରେ ମାଇକେଲ ମଧୁସୂଦନ ଦତ୍ତ ମେଘନାଦ ବଧ ଗୀତିନାଟ୍ୟ ରଚନା କରିଥିଲେ। ଏଥିରେ ସେ ରାବଣର ପୁତ୍ରବଧୂ ତଥା ଇନ୍ଦ୍ରଜିତଙ୍କ ବିଧବା ରାଣୀ ପ୍ରମିଳାଙ୍କ ସତୀତ୍ୱର କାହାଣୀ ବର୍ଣ୍ଣନା କରିଥିଲେ। ବାସ୍ତବରେ ଏହାର ମୂଳ କାହାଣୀ ୭୦୦ ବର୍ଷ ପୁରୁଣା ତେଲୁଗୁ ରଙ୍ଗନାଥ ରାମାୟଣରେ ଉଲ୍ଲେଖ କରାଯାଇଥିଲା। ଏପରିକି ସତୀ ପ୍ରଥା ବନ୍ଦକୁ ସମର୍ଥନ କରୁଥିବା ହିନ୍ଦୁ ସମାଜ ସଂସ୍କାରକମାନେ ମଧ୍ୟ ଏହି ବେଙ୍ଗଲୀ ଗୀତିନାଟ୍ୟକୁ ପ୍ରଶଂସା କରିବା ତାହାକୁ ସାହିତ୍ୟର ଉତ୍କୃଷ୍ଟ କୃତି ବୋଲି କହିଥିଲେ।

ନାରୀମାନେ ସେମାନଙ୍କ ସ୍ୱାମୀଙ୍କ ମୃତଦେହ ସହ କିମ୍ବା ମୃତଦେହ ନ ଥାଇ ଅଗ୍ନିରେ ଝାସ ଦେଇ 'ସତୀ' ହେଉଥିଲେ। ତେବେ ଏହି ପରମ୍ପରା ଭାରତରେ କେବେଠୁ ପ୍ରଚଳିତ ହୋଇଛି ତାହା କେହି ଠିକ୍ ଭାବେ କହିପାରନ୍ତି ନାହିଁ। ସତୀ ଶବ୍ଦର ଅର୍ଥ ପତିବ୍ରତା ନାରୀ। ସତୀ ପ୍ରଥା ଅତ୍ୟନ୍ତ ଅମାନବୀୟ। ସତୀ ସିଦ୍ଧାନ୍ତରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବ୍ୟତୀତ ଅନ୍ୟ କାହା କଥା ବି ଚିନ୍ତା କରେ ନାହିଁ। ସତୀ ନାରୀର ଅଲୌକିକ ଶକ୍ତି ଏବଂ ସେ ଅଧାଗଢ଼ା ମାଠିଆରେ ପାଣି କାଢ଼ି



ପାରୁଥିଲେ। ଏଭଳି କଥା ସତୀ ରେଣୁକାଙ୍କ କାହାଣୀରେ ବର୍ଣ୍ଣନା କରାଯାଇଛି। ସତୀ ନାରୀ ସୂର୍ଯ୍ୟ ଉଦୟକୁ ଅଟକାଇ ଦେଇପାରୁଥିବା କଥା ସତୀ ଶିଳାବତୀ କାହାଣୀରେ ଉଲ୍ଲେଖ ଅଛି। ସତୀ ସାବିତ୍ରୀ ଯମ କବଳରୁ ତାଙ୍କ ସ୍ୱାମୀଙ୍କୁ ରକ୍ଷା କରିପାରିଥିଲେ। ଏଣୁ ଏହା ଗ୍ରହଣ କରି ନିଆଗଲା ଯେ, ଜଣେ ସତୀ ନାରୀ ତାଙ୍କ ସ୍ୱାମୀଙ୍କୁ ମୃତ୍ୟୁରୁ ରକ୍ଷା କରିପାରିବ।

ସତୀ ପ୍ରଥା ସମ୍ପର୍କରେ ବୈଦିକ ସାହିତ୍ୟରେ କୌଣସି ବର୍ଣ୍ଣନା ନାହିଁ। କେବଳ ଋକ୍‌ବେଦରେ ଉଲ୍ଲେଖ ରହିଛି ଯେ, ଜଣେ ବିଧବା ତାଙ୍କ ସ୍ୱାମୀଙ୍କ ମୃତଦେହ କଡ଼ରେ ଶୋଇ ରହିବା ପରେ ଅନ୍ୟ ଜଣେ ପୁରୁଷଙ୍କୁ ବିବାହ କରି ପୁନର୍ବାର ନୂଆ ଜୀବନ ଗଢ଼ନ୍ତି। ଏଭଳି ସିଦ୍ଧାନ୍ତ ଉତ୍ତର ଭାରତର ପଶୁପାଳକ ଗୋଷ୍ଠୀର 'ଚାଦର ଚଢ଼ାଣ' ପରମ୍ପରାରେ ଦେଖିବାକୁ ମିଳେ ଏବଂ ଏଥିରେ ଜଣେ ବିଧବା ତାଙ୍କ ସ୍ୱାମୀଙ୍କ ସମ୍ପର୍କୀୟଙ୍କୁ ବିବାହ କରନ୍ତି। ଇହୁଦୀ ବାଇବେଲ୍‌ରେ ମଧ୍ୟ ଏହି ପ୍ରକାର ପରମ୍ପରା ଦେଖିବାକୁ ମିଳେ, ଯେଉଁଠି ତମାର (ରାଜା ଡାଭିଡ୍‌ଙ୍କ କନ୍ୟା ତଥା ଜୁଦାଙ୍କ ପୁତ୍ରବଧୂ)ଙ୍କ ସହ ତାଙ୍କ ଦିଅରଙ୍କ ବିବାହକୁ ବାଧ କରାଯାଇଥିଲା। ତେବେ ବିଧବାଙ୍କ କୌଣସି ପ୍ରଭାବ ନ ଥିବାରୁ ଏଭଳି ପୁନଃ ବିବାହକୁ ନାରୀ ଅଧିକାର ପାଇଁ ଲଢ଼ୁଥିବା ବ୍ୟକ୍ତିମାନେ ପୁରୁଷପ୍ରାଧାନ୍ୟ ସାମାଜିକ ବ୍ୟବସ୍ଥା ବୋଲି ବିଚାର କରୁଥିଲେ।

ବ୍ରାହ୍ମଣ ଓ ରାଜପୁତ ବର୍ଗର ଲୋକେ ପୁନର୍ବିବାହକୁ ନିମ୍ନ ଜାତିର ପରମ୍ପରା ଭାବେ ଦେଖୁଥିଲେ ଏବଂ ଗ୍ରହଣ କରୁ ନ ଥିଲେ। ଜଣେ ଉଚ୍ଚଜାତିର ବିଧବା ତାଙ୍କ ସ୍ୱାମୀଙ୍କ ଚିତାରେ ଝାସ ନ ଦେଇ ଲଣ୍ଡା ହୋଇ ଶରୀରକୁ ଗହଣାରେ ଢାଙ୍କି ହେବା ସହ ବିନା ଲୁଣ କିମ୍ବା ମସଲାରେ ପ୍ରସ୍ତୁତ ଖାଦ୍ୟ ଖାଇଲେ ହିଁ ତାଙ୍କୁ ସମ୍ମାନ ମିଳୁଥିଲା। ସେ ଏକାକୀ ମଥୁରା ଓ ବୃନ୍ଦାବନର ମନ୍ଦିରଗୁଡ଼ିକରେ ରହୁଥିଲେ। ଷୋଡ଼ଶ ଶତାବ୍ଦୀରେ ଏଭଳି ଘଟିଥିଲା ରାଜପୁତ ରାଜକୁମାରୀ ମୀରାଙ୍କ ଜୀବନରେ। ସେ ସତୀ ହେବା ପାଇଁ ମନା କରିଦେଇ ତାଙ୍କ ପରିବାରକୁ ଅପମାନିତ କରିଥିଲେ ଏବଂ କୃଷ୍ଣ ଭଜନ ଗାଇବାରେ ବାକି ଜୀବନ କଟାଇ ଦେଇଥିଲେ। ଫଳରେ ମୀରାଙ୍କ ପରିବାର ଓ ସମ୍ପର୍କୀୟମାନେ ତାଙ୍କୁ ସମସ୍ୟାରେ ପକାଇବାକୁ ଚେଷ୍ଟା କରିବାରୁ ଅଲୌକିକ ଭାବେ ସେ ଦ୍ୱାରକାରେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ।

ନେପାଳ, କେନ୍ଦ୍ର ଓ ପଶ୍ଚିମ ଭାରତରୁ ମିଳିଥିବା ୧୬୦୦ ବର୍ଷ ପୁରୁଣା ପୁରାତନ ପ୍ରତ୍ନତାତ୍ତ୍ୱିକ ଓ ଶିଳାଲେଖରୁ ବିଧବା ନିଆଁରେ ଝାସ ଦେଇ ମୃତ୍ୟୁବରଣ କରିବାର ପ୍ରମାଣ ମିଳେ। ସେହି ସମୟରେ ରାଜା ସାତବାହନ ଗୋଦାବରୀ ନଦୀ ଅବବାହିକାକୁ ଅଧିକାର କରିଥିଲେ। ସେତେବେଳର ଏକ ତାମିଲ ସଙ୍ଗମ କବିତାରେ ମଧ୍ୟ ଏହାର ବର୍ଣ୍ଣନା ରହିଛି। ସେଥିରେ ଜଣେ ବିଧବା ଯାହା କହିଛନ୍ତି, ତାହା ହେଉଛି– ''ମୋଟା କାଠଗଣ୍ଡିର ଚିତା ବା ଅଗ୍ନିଶିଖା ତୁମକୁ ଡରାଇଦେବ, କିନ୍ତୁ ମୋ ସହିତ ବୀର ସ୍ୱାମୀ ରହିଥିବାରୁ ତା' ପ୍ରତି ଭୟ ନାହିଁ। ଏକ ପଦ୍ମପୋଖରୀ ଏବଂ ଏକ ଅଗ୍ନିଶିଖାର ବେଦି ଉଭୟ ମୋ ପାଇଁ ସମାନ (ପୁରାଣନୁରୁ, ୨୪୬)।'' ସେହି ସମୟର ପ୍ରକୃତି ସାହିତ୍ୟର ଗହା ସତ୍ତାସି (କବିତା ୪୦୭)ରେ ଚିତାରେ ନିଜ ସ୍ୱାମୀକଡ଼ରେ ଥିବା ଜଣେ ବିଧବା ଶରୀରରୁ ବୁନ୍ଦାବୁନ୍ଦା ଜଳ ନିଗିଡ଼ି ଚିତାକୁ ଲିଭାଇଦିଏ ବୋଲି ବର୍ଣ୍ଣନା ରହିଛି। ପ୍ରାୟ ୧୩୦୦ ବର୍ଷ ପୂର୍ବର ପୁରାତନ ବ୍ରାହ୍ମଣୀୟ ଗ୍ରନ୍ଥ (ପରାଶର ଓ ବିଷ୍ଣୁ ଧର୍ମଶାସ୍ତ୍ର)ରେ ସତୀ ପ୍ରଥା ସମ୍ପର୍କରେ ଉଲ୍ଲେଖ ରହିଛି। ଏହାକୁ ସତୀତ୍ୱ ବଜାୟ ରଖିବା ଏବଂ ସ୍ୱର୍ଗକୁ ଯିବାର ପଥ ଭାବେ ଦର୍ଶାଯାଇଛି। ହେଲେ ଏହି ପ୍ରଥା କେବଳ ଯୋଦ୍ଧା ସମୁଦାୟଙ୍କ ମଧ୍ୟରେ ସୀମିତ ରହିଥିଲା ଏବଂ ଏଥିରେ ସେମାନଙ୍କୁ ସମ୍ମାନ ମିଳୁଥିଲା। ରାଜସ୍ଥାନ, କେନ୍ଦ୍ର ଭାରତ, ନର୍ମଦା ଅବବାହିକା ଏବଂ ଓଡ଼ିଶା ପର୍ଯ୍ୟନ୍ତ ରହିଥିବା ସତୀ ପଥରରୁ ଏହାର ସଙ୍କେତ ମିଳେ। ମହମ୍ମଦ ତୋଗଲକ ପ୍ରଥମ ରାଜା ଭାବେ ଚତୁର୍ଦ୍ଦଶ ଶତାବ୍ଦୀରେ ଏହାକୁ ଔପଚାରିକ ଭାବେ ବିରୋଧ କରିଥିଲେ। କିନ୍ତୁ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ମରାଠା ଓ ରାଜପୁତମାନେ ସତୀ ଝାସ ଦେଇଥିବା ସ୍ଥାନରେ ସ୍ମାରକ ନିର୍ମାଣ କରିଥିଲେ। ପାଖାପାଖି ୩୦୦ ବର୍ଷ ପୂର୍ବେ ପଶ୍ଚିମବଙ୍ଗର କୁଳୀନ ବ୍ରାହ୍ମଣମାନେ ଏହି ପ୍ରଥାକୁ ଗ୍ରହଣ କରିଥିଲେ। ଜାତି ଶୁଦ୍ଧତାର ସେବାରେ ନିଃସନ୍ତାନ ବାଲ୍ୟ ବିଧବାଙ୍କ ପାଇଁ ପୂଜକ ଗୋଷ୍ଠୀଙ୍କ ଦ୍ୱାରା ଏହା ଯୁକ୍ତିଯୁକ୍ତ ଥିଲା। ସେଥିପାଇଁ ବ୍ରିଟିଶ୍ ଧର୍ମଯାଜକମାନେ ୟୁରୋପରେ ଜୋରସୋର ପ୍ରଚାର କରବା ସହ ଏହା ଉପରେ ପ୍ରତିବନ୍ଧକ ଲଗାଇବାକୁ ଚାହିଁଥିଲେ।

–devduttofficial@gmail.com

# ପୁରୁଷ, ନାରୀ ଓ ସଭ୍ୟତା



ପ୍ରଭାତ କୁମାର ବୈଦ୍ୟ

ଓଡ଼ିଶା ଆଜି ନିଜକୁ ଉନ୍ନତି ପଥରେ ଆଗେଇ ନେବାକୁ ଦୃଢ଼ ଚେଷ୍ଟା କରୁଛି। ନୂଆ ରାସ୍ତା, ବଡ଼ ବଡ଼ କୋଠା, ଶିଳ୍ପ ପାର୍କ, ଡିଜିଟାଲ ସେବା, ସରକାରୀ ଯୋଜନାସବୁକୁ ନେଇ ଉନ୍ନତିର ଦାବି କରାଯାଉଛି। ଜିଡିପି ରିପୋର୍ଟ ଓ ପୁରସ୍କାର ମାଧ୍ୟମରେ ଓଡ଼ିଶାକୁ ଏକ ପ୍ରଗତିଶୀଳ ରାଜ୍ୟ ଭାବେ ପ୍ରତିଷ୍ଠା କରାଯାଉଛି। କିନ୍ତୁ ଏହି ସମସ୍ତ ଆଡମ୍ବର ଭିତରେ ଗୋଟିଏ ମୂଳ ପ୍ରଶ୍ନ ଅନୁତ୍ତରିତ ରହିଯାଉଛି ସଭ୍ୟତା କ'ଣ କେବଳ ଢାଞ୍ଚାଗତ ଉନ୍ନତିରେ ମପାଯାଏ? ସଭ୍ୟତାର ପ୍ରକୃତ ମାପକ ହେଉଛି ଏକ ସମାଜ ମନୁଷ୍ୟକୁ କିପରି ଦେଖେ ବିଶେଷକରି ପୁରୁଷ ଓ ନାରୀଙ୍କୁ। ଶକ୍ତିଶାଳୀ ଅର୍ଥନୀତି ଥିଲେ ମଧ୍ୟ ଯଦି ନାରୀ ଅସୁରକ୍ଷିତ ଓ ପୁରୁଷ ନୀରବ ଯନ୍ତ୍ରଣାରେ ବଞ୍ଚେ, ତେବେ ସେ ସମାଜକୁ ସଭ୍ୟ ବୋଲି କହିବା କେତେ ଯୁକ୍ତିଯୁକ୍ତ? ଓଡ଼ିଶାର ଗାଁଠାରୁ ସହର ପର୍ଯ୍ୟନ୍ତ ନାରୀ ଆଜି ଅନେକ ଭୂମିକାରେ ଦେଖାଯାଉଛି। ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ସେ ଆର୍ଥିକ ସ୍ୱାଧୀନତା ଦିଗକୁ ଆଗେଇଛି। ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ମିଶନ ଶକ୍ତିର ମା'ମାନେ ସମାଜର ମୂଳ ଢାଞ୍ଚାକୁ ଧରି ରଖିଛନ୍ତି। କାର୍ଯ୍ୟସ୍ଥଳ, ପ୍ରଶାସନ, ଶିକ୍ଷା, ଚିକିତ୍ସା, କ୍ରୀଡ଼ାସବୁ କ୍ଷେତ୍ରରେ ଓଡ଼ିଆ ନାରୀ ନିଜ ସାମର୍ଥ୍ୟ ପ୍ରମାଣ କରୁଛି।

ତଥାପି, ଦୈନିକ ଖବରକାଗଜର ପୃଷ୍ଠା ଖୋଲିଲେ ଦେଖାଯାଏ ସେଥିରେ ଗଭୀର ବିରୋଧାଭାସ ରହିଛି। ନାରୀ ଉପରେ ହିଂସା, ଯୌନ ଉତ୍ପୀଡ଼ନ, ଗୃହହିଂସା, ମନୋବୃତ୍ତିକ ନିର୍ଯାତନା, ଅସୁରକ୍ଷା ଏସବୁ ଖବର ଆଜି ମଧ୍ୟ ଥମିନାହିଁ। ଆଇନ ରହିଛି, ଯୋଜନା ରହିଛି, ସ୍ଲୋଗାନ ରହିଛି; କିନ୍ତୁ ମନୋଭାବ କେତେ ଦୂର ବଦଳିଛି? ନାରୀକୁ ଆଜି ମଧ୍ୟ ଅନେକ ସମୟ ସମ୍ମାନ ନାମରେ ନିୟନ୍ତ୍ରଣ କରାଯାଉଛି। ସେ କ'ଣ ପିନ୍ଧିବ, କେଉଁଠି ଯିବ, କେତେ ଡେରିରେ ଫେରିବ ଏହି ପ୍ରଶ୍ନଗୁଡ଼ିକ ତା'ର ସ୍ୱାଧୀନତାକୁ ଧୀରେ ଧୀରେ ଛଡେଇ ନେଉଛି। ସଭ୍ୟତା ଯଦି ନାରୀକୁ ସୁରକ୍ଷା ଦେବାରେ ଅସମର୍ଥ, ତେବେ ଉନ୍ନତି କାହା ପାଇଁ?

ଅନ୍ୟ ପଟେ, ପୁରୁଷକୁ ନେଇ ଥିବା ସାମାଜିକ ଆଶା ମଧ୍ୟ ଅତ୍ୟନ୍ତ କଠୋର ଓ ଅମାନବୀୟ। ଓଡ଼ିଆ ସମାଜରେ ପୁରୁଷକୁ ଆଜି ମଧ୍ୟ ଦେଖାଯାଏ ଅର୍ଥ ଅର୍ଜନକାରୀ, ପରିବାରର ସମସ୍ତ ଦାୟିତ୍ୱର ବୋଝ ବୋହୁଥିବା ମଣିଷ, ଯିଏ କେବେ କ୍ଲାନ୍ତ ହୁଏନି, କେବେ କାନ୍ଦେନି, କେବେ ଦୁର୍ବଳ ହୁଏନି। ଏହି ପୁରୁଷତ୍ୱର ସଂଜ୍ଞା ଅନେକ ପୁରୁଷଙ୍କୁ ଭିତରୁ ଭାଙ୍ଗିଦେଉଛି। ବେକାରି, ଋଣଭାର, କାମର ଚାପ, ପାରିବାରିକ ଦାୟିତ୍ୱ, ସାମାଜିକ ଆଶା ଏସବୁ ମଧ୍ୟରେ ପୁରୁଷର ମାନସିକ ସ୍ୱାସ୍ଥ୍ୟ ଆଜି ଏକ ଅଣଦେଖା ସମସ୍ୟା। ସେ ଯଦି କହେ ମୁଁ ଭଲ ନାହିଁ, ସମାଜ ହସିଦେଉଛି। ସେ ଯଦି କାନ୍ଦେ, ତା'କୁ ଦୁର୍ବଳ ବୋଲି ଚିହ୍ନଟ କରାଯାଏ। ଏହି ନୀରବତା ଓ ଅସ୍ୱୀକୃତି ଅନେକ ସମୟ ଭୟାବହ ପରିଣାମ ଆଣୁଛି ଆତ୍ମହତ୍ୟା, ଆସକ୍ତି, ହିଂସା।

ଦୁଃଖର କଥା, ଆଜି ଲିଙ୍ଗଭିତ୍ତିକ ଆଲୋଚନା ଧୀରେ ଧୀରେ ସମାଧାନମୂଳକ ନ ହୋଇ, ମୁହାଁମୁହିଁର ରୂପ ନେଉଛି। ନାରୀ ସଶକ୍ତୀକରଣର କଥା ହେଲେ କିଛି ଲୋକ ଭାବନ୍ତି ପୁରୁଷକୁ ଦୋଷୀ କରିବା ହିଁ ଏହାର ଉଦ୍ଦେଶ୍ୟ। ପୁରୁଷ ସମସ୍ୟା ଉପରେ କଥା ହେଲେ ତାକୁ ନାରୀ ବିରୋଧୀ ଭାବେ ଦେଖାଯାଏ। ଏହି ଚିନ୍ତାଧାରା ସଭ୍ୟତାକୁ ଆଗକୁ ନୁହେଁ, ପଛକୁ ଟାଣୁଛି।

ନାରୀ ସଶକ୍ତୀକରଣର ଅର୍ଥ ପୁରୁଷକୁ ପଛକୁ ଠେଲିଦେବା ନୁହେଁ। ଏବଂ ପୁରୁଷ ଯନ୍ତ୍ରଣାକୁ ସ୍ୱୀକାର କରିବାର ଅର୍ଥ ନାରୀ ଉପରେ ହେଉଥିବା ଅନ୍ୟାୟକୁ ଅସ୍ୱୀକାର କରିବା ମଧ୍ୟ ନୁହେଁ। ସଭ୍ୟତା କେବେ ଏକ ପକ୍ଷର ଜୟରେ ଗଢ଼ିଉଠେନି; ସେ ସମବେଦନା, ସମତା ଓ ପରସ୍ପର ବୁଝାମଣାରେ ଗଢ଼ିଉଠେ। ଓଡ଼ିଶାର ଭବିଷ୍ୟତ ସେଠି ନିର୍ଭର କରେ, ଯେଉଁଠାରେ ନାରୀ ରାସ୍ତାରେ ଚାଲିବାବେଳେ ଭୟଭୀତ ହୁଏ ନାହିଁ, ଆଉ ପୁରୁଷ ନିଜ ଦୁର୍ବଳତା କହିବାକୁ ଲଜ୍ଜା ବୋଧ କରେ ନାହିଁ। ଯେଉଁଠାରେ ପିଲାମାନେ ଶିଖନ୍ତି ସମ୍ମାନ ଜନ୍ମସିଦ୍ଧ, ଲିଙ୍ଗଭିତ୍ତିକ ଦୟା ନୁହେଁ।

ଏହି ପରିବର୍ତ୍ତନ କେବଳ ଆଇନ, ପୋଲିସ ବା ଯୋଜନା ଦ୍ୱାରା ସମ୍ଭବ ନୁହେଁ। ଏହା ପାଇଁ ପରିବାରରୁ ଆରମ୍ଭ କରି ଶିକ୍ଷା ପ୍ରଣାଳୀ, ସାମାଜିକ ଆଲୋଚନା, ମାଧ୍ୟମର ଭୂମିକା ସବୁଠାରେ ମନୋଭାବର ପରିବର୍ତ୍ତନ ଆବଶ୍ୟକ। ଝିଅକୁ ସାହସୀ ଓ ପୁଅକୁ ସମବେଦନଶୀଳ ହେବା ଶିଖାଇବା ହିଁ ସତ୍ୟ ସଭ୍ୟତାର ଆରମ୍ଭ। ପୁରୁଷ ଓ ନାରୀ ଦୁହେଁ ସଭ୍ୟତାର ଦୁଇଟି ସମାନ ଶକ୍ତିଶାଳୀ ସ୍ତମ୍ଭ। ଏକକୁ ଦୁର୍ବଳ କରି ଅନ୍ୟକୁ ସଶକ୍ତ କରାଯାଇପାରେ ନାହିଁ। ଯେଦିନ ଆମେ ଏହି ସତ୍ୟକୁ ହୃଦୟଙ୍ଗମ କରିବୁ, ସେଦିନ ଓଡ଼ିଶା କେବଳ ଉନ୍ନତ ନୁହେଁ ସତ୍ୟରେ ସଭ୍ୟ ହେବ।

**କାଶୀପୁର, ରାୟଗଡ଼ା**
**ମୋ: ୯୦୭୮୧୭୫୧୪୮**

## ଏଇ ଭାରତରେ

ପରିବେଶ ସଚେତନ ବ୍ୟକ୍ତି ଓ ସଙ୍ଗଠନଗୁଡ଼ିକର ସଂଖ୍ୟା ଏବେ ବଢ଼ିବାରେ ଲାଗିଛି। ସେଥିମଧ୍ୟରେ କୋଟାର ଯୁବ ସ୍ୱେଚ୍ଛାସେବୀମାନେ ନିଜକୁ ସାମିଲ କରିପାରିଛନ୍ତି। ସେମାନେ କୋଟା ସହରକୁ ସ୍ୱଚ୍ଛ ରଖିବା ସକାଶେ ସେଠାକାର ହ୍ରଦ ଓ ରାସ୍ତାଘାଟ ସଫା କରୁଛନ୍ତି। ଏହି ଯବଗୋଷ୍ଠୀଙ୍କ ମଧ୍ୟରେ ଅନେକେ ବିଭିନ୍ନ ବୃତ୍ତିରେ ନିୟୋଜିତ ଥିବାରୁ ପ୍ରତି ରବିବାର ସେମାନେ ସଫେଇ ଅଭିଯାନ ଚଳାଉଛନ୍ତି। 'ପେହେଲ ଏକ୍ କଦମ୍' ନାମରେ ଏହି ଅଭିଯାନ ଚାଲିଛି। ଯୁବ ସ୍ୱେଚ୍ଛାସେବୀମାନେ ଏବେ ସୁଦ୍ଧା ୩୦ଟି ମନ୍ଦିର ଓ ୪୫ଟି ସାର୍ବଜନୀନ ସ୍ଥାନରେ ମୋଟ ୭୫ଟି ସଫେଇ ଅଭିଯାନ ଶେଷ କରିସାରିଲେଣି। କୋଟା କମ୍ୟୁନିଟିର ଗୁଲ୍‌ସନ ମାନୱାନି ପ୍ରଥମେ ୫ ଯୁବକଙ୍କୁ ନେଇ ଏହି ସଫେଇ ଅଭିଯାନ ଆରମ୍ଭ କରିଥିଲେ। ପରେ ଏଥିରେ ଅଧିକ ଯୁବକ ଯୋଗଦେବା ସହ ଏହାକୁ ସାରା ସହରକୁ ସମ୍ପ୍ରସାରିତ କରାଯାଯାଇଛି। ଏବେ ବର୍ଜ୍ୟ ସଂଗ୍ରହ କରାଯିବା ପରେ ମ୍ୟୁନିସିପାଲିଟି ସହ କୋଟା କମ୍ୟୁନିଟି ଯୋଗସୂତ୍ର ରକ୍ଷା କରି ତାହାକୁ ରିସାଇକେଲିଂ ଓ ଖତ ତିଆରି ପାଇଁ ପଠାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୧୯ ଫେବୃଆରୀ ୧୯୭୬

- ଢେଙ୍କାନାଳ ଜିଲା କଂଗ୍ରେସ କମିଟି ସଭ୍ୟ ତଥା ଓଡ଼ପଡ଼ାର ବ୍ଲକ୍ କଂଗ୍ରେସ ନେତା ଅନାଦି ଚରଣ ସାହୁ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି।
- ଜନତା ପାର୍ଟିରୁ ବହିଷ୍କୃତ ଏମ୍.ଏଲ୍.ଏ. ବୃନ୍ଦାବନ ନାୟକଙ୍କ କଂଗ୍ରେସ ଦଳରେ ଯୋଗଦାନ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | | | | |
| 9 | | 4 | 6 | | | | 1 | |
| | | 5 | 4 | | | | 2 | 3 |
| 7 | | | | 4 | | | 8 | |
| | | 1 | | | | | 9 | |
| 5 | 6 | | | 7 | | 1 | | 2 |
| | | 9 | | 8 | | 2 | | |
| | 7 | | 2 | | 9 | | 3 | 1 |
| | 5 | 2 | 7 | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 9 | 6 | 5 | 3 | 1 | 4 | 2 |
| 5 | 2 | 4 | 8 | 1 | 7 | 3 | 6 | 9 |
| 3 | 6 | 1 | 4 | 2 | 9 | 7 | 8 | 5 |
| 1 | 7 | 6 | 2 | 3 | 5 | 8 | 9 | 4 |
| 8 | 4 | 2 | 9 | 7 | 6 | 5 | 1 | 3 |
| 9 | 3 | 5 | 1 | 8 | 4 | 2 | 7 | 6 |
| 6 | 5 | 7 | 3 | 4 | 1 | 9 | 2 | 8 |
| 2 | 9 | 3 | 7 | 6 | 8 | 4 | 5 | 1 |
| 4 | 1 | 8 | 5 | 9 | 2 | 6 | 3 | 7 |

ଗତକାଲିର ଉତ୍ତର

# ଭାରତୀୟ ଗଣତନ୍ତ୍ରରେ ଅଭାବୀ ବିକଳ୍ପ



ବିଶ୍ୱଜିତ ପାଣି

ଥରେ ଏକ ଚା' ଖଟିରେ ଦୁଇ ବନ୍ଧୁ ପରସ୍ପର ରାଜନୀତି ବିଷୟରେ ଚର୍ଚ୍ଚା କରୁଥିଲେ ଏବଂ ଜଣେ ବନ୍ଧୁ ଅନ୍ୟ ଜଣେ ବନ୍ଧୁଙ୍କ ସହିତ କଥୋପକଥନ ଛଳରେ କହୁଥା'ନ୍ତି– ଅମୁକ ଲୋକ ଏବଂ ସମୁକ ଲୋକଙ୍କ ବିକଳ୍ପ କାହାନ୍ତି। ତେଣୁ ସେହିମାନେ ହିଁ ନେତୃତ୍ୱ ନେବା ପାଇଁ ସବୁଠାରୁ ଯୋଗ୍ୟ ବୋଲି ଭାରତର ଭୋଟରମାନେ ସେମାନଙ୍କ ସପକ୍ଷରେ ବାରମ୍ବାର ମତଦାନ କରିଆସୁଛନ୍ତି। ଏ କଥା ଶୁଣି ମୋ ମନକୁ ଅନେକ ପ୍ରଶ୍ନ ଆନ୍ଦୋଳିତ କରୁଥିଲା। ସେଥିମଧ୍ୟରୁ ଗୋଟିଏ ବଡ଼ ପ୍ରଶ୍ନ ହେଲା, ପ୍ରତ୍ୟେକ ରାଜନୈତିକ ଦଳରେ ପ୍ରଥମେ ଗଣତନ୍ତ୍ର ଅଛି ତ? ଯଦି ଗଣତନ୍ତ୍ର ଅଛି, ତେବେ ଜଣେ ବ୍ୟକ୍ତି କୌଣସି ପ୍ରାଦେଶିକ ସ୍ତରରେ କିମ୍ବା କେନ୍ଦ୍ରସ୍ତରରେ ବାରମ୍ବାର ନେତୃତ୍ୱ ନେବା କେତେଦୂର ଗଣତାନ୍ତ୍ରିକ ଯୁକ୍ତିଯୁକ୍ତ, ତାହା ନିରପେକ୍ଷତାର ସହ ବିଚାର କରାଯିବାର ସମୟ ଆସିଯାଇଛି, ବରଂ ଏହାଦ୍ୱାରା ମେଧା ମାରଣ ନୀତିକୁ ପ୍ରୋତ୍ସାହନ ଦିଆଯାଉଛି ବୋଲି କହିଲେ ଆଦୌ ଭୁଲ୍ ହେବ ନାହିଁ। ଭାରତରେ କାହିଁ କେତେ ଯୁଗରୁ ଅନେକ ଜ୍ଞାନୀ, ଗୁଣୀ ତଥା ବହୁମୁଖୀ ପ୍ରତିଭାମାନଙ୍କ ଆବିର୍ଭାବ ହୋଇ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଥିବାବେଳେ ସମ୍ପ୍ରତି ରାଜନୈତିକ ନେତୃତ୍ୱ ଏକ ସଙ୍କଟଜନକ ସ୍ଥିତିରେ ଅଛି ବୋଲି ବିଭିନ୍ନ ଗଣମାଧ୍ୟମ ଚର୍ଚ୍ଚାରେ ସୀମିତ ହୋଇ ରହିଆସୁଛି। କିନ୍ତୁ ବାସ୍ତବ ଚିତ୍ର ଭିନ୍ନ। ଯଦି ତଥାକଥିତ ନେତାମାନେ ପରବର୍ତ୍ତୀ ରାଜନୈତିକ ଉତ୍ତରାଧିକାରୀଙ୍କ ସୃଷ୍ଟି କିମ୍ବା ପରବର୍ତ୍ତୀ ପ୍ରତିଭାଙ୍କୁ ସୁଯୋଗ ନ ଦିଅନ୍ତି, ତେବେ ନେତୃତ୍ୱ ସଙ୍କଟ ଆସିବା ସ୍ୱାଭାବିକ। ଏହି ପ୍ରସଙ୍ଗରେ ଶିବସେନା ଦଳ ପ୍ରତିଷ୍ଠାତା ବାଲାସାହେବ ଥାକ୍‌ରେଙ୍କ ଉକ୍ତି ଗୁରୁତ୍ୱ ରଖେ– ''ମୁଁ କୌଣସି ପଦପଦବୀ ପରିସୀମାରେ ରହିବାକୁ ଚାହେଁ ନାହିଁ ବରଂ ମୁଁ ଅନେକ ପ୍ରତିଭାଦୀପ୍ତ ନେତୃତ୍ୱ ସୃଷ୍ଟି କରି ନିଜକୁ ଧନ୍ୟ ମନେକରିବି।'' କିନ୍ତୁ ଆଜିକାଲିର ନେତାମାନେ ଭୋଟ ମାଧ୍ୟମରେ ରାଜନୈତିକ ଅମର ବରଦାନ ପ୍ରାପ୍ତ ପାଇଥିବାରୁ ନିଜକୁ ଧନ୍ୟ ମନେକରି ଅନ୍ୟମାନଙ୍କ ପାଇଁ ସମସ୍ତ ଦ୍ୱାର ବନ୍ଦ କରିଆସୁଛନ୍ତି ଏବଂ ବହୁ ସମୟ ରାଜୁତି କରିବା ଦ୍ୱାରା ଅନେକ ରାଜନୈତିକ ଚାଟୁକାର ସୃଷ୍ଟି କରି ଗୋଟିଏ ଅହଂ ପରିବେଶ ସୃଷ୍ଟି କରିଥା'ନ୍ତି। ତାହାଦ୍ୱାରା ଜନସାଧାରଣଙ୍କୁ ଅନେକ ବୋଝରେ ଭାରାକ୍ରାନ୍ତ ହେବାକୁ ପଡ଼ିଥାଏ। କିନ୍ତୁ ଆମେ ଉପଯୁକ୍ତ ସମୟରେ ଉପନୀତ ଯେ ଏକ ସାମ୍ବିଧାନିକ ବିଧି ବ୍ୟବସ୍ଥା ଦ୍ୱାରା ଯଦି ଜଣେ ନିର୍ବାଚିତ ଲୋକ ପ୍ରତିନିଧି ପାଇଁ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ପଦକୁ ସର୍ବାଧିକ ଦୁଇଟି କାର୍ଯ୍ୟକାଳ ମଧ୍ୟରେ ସୀମିତ ରଖାଯାଏ, ତେବେ ଅନେକ ପ୍ରତିଭାଙ୍କ ମେଧାକୁ ସଦୁପଯୋଗ କରାଯାଇପାରିବ।

ବିଶ୍ୱର ଅନେକ ବିକାଶଶୀଳ ରାଷ୍ଟ୍ର ବ୍ୟକ୍ତି ବିଶେଷରେ ତାଙ୍କର ରାଷ୍ଟ୍ର ମୁଖ୍ୟଙ୍କର କାର୍ଯ୍ୟକାଳକୁ ସୀମିତ କରିଥିବା ବେଳେ ଭାରତ ଭଳି ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ କାହିଁକି ଏହି ବ୍ୟବସ୍ଥାକୁ ଆପଣା ଯାଇପାରିବ ନାହିଁ ତାହା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହାର ମୁଖ୍ୟ କାରଣ ହେଲା ଆଜିକାଲିର ନେତାମାନେ ପଲିଟିକାଲ ବସ୍ ବା ରାଜନୈତିକ ମାଲିକ ହେବାକୁ ଚାହାନ୍ତି, କିନ୍ତୁ ଜଣେ ଉଚ୍ଚ ଧରଣର ନେତା ହେବାକୁ ଚାହାନ୍ତି ନାହିଁ; ଯାହା ଗଣତାନ୍ତ୍ରିକ ବ୍ୟବସ୍ଥାର ପରିପନ୍ଥୀ। ଯୁକ୍ତରାଷ୍ଟ୍ର ଆମେରିକା, ଫ୍ରାନ୍ସ, ଜର୍ମାନୀ, ଗ୍ରୀସ୍, ଫିଲିପାଇନ୍ସ, ଦକ୍ଷିଣ ଆଫ୍ରିକା ଭଳି ଅନେକ ରାଷ୍ଟ୍ରରେ ରାଷ୍ଟ୍ରମୁଖ୍ୟ



ଭାବେ ଅବସ୍ଥାପିତ ବ୍ୟକ୍ତିଙ୍କ କାର୍ଯ୍ୟକାଳକୁ ଲଗାତାର ଦୁଇଟି କାର୍ଯ୍ୟକାଳ ମଧ୍ୟରେ ସୀମିତ କରି ଅନେକ ଉଦାହରଣ ସୃଷ୍ଟି କରିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଂଟନ୍ ପ୍ରଥମ ବ୍ୟକ୍ତି, ଯିଏକି ନିଜକୁ ଦୁଇଟି କାର୍ଯ୍ୟକାଳ ମଧ୍ୟରେ ସୀମିତ ରଖି ଅନେକ ରାଜନୈତିକ ଉତ୍ତରାଧିକାରୀ ସୃଷ୍ଟି କରି ଏକ ଆଦର୍ଶ ପ୍ରତିପାଦନ କରିଥିଲେ, ଯାହା ୧୯୪୦ ମସିହା ପର୍ଯ୍ୟନ୍ତ ପରବର୍ତ୍ତୀ ରାଷ୍ଟ୍ରପତିମାନେ ଯଦିଓ ଏହା ଏକ ଅଲିଖିତ ବ୍ୟବସ୍ଥା, ତେବେବି ଏହାକୁ ସମସ୍ତେ ମାନିନେଇଥିଲେ। କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ୩୨ତମ ରାଷ୍ଟ୍ରପତି ଏଫ୍ ଡି ରୁଜଭେଲ୍ଟ ପ୍ରଥମ ବ୍ୟକ୍ତି ଭାବରେ ୧୯୪୦ ଏବଂ ୧୯୪୪ରେ ତୃତୀୟ ତଥା ଚତୁର୍ଥ ଥର ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଥିଲେ, ଯଦିଓ ତାଙ୍କ କାର୍ଯ୍ୟକାଳ ସମୟରେ ଅତ୍ୟନ୍ତ ଆର୍ଥିକ ମାନ୍ଦାବସ୍ଥା ତଥା ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସ୍ଥିତି ମଧ୍ୟ ଭୟାନକ ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଅର୍ଥାତ୍ ୧୯୫୧ ଫେବୃଆରୀ ୨୭ରେ ୨୨ତମ ସଂଶୋଧନ ଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନ ବ୍ୟକ୍ତି ବିଶେଷରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ସୀମାକୁ ଦୁଇଟି କାର୍ଯ୍ୟକାଳ ମଧ୍ୟରେ ସୀମିତ ରଖିବା ପାଇଁ ସାମ୍ବିଧାନିକ ସ୍ୱୀକୃତି ପାଇଲା, ଯାହା ଅଦ୍ୟାବଧି ଚାଲିଆସୁଛି। ଯଦି ବିଶ୍ୱର ଅନ୍ୟ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଏହି ବ୍ୟବସ୍ଥାକୁ ଆପଣାଇପାରୁଛନ୍ତି, ତେବେ ଭାରତରେ କାହିଁକି ଆପଣା ଯାଇପାରିବ ନାହିଁ, କିନ୍ତୁ କ୍ଷମତା ମୋହରେ ଅନ୍ଧ ହୋଇଥିବା କାରଣରୁ ଏଥିପ୍ରତି ରାଜନେତାମାନେ ଆଦୌ ଆନ୍ତରିକତା ପ୍ରଦର୍ଶନ କରି ନ ଥା'ନ୍ତି।

ଭାରତରେ ଅଦ୍ୟାବଧି ବ୍ୟକ୍ତିକେନ୍ଦ୍ରିକ ଶାସନ ବ୍ୟବସ୍ଥାକୁ ଅନେକ ପ୍ରାଧାନ୍ୟ ଦିଆହୋଇଆସୁଛି, ଯାହା ବାସ୍ତବରେ ଏକ ଅଗଣତାନ୍ତ୍ରିକ ପରମ୍ପରା ସୃଷ୍ଟି କରିବା ସହିତ ଅନେକ ସାମାଜିକ ବିଶୃଙ୍ଖଳାର ନିଚ୍ଛକ ପ୍ରତିଫଳନ ହୋଇସାରିଲାଣି। ଏବେ କୌଣସି ରାଜନୈତିକ ଦଳରେ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ସମ୍ମାନ ଥିବା ଭଳି ମନେହୁଏ ନାହିଁ। ତେଣୁ ଏହି ଅଭାବୀ ବିକଳ୍ପ ନେତୃତ୍ୱ ନିଶ୍ଚିତ ଭାବରେ ମନୁଷ୍ୟକୃତ ଏବଂ ଏହାକୁ ଦୂର କରିବାକୁ ହେଲେ ପ୍ରତ୍ୟେକ ଜାତୀୟ ତଥା ଆଞ୍ଚଳିକ ରାଜନୈତିକ ଦଳ ମଧ୍ୟରେ ପ୍ରଚଳିତ ନେତୃତ୍ୱର ବିକେନ୍ଦ୍ରୀକରଣ ହେବା ଜରୁରୀ ମନେହୁଏ, ଅର୍ଥାତ୍ ପରବର୍ତ୍ତୀ ଯୋଗ୍ୟ ପିଢ଼ିଙ୍କ ପାଇଁ ପଥ ପରିଷ୍କାର କରାଯିବା ଉଚିତ। ଯେତେବେଳେ ରାଜନେତାମାନେ ଭାବନ୍ତି ଯେ, ଆମେ ହିଁ ଦଳ ତଥା ରାଷ୍ଟ୍ର ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ, ସେତେବେଳେ 'ଆମେ' ବଦଳରେ 'ମୁଁ'ର ଆଧିପତ୍ୟ ଦେଖିବାକୁ ମିଳିଥାଏ। ଆଉ ଏକ ବିଶେଷତ୍ୱ ହେଲା, ଯଦି ଜଣେ ବ୍ୟକ୍ତି ବହୁଦିନ ଧରି ଶାସନରେ ରୁହେ, ତେବେ ପ୍ରଶାସନ ଗତିଶୀଳ ପରିବର୍ତ୍ତେ ସ୍ଥାଣୁ ପାଲଟିଯାଏ। କାରଣ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏହା ସେମାନଙ୍କ ପାଇଁ ସହଜ ତଥା ଆରାମ ପରିବେଶ ସୃଷ୍ଟି କରିଦେଇଥାଏ। କିନ୍ତୁ ମୂଳ ଉଦ୍ଦେଶ୍ୟ ହେଲା ଜଣେ ବ୍ୟକ୍ତିବିଶେଷ ବହୁଦିନ ଧରି ଶାସନ କରିବା ଦ୍ୱାରା ଅନ୍ୟମାନଙ୍କ ପ୍ରତିଭା ତଥା ମେଧାର ସଙ୍କୁଚିତ ହେବା ସହ ଦେଶ ପ୍ରଗତିରେ ସେହି ଅବହେଳିତ ରାଜନୈତିକ ପ୍ରତିଭାମାନଙ୍କୁ ସେମାନଙ୍କର ସୁକଳ୍ପିତ ଲୋକାଭିମୁଖୀ ଚିନ୍ତାଧାରାରୁ ବଂଚିତ ହେବାକୁ ପଡ଼ିଥାଏ। ତେଣୁ ଏହି ପରିପ୍ରେକ୍ଷୀରେ ଶାସନ ଗାଦିରେ ଅଧିଷ୍ଠିତ ବ୍ୟକ୍ତିମାନଙ୍କ କାର୍ଯ୍ୟକାଳକୁ ସାମ୍ବିଧାନିକ ବିଧି ବ୍ୟବସ୍ଥା ଦ୍ୱାରା ଦୁଇଟି କାର୍ଯ୍ୟକାଳ ମଧ୍ୟରେ ସୀମିତ କରାଗଲେ ଭାରତୀୟ ଲୋକତନ୍ତ୍ରର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିବ ଏବଂ ଭାରତ ଅନେକ ଲୁକ୍କାୟିତ ତଥା ଅବହେଳିତ ରାଜନୈତିକ ପ୍ରତିଭାଙ୍କୁ ଉପଯୁକ୍ତ ନ୍ୟାୟ ଦେଇପାରିବ।

**ଆଡଭୋକେଟ, ଅରୁଣୋଦୟ ନଗର,**
**କଟକ, ମୋ : ୭୦୦୮୬୯୧୪୩୪**

## ପାଠକ ଶ୍ରେଷ୍ଠ ବିଚାରକ

### ବିକାଶରୁ ବଞ୍ଚିତ କାହିଁକି ସୁବର୍ଣ୍ଣପୁର

ମହାଶୟ,

ସବୁଠାରୁ ଚିନ୍ତାଜନକ ତଥ୍ୟ ହେଉଛି ସୁବର୍ଣ୍ଣପୁରର ୩ଟି ବ୍ଲକ୍‌କୁ ନେଇ ଗଠିତ ଏକ ନିର୍ବାଚନମଣ୍ଡଳୀ ତଥା ବୀରମହାରାଜପୁର ଉପଖଣ୍ଡ ଏବେ ମଧ୍ୟ ରେଳ ମାନଚିତ୍ରରୁ ବାହାରେ ରହିଛି। ପ୍ରଶ୍ନ ହେଉଛି, ଏହା ପାଇଁ ଦାୟୀ କିଏ? ଏହି ଜିଲାରେ ଜଳ, ଜଙ୍ଗଲ, ଖଣିଜ ସମ୍ପଦ ଏବଂ ପର୍ଯ୍ୟଟନର ଅପାର ସମ୍ଭାବନା ଅଛି। କିନ୍ତୁ ଏହି ସମ୍ପଦ ସବୁକୁ ଠିକ୍‌ଭାବେ ଦେଶର ଅର୍ଥନୀତି ସହ ଯୋଡ଼ାଯାଇପାରୁନାହିଁ। କାରଣ ଉପଯୁକ୍ତ ଗମନାଗମନ ବ୍ୟବସ୍ଥାର ଅଭାବ ରହିଛି। ରେଳପଥ ନ ଥିବାରୁ ଚାଷୀ ତାଙ୍କ ଫସଲର ଉଚିତ ମୂଲ୍ୟ କିମ୍ବା ଯୁବକ ଚାକିରି ପାଇପାରୁନାହାନ୍ତି। ନିବେଶକମାନେ ମଧ୍ୟ ଏଠାକୁ ଆସିବାକୁ ଆଗ୍ରହ ଦେଖାଉନାହାନ୍ତି। ସମ୍ବଲପୁର ସହ ରେଳପଥ ଯୋଡ଼ାଯାଇପାରିଲେ ସୁବର୍ଣ୍ଣପୁର ପାଇଁ ଉନ୍ନତିର ନୂତନ ଦ୍ୱାର ଖୋଲିଯିବ। ପ୍ରଶ୍ନ ହେଉଛି, ଏହି ଦାବି କେବେ ପୂରଣ ହେବ? ରେଳ ସଂଯୋଗ ବିକାଶର ପ୍ରଥମ ସର୍ତ୍ତ। ସରକାର ଓ ପ୍ରଶାସନଙ୍କୁ ଏହା ବୁଝିବାକୁ ହେବ ଯେ, ସୁବର୍ଣ୍ଣପୁରର ଉନ୍ନତି କେବଳ ଏକ ଜିଲାର ଉନ୍ନତି ନୁହେଁ, ଏହା ପଶ୍ଚିମ ଓଡ଼ିଶାର ସାମଗ୍ରିକ ଉନ୍ନତି। ଯଦି ସରକାର ସତରେ ସମାନ ବିକାଶର କଥା କହୁଛନ୍ତି, ତେବେ ସମ୍ବଲପୁର–ସୁବର୍ଣ୍ଣପୁର ରେଳ ପ୍ରକଳ୍ପ ତୁରନ୍ତ ଘୋଷଣାକରି କାମ ଆରମ୍ଭ କରିବା ଦରକାର।

**–ସିତାଂଶୁ ଶେଖର ମିଶ୍ର, ଶାନ୍ତି ନଗର, ସୋନପୁର**

## ଚିରନ୍ତନୀ

କର ପରକାଶ ଜୀବନେ ତୋର
ସହଜ ଆଶା
ଶଇଶବ କାଳୁଁ ଶିଖିଚୁ ଯେଉଁ
ସହଜ ଭାଷା ।
–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଙ୍କିତା



@ ବିରଞ୍ଚିବି



@ ମନୋରମା



@ ମୁନା



@ ପ୍ରଦୀପ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆରମ୍ଭ ହେବ 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା'

## ଗଠନ ହେଲା ରାଜ୍ୟସ୍ତରୀୟ ପରିଚାଳନା କମିଟି

ଭୁବନେଶ୍ୱର,୧୮।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର ପ୍ରତିଷ୍ଠିତ ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ ଓ ମହାନ୍ ବ୍ୟକ୍ତିତ୍ୱଙ୍କ ଅବଦାନ ଓ ସ୍ମୃତିକୁ ଉଜ୍ଜୀବିତ କରିବାକୁ ରାଜ୍ୟରେ 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା' ଆରମ୍ଭ ହେବ। ଏନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାବେଳେ ଏହାକୁ ସଫଳ ଭାବେ କାର୍ଯ୍ୟକାରୀ କରିବାକୁ ରାଜ୍ୟସ୍ତରୀୟ ପ୍ରକଳ୍ପ ପରିଚାଳନା କମିଟି ଗଢ଼ାଯାଇଛି। ଅର୍ଥ ବିଭାଗ ଦ୍ୱାରା ପ୍ରସ୍ତୁତ ଯୋଜନା ସମ୍ପର୍କିତ ଏକ୍ସପେଣ୍ଡିଚର ଫାଇନାନ୍ସ କମିଟି (ଇଏଫ୍‌ସି) ଓ ସରକାରଙ୍କ ଅନୁମୋଦନକ୍ରମେ ପୂର୍ତ୍ତ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଯୋଜନା ଓ ସଂଯୋଜନା ବିଭାଗ, ପର୍ଯ୍ୟଟନ ବିଭାଗ ଏବଂ ହସ୍ତକଳା, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ସାମଗ୍ରିକ ମାର୍ଗଦର୍ଶନ ସମନ୍ୱୟରେ 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା' କାର୍ଯ୍ୟ କରିବ। କମିଟିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଧ୍ୟକ୍ଷ ରହିଛନ୍ତି। ସେହିପରି ପୂର୍ତ୍ତ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଯୋଜନା ଓ ସଂଯୋଜନା ବିଭାଗ, ପର୍ଯ୍ୟଟନ ବିଭାଗ ଏବଂ ହସ୍ତକଳା, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ବିଭାଗୀୟ ମୁଖ୍ୟ/ପ୍ରତିନିଧି (ଯୁଗ୍ମ ଶାସନ ସଚିବ ପାହ୍ୟାରୁ କମ୍ ହୋଇ ନ ଥିବେ) ସଦସ୍ୟ ରହିଛନ୍ତି। ସଂସ୍କୃତି ବିଭାଗର ଶାସନ ସଚିବ, ନିର୍ଦ୍ଦେଶକ, ସ୍ଥାନୀୟ ଜିଲାପାଳ, ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ମନୋନୀତ ଜଣେ ପ୍ରତ୍ନତତ୍ତ୍ୱବିତ୍ ମଧ୍ୟ ଏହି କମିଟିରେ ରହିବେ। ଏଥିସହ ସଂସ୍କୃତି ବିଭାଗର ସ୍ୱତନ୍ତ୍ର/ଅତିରିକ୍ତ/ଯୁଗ୍ମ ଶାସନ ସଚିବଙ୍କୁ ଆବାହକ ସଦସ୍ୟ ଭାବେ ରଖାଯାଇଛି। ରାଜ୍ୟପାଳଙ୍କ ଆଦେଶକ୍ରମେ ସଂସ୍କୃତି ବିଭାଗର ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ଏନେଇ ନୋଟିଫିକେଶନ ଜାରି କରିଛନ୍ତି।

# ସଂସ୍କୃତି ବିଶ୍ୱବିଦ୍ୟାଳୟ ନୂଆ କୁଳପତି ପଦ ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୧୮।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଚୟନ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ୩ବର୍ଷ ପାଇଁ ଏହି ନିଯୁକ୍ତି ଦିଆଯିବ। ଏଥିପାଇଁ ଆବେଦନକାରୀଙ୍କର ଶିକ୍ଷାଦାନ ତଥା ପ୍ରଶାସନିକ କ୍ଷେତ୍ରରେ ଜଣେ ପ୍ରଫେସର ଭାବେ ଅତି କମ୍‌ରେ ୧୦ ବର୍ଷର ଅଭିଜ୍ଞତା ଥିବ କିମ୍ବା ଯେକୌଣସି ଗବେଷଣା, ଏକାଡେମିକ ଓ ସାଂସ୍କୃତିକ ଅନୁଷ୍ଠାନର ସମାନ ପଦବୀ ସହ ୧୦ବର୍ଷ ଧରି ପ୍ରଶାସନିକ ଦାୟିତ୍ୱରେ ରହିଥିବେ। ବିଶ୍ୱବିଦ୍ୟାଳୟର ନିୟମ ଅନୁଯାୟୀ ୬୫ ବର୍ଷ ବୟସ ଛୁଇଁବା ପରେ କୌଣସି ପ୍ରଫେସର କୁଳପତି ପଦରେ ରହିପାରିବେ ନାହିଁ। ଏହାକୁ ଦୃଷ୍ଟିରେ ରଖି ପ୍ରାର୍ଥୀ ଆବେଦନ କରିବେ। ଏହାବ୍ୟତୀତ ଆଶାୟୀ ପ୍ରଫେସର ତଥା ଆବେଦନକାରୀଙ୍କ ବିରୋଧରେ ଯଦି କୌଣସି ପ୍ରକାର ଅଭିଯୋଗ ଥିବ, ତଦନ୍ତ ଚାଲୁଥିବ, କୋର୍ଟରେ ମାମଲା ଥିବ ସେ ସମସ୍ତ ତଥ୍ୟ ଆବେଦନ ସମୟରେ ଜଣାଇବାକୁ ପଡ଼ିବ। କୁଳପତି ପଦ ପାଇଁ ଆବେଦନ ଲାଗି ଆବଶ୍ୟକ ସମସ୍ତ ତଥ୍ୟ ବିଶ୍ୱବିଦ୍ୟାଳୟ ଓ ବିଭାଗୀୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି। ଉକ୍ତ ୱେବ୍‌ସାଇଟ୍‌ରୁ ଆବେଦନପତ୍ର ଡାଉନ୍‌ଲୋଡ୍ କରିବାକୁ ପଡ଼ିବ। ମାର୍ଚ୍ଚ ୧୯ ସୁଦ୍ଧା ୫ ସେଟ୍‌ର ଆବେଦନପତ୍ର ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ଠିକଣା (କୁଳସଚିବଙ୍କ କାର୍ଯ୍ୟାଳୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ସଂସ୍କୃତି ବିହାର, ମଦନପୁର, ଭୁବନେଶ୍ୱର-୭୫୨୦୫୪, ଜିଲା ଖୋର୍ଦ୍ଧା, ଓଡ଼ିଶା)ରେ ପଠାଇବାକୁ କୁହାଯାଇଛି। ଡାକରେ କୌଣସି ପ୍ରକାର ବିଳମ୍ବ ହେଲେ ଏଥିପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ୨୦ରୁ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ

ଭୁବନେଶ୍ୱର,୧୮।୨(ସୌମ୍ୟରଞ୍ଜନ ରାଉତ)

ଶତାବ୍ଦୀର କଳାକାର ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ୨୮ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ ଆସନ୍ତା ୨୦ ତାରିଖରୁ ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହେବ। ମହୋତ୍ସବରେ ହିନ୍ଦୀ, ବେଙ୍ଗଲୀ ଓ ଓଡ଼ିଆରେ ୬ଟି ନାଟକ ମଞ୍ଚସ୍ଥ ହେବ। ଏହି ଅବସରରେ ଅନୁଷ୍ଠାନର ମାସିକ ନାଟ୍ୟ ସମାଚାର ପତ୍ରିକା 'ନାଟ୍ୟବାର୍ତ୍ତା' ଲୋକାର୍ପଣ ସହ ୨୧ଜଣ ଖବରଦାତା, ସାହିତ୍ୟିକ ଓ କଳାକାରଙ୍କୁ ଆନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯିବ। କାଦମ୍ବିନୀ ସମ୍ପାଦିକା ଇତିରାଣୀ ସାମନ୍ତଙ୍କ ସମେତ ୩ଜଣଙ୍କୁ 'ସୁମିତ୍ରା ସମ୍ମାନ', ୧୦ଜଣଙ୍କୁ 'ଶତାବ୍ଦୀର କଳାକାର' ସମ୍ମାନ, ୪ ଜଣଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ,୨ଜଣଙ୍କୁ 'ନାଟ୍ୟକାର ରବୀନ୍ଦ୍ର ଦାଶ ସମ୍ମାନ', ଜଣଙ୍କୁ 'ପ୍ରମିଳା ପ୍ରତିଭା ସମ୍ମାନ' ଓ ଜଣଙ୍କୁ 'ଡ. ଗୟାଧର ସମ୍ମାନ'ରେ ସମ୍ମାନିତ କରାଯିବ। ଏନେଇ ଅନୁଷ୍ଠାନର ସଭାପତି ଡ. ଗୌରହରି ଦାସ, ସାଧାରଣ ସମ୍ପାଦକ ଧୀର ମଲ୍ଲିକପ୍ରମୁଖ ସୂଚନା ଦେଇଛନ୍ତି।

# ଲଘୁଚାପ କ୍ଷେତ୍ର ସକ୍ରିୟ, ୨୫ଯାଏ ଶୁଖିଲା ପାଗ

ଭୁବନେଶ୍ୱର,୧୮।୨ (ଅନୁରାଧା ମହାରଣା)

ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ବୁଧବାର ସକ୍ରିୟ ରହିଛି। ଏହା ପ୍ରଭାବରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ପାଣିପାଗ ଧୀରେ ଧୀରେ ବଦଳିବାର ଆଶଙ୍କା ରହିଛି। ମତ୍ସ୍ୟଜୀବୀ ସମୁଦ୍ରକୁ ଯିବା ସମୟରେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ମାତ୍ର ରାଜ୍ୟରେ ବର୍ଷା ଭୟ ନାହିଁ ଓ ୨୫ ତାରିଖଯାଏ ପାଗ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ସମ୍ବଲପୁରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୩.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ରହିଥିଲା। ସେହିପରି ଜଗତ୍‌ସିଂହପୁର ଓ କୋରାପୁଟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ହୋଇଥିଲା।

# ଯୁକ୍ତ୨ ପରୀକ୍ଷା ଆରମ୍ଭ

■ପ୍ରଥମଦିନ ପରୀକ୍ଷା ଦେଲେ ୯୬,୯୨୯ ବିଜ୍ଞାନ ଛାତ୍ରୀଛାତ୍ର, ୧୫୭ ଅନୁପସ୍ଥିତ

■ଆଜି ଧନ୍ଦାମୂଳକ ଛାତ୍ରୀଛାତ୍ରଙ୍କ ମାତୃଭାଷା ପରୀକ୍ଷା

ଭୁବନେଶ୍ୱର,୧୮।୨(ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ (ସିଏଚ୍ଏସ୍ଇ) ଯୁକ୍ତ୨ ପରୀକ୍ଷା ବୁଧବାରଠାରୁ ସାରା ରାଜ୍ୟରେ ଆରମ୍ଭ ହୋଇଛି। ପ୍ରଥମ ଦିନ ବିଜ୍ଞାନ ବିଭାଗର ପରୀକ୍ଷା ରହିଥିଲା। ମୋଟ ୯୬,୯୨୯ ଜଣ ଛାତ୍ରୀଛାତ୍ର ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷା ଦେଇଥିବାବେଳେ ୧୫୭ଜଣ ପିଲା ଅନୁପସ୍ଥିତ ଅଛନ୍ତି। ପରୀକ୍ଷା ସୂଚୀ ଅନୁସାରେ ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟା ଯାଏ ଚାଲିଥିଲା। ଛାତ୍ରୀଛାତ୍ରଙ୍କୁ ଆବଶ୍ୟକ ଯାଞ୍ଚ କରି ପରୀକ୍ଷା କେନ୍ଦ୍ରକୁ ଛଡ଼ାଯାଇଥିଲା। କପି ରୋକିବା ଲାଗି ସ୍ୱତନ୍ତ୍ର ସ୍କ୍ୱାଡ୍ ବିଭିନ୍ନ କେନ୍ଦ୍ରକୁ ଗସ୍ତ କରିଥିବାବେଳେ ସମସ୍ତ ପରୀକ୍ଷା କେନ୍ଦ୍ରକୁ ଏଆଇ କ୍ୟାମେରା ଓ ସିସିଟିଭି ଜରିଆରେ ନଜର ରଖାଯାଇଛି। ତେବେ ପ୍ରଥମ ଦିନରେ କୌଣସି ଛାତ୍ରୀଛାତ୍ର ଏମ୍‌ପି ହୋଇନାହାନ୍ତି। ଗୁରୁବାରଠାରୁ ଧନ୍ଦାମୂଳକ ଏବଂ ଶୁକ୍ରବାରଠାରୁ କଳା ଓ ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ର ମାତୃଭାଷା ବିଷୟରେ ପରୀକ୍ଷା ଦେବେ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ମାର୍ଚ୍ଚ ୨୮ ଯାଏ ପରୀକ୍ଷା ଚାଲିବ।

# ପରୀକ୍ଷା କେନ୍ଦ୍ର ପରିଦର୍ଶନ କଲେ ଗଣଶିକ୍ଷା ମନ୍ତ୍ରୀ



ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରମାଦେବୀ ମହିଳା ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ଅନୁଧ୍ୟାନ କରିବା ସହ ପରୀକ୍ଷାର୍ଥୀଙ୍କୁ ଉତ୍ସାହିତ କରୁଛନ୍ତି।

ଭୁବନେଶ୍ୱର,୧୮।୨(ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ (ସିଏଚ୍ଏସ୍ଇ) ଯୁକ୍ତ୨ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାଜଧାନୀ ଭୁବନେଶ୍ୱରର କେତେକ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। ରମାଦେବୀ ମହିଳା ମହାବିଦ୍ୟାଳୟ ସମେତ ଅନ୍ୟ କେତେକ ମହାବିଦ୍ୟାଳୟର ପରୀକ୍ଷା କେନ୍ଦ୍ର ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ପିଲାମାନେ ଖୁବ୍ ଶୃଙ୍ଖଳିତ ଭାବରେ ପରୀକ୍ଷା ଦେଉଥିବା ଦେଖିଥିଲେ। ଶୃଙ୍ଖଳିତ ଓ ସ୍ୱଚ୍ଛତା ସହ ପରୀକ୍ଷା ପରିଚାଳନା ଲାଗି ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି। ପରୀକ୍ଷା ସମୟରେ ଯେପରି କୌଣସି ଅସୁବିଧା ନ ହୁଏ, ସେଥିପାଇଁ ଦୃଷ୍ଟି ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ପିଲାମାନେ ଚାପମୁକ୍ତ ହୋଇ ପରୀକ୍ଷା ଦେବା ସହିତ ପରୀକ୍ଷାରେ ଭଲ କରିବାକୁ ଉତ୍ସାହିତ କରିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ପାଇଁ ମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ।


GOVERNMENT OF ODISHA, "e"-PROCUREMENT NOTICE
OFFICE OF THE
NOTIFIED AREA COUNCIL, DASPALLA

3rd Corrigendum on Tender Call Notice No.66 Dt.08.01.2026
Bid Identification No.NAC-Daspalla-(SAN)-2025-26

No.516 Dt.12.02.2026

No.13001/278/2526 : Corrigendum hereby issued for Tender Call Notice No.66/Dt.08.01.2026 for Sanitation Work of Daspalla NAC regarding extension of date opening of Financial Bid due to unavoidable circumstances.
1. Date & time of opening of Financial Bid : Dt.20.02.2026 at 11.00 A.M.
*All other terms & conditions remain unaltered.

Sd./- Executive Officer
Notified Area Council, Daspalla

OIPR-13001/13141/1/25-26/0003

ZILLA SWASTHYA SAMITI, NAYAGARH
(Department of Health & FW, Govt. of Odisha)
Expression of interest (EoI)

Adv No: 02/11/NTEP/ DPMUNGR Date: 18.02.2026

No.10001/67/2526 : The District Health Society invites Expression of Interest (EoI) from the Individuals/ Firms/Society/Company which meets all the conditions and eligible criteria mentioned in Terms of Reference (ToR) of RFP for carry out X-Ray of identified vulnerable Population under Intensified TB elimination programme in Nayagarh District. The detail regarding RFP has been web hosted on the website http://nayagarh.odisha.gov.in which may be downloaded. The interested Individuals/Firms/Society/ Company are requested to submit their proposal to the office of the undersigned in the prescribed formats on or before 7th March,2026, by 05.30 PM through Regd. Post, Speed post & Courier only. The undersigned reserves the right to accept or reject any or all the quotations without assigning any reason thereof.

Important Dates :-
I. Opening of technical Bids: 09th March, 2026 at 04:00: PM (In the Presence of the Bidder/ Authorized Person)

Venue of meeting : Opening of technical bids will be held at DTU-I, O/o the CDM & PHO, Nayagarh.

OIPR-10001/10050/1/25-26/0001 Sd./- CDM & PHO-Cum-DMD, Nayagarh

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BHADRAK
(SUB STORE, DHH, BHADRAK)
Email : substorebhadrak@gmail.com
Open Tender Notice No. : 1817/SUB-STORE/Bhadrak/Dated. 18.02.2026

No.10001/68/2526 : Sealed tenders are invited by the CDM & PHO, Bhadrak from register firms / agencies / companies / authorized dealers / suppliers / authorized distributors / Manufacturers for supply of Medicines, Consumables, Chemicals, Reagents, EIF & BCL and other items. The tender proposal in the prescribed format, along with all supporting documents must reach the Office of the CDM & PHO, Bhadrak on or before 17.03.2026 up to 5:00 P.M. through registered post, speed post, courier only. The technical bid will be opened on 18.03.2026 at 11:30 A.M. at the Conference Hall of the Office of the CDM & PHO, Bhadrak. The detailed tender documents, terms and conditions and other relevant information can be downloaded from the official district website https://bhadrak.odisha.gov.in

The undersigned reserves the right to accept or reject any or all tenders without assigning any reason thereof.

Sd./- (Dr. P.K. Praharaj)
Chief District Medical & Public Health Officer, Bhadrak

OIPR-10001/10123/1/25-26/0001

OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO. II
BHUBANESWAR
eerb2 bbsr@yahoo.com
INVITATIONS FOR BIDS THROUGH e-Procurement
Bid Identification No- C.C. (R&B) - 02
e - Procurement Notice No. 47 of 2025-26

No.34001/93/2526 : The Superintending Engineer, Bhubaneswar (R&B) Division No.-II, Bhubaneswar on behalf of the Governor of Odisha invites percentage rate bids for Three Numbers Building works to be received in online bidding, Single cover system as detailed in: https://tendersorissa.gov.in. The details of bid documents will be available in the above website from 19.02.2026 to 5.00 P.M of 02.03.2026. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 05.03.2026 in the Office of the Superintending Engineer, Bhubaneswar (R&B) Division No.-II, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer,
BBSR (R&B) Division No.II, BBSR

OIPR-34001/34088/1/25-26/0001

idco | ODISHA NEW OPPORTUNITIES No.4001/34/2526

OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR
Bid Identification No. Civil/EST-41/2025-26
TCN No.3188 dt.03.02.25
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. Name of the Work : Construction of Block level Stadium in Remuna under Balasore District with O&M for 05 years.
2. Value of the Work (Approx. excluding O&M) : Rs.12.99 Crore
3. Period of completion : 12 (Twelve) Calendar Months
4. Availability of tender online for Bidding :
I. Start Date : 18:00 Hours of dt.20.02.2026
II. End date : 15:00 Hours of dt.10.03.2026
III. Opening date : 16.00 Hours of dt.10.03.2026

Tender details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Chief General Manager (Civil),
IDCO, Bhubaneswar

OIPR-4001/4075/1/25-26/0014

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OPTCL Lifeline of Odisha
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

TENDER ALERT

1)E-Tender Call Notice No. EHT(C)/CLE/SBP/OT/07/25-26: Supply of 2T capacity Split Air Conditioning units (Dual Inverter, Five star or better type latest model) with copper condenser having remote temperature & operation control facility for 132/33kV GSS Jharbandh under EHT (Projects) Circle, Sambalpur.
2)Tender Call Notice No. OTCN:15/BBSR-DIV/2025-26: Jumper tightening work of 200kV Pratapsasan- Pandiabili DC line & 132kV Pratapsasan-Phulnakhara DC line under EHT (O&M) Division, Bhubaneswar.
3)Tender Call Notice No. 06/MEN/2025-26: Repair of 10KL Transformer oil filter machine (Make-Fowler Westrup) along with supply of required spare materials at 400kV Grid S/S, Mendhasal under EHT (O&M) Division, Mendhasal.
4)Tender Call Notice No. 12/2025-26: (I)Different Civil works for 220/132/33kV Grid S/S, Bidanasi (ii) Different Civil works for 132/33kV Grid S/S, Jagatsinghpur under EHT (O&M) Division, Cuttack.
For more details please visit OPTCL's website: www.optcl.co.in.

FIPR-99/2025-26

/optcl.odisha /optcl_odisha

No.8001/86/2526

Chilika
CHILIKA DEVELOPMENT AUTHORITY
PLOT NO. 493(P), PALASPALLI, POKHARIPUT ROAD, BHUBANESWAR-751020, ODISHA
Phone : 91-674-2591544, Fax : 91-674-2590485, Email : chilika@chilika.com
e-PROCUREMENT
Tender Call Notice No.274/CDA/2026 Dtd.16.02.2026

| | | | |
|---|---|---|---|
| 01 | Name of the Work | : | Construction of Community Centre at Badaora, G.P. Badal under Kanas Block |
| 02 | Estimated Cost | : | Rs.7,29,153.00 (Excluding GST) |
| 03 | Period of completion | : | One Calendar Month |
| 04 | Date & Time of availability of Bid Document in the portal | : | 17.02.2026 at 11.00 A.M. to 26.02.2026 upto 5.00 P.M. |
| 05 | Last Date/Time for submission of Bids in the portal | : | 26.02.2026 upto 5.00 P.M. |
| 06 | Date & Time of opening of Bids | : | 27.02.2026 at 11.30 A.M. in the O/o the Chief Executive, Chilika Development Authority, Plot No.493(P), Palaspalli, Bhubaneswar-751020 |
| 07 | Name and Address of the Officer Inviting Tender (O.I.T) | : | Addl. Chief Executive, Chilika Development Authority, Odisha, Bhubaneswar, Plot No.493(P), Palaspalli, Pokhariput Road, Bhubaneswar-751020 |

Further information and other details are available for downloading from the e-procurement portal "https://tendersodisha.gov.in". Addendum/Corrigendum if required will be available only in the Website e-procurement portal "https://tendersodisha.gov.in"

Sd./- Addl. Chief Executive
Chilika Development Authority

OIPR-8001/8138/1/25-26/0003

JHARIA REHABILITATION AND DEVELOPMENT AUTHORITY, DHANBAD
e-Procurement Notice
Tender Reference No: JRDA/CIVIL/25-26/52
Date: 17.02.2026

| | | |
|---|---|---|
| 1. | Name of Work | Construction of Mega Skill Development Centre at Belgaria, Dhanbad |
| 2. | Estimated Cost | Rs. 3,70,99,400.00 |
| 3. | EMD | Rs. 3,71,000.00 |
| 4. | Tender Document Cost | Rs. 10,000.00 |
| 5. | Time of Completion | 06 months |
| 6. | Date/Time from which bid is available for online bidding | 21.02.2026 at 01:00 PM |
| 7. | Last Date/Time for on-line submission of bids | 07.03.2026 at 03:00 PM |
| 8. | Date and Time of Bid Opening | 09.03.2026 at 11:30 AM |
| 9. | Name and Address of Officer inviting tender | Head of Department (Civil), JRDA, Dhanbad Hatia More, Golf Ground Road, Hirapur, Dhanbad - 826001 Jharkhand, India Email: infojrda.dhn@gmail.com |

Note : 1. Only e-tenders will be accepted.
2. Further details can be seen on website – https://jharkhandtenders.gov.in Sd/-

Head of Department (Civil),
JRDA, Dhanbad

PR 373223 (District)25-26*D

ଆବଶ୍ୟକ

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. 61-KUR-TRD-OT-2025-26

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳରେ ଗାଲ୍ଭାନାଇଜ୍ଡ (Galvanized) ଷ୍ଟିଲ୍ ୱାୟର ସ୍ଥାନରେ ଆଣ୍ଟିକ୍ରିପ୍ (Anti creep) ୱାୟର ଭାବରେ କ୍ୟାଟେନାରୀ (Catenary) ୱାୟର ର ବ୍ୟବସ୍ଥା।

ବିଜ୍ଞାପିତ ମୂଲ୍ୟ : ₹79,10,763.04, EMD : ₹1,58,200/-, ଶେଷ ହେବା ଅବଧି : 365 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.19.02.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.03.2026ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-1130/Q/25-26

ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ନଂ. ବିଆର୍-ଏକ୍ୟୁ-ଏଡିଏ-ଆର୍‌ଏନ୍‌ସି-୨୫-୨୬-୧୬ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ (ଇଏନ୍‌ଜି.), ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କାର୍ଯ୍ୟର ବର୍ଣ୍ଣନା: ରାଞ୍ଚି-ଆଦ୍ରା ମଣ୍ଡଳ : ନିମ୍ନଲିଖିତ ସ୍ଥାନରେ ୨୫ଟି ଏକ୍ସିଲ ଲୋଡେଡ୍ ମାଲବାହୀ ଟ୍ରେନ୍ @୧୦୦ କିମି ପ୍ରତି ଘଣ୍ଟାରେ ଚଳାଚଳ ପାଇଁ ବିଦ୍ୟମାନ ସେତୁଗୁଡ଼ିକୁ କମ୍ପୋଜିଟ୍ ଗିର୍ଡର/ବାଲାଷ୍ଟେଡ୍ ଡେକ୍‌ରେ ରୂପାନ୍ତର କରିବା (କ) ଓର୍ଗା-ହାଟିଆ ସେକ୍ସନର ସେତୁ ନଂ. ୩୯୮ (୩x୧୮.୩ ମି), (ଖ) ହାଟିଆ-ମୁରି ସେକ୍ସନର ସେତୁ ନଂ.୩୭୮ ଡିଏନ୍ (୪x୧୮.୩ ମି), (ଗ) ବୋକାରୋ ଷ୍ଟିଲ୍ ସିଟି-କୋଟଶିଲା ସେକ୍ସନର ସେତୁ ନଂ. ୮୩ ଡିଏନ୍ (୩x୧୮.୩ ମି), ୮୯ ଡିଏନ୍ (୧x୧୮.୩ ମି) ଏବଂ ୯୮ ଡିଏନ୍ (୨x୧୮.୩ ମି), (ଘ) ତଲଗାରିଆ-ବୋକାରୋ ଷ୍ଟିଲ୍ ସିଟି ସେକ୍ସନର ସେତୁ ନଂ. ୧୯ (୨x୬.୧୦ ମି + ୫x୧୮.୩ ମି) ଏବଂ ୩୧ (୧x୧୮.୩ ମି), (ଙ) ଆଦ୍ରା-ଗୋମୋହ ସେକ୍ସନର ସେତୁ ନଂ. ୪୦୩ ୟୁପି (୨x୬.୧୦ ମି + ୨x୧୨.୨ ମି + ୧x୧୮.୩ ମି) (୨ୟ ଆହ୍ୱାନ) । ଟେଣ୍ଡର ମୂଲ୍ୟ: ₹୫୦,୯୯,୮୮,୩୪୮.୯୮ । ଅମାନତ ରାଶି: ₹୨୭,୦୦,୦୦୦/- । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹ ଶୂନ । ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୦୨।୦୪।୨୦୨୬ରିଖ, ୧୧.୩୦ ଘଟିକା । ସମାପ୍ତି ଅବଧି: ୧୮ ମାସ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା ତଥା ଅନ୍‌ଲାଇନ୍‌ରେ ସେମାନଙ୍କର ବିଡ୍ ଦାଖଲ ନିମନ୍ତେ ଟେଣ୍ଡରର ସ୍ଥିତି ଜାଣିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ ଫିଜିକାଲ/ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-1203)

PUBLIC NOTICE

Notice is hereby given to the general public, clients, customers, vendors, creditors, bankers and all other concerned stakeholders that K C Nath Resources & Co, carrying on business under the said name as a Proprietorship has been acquired and converted into a Private Limited Company in accordance with applicable provisions of the Companies Act, 2013.

Pursuant to such acquisition and conversion the business shall hereafter be carried on in the name and style of:

"K C NATH RESOURCES PRIVATE LIMITED"

Effective Date: 10th January 2026

Upon acquisition, all business operations, assets, liabilities, contracts, agreements, rights, obligations and undertakings of K C Nath Resources & Co. have been taken over and vested in K C Nath Resources Private Limited with effect from the above date. The continuity of business operations remains unaffected and all existing contracts and arrangements shall continue to be valid and binding on the Company. All persons having any dealings with the erstwhile firm are requested to take note of the above change and update their records accordingly.

For K C NATH RESOURCES PRIVATE LIMITED
(Company incorporated pursuant to acquisition of K C Nath Resources & Co.)

Kanhu Charan Nath
Managing Director
Place:Jajpur

## ସଂକ୍ଷେପରେ

### ସକିଲ ଖାନ୍‌ଙ୍କୁ ଜାତୀୟ ନିରାପତ୍ତା ଆଇନରେ ଅଟକ ନିର୍ଦ୍ଦେଶ

କଟକ,୧୮।୨(କାର୍ତ୍ତିକ ସାହୁ)

ଜାତୀୟ ନିରାପତ୍ତା ଆଇନ ୧୯୮୦ର ଧାରା ୩ ଅନ୍ତର୍ଗତ ଉପଧାରା (୨) ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରିଛନ୍ତି କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ। ତିଗିରିଆ ଥାନା ଅନ୍ତର୍ଗତ କରଡାପଲି ଗ୍ରାମର ବସିର ଖାନ୍‌ଙ୍କ ପୁତ୍ର ସକିଲ ଖାନ୍ (୩୫)ଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ଆଦର୍ଶ କଏଦୀ କାରାଗାର, ରାଧାରମଣପୁର, ଆଠଗଡ଼ରେ ଅଟକ ରଖିବାକୁ ଜିଲାପାଳ ଶିନ୍ଦେ ନିର୍ଦ୍ଦେଶ ଜାରି କରିଛନ୍ତି। ସର୍ବସାଧାରଣ ଶୃଙ୍ଖଳା ରକ୍ଷାରେ ବିଘ୍ନ ସୃଷ୍ଟି ହେବା ଆଶଙ୍କା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ କଟକ ଆରକ୍ଷୀ ଅଧୀକ୍ଷକ ୨୦୨୬ ଫେବୃଆରୀ ୬ରେ ସକିଲ ଖାନଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ପରେ ରାଜ୍ୟ ସରକାରଙ୍କ ଗୃହ ବିଭାଗର ଆଦେଶ ଅନୁସାରେ ସକିଲ ଖାନଙ୍କୁ ଜାତୀୟ ନିରାପତ୍ତା ଆଇନ ଅଧୀନରେ ପୁନର୍ବାର ଅଟକ ରଖିବାକୁ ନିର୍ଦ୍ଦେଶ ଦିଆଗଲା। ବର୍ତ୍ତମାନ ସକିଲ ୨୦୨୫ର ଏକ ମାମଲାରେ ଆଦର୍ଶ କଏଦୀ କାରାଗାର, ରାଧାରମଣପୁର, ଆଠଗଡ଼ର ନ୍ୟାୟିକ ହେପାଜତରେ ଅଛନ୍ତି।

### ୟୁବି ରକ୍‌ଷ୍ଟାରକୁ ହରାଇ ଟିସିସି ବିଜୟୀ

ଯାଁଳା,୧୮।୨(ବୁଲା ବାରିକ)

ତମାଣ୍ଡୋ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୮ମ ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବୁଧବାର ୟୁବି ରକ୍‌ଷ୍ଟାରକୁ ୪ ଉଇକେଟରେ ହରାଇ ଟିସିସି ଭୁବନେଶ୍ୱର ବିଜୟୀ ହୋଇଛି। ୟୁବି ରକ୍‌ଷ୍ଟାର ପ୍ରଥମେ ଟସ୍ ଜିତି ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୭୦ ରନ କରିଥିଲା। ଦଳ ପକ୍ଷରୁ ରୋହିତ ସାଗର ୩୯ ବଲରେ ୫୭ ରନ, ସେକ୍ ସଲମନ ୨୭ ବଲରେ ୩୭ ରନ କରିଥିଲେ। ବିପକ୍ଷ ଦଳର ସୁଶୀଲ ବାରିକ ୪ ଓଭରରେ ୧୯ ରନ ଦେଇ ୨ ଉଇକେଟ ଏବଂ ଅତୁଲ ସରୱାନ ୪ ଓଭରରେ ୩୬ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଟିସିସି ଭୁବନେଶ୍ୱର ଦଳ ୧୮.୨ ଓଭରରେ ୬ ଉଇକେଟ ହରାଇ ୧୭୫ ରନ କରି ବିଜୟୀ ହୋଇଥିଲା। ଟିସିସି ପକ୍ଷରୁ ଅତୁଲ ୪୧ ବଲ ଖେଳି ୭୫ ରନ ଓ ଆକାଶ ମହାପାତ୍ର ୧୫ ବଲରେ ୩୯ ରନ କରିଥିଲେ। ବିପକ୍ଷ ଦଳର ଜୀବନ ଜେନା ୪ ଓଭରରେ ୪୧ ରନ ଦେଇ ୨ ଉଇକେଟ୍, ଟୁକୁନା ସାହୁ ୪ ଓଭରରେ ୩୫ ରନ ଦେଇ ୨ ଉଇକେଟ ନେଇଥିଲେ। ତମାଣ୍ଡୋ କ୍ରିକେଟ କ୍ଲବର ବରିଷ୍ଠ ସଭ୍ୟ ବିଜନ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇ ଅତୁଲ ସରୱାନ ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସୁମେନ୍ଦ୍ର ପାତ୍ର ଓ ବିଭୁ ପ୍ରସାଦ ଚୌଧୁରୀ ମ୍ୟାଚ ପରିଚାଳନା କରିଥିଲେ। ଗୁରୁବାର ମାଇଟି ୟଙ୍ଗଷ୍ଟାର ଓ ଆଦିତ୍ୟ ଏକାଦଶ ମଧ୍ୟରେ ମୁକାବିଲା ହେବ।

# ପାଚେରି ନିର୍ମାଣ ବନ୍ଦ ଦାବିରେ ରାସ୍ତାକୁ ଓହ୍ଲାଇଲେ ମହିଳା

- ୨ ଘଣ୍ଟା ଧରି ଟାୟାର ଜାଳି ରାସ୍ତା ଅବରୋଧ
- ପାଚେରି ଖାଲକୁ ପୋତିଲେ

ବାଲିଅନ୍ତା,୧୮।୨(ନୀଳମାଧବ ସାହୁ)



ବାଲିଅନ୍ତା ବ୍ଲକ ଭିଙ୍ଗାରପୁରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାର୍ଶ୍ୱରେ ଥିବା ଏକ ଖେଳପଡ଼ିଆରେ ଚାଲିଥିବା ପାଚେରି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବାକୁ ସ୍ଥାନୀୟ ମହିଳାମାନେ ଦାବି କରିଛନ୍ତି। ଏଠାରେ ପ୍ରାଚୀର ନିର୍ମାଣର ଆବଶ୍ୟକତା ନ ଥିବା ଅଭିଯୋଗ କରି ଗ୍ରାମର ବହୁ ମହିଳା ଆନ୍ଦୋଳନକୁ ଓହ୍ଲାଇବା ସହ ସ୍ଥାନୀୟ ରାମଚନ୍ଦ୍ରପୁର ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଯାତାୟାତ ବାଧାପ୍ରାପ୍ତ ଯୋଗୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ କେତେକ ସ୍ଥଳରେ ଉତ୍ତ୍ୟକ୍ତ ଲୋକେ ଛାତ୍ରୀଛାତ୍ର, ରୋଗୀ ନେଇଯାଉଥିବା ଗାଡ଼ିକୁ ଛାଡ଼ି ଦେଇଥିଲେ। ମହିଳାମାନେ ପଡ଼ିଆରେ ପ୍ରାଚୀର ନିର୍ମାଣ ହେବ ନାହିଁ, ଆମର ଦାବି ପୂରଣ ହେଉ ଇତ୍ୟାଦି ସ୍ଲୋଗାନ ଦେଇ ରାସ୍ତା ଉପରେ ବସି ରହିଥିଲେ। ଖବରପାଇ ବାଲିଅନ୍ତା ଥାନା ଅଧିକାରୀ ଅନିଲ କୁମାର ପରିଡ଼ା ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ସେମାନେ ରାସ୍ତା ଅବରୋଧରୁ ହଟିଥିଲେ। ମାତ୍ର ସେମାନେ ଅବରୋଧରୁ ଉଠି ପ୍ରାଚୀର ନିର୍ମାଣସ୍ଥଳକୁ ଯାଇଥିଲେ। ସେଠାରେ ପହଞ୍ଚି ନିର୍ମାଣ କାର୍ଯ୍ୟକୁ ବିରୋଧ କରିଥିଲେ।

ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଏହି ପଡ଼ିଆ ଭିଙ୍ଗାରପୁର ଗ୍ରାମର ଏକମାତ୍ର ଖେଳପଡ଼ିଆ। ଏଠାରେ ନିୟମିତ ଖେଳକୁଦ, ବିଦ୍ୟାଳୟର ଉତ୍ସବ, ଡ୍ରାମା, କ୍ରୀଡ଼ା, ଅନ୍ୟାନ୍ୟ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ପ୍ରାଚୀର ନିର୍ମାଣ ହେଲେ ପଡ଼ିଆଟି ୨ ଭାଗ ହୋଇ ଆକାରରେ ଛୋଟ ହୋଇଯିବ। ବିଭିନ୍ନ କାର୍ଯ୍ୟରେ ବାଧା ଉପୁଜିବ। ତେଣୁ ପୂର୍ବ ପରି ଖେଳପଡ଼ିଆକୁ ସୁରକ୍ଷିତ ରଖିବା ପାଇଁ ସେମାନେ କହିଥିଲେ।

# ପ୍ରବୋଧ କୁମାର ବସ୍ତିଆଙ୍କ ପରଲୋକ

ଭୁବନେଶ୍ୱର,୧୮।୨(ସୌମ୍ୟରଞ୍ଜନ ରାଉତ)



ଖବରଦାତା ପ୍ରବୋଧ କୁମାର ବସ୍ତିଆଙ୍କ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ସେ କର୍କଟରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ଏକମାତ୍ର କନ୍ୟା ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପ୍ରବୋଧ କଟକ ଜିଲା ନରସିଂହପୁର ବ୍ଲକ ହରିପୁର ଗ୍ରାମରେ ୧୯୬୪ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ସେ ପ୍ରଥମେ ଭୁବନେଶ୍ୱରର କ୍ୱାଲିଟି ପ୍ରେସ୍ ମ୍ୟାନେଜର ଭାବେ କାମ କରିଥିଲେ। ପରେ ବିଭିନ୍ନ ଖବରକାଗଜରେ ପ୍ରୁଫ୍‌ରିଡର ଭାବେ କାମ କରିବା ସହ ଧରିତ୍ରୀରେ ସହସମ୍ପାଦକ ଥିଲେ। ଏଥିସହ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରୁଫ୍‌ରିଡର ଭାବେ ଏକାଡେମୀ ପ୍ରକାଶିତ ଅଧିକାଂଶ ବହିର ପ୍ରୁଫ୍ ସଂଶୋଧନ କରିଛନ୍ତି। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ସ୍ୱଚ୍ଛ ସର୍ବେକ୍ଷଣ ନେଇ ବିଏମସି ବରିଷ୍ଠ ଅଧିକାରୀଙ୍କ କର୍ମଶାଳା

ଭୁବନେଶ୍ୱର,୧୮।୨(ଅନୁରାଧା ମହାରଣା)

ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ବରିଷ୍ଠ ଅଧିକାରୀଙ୍କୁ ନେଇ ସ୍ୱଚ୍ଛ ସର୍ବେକ୍ଷଣ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କମିଶନର ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ, କୈଳାସ ଚନ୍ଦ୍ର ଦାସ, ଜୋନାଲ କମିଶନର ଅଶ୍ୱିନୀ ଏ.ଏଲ ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଅଧିକାରୀ ନିଜ ଅଞ୍ଚଳରେ ଥିବା ପ୍ରତ୍ୟେକ ୱାର୍ଡ ବୁଲି ଦେଖିବେ। ଦୈନିକ ଅତି କମ୍‌ରେ ଗୋଟିଏ ଘଣ୍ଟା ପାଇଁ ହେଲେ ମଧ୍ୟ କ୍ଷେତ୍ର ପରିଦର୍ଶନ କରିବେ ଅଧିକାରୀ। କ୍ଷେତ୍ର ପରିଦର୍ଶନ ସମୟରେ ଯେଉଁଠାରେ ଯେ କୌଣସି ଅସୁବିଧା ରହିଛି, ତାହାକୁ ସୁଧାରିବା ପାଇଁ ସଂପୃକ୍ତ ଉପବିଭାଗୀୟ ଅଧିକାରୀ, ଏଜେନ୍ସି କିମ୍ବା ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ତୁରନ୍ତ ନିର୍ଦ୍ଦେଶ ଦିଆଯିବ। ସଂପୃକ୍ତ ଅଧିକାରୀ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସେହି କାର୍ଯ୍ୟ କରିବେ। ପରିମଳ ଉପବିଭାଗୀୟ ଅଧିକାରୀଙ୍କ ସହିତ ଇଞ୍ଜିନିୟରିଂ, ସ୍ୱାସ୍ଥ୍ୟ, ପରିବହନ, ବିଦ୍ୟୁତ୍ ଆଦି ପ୍ରତ୍ୟେକ ଉପବିଭାଗ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବେ। ରାସ୍ତାଘାଟ, ବିଦ୍ୟୁତ୍, ଜଳାଶୟଗୁଡିକୁ ତୁରନ୍ତ ପରିଷ୍କାର କରିବା ଏବଂ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବାକୁ କମିଶନର ଚଞ୍ଚଳ ରାଣା ପରାମର୍ଶ ଦେଇଛନ୍ତି । ସହରର କୌଣସି ସ୍ଥାନରେ ଯେପରି ବର୍ଜ୍ୟପ୍ରବଣ ସ୍ଥାନକୁ ହଟାଇ ସେଠାରେ ସୌନ୍ଦର୍ଯ୍ୟକରଣ କରିବାକୁ କମିଶନର ରାଣା କହିଛନ୍ତି।

# 'ଏଗ୍ରି ସୁପରଷ୍ଟାର ୧୯୭୬'ର ସୁବର୍ଣ୍ଣ ଜୟନ୍ତୀ




ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୧୮।୨(ସୁଚିସ୍ମିତା ସାହୁ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ସ୍ଥିତ ମଙ୍ଗଳା ମଣ୍ଡପ ସଭାଗୃହରେ ୧୯୭୨-୭୬ ବ୍ୟାଚ୍ କୃଷି ସ୍ନାତକ ବୈଜ୍ଞାନିକଙ୍କ ଆଲୁମ୍ନି 'ଏଗ୍ରୀ ସୁପରଷ୍ଟାର୍ ୧୯୭୬'ର ସୁବର୍ଣ୍ଣ ଜୟନ୍ତୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ପୂର୍ବତନ କୁଳପତି ପ୍ରଫେସର ମନୋରଞ୍ଜନ କର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ କୃଷି ସ୍ତମ୍ଭକାର ନଟବର ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଡିନ୍ ପ୍ରଫେସର ବିଜୟ କୁମାର ମହାପାତ୍ର ଯୋଗଦେଇଥିଲେ। ପ୍ରଫେସର ବିଜୟ କୁମାର ମିଶ୍ର ଓ ସେକ୍ରେଟାରି ସୁଶୀଲ କୁମାର ନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ କୃଷି ସମ୍ପ୍ରସାରଣ ଡିନ୍ ପ୍ରଫେସର ଚକ୍ରଧର ଶତପଥୀ କୃଷି ମହାବିଦ୍ୟାଳୟର ୧୨ଜଣ ପୂର୍ବତନ ଡିନ୍ ପ୍ରଫେସରଙ୍କୁ ସମ୍ମାନିତ କରି ଓୟୁଏଟି ସ୍ମୃତି ସ୍ମରଣିକା ପ୍ରଦାନ କରିଥିଲେ। ବିଭୂତି ଭୂଷଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ବିଳାସ ସେନାପତି ଓ ବୈଜ୍ଞାନିକ ଡ. ଦେବ ପ୍ରସାଦ ମଲ୍ଲିକ ସହଯୋଗ କରିଥିଲେ।

# ସିଦ୍ଧମହାବୀର ମନ୍ଦିର ସମ୍ପର୍କିତ ସମସ୍ୟାର ସମାଧାନ କରାଯାଉ

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ଆମ୍ ଆଦ୍‌ମୀ ପାର୍ଟି(ଆପ୍) ପକ୍ଷରୁ ସିଦ୍ଧମହାବୀର ମନ୍ଦିର ସମ୍ପର୍କିତ ସମସ୍ୟାକୁ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୂଚନା ଦିଆଯାଇଛି, ସିଦ୍ଧମହାବୀର ମନ୍ଦିରର ଉନ୍ନତି ପାଇଁ ପାର୍ଟି ପକ୍ଷରୁ ପୂର୍ବରୁ ସ୍ୱର ଉତ୍ତୋଳନ କରାଯାଇଆସୁଛି। କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଜେନାଙ୍କ ନାମରେ ଦେବୋତ୍ତର ବିଭାଗରେ ଅଭିଯୋଗ ମଧ୍ୟ ଦିଆଯାଇଛି, କିନ୍ତୁ ଆଜିଯାଏ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ବର୍ତ୍ତମାନ ସୁଦ୍ଧା ସିଦ୍ଧମହାବୀରଙ୍କ ୪,୦୬,୬୬୪ ଟଙ୍କାର ବିଜୁଳି ବିଲ୍ ବାକି ରହିଛି। ମନ୍ଦିରର ବାର୍ଷିକ ଆୟ ୨୦ ଲକ୍ଷ, ହେଲେ ଆଜିପର୍ଯ୍ୟନ୍ତ ବିଜୁଳି ବିଲ୍ କାହିଁକି ବାକି ଅଛି ବୋଲି ଦଳ ପ୍ରଶ୍ନ କରିଛି। ସିଦ୍ଧମହାବୀରଙ୍କ ସମ୍ପତ୍ତି ଏବେ ସୁରକ୍ଷିତ କି ନା ସେଇଟା ବଡ଼ ପ୍ରଶ୍ନ। ଯେହେତୁ ମନ୍ଦିର ଦେବୋତ୍ତର ବିଭାଗ ଅଧୀନରେ ଯାଉଛି, ତେଣୁ ଅଡିଟ୍ ରିପୋର୍ଟ ସର୍ବସାଧାରଣ ଆଗରେ ସାର୍ବଜନୀନ କରାଯାଉ ବୋଲି ଆପ୍ ପକ୍ଷରୁ ଦାବି କରାଯାଇଛି। ଏନେଇ ଜିଲାପାଳ ଏହାର ସତ୍ୟତା ସ୍ପଷ୍ଟ କରନ୍ତୁ ଯେ, ମହାବୀରଙ୍କ ସମ୍ପତ୍ତି ଏବେ ସୁରକ୍ଷିତ କି ନାହିଁ। ତୁରନ୍ତ ସିଦ୍ଧମହାବୀର ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବରଖାସ୍ତ କରାଯାଉ। ବିଦ୍ୟୁତ୍ ବିଭାଗର କେଉଁ ଅଧିକାରୀ ଏଥିରେ ସାମିଲ ଅଛନ୍ତି, ତାଙ୍କୁ ମଧ୍ୟ ଦଣ୍ଡିତ କରାଯାଉ। ଯଦି ଏହା ଉପରେ ସ୍ପଷ୍ଟତା ନ ଆସେ, ତେବେ ରାଜଧାନୀରେ ବାଧହୋଇ ଦେବୋତ୍ତର ବିଭାଗ କାର୍ଯ୍ୟାଳୟ ଘେରାଉ କରିବ ବୋଲି ଆପ୍ କହିଛି। ଅନ୍ୟମାନଙ୍କ ମଧ୍ୟରେ ବୁଲୁ ଦାସ, ଅନିଲ କୁମାର ଜେନା ଏବଂ ଲକ୍ଷ୍ମଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁମାନେ ଆଗକୁ ବଢ଼ିବାରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ପୁରୁଣା ଭୁବନେଶ୍ୱର,୧୮।୨(ସୁବାସ ଚନ୍ଦ୍ର ପ୍ରଧାନ)

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ**

ରାଜଧାନୀ ଉପକଣ୍ଠ ସଙ୍ଗଳାଇ ଶାସନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦଶମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁମାନେ ଆଗକୁ ବଢ଼ିବା ପାଇଁ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ଶୁଭାଶିଷ ରଥ, ପ୍ରଧାନଗୁରୁଜୀ ଅଜିତ୍ କୁମାର ମହାପାତ୍ର, ବିଦ୍ୟାଳୟ ସଭାପତି ତ୍ରିଲୋଚନ ତ୍ରିପାଠୀ ଓ ନାରାୟଣ ପଣ୍ଡା ମଞ୍ଚରେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ କାଳିଆ, ଅଭିରାମ ବେହେରା, ଭରତ ସ୍ୱାଇଁ, ନାରାୟଣ ବରାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଅପରେଶନ ଚକ୍ର: ବିପୁଳ ପରିମାଣର ତମାଖୁ, ପାନମସଲା ଜବତ

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସକୁ ଏକ ବଡ଼ଧରଣର ସଫଳତା ମିଳିଛି। ବେଆଇନ ତମାଖୁ, ପାନମସଲା ମହଜୁଦ୍ ରଖିବା ଏବଂ ବିକ୍ରି ଅଭିଯୋଗରେ ପୁରୀ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ତମାଖୁ ଓ ପାନମସଲା ଜବତ କରାଯାଇଛି। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏନେଇ ପୋଲିସ ପକ୍ଷରୁ ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅପରେଶନ ଚକ୍ର ଅଧୀନ ଏହି ସ୍ୱତନ୍ତ୍ର ଅଭିଯାନରେ ଚଢ଼ାଉ କରାଯାଇଥିଲା। ତମାଖୁ କାରବାରକୁ ରୋକିବା ପାଇଁ ବିଭିନ୍ନ ପାଇକାରୀ ଦୋକାନ ଏବଂ କ୍ଷୁଦ୍ର ଖୁଚୁରା ଦୋକାନରେ ଚଢ଼ାଉ କରାଯାଇଥିଲା। ଏ ସଂକ୍ରାନ୍ତରେ କୁମ୍ଭାରପଡ଼ା ଥାନା ଏବଂ ବାସେଳିସାହି ଥାନାରେ ନିଷିଦ୍ଧ ତମାଖୁ ଉତ୍ପାଦ ବେଆଇନ ଭାବେ ଗଚ୍ଛିତ ରଖିବା ଏବଂ ବିକ୍ରୟ ପାଇଁ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଛି। କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଜାଇଗଡ଼ ଯାଗା ଅଞ୍ଚଳରେ ଚଢ଼ାଉ କରାଯାଇ ପ୍ରାୟ ୨ ଲକ୍ଷ ଟଙ୍କାର ତମାଖୁ ଏବଂ ଗୁଟ୍‌ଖା ଜବତ କରାଯାଇଛି। ଏହି ମାମଲାରେ କେସ୍ ନଂ.୯/୨୬ରେ ଏକ ମାମଲା ରୁଜୁ କରି ଘୋଡ଼ାବଜାର ଅଞ୍ଚଳର ଆର୍. ଲୋକନାଥ ରେଡ୍ଡୀ (୫୪)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେହିପରି ବାସେଳୀସାହି ପୋଲିସ ବେଆଇନ କାରବର ଅଭିଯୋଗରେ ନରେନ୍ଦ୍ରକୋଣ ଜଗନ୍ନାଥ ନଗରର ରାମଚନ୍ଦ୍ର ମାଲୁ (୬୧)ଙ୍କୁ ଗିରଫ କରିଛି। ତାଙ୍କଠାରୁ ବିପୁଳ ପରିମାଣର ତମାଖୁ ଏବଂ ପାନମସଲା ଜବତ ହୋଇଛି। ଏନେଇ କେସ୍ ନଂ୫୩/୨୬ରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହି ଅଭିଯାନ ସମୟରେ ଅନେକ ଛୋଟ ଦୋକାନ ଯାଞ୍ଚ କରାଯାଇଥିଲା। ନିଷିଦ୍ଧ ତମାଖୁ ଉତ୍ପାଦ ମହଜୁଦ ଓ ବିକ୍ରୟ ନ କରିବା ପାଇଁ କଡ଼ା ଚେତାବନୀ ଦିଆଯାଇଛି। ଦୋକାନ ମାଲିକ ଓ ବିତରକଙ୍କୁ ତୁରନ୍ତ ଏପରି ବେଆଇନ କାର୍ଯ୍ୟକଳାପ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସମାଜ ସୁଧାର ପାଇଁ ନିରପେକ୍ଷ ଖବର ପରିବେଷଣ ଜରୁରୀ



ଭୁବନେଶ୍ୱର,୧୮।୨ (ସୌମ୍ୟରଞ୍ଜନ ରାଉତ)

ସ୍ୱାଧୀନତା ପୂର୍ବରୁ ଜନସାଧାରଣଙ୍କୁ ସଚେତନ କରିବା ସହ ସମାଜ ତଥା ଦେଶର ବିକାଶ ପାଇଁ ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁ ଦାସ ଖବରକାଗଜ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚୁଥିଲେ। ସେତେବେଳେ ହାତଗଣତି କେତୋଟି ଖବରକାଗଜ ପ୍ରକାଶ ପାଉଥିଲା। ସେଥିରେ ଗଠନମୂଳକ ଖବର ରହୁଥିଲା, ଯାହା ସମାଜର ହିତ ସାଧନ କରୁଥିଲା। ଏବେ ଅନେକ ପରିବର୍ତ୍ତନ ହୋଇଛି। ଡିଜିଟାଲ ଓ ବୈଦ୍ୟୁତିକ ଗଣମାଧ୍ୟମଗୁଡ଼ିକ ଶୀଘ୍ର ଖବର ପ୍ରକାଶ କରୁଛନ୍ତି ସତ, ହେଲେ ସେଥିରେ ସତ୍ୟତା କେତେ ତାହା ଜାଣିବା ମୁସ୍କିଲ। ସମାଜ ସୁଧାର ପାଇଁ ନିରପେକ୍ଷ ଖବର ପରିବେଷଣ ଜରୁରୀ। ଗୋଟିଏ ଖବରକାଗଜର ବୟସ କେତେ ହୋଇଛି ତାହା ବଡ଼ ନୁହେଁ, ଖବରକାଗଜରେ କେଉଁ ବର୍ଗଙ୍କ ପାଇଁ କ'ଣ ଅଛି ଓ ସମାଜର କେତେ ହିତ ସାଧନ କରୁଛି, ତାହା ଜାଣିବା ଉଚିତ ବୋଲି ପ୍ରିୟ ଖବରର ୧୧ଶ ସ୍ୱନକ୍ଷତ୍ର ଦିବସରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବୁଧବାର ସୂଚନା ଭବନଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଏମ୍‌ପି ବିଭୁପ୍ରସାଦ ତରାଇ, ବିଧାୟକ ଡ. ଅରୁଣ କୁମାର ସାହୁ, ଉଠାଜଳସେଚନ ନିଗମ ପୂର୍ବତନ ଅଧ୍ୟକ୍ଷ ଅମରେଶ ପତ୍ରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରିୟ ଖବରର ସମ୍ପାଦକ ରାଜକିଶୋର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଖବରଦାତା ହରପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ।

# ବିଡିଓଙ୍କ ଗାଡ଼ି ଭାଙ୍ଗିଦେଲେ ଆନ୍ଦୋଳନକାରୀ

- ବଦଳି ଦାବି ନେଇ ୧୦ମ ଦିନରେ ଗଣଧାରଣା
- ବ୍ଲକ୍ କାର୍ଯ୍ୟାଳୟକୁ ଧସେଇ ପଶିବା ପାଇଁ ଉଦ୍ୟମ
- ୨୧ ଧାରଣାକାରୀଙ୍କୁ ଉଠାଇନେଲା ପୋଲିସ

ବୋଲଗଡ଼,୧୮।୨(ଦେବବ୍ରତ ହୋତା)




ବ୍ଲକ୍ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବାକୁ ଚେଷ୍ଟା କରୁଥିବା ଆନ୍ଦୋଳନକାରୀଙ୍କୁ ପୋଲିସ ଅଟକାଉଛି। ବିଡିଓଙ୍କ ସରକାରୀ ଗାଡ଼ିର କାଚ ଭାଙ୍ଗିଯାଇଛି।

ଖୋର୍ଦ୍ଧା ଜିଲାର ବୋଲଗଡ଼ ବିଡିଓ ସୁମନ ସୁଧା କୁଣ୍ଟୁଙ୍କ ବଦଳି ଦାବିରେ ଗତ ୧୦ ଦିନ ଧରି ଚାଲିଥିବା ଗଣଧାରଣା ବୁଧବାର ଭିନ୍ନ ମୋଡ଼ ନେଇଛି। ଆନ୍ଦୋଳନକାରୀମାନେ ବ୍ଲକ୍ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବା ଉଦ୍ୟମ କରିବାବେଳେ ପୋଲିସ ବାଧା ଦେବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀମାନେ ଉତ୍ତ୍ୟକ୍ତ ହୋଇ ବିଡିଓଙ୍କ ସରକାରୀ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ଏହି ଘଟଣାକୁ ନେଇ ବିଡିଓ ବୋଲଗଡ଼ ଥାନାରେ ଅପରାହ୍ନ ୧ଟାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା (ନଂ.୬୭/୨୬) ରୁଜୁ କରିବା ପରେ ସନ୍ଧ୍ୟାରେ ଧାରଣାସ୍ଥଳରେ ପହଞ୍ଚି ସେଠାରେ ଥିବା ବ୍ଲକ ଅଧ୍ୟକ୍ଷା ଉଲ୍ଲାସ ପ୍ରଧାନ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ ଛୋଟରାୟ, ସୁବାସ ଚନ୍ଦ୍ର ରାୟଗୁରୁ, ଶୁଭେନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାନାମ୍ବର ମାଝି, ସମିତି ସଭ୍ୟ ପ୍ରଦୀପ ପ୍ରଧାନ, ବିଜୟ ସୁବୁଦ୍ଧି, ରଞ୍ଜନ କୁମାର ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁଙ୍କ ସମେତ ୨୧ ଜଣକୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ଅନ୍ୟପଟେ ବ୍ଲକ ଅଧ୍ୟକ୍ଷ ଉଲ୍ଲାସ ପ୍ରଧାନ ମଧ୍ୟ ବିଡିଓଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଗତ ସାଧାରଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମରେ ବିଡିଓ କୁଣ୍ଟୁ ଅନୁପସ୍ଥିତ ଥିଲେ। ଫଳରେ ତାଙ୍କ ବିରୋଧରେ ଜନ ଅସନ୍ତୋଷ ଦେଖାଦେଇଥିଲା।

ଏନେଇ ଜାନୁଆରୀ ୨୮ରେ କେତେକ ସାମାଜିକ ଅନୁଷ୍ଠାନ ପକ୍ଷରୁ ବିଡିଓଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଥିଲା। ସେହିପରି ବୋଲଗଡ଼ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ସମସ୍ତ ଜିଲା ପରିଷଦ ସଦସ୍ୟ, ଅଧିକାଂଶ ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ ନିର୍ବାଚିତ ଜନପ୍ରତିନିଧିମାନେ ବିଡିଓଙ୍କ ବିରୋଧରେ ଅଭିଯୋଗ ଆଣି ତାଙ୍କ ବଦଳି ଦାବିରେ ବିକ୍ଷୋଭ ପ୍ରଦର୍ଶନ, ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ତେବେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେମାନେ ଗତ ୧୦ ତାରିଖରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଗଣଧାରଣା ଜାରି ରଖିଥିଲେ। ଏହି ଧାରଣାକୁ ସ୍ଥାନୀୟ ଅଞ୍ଚଳର କେତେଜଣ ଭାଜପା, କଂଗ୍ରେସ ଓ ବିଜେଡିର ନେତାଙ୍କ ସମେତ ଅଞ୍ଚଳବାସୀ ସମର୍ଥନ ଜଣାଇଥିଲେ। ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ, ନୟାଗଡ଼ ବିଧାୟକ ଡ. ଅରୁଣ ସାହୁ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ଓ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଖୋର୍ଦ୍ଧା ଜିଲା ପରିଷଦ ସଭାନେତ୍ରୀ ରୂପଶ୍ରୀ ରାଣୀ ଗୁମାନସିଂହ, ଉପସଭାପତି ଗୋପୀନାଥ ମହାରଣା ପ୍ରମୁଖ ସମର୍ଥନ କରିଥିଲେ। ମଙ୍ଗଳବାର ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଏବଂ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତିଙ୍କ ସମେତ ୪ ଜଣ ଧାରଣାସ୍ଥଳରେ ପହଞ୍ଚି ବିଡିଓଙ୍କ କାର୍ଯ୍ୟଧାରାକୁ ନିନ୍ଦା କରିବା ସହ ଆନ୍ଦୋଳନକାରୀଙ୍କୁ ସମର୍ଥନ ଜଣାଇଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ରକ୍ଷା ପାଇଁ ଖୋର୍ଦ୍ଧା ଉପଖଣ୍ଡ ପୋଲିସ ଅଧିକାରୀ ନିହାର ରଞ୍ଜନ ପ୍ରଧାନ, ବେଗୁନିଆ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ରିଜର୍ଭ ଇନ୍ସପେକ୍ଟର ବିଜୟ ବେହେରା, ଥାନା ଅଧିକାରୀ ସୁକାନ୍ତ ଦଳାଇ, ଗୋବର୍ଦ୍ଧନପୁର ଓ ବଙ୍କୋଇ ଫାଣ୍ଡିର ଅଧିକାରୀ ମୁତୟନ ଥିଲେ। ବିଡିଓଙ୍କ ଅଭିଯୋଗକ୍ରମେ ବିଭିନ୍ନ ଦଫାରେ ୨୧ ଆନ୍ଦୋଳନଙ୍କୁ ଅଟକ ରଖାଯାଇଥିବାବେଳେ ପରେ ବ୍ୟକ୍ତିଗତ ମୁଚାଲିକାରେ ସମସ୍ତଙ୍କୁ ଛାଡ଼ି ଦିଆଯାଇଥିବା ଥାନାଧିକାରୀ ସୁକାନ୍ତ ଦଳେଇ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସବୁ ପ୍ରସ୍ତୁତି ଶେଷ: ଆଜି ମାଟ୍ରିକ୍ ପରୀକ୍ଷା

ତାଳବସ୍ତ, ୧୮।୨ (ସୁବ୍ରତ କୁମାର ନାୟକ)

ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହେବ। ଡମପଡ଼ା ବ୍ଲକ୍‌ର ତାଳବସ୍ତ ସରକାରୀ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର କରାଯାଇଛି। ସ୍କୁଲ କର୍ତ୍ତୃପକ୍ଷ ଓ ପରିଚାଳନା କମିଟି ପକ୍ଷରୁ ସରକାରଙ୍କ ନିୟମକୁ ମାନି ସବୁପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ପଦନପୁର, ଦୁଲଣାପୁର, ଡମପଡ଼ା, ସାମନ୍ତରାପୁର ଏବଂ ବିଲିପଡ଼ା ଉଚ୍ଚ ବିଦ୍ୟାଳୟର ୨ ଶହ ଛାତ୍ରୀଛାତ୍ର ଉକ୍ତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ତଥା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବାଶିଷ ପାଣି ଜଣାଇଛନ୍ତି। ସମ୍ପୂର୍ଣ୍ଣ ପରୀକ୍ଷା କେନ୍ଦ୍ରକୁ ସିସିଟିଭି ନିୟନ୍ତ୍ରଣ ସହ ଅଂଶୁଘାତକୁ ଆଖି ଆଗରେ ରଖି ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ନିର୍ଦ୍ଧାରିତ ସମୟ ଭିତରେ ପିଲାଙ୍କ ପ୍ରବେଶ ସହିତ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ତାଳବସ୍ତ ଫାଣ୍ଡି ଏବଂ ବାଙ୍କୀ ଥାନା ପକ୍ଷରୁ ବନ୍ଦୋବସ୍ତ କରାଯାଇଛି।

### ପବିତ୍ର ରମ୍‌ଜାନ ମାସ ଆରମ୍ଭ

ଟିଗିରିଆ, ୧୮।୨ (ଜାଫର ଖାଁ): ମୁସଲମାନମାନଙ୍କର ପବିତ୍ର ଉପାସନାର ମାସ ରମ୍‌ଜାନ ବୁଧବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ ପରେ ଟିଗିରିଆ ବ୍ଲକ୍ ଅନ୍ତର୍ଗତ ଜମାତ ଅହମ୍ମଦିୟା ପଙ୍କାଳ ପକ୍ଷରୁ ଗ୍ରାମ ସଭାପତି ସାହାଦତ ଖାଁ ଘୋଷଣା କରିଥିଲେ। ସେହି ଅନୁଯାୟୀ ଜାମା ମସ୍‌ଜିଦଠାରେ ମୌଲାନା ରଫିକ୍ ଅହମ୍ମଦ ବେଗ ଓ ମୌଲାନା ସେକ୍ ନାସିରୁଦ୍ଦିନ ଉପସ୍ଥିତ ମହିଳାପୁରୁଷଙ୍କୁ ନମାଜ ଇସା ଓ ତାରାବି ପାଠ କରାଇଥିଲେ।

### ରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

ଚୌଦ୍ୱାର, ୧୮।୨ (ଆଶୁତୋଷ ଦାସ) ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ନଖରା ପଞ୍ଚାୟତ ଚାଞ୍ଚୋସ୍ଥିତ ସଙ୍କଟମୋଚନ ହନୁମାନ ଜୀଉଙ୍କ ସପ୍ତମ ବାର୍ଷିକ ଉତ୍ସବ ଓ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ନବଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଙ୍କୁରାରୋପଣ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳ ପୂଜା, ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ ଆଦି ବିବିଧ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିସରରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞରେ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇ ଆହୂତି ପ୍ରଦାନ କରିବା ସହିତ ରାମଚରିତ ପାରାୟଣ ଶ୍ରବଣ କରି କୃତାର୍ଥ ହୋଇଥିଲେ। ରାଜେନ୍ଦ୍ର ପ୍ରସାଦ ପାଣ୍ଡେ ଓ ରଶ୍ମିତା ଦାଶ କର୍ତ୍ତା ଓ କର୍ତ୍ତ୍ରୀ ଭାବେ ଆହୁତି ପ୍ରଦାନ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ମାନସ ପାରାୟଣ, ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମନ୍ଦିର ପରିଚାଳନା କମିଟିର କୃତ୍ତିବାସ ନାୟକ, ବିଚିତ୍ରାନନ୍ଦ ପଣ୍ଡା, ମଧୁସୂଦନ ପରିଡ଼ା, ପବିତ୍ର ମୋହନ ଉପାଧ୍ୟାୟଙ୍କ ସମେତ ଗ୍ରାମବାସୀ ଉତ୍ସବ ପରିଚାଳନା କରିଥିଲେ।

### ଟିଗିରିଆରେ ୧,୧୫୫ ମାଟ୍ରିକ୍ ପରୀକ୍ଷାର୍ଥୀ

ଟିଗିରିଆ, ୧୮।୨ (ଜାଫର ଖାଁ):

ଟିଗିରିଆ ବ୍ଲକ୍‌ର ୭ଟି ପରୀକ୍ଷା କେନ୍ଦ୍ରରେ ଗୁରୁବାରଠାରୁ ଚଳିତ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ବ୍ଲକର ୭ ବିଦ୍ୟାଳୟରେ ଏହି ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ୧୧୫୫ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୩୧ ଛାତ୍ରୀ ହୋଇଥିବା ବେଳେ ୬୨୪ ଛାତ୍ର ଥିବା ଜଣାପଡିଛି। ପରୀକ୍ଷା କେନ୍ଦ୍ର ମଧ୍ୟରୁ ପୁରୁଣା ଟିଗିରିଆ ମହେଶ୍ୱର ନୋଡାଲ ବିଦ୍ୟାପୀଠରେ ୨୧୭ ପରୀକ୍ଷାର୍ଥୀ, ଖଣ୍ଡହତାସ୍ଥିତ ଶ୍ରୀଜଗନ୍ନାଥ ନୋଡାଲ ବିଦ୍ୟାପୀଠରେ ୧୪୬ ପରୀକ୍ଷାର୍ଥୀ, ନୂଆପାଟଣାସ୍ଥିତ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ୨୧୪ ପରୀକ୍ଷାର୍ଥୀ, ଟିଗିରିଆ ନିଜିଗଡସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୦୩ ପରୀକ୍ଷାର୍ଥୀ, ପବିତ୍ର ମୋହନ ବିଦ୍ୟାପୀଠରେ ୧୬୩ ପରୀକ୍ଷାର୍ଥୀ, ବିନ୍ଧାଣିମା ନୋଡାଲ ବିଦ୍ୟାପୀଠରେ ୧୧୩ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୭୯ ଜଣ ଛାତ୍ରୀ ଓ ୩୪ ଜଣ ଛାତ୍ର, ବିନ୍ଧାଣିମା ବାଳିକା ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରୀଙ୍କ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ଏଠାରେ ୯୯ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣାଙ୍କଠାରୁ ସୂଚନା ମିଳିଛି।

# 'ଗୁଣିଆ ପାଖକୁ ନ ଯାଇ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ଯିବା'



ଜିଲାପାଳ ଅଫିସ କନଫରେନ୍ସ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କଟକ, ୧୮।୨ (କାର୍ତ୍ତିକ ସାହୁ):

### ଡାହାଣୀ ସନ୍ଦେହରେ ନିର୍ଯାତନା, ନିବାରଣ ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା

ଡାହାଣୀ ଏକ ଭ୍ରାନ୍ତଧାରଣା। ବହୁଚରିତ୍ର ସ୍ୱଭାବ ଭଳି ଏହା ଏକ ମାନସିକ ରୋଗ। ଗୁଣିଆ ପାଖକୁ ନ ଯାଇ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ଯିବା ବୋଲି ବିଶେଷଜ୍ଞ ଦେବେନ୍ଦ୍ର ସୂତାର ବିଭିନ୍ନ ଅଞ୍ଚଳରେ ଘଟିଥିବା ଡାହାଣୀ ସନ୍ଦେହ ଘଟଣା ସମ୍ପର୍କରେ ନିଜର ଅଭିଜ୍ଞତା ବ୍ୟାଖ୍ୟା କରି କହିଛନ୍ତି।

ଡାହାଣୀ ସନ୍ଦେହରେ ଘଟୁଥିବା ନିର୍ଯାତନା ଭଳି ଅମାନବିକ କୁପ୍ରଥାକୁ ରୋକିବା ଓ ସମାଜରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା କକ୍ଷଠାରେ ଏକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଡ. ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଅଧ୍ୟକ୍ଷତା କରି କହିଲେ, ଡାହାଣୀ ସନ୍ଦେହ ନାମରେ ନିର୍ଦ୍ଦୋଷ ବ୍ୟକ୍ତି, ବିଶେଷ କରି ନାରୀ ନିର୍ଯାତନା, ସାମାଜିକ ବହିଷ୍କାର, ହିଂସା, ହତ୍ୟା ଭଳି ଅମାନୁଷିକ କାଣ୍ଡ ରୋକିବାକୁ ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯାଉଛି। ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଏସବୁର ମୂଳୋତ୍ପାଟନ କରିବାକୁ ଚେଷ୍ଟା ଜାରି ରଖିଛି ବୋଲି ଡ. ମିଶ୍ର ମତବ୍ୟକ୍ତ କରିଛନ୍ତି। ବିଶେଷଜ୍ଞ ଶର୍ମିଷ୍ଠା ନାଥ କହିଲେ, ଯଦିଓ ବିଜ୍ଞାନ ଯୁଗରେ ଆମେ ବଞ୍ଚୁଛନ୍ତି ତଥାପି ଡାହାଣୀ ସନ୍ଦେହ ଭଳି କୁପ୍ରଥା ଏବେ ଯାଏ ସମ୍ପୂର୍ଣ୍ଣ ଭାବେ ସମାଜରୁ ଦୂର ହୋଇନାହିଁ। ଏହା ଏକ ପ୍ରକାର ଘରୋଇ ହିଂସା। ଏହା ଘରଠାରୁ ଆରମ୍ଭ ହୋଇ ସମାଜକୁ ବ୍ୟାପିଛି। ଏନେଇ ନିଜ ପରିବାରରୁ ହିଁ ସଚେତନତା ଆରମ୍ଭ ହେବା ଆବଶ୍ୟକ। ଡିଏସପି ସୁନୀଲ କୁମାର ବେହେରା ଓଡ଼ିଶା ଡାହାଣୀ ଶିକାର ନିରାକରଣ ଆଇନ ୨୦୧୩ ସମ୍ପର୍କରେ ଆଲୋଚନା କରି ବିଭିନ୍ନ ଆଇନଗତ ଦଣ୍ଡବିଧାନ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଇଥିଲେ। ଡାହାଣୀ ସନ୍ଦେହ ଦ୍ୱାରା ଜଣେ ନାଗରିକର ୩ଟି ମୌଳିକ ଅଧିକାର କ୍ଷୁଣ୍ଣ ହୋଇଥାଏ। ତାହା ହେଉଛି ଧାରା-୧୫ ଲିଙ୍ଗଗତ ଭେଦଭାବ, ଧାରା-୧୪ ଆଇନଗତ ଅଧିକାର କ୍ଷୁଣ୍ଣ ଏବଂ ଧାରା-୨୧ ସମାଜରେ ସମ୍ମାନର ସହିତ ବଞ୍ଚିବାର ଅଧିକାର। ଡାହାଣୀ ଭଳି କୁପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ କର୍ମଶାଳାରେ ଆହ୍ୱାନ ଦିଆଯାଇଥିଲା। ବିଭିନ୍ନ ବ୍ଲକରୁ ଆସିଥିବା ଅଙ୍ଗନୱାଡି କର୍ମୀ, ଆଶା, ସରପଞ୍ଚ, କିଶୋରୀ ବାଳିକା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ବିଶେଷଜ୍ଞମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୋନାଲିସା ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ବବିତା ଜେନା ଧନ୍ୟବାଦ ଦେଇଥିଲେ।

# କଡ଼ା ସୁରକ୍ଷା ବଳୟରେ ବାଙ୍କୀ କଲେଜ ଯୁକ୍ତ ୨ ପ୍ରଶ୍ନପତ୍ର ହବ୍

ବାଙ୍କୀ, ୧୮।୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଓଡ଼ିଶା ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ, କଳା ଓ ବାଣିଜ୍ୟ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବାଙ୍କୀ କଲେଜରେ ପ୍ରଶ୍ନପତ୍ରର ଏକ ହବ୍ ଓଡ଼ିଶା ଉଚ୍ଚ ମାଧ୍ୟମିକ ପରିଷଦ ପକ୍ଷରୁ ରହିଛି। ଏହି ହବ୍‌ରୁ ଯେଉଁଦିନ ଯେଉଁ ପରୀକ୍ଷା ହେବ ତାହାର ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରକୁ ୨ କାର୍ ଯୋଗେ ପୋଲିସ ଓ ଅବଜରଭର ନେଇ ପହଞ୍ଚାଇବାର ବ୍ୟବସ୍ଥା ହୋଇଛି। ବାଙ୍କୀ କଲେଜ ହବ୍ ସୁପରଭାଇଜର ଭାବେ ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡା ଓ ସହକାରୀ ସୁପରଭାଇଜର ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଦାୟିତ୍ୱରେ ରହିଛନ୍ତି। ଏହି ସମସ୍ତ କାର୍ଯ୍ୟକୁ ସହକାରୀ ସତିଶ କୁମାର ମହାପାତ୍ର ସହାୟତା କରୁଛନ୍ତି। ଚଳିତବର୍ଷ ବାଙ୍କୀ କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ୫୯୯ଜଣ ଛାତ୍ରୀଛାତ୍ର, କଳାପଥର-ଧଳାପଥର ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ୩୧୩, ବୈଦ୍ୟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳାରେ ୧୬୮, ରାଣୀ ଶୁକଦେଈ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳାରେ ୧୭୯, ଡମପଡ଼ା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳାରେ ୧୩୫ଜଣ ଓ ପ୍ରଭା ରାଉତରାୟ ଗୋଡିସାହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳାରେ ୯୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ବାଙ୍କୀ କଲେଜର ଯୁକ୍ତ ୨ ପରୀକ୍ଷାର ପରିଚାଳକ ଭାବେ ପ୍ରାଧ୍ୟାପିକା ଗାୟତ୍ରୀ ନାୟକ ଓ ସହକାରୀ ପରୀକ୍ଷା ପରିଚାଳକ ଭାବେ ଅଧ୍ୟାପକ ଯୁଗୋଳ କିଶୋର ମଣ୍ଡଳ ଦାୟିତ୍ୱ ନିର୍ବାହ କରୁଛନ୍ତି।



ବାଙ୍କୀ କଲେଜ ହବ୍‌ରେ କଡ଼ା ସୁରକ୍ଷା ବଳୟରେ ଯୁକ୍ତ ୨ ପ୍ରଶ୍ନପତ୍ର।

# 'ପୁରୁଣା ପାଇପ୍ ବଦଳାଅ, ନାଳନର୍ଦ୍ଦମା ସଫା କର'



ବିଧାୟିକା ଜଣ୍ଡିସ ସଂକ୍ରମଣ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରୁଛନ୍ତି।

କଟକ, ୧୮।୨ (ଶିଳ୍ପା ପ୍ରିୟଦର୍ଶିନୀ)

### ଜଣ୍ଡିସ ସଂକ୍ରମଣ ଅଞ୍ଚଳ ପରିଦର୍ଶନ କଲେ ବିଧାୟିକା ସୋଫିଆ

ସିଏମ୍‌ସି ୱାର୍ଡ ନଂ. ୧୦ ଅନ୍ତର୍ଗତ ଶେଖବଜାର ଏବଂ ମାନସିଂହପାଟଣା ଅଞ୍ଚଳରେ ଜଣ୍ଡିସ ସଂକ୍ରମଣ ବ୍ୟାପୁଛି। ଏହାକୁ ନଜରରେ ରଖି ବିଧାୟିକା ସୋଫିଆ ଫିର୍ଦ୍ଦୋସ ଉକ୍ତ ଅଞ୍ଚଳ ବୁଧବାର ପରିଦର୍ଶନ କରିଛନ୍ତି। ଏହି ସମୟରେ ଅଞ୍ଚଳରେ ଥିବା ଡ୍ରେନ ଅପରିଷ୍କାର ହୋଇଥିବା ଦେଖି ବିଧାୟିକା ଅସନ୍ତୋଷ ପ୍ରକାଶ କରିଥିଲେ। ଏହାସହ ଜଳ ଦୂଷିତ ହେବାରୁ ଏଭଳି ସ୍ଥିତି ଉପୁଜିଛି ଏବଂ ତୁରନ୍ତ ପୁରୁଣା ପାଣି ପାଇପ ଗୁଡ଼ିକୁ ବଦଳାଇବା ସହ ନାଳନର୍ଦ୍ଦମା ସଫା କରିବା, ପ୍ରତି ଗଳିରେ ବ୍ଲିଚିଂ ପାଉଡ଼ର ପକାଇବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଧାୟିକା ସଂକ୍ରମିତ ବ୍ୟକ୍ତି ଓ ପରିବାରଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସହାୟତା ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ବିଧାୟିକା ସୋଫିଆ କହିଛନ୍ତି, ଏଭଳି ସ୍ଥିତି ଯେପରି ଅନ୍ୟ କୌଣସି ଅଞ୍ଚଳରେ ନ ଉପୁଜେ ସେନେଇ କାର୍ଯ୍ୟ କରାଯାଉ। ବିଭାଗୀୟ ଅଧିକାରୀମାନେ ସଜାଗ ରହି କାର୍ଯ୍ୟ କରନ୍ତୁ ବୋଲି ଫିର୍ଦ୍ଦୋସ କହିଛନ୍ତି। ପରିଦର୍ଶନ ସମୟରେ ୱାଟକୋ, ସିଏମସି, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ସମସ୍ତ ବିଷୟରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ସମେତ ଅନେକ ଦଳୀୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରବୋଧ କୁମାର ବସ୍ତିଆଙ୍କ ପରଲୋକ

ଭୁବନେଶ୍ୱର, ୧୮।୨ (ସୌମ୍ୟରଞ୍ଜନ ରାଉତ):

ଖବରଦାତା ପ୍ରବୋଧ କୁମାର ବସ୍ତିଆଙ୍କ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ସେ କର୍କଟରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ଏକମାତ୍ର କନ୍ୟା ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପ୍ରବୋଧ କଟକ ଜିଲା ନରସିଂହପୁର ବ୍ଲକ ହରିପୁର ଗ୍ରାମରେ ୧୯୬୪ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ସେ ପ୍ରଥମେ ଭୁବନେଶ୍ୱରର କ୍ୱାଲିଟି ପ୍ରେସ୍ ମ୍ୟାନେଜର ଭାବେ



କାମ କରିଥିଲେ। ପରେ ବିଭିନ୍ନ ଖବରକାଗଜରେ ପ୍ରୁଫ୍‌ରିଡର ଭାବେ କାମ କରିବା ସହ ଧରିତ୍ରୀରେ ସହସମ୍ପାଦକ ଥିଲେ। ଏଥିସହ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରୁଫ୍‌ରିଡର ଭାବେ ଏକାଡେମୀ ପ୍ରକାଶିତ ଅଧିକାଂଶ ବହିର ପ୍ରୁଫ୍ ସଂଶୋଧନ କରିଛନ୍ତି। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ୩ଦିନ ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ



ବୈଠକରେ ଆଞ୍ଚଳିକ ଖବରଦାତା ସଂଘର କର୍ମକର୍ତ୍ତାମାନେ।

ସାଲେପୁର, ୧୮।୨ (ଅରବିନ୍ଦ ଭୂୟାଁ)

ପ୍ରତିବର୍ଷ ପରି ଚଳିତବର୍ଷ ସାଲେପୁର ହାଇସ୍କୁଲ ପଡ଼ିଆରେ ସାଲେପୁର ଆଞ୍ଚଳିକ ଖବରଦାତା ସଂଘ ପକ୍ଷରୁ ୩ଦିନ ବ୍ୟାପୀ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ଓ ସଂଘର ୧୧ତମ ବାର୍ଷିକ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବାଲିସାହି ପଞ୍ଚାୟତ ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମାର୍ଚ୍ଚ ୩୦, ୩୧ ଓ ଏପ୍ରିଲ ୧ରେ ହାଇସ୍କୁଲ ପଡ଼ିଆରେ ଓଡ଼ିଶା ଦିବସ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଏହି ୩ଦିନ କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତା ଓ ମନ୍ତ୍ରୀଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ, ସାହିତ୍ୟିକ, ଖବରଦାତା ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରିତ କରିବାକୁ ସର୍ବସମ୍ମତିକ୍ରମେ ସ୍ଥିର ହୋଇଛି। ସେହିପରି ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ସ୍ଥିର କରାଯାଇଛି। ଉତ୍କଳ ଗୌରବ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁରରୁ ଏକ ମଶାଲ ଶୋଭାଯାତ୍ରା ସାଲେପୁର ପର୍ଯ୍ୟନ୍ତ ଅଣାଯିବା ପାଇଁ ଏପ୍ରିଲ ୧ରେ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବାବେଳେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ଉତ୍କଳ ଗୌରବ ମଧୁବାବୁ ସମ୍ମାନ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ସମସ୍ତ ସଭ୍ୟ ଉପସ୍ଥିତ ରହି ସହମତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ହୃଷୀକେଶ ମଲ୍ଲିକ, ଉପସଭାପତି ଦୀପକ କୁମାର ଦାଶ, ମହାସଚିବ ମନୋଜ କୁମାର ଆଚାର୍ଯ୍ୟ, ସହ ସମ୍ପାଦକ ଅରବିନ୍ଦ ଭୂୟାଁ, କୋଷାଧ୍ୟକ୍ଷ ସୁଧୀର କୁମାର ଶତପଥୀ, ଉପଦେଷ୍ଟା ଅଭୟ କୁମାର ଜେନା, ରତ୍ନାକର ବାରିକ, ବରିଷ୍ଠ ସଭ୍ୟ ତାରାକାନ୍ତ ନାୟକ, ଚନ୍ଦ୍ରାଦେଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ସାଲେପୁର: ୧୨ ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ ୨୪୬୩ ପରୀକ୍ଷାର୍ଥୀ

ସାଲେପୁର, ୧୮।୨ (ଅରବିନ୍ଦ ଭୂୟାଁ) ସାଲେପୁର ଶିକ୍ଷାମଣ୍ଡଳ ଅଧୀନ ୧୨ ପରୀକ୍ଷା କେନ୍ଦ୍ରରେ ଚଳିତବର୍ଷ ୨୪୬୩ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବେ। ଗୁରୁବାରଠାରୁ ଆରମ୍ଭ ହେଉଥିବା ମାଟ୍ରିକ୍ ପରୀକ୍ଷା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୧୨ ପରୀକ୍ଷା କେନ୍ଦ୍ର ଓ ୩ ନୋଡ଼ାଲ ସେଣ୍ଟର କରାଯାଇଛି। ସେଥିମଧ୍ୟରୁ ସାଲେପୁର ବ୍ଲକ୍‌ରେ ୯ ପରୀକ୍ଷା କେନ୍ଦ୍ର ପାଇଁ ପିଏମ୍‌ଶ୍ରୀ ସାଲେପୁର ହାଇସ୍କୁଲ ନୋଡ଼ାଲ ସେଣ୍ଟର କରାଯାଇଥିବାବେଳେ ନିଶ୍ଚିନ୍ତକୋଇଲି ବ୍ଲକ୍‌ର ଅହମ୍ମଦ ବକ୍ସ ହାଇସ୍କୁଲ ଓ ମାହାଙ୍ଗା ବ୍ଲକ୍‌ର ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱରକୁ ନୋଡ଼ାଲ ସେଣ୍ଟର ଭାବେ ଗଠନ କରାଯାଇଛି। ସେହିପରି ନିଶ୍ଚିନ୍ତକୋଇଲି ନୋଡ଼ାଲ ସେଣ୍ଟର ଅଧୀନରେ ସାଲେପୁର ବ୍ଲକ୍ ଦ୍ୱୀପାଞ୍ଚଳର ଗୁଆଳି ହାଇସ୍କୁଲ ଓ ସୁରେନ୍ଦ୍ର ନାଥ ହାଇସ୍କୁଲ ରହିଥିବାବେଳେ ସାଲେପୁର ବ୍ଲକ୍‌ର ଏକ୍ରାମ ରସୁଲ ହାଇସ୍କୁଲ ରାଇସୁଣ୍ଡୁଡ଼ା, ମାହାଙ୍ଗା ବ୍ଲକ୍‌ର ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱର ନୋଡ଼ାଲ ସେଣ୍ଟର ଅଧୀନରେ ରହିଛି।

# ସ୍ୱର୍ଶ କୁଷ୍ଠ ସଚେତନତା ଅଭିଯାନ



ଟିଗିରିଆ, ୧୮।୨ (ଜାଫର ଖାଁ):

ଟିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟ, ସମସ୍ତ ଜିକେଏସ୍ ମାଧ୍ୟମରେ ସ୍ୱର୍ଶ କୁଷ୍ଠ ରୋଗ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ତଥା ବ୍ଲକ ମେଡିକାଲ ଅଫିସର ଡା. ମନୋରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଜାନୁଆରୀ ୩୦ରୁ ଚଳିତ ମାସ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଷ୍ଠରୋଗ ଓ ରୋଗୀମାନଙ୍କ ସହ କିଭଳି ବ୍ୟବହାର କରାଯିବ, ରୋଗୀଙ୍କୁ ଯଥାଶୀଘ୍ର ଚିହ୍ନଟ କରାଯିବା ସହ ସେମାନେ କିଭଳି ତୁରନ୍ତ ଚିକିତ୍ସା ଏବଂ ଔଷଧ ପାଇପାରିବେ ସେ ସମ୍ପର୍କରେ ସଚେତନ କରାଯିବା ସହ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ଜିଲା କୁଷ୍ଠ ବିଭାଗ ଡା. ଦୀପା ପଟ୍ଟନାୟକ, କୁଷ୍ଠ ବିଭାଗ ସୁପରଭାଇଜର ବିଷ୍ଣୁ ଚରଣ ମହାରଣାଙ୍କ ସହ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗର ଡା. ପ୍ରିୟଦର୍ଶିନୀ ଷଡଙ୍ଗୀ, କର୍ମଚାରୀ ମୃତ୍ୟୁଞ୍ଜୟ ମହାପାତ୍ର, ବିଦ୍ୟୁତ୍‌ପ୍ରଭା ନନ୍ଦ, ପରିସଂଖ୍ୟାନ ସହାୟକ ମନମୋହନ ଦାଶ ସହ ସିଏଚ୍‌ଓ, ମହିଳାପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଲୁକ୍କାୟିତ ପ୍ରତିଭାକୁ ଗୁରୁତ୍ୱ, ସଂସ୍କୃତିକୁ ଉଜ୍ଜୀବିତ ରଖିବାକୁ ପରାମର୍ଶ

### ବାବା ବକ୍ରେଶ୍ୱରଙ୍କ ପୀଠରେ ଜାଗରଯାତ୍ରା, ଭଜନ ସନ୍ଧ୍ୟା

ବାଙ୍କୀ, ୧୮।୨ (ଶୁଭେନ୍ଦୁ ମହାପାତ୍ର):



ଜାଗରଯାତ୍ରା ମହୋତ୍ସବରେ ଯୋଗଦେଇଥିବା ଅତିଥି।

ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ସାହାଡ଼ାପଦାସ୍ଥିତ ପ୍ରସିଦ୍ଧ ବାବା ବକ୍ରେଶ୍ୱର ମହାଦେବଙ୍କ ପୀଠରେ ଜାଗର ଯାତ୍ରା ଏବଂ ଶ୍ରୀ ସଙ୍କଟମୋଚନ ହନୁମାନଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ପାଳନ ହୋଇଯାଇଛି। ଜାଗର ଯାତ୍ରା ଉପଲକ୍ଷେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବରିଷ୍ଠ କବି ତଥା ସୁଲେଖକ କୌଶିକ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରତ୍ୟେକ ମହୋତ୍ସବ, ଯାତ୍ରା ଆଦି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାମାନେ ବିଭିନ୍ନ ସଙ୍ଗୀତ, ନୃତ୍ୟ ଆଦି ପରିବେଷଣ କରିବାର ସୁଯୋଗ ପାଇଥାନ୍ତି। ଫଳରେ ପ୍ରତିଭାମାନଙ୍କ ମନରେ ଉତ୍କଣ୍ଠା ପରିଲକ୍ଷିତ ହୋଇଥାଏ। ଏତଦ୍‌ବ୍ୟତୀତ ଏଭଳି ମହତ୍ କାର୍ଯ୍ୟକ୍ରମରେ ଯୁବକମାନେ ସାମିଲ ହୋଇ ଜାଗର ଯାତ୍ରାକୁ ସୁପରିଚାଳନା କରିବାକୁ ଆହ୍ୱାନ ଦେବା ସହିତ ମନ୍ଦିରର ଉନ୍ନତୀକରଣ ନିମନ୍ତେ ସହଯୋଗ କରିବେ ବୋଲି ମୁଖ୍ୟ ଅତିଥି ପାଢ଼ୀ ପ୍ରକାଶ କରିଥିଲେ। ଗ୍ରାମାଞ୍ଚଳ ଲୁକ୍କାୟିତ ପ୍ରତିଭାମାନଙ୍କ ଲୋକଗୀତ, ସଙ୍ଗୀତ, ନୃତ୍ୟ ପ୍ରତି ଗୁରୁତ୍ୱ ଦେବା ସହିତ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ କହିଥିଲେ। ଏଥିସହିତ ମନ୍ଦିରର ଉନ୍ନତୀକରଣ ନିମନ୍ତେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରି ସ୍ୱତନ୍ତ୍ର ବିଧାୟକ ପାଣ୍ଠିରୁ ସହଯୋଗ ଯୋଗାଇଦେବେ ବୋଲି ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପାଢ଼ୀ କହିଥିଲେ। ୨ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମକୁ ବହୁ ଧୁମ୍‌ଧାମରେ ପାଳନ କରାଯାଇଥିଲା। ଏହାକୁ କମିଟି ସମସ୍ତ ସଦସ୍ୟ ପରିଚାଳନା କରିଥିବା ବେଳେ କମିଟି ସଭାପତି ଅଜିତ୍ କୁମାର ସୁବୁଦ୍ଧି ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଡିଓଙ୍କ ଗାଡ଼ି ଭାଙ୍ଗିଦେଲେ ଆନ୍ଦୋଳନକାରୀ



ବ୍ଲକ୍ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବାକୁ ଚେଷ୍ଟା କରୁଥିବା ଆନ୍ଦୋଳନକାରୀଙ୍କୁ ପୋଲିସ ଅଟକାଉଛି।



ବିଡିଓଙ୍କ ସରକାରୀ ଗାଡ଼ିର କାଚ ଭାଙ୍ଗିଯାଇଛି।

- ବଦଳି ଦାବି ନେଇ ୧୦ମ ଦିନରେ ଗଣଧାରଣା
- ବ୍ଲକ୍ କାର୍ଯ୍ୟାଳୟକୁ ଧସେଇ ପଶିବା ପାଇଁ ଉଦ୍ୟମ
- ୨୧ ଧାରଣାକାରୀଙ୍କୁ ଉଠାଇନେଲା ପୋଲିସ

**ବୋଲଗଡ଼,୧୮।୨(ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲାର ବୋଲଗଡ଼ ବିଡିଓ ସୁମନ ସୁଧା କୁଣ୍ଟୁଙ୍କ ବଦଳି ଦାବିରେ ଗତ ୧୦ ଦିନ ଧରି ଚାଲିଥିବା ଗଣଧାରଣା ବୁଧବାର ଭିନ୍ନ ମୋଡ଼ ନେଇଛି। ଆନ୍ଦୋଳନକାରୀମାନେ ବ୍ଲକ୍ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବା ଉଦ୍ୟମ କରିବାବେଳେ ପୋଲିସ ବାଧା ଦେବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀମାନେ ଉତ୍ତ୍ୟକ୍ତ ହୋଇ ବିଡିଓଙ୍କ ସରକାରୀ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ଏହି ଘଟଣାକୁ ନେଇ ବିଡିଓ ବୋଲଗଡ଼ ଥାନାରେ ଅପରାହ୍ନ ୧ଟାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା (ନଂ.୬୭/୨୬) ରୁଜୁ କରିବା ପରେ ସନ୍ଧ୍ୟାରେ ଧାରଣାସ୍ଥଳରେ ପହଞ୍ଚି ସେଠାରେ ଥିବା ବ୍ଲକ ଅଧକ୍ଷା ଉଲ୍ଲାସ ପ୍ରଧାନ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ ଛୋଟରାୟ, ସୁବାସ ଚନ୍ଦ୍ର ରାୟଗୁରୁ, ଶୁଭେନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ବାନାମ୍ବର ମାଝି, ସମିତି ସଭ୍ୟ ପ୍ରଦୀପ ପ୍ରଧାନ, ବିଜୟ ସୁବୁଦ୍ଧି, ରଞ୍ଜନ କୁମାର ପଣ୍ଡା, ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁଙ୍କ ସମେତ ୨୧ ଜଣକୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ଅନ୍ୟପଟେ ବ୍ଲକ ଅଧକ୍ଷ ଉଲ୍ଲାସ ପ୍ରଧାନ ମଧ ବିଡିଓଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଗତ ସାଧାରଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମରେ ବିଡିଓ କୁଣ୍ଟୁ ଅନୁପସ୍ଥିତ ଥିଲେ। ଫଳରେ ତାଙ୍କ ବିରୋଧରେ ଜନ ଅସନ୍ତୋଷ ଦେଖାଦେଇଥିଲା। ଏନେଇ ଜାନୁଆରୀ ୨୮ରେ କେତେକ ସାମାଜିକ ଅନୁଷ୍ଠାନ ପକ୍ଷରୁ ବିଡିଓଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଥିଲା। ସେହିପରି ବୋଲଗଡ଼ ବ୍ଲକ ଅଧକ୍ଷା, ଉପାଧକ୍ଷ, ସମସ୍ତ ଜିଲା ପରିଷଦ ସଦସ୍ୟ, ଅଧିକାଂଶ ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ ନିର୍ବାଚିତ ଜନପ୍ରତିନିଧିମାନେ ବିଡିଓଙ୍କ ବିରୋଧରେ ଅଭିଯୋଗ ଆଣି ତାଙ୍କ ବଦଳି ଦାବିରେ ବିକ୍ଷୋଭ ପ୍ରଦର୍ଶନ, ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ତେବେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେମାନେ ଗତ ୧୦ ତାରିଖରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଗଣଧାରଣା ଜାରି ରଖିଥିଲେ। ଏହି ଧାରଣାକୁ ସ୍ଥାନୀୟ ଅଞ୍ଚଳର କେତେଜଣ ଭାଜପା, କଂଗ୍ରେସ ଓ ବିଜେଡିର ନେତାଙ୍କ ସମେତ ଅଞ୍ଚଳବାସୀ ସମର୍ଥନ ଜଣାଇଥିଲେ। ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ, ନୟାଗଡ଼ ବିଧାୟକ ଡ. ଅରୁଣ ସାହୁ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ଓ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଖୋର୍ଦ୍ଧା ଜିଲା ପରିଷଦ ସଭାନେତ୍ରୀ ରୂପଶ୍ରୀ ରାଣୀ ଗୁମାନସିଂହ, ଉପସଭାପତି ଗୋପୀନାଥ ମହାରଣା ପ୍ରମୁଖ ସମର୍ଥନ କରିଥିଲେ। ମଙ୍ଗଳବାର ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଏବଂ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତିଙ୍କ ସମେତ ୪ ଜଣ ଧାରଣାସ୍ଥଳରେ ପହଞ୍ଚି ବିଡିଓଙ୍କ କାର୍ଯ୍ୟଧାରାକୁ ନିନ୍ଦା କରିବା ସହ ଆନ୍ଦୋଳନକାରୀଙ୍କୁ ସମର୍ଥନ ଜଣାଇଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ରକ୍ଷା ପାଇଁ ଖୋର୍ଦ୍ଧା ଉପଖଣ୍ଡ ପୋଲିସ ଅଧିକାରୀ ନିହାର ରଞ୍ଜନ ପ୍ରଧାନ, ବେଗୁନିଆ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ରିଜର୍ଭ ଇନ୍ସପେକ୍ଟର ବିଜୟ ବେହେରା, ଥାନା ଅଧିକାରୀ ସୁକାନ୍ତ ଦଳାଇ, ଗୋବର୍ଦ୍ଧନପୁର ଓ ବଙ୍କୋଇ ଫାଣ୍ଡିର ଅଧିକାରୀ ମୁତୟନ ଥିଲେ। ବିଡିଓଙ୍କ ଅଭିଯୋଗକ୍ରମେ ବିଭିନ୍ନ ଦଫାରେ ୨୧ ଆନ୍ଦୋଳନଙ୍କୁ ଅଟକ ରଖାଯାଇଥିବାବେଳେ ପରେ ବ୍ୟକ୍ତିଗତ ମୁଚାଲିକାରେ ସମସ୍ତଙ୍କୁ ଛାଡ଼ି ଦିଆଯାଇଥିବା ଥାନାଧିକାରୀ ସୁକାନ୍ତ ଦଳେଇ ସୂଚନା ଦେଇଛନ୍ତି।

# ବୋଲଗଡ଼ ବିଡିଓଙ୍କ ବଦଳିକୁ ନେଇ ଭାଜପାରେ ଫାଟ

**ଖୋର୍ଦ୍ଧା,୧୮।୨(ପ୍ରଭାତ ପାଣିଗ୍ରାହୀ)**

ବୋଲଗଡ଼ ବିଡିଓ ସୁମନସୁଧା କୁଣ୍ଟୁଙ୍କ ବଦଳିକୁ ନେଇ ରାଜନୈତିକ ଆରୋପ ପ୍ରତ୍ୟାରୋପ ଲାଗିରହିଛି। ବିଡିଓଙ୍କ ବଦଳି ଦାବିରେ ନିର୍ବାଚିତ ଜନପ୍ରତିନିଧିମାନେ ଗତ ୧୦ଦିନ ଧରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଛନ୍ତି। ବୁଧବାର ଆନ୍ଦୋଳନକାରୀମାନେ ବ୍ଲକ୍ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବା ପାଇଁ ଉଦ୍ୟମ କରୁଥିବାବେଳେ ପୋଲିସ ଅଟକାଇଥିଲା। ଫଳରେ ସେମାନେ ଉତ୍କ୍ଷିପ୍ତ ହୋଇ ବିଡିଓଙ୍କ ଗାଡ଼ି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଅପରପଟେ ଭାଜପାର ଗୋଟିଏ ଗୋଷ୍ଠୀ ଏହି ଆନ୍ଦୋଳନକୁ ସମର୍ଥନ କରୁଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ବିରୋଧ କରୁଛି। ଫଳରେ ଭାଜପାର ଦୁଇ ଗୋଷ୍ଠୀ ପରସ୍ପର ଉପରକୁ ଦୋଷ ଲଦିଛନ୍ତି।

ଗଣମାଧ୍ୟମ ଆଗରେ ଭାଜପା ରାଜ୍ୟ ଉପସଭାପତି ଯତିନ ମହାନ୍ତି କହିଛନ୍ତି, ବୋଲଗଡ଼ରେ କେତେଜଣ ଭ୍ରଷ୍ଟ ନେତା, ଠିକାଦାର ଓ ଅଫିସର ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିଲେ। ମୋହନ ସରକାର ଆସିବା ପରେ ତାହା ଉପରେ ଚିମୁଟା କଷାଯାଇଛି। ଯେଉଁ ଅସାଧୁ ଠିକାଦାର, ଅଫିସର ଏବଂ ବିଜେଡି ନେତା ଗତ କିଛିଦିନ ହେଲା ହାଇଡ୍ରାମା କରୁଥିଲେ, ନିୟମ ଅନୁଯାୟୀ ସେମାନେ ଦଣ୍ଡିତ ହେବେ। ଏହି ଆନ୍ଦୋଳନ ପ୍ରତି ଭାଜପାର ସମର୍ଥନ ନାହିଁ। କେତେଜଣ ଲୋକଙ୍କ ବେକରେ ଜବରଦସ୍ତ ଭାବେ ଭାଜପା ପତାକା ପକାଇ ଦଳୀୟ ରଙ୍ଗ ଦିଆଯାଇଛି, ଯାହା ହାସ୍ୟାସ୍ପଦ। ଯେଉଁମାନଙ୍କୁ ଭାଜପା କର୍ମୀ ଆଖ୍ୟା ଦିଆଯାଇ ଗଣମାଧ୍ୟମ ଆଗରେ ଛିଡା କରାଯାଇଛି, ସେମାନେ କେବେ ବି ଦଳରେ ନ ଥିଲେ ବୋଲି ସେ କହିଛନ୍ତି। ଏଥିସହ ସେ ବିଜେଡି ନେତା ତଥା ନୟାଗଡ଼ ବିଧାୟକ ଅରୁଣ ସାହୁ, ରାଜକିଶୋର ସାହୁ, ଲେଲିନ ମହାନ୍ତି ଏବଂ ରାଜ୍ୟ ସଭା ସଦସ୍ୟା ସୁଲତା ଦେଓଙ୍କୁ ଟାର୍ଗେଟ କରିଛନ୍ତି।

ଏହାର ଜବାବ ରଖି ପୂର୍ବତନ ମଣ୍ଡଳ ସଭାପତି ଅଜିତ ପଟ୍ଟନାୟକ କହିଛନ୍ତି, ୨୦୧୯ ସାଧାରଣ ନିର୍ବାଚନରେ ଯିଏ ଦଳ ବିରୋଧୀ କାର୍ଯ୍ୟ କରିଥିଲେ, ସେ ଏବେ ଭାଜପା ପ୍ରତି ଆନୁଗତ୍ୟ ଦେଖାଉଛନ୍ତି। ୨୦୨୨ ପଞ୍ଚାୟତ ନିର୍ବାଚନରେ ମୋ' ସହଧର୍ମିଣୀ ଜିଲା ପରିଷଦ ପ୍ରାର୍ଥୀ ହୋଇଥିବାବେଳେ ଯତୀନ ବାବୁଙ୍କ ସମର୍ଥକ ବିରୋଧ କରିଥିଲେ। ସେହିପରି ମଣ୍ଡଳ ସଭାପତି ଦୀପକ ବିଶ୍ୱାଳ କହିଛନ୍ତି, ଆମେ ଦଳର କର୍ମୀ ଅଥବା କୌଣସି ପଦପଦବୀରେ ଅଛୁ କି ନାହିଁ ତାହା ଜିଲା ସଭାପତିଙ୍କୁ ପଚାରିଲେ ଜାଣିପାରିବେ। ବୋଲଗଡ଼ରେ ଯେଉଁ ବିଶୃଙ୍ଖଳା ସୃଷ୍ଟି ହେଉଛି, ସେଥିଲାଗି ଯତୀନ ବାବୁ ଦାୟୀ। ବୁଧବାର ଯତୀନ ବାବୁ ବୈଠକ କରିଥିବାବେଳେ କାହାକୁ ଡକାଯାଇନାହିଁ। ଏ ନେଇ ରାଜ୍ୟ ସଭାପତି ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ସାଧାରଣତନ୍ତ୍ର ଦିବସରେ ବିଡିଓଙ୍କ ଅନୁପସ୍ଥିତିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଜାନୁଆରୀ ୨୮ରେ କେତେକ ସାମାଜିକ ଅନୁଷ୍ଠାନ ପକ୍ଷରୁ ବୋଲଗଡ଼ ବନ୍ଦ ଡାକରା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର କିଛିଦିନ ପରେ ବୋଲଗଡ଼ ବ୍ଲକ ଅଧକ୍ଷା, ଉପାଧକ୍ଷାଙ୍କ ସମେତ ୧୫ ସରପଞ୍ଚ, ସମିତିସଭ୍ୟ ଏବଂ ୩ଜଣ ଜିଲା ପରିଷଦ ସଭ୍ୟ ବିଡିଓଙ୍କ ବଦଳି ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିବାବେଳେ ଫେବୃଆରୀ ପ୍ରଥମ ସୋମବାର ଜିଲାସ୍ତରୀୟ ଜନଶୁଣାଣି ଶିବିରରେ ଯତୀନ ମହାନ୍ତିଙ୍କ ସମର୍ଥକମାନେ ବିଡିଓଙ୍କ ସପକ୍ଷରେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ।

# ୟୁବି ରକ୍ଷ୍ଟାରକୁ ହରାଇ ଟିସିସି ବିଜୟୀ

**ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ**

**ଯାଁଳା,୧୮।୨(ବୁଲା ବାରିକ)**

ତମାଣ୍ଡୋ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୮ମ ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ୟୁବି ରକ୍ଷ୍ଟାରକୁ ୪ ଉଇକେଟରେ ହରାଇ ଟିସିସି ଭୁବନେଶ୍ୱର ବିଜୟୀ ହୋଇଛି। ୟୁବି ରକ୍ଷ୍ଟାର ପ୍ରଥମେ ଟସ୍ ଜିତି ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୭୦ ରନ କରିଥିଲା। ଦଳ ପକ୍ଷରୁ ରୋହିତ ସାଗର ୩୯ ବଲରେ ୫୭ ରନ, ସେକ୍ ସଲମନ ୨୭ ବଲରେ ୩୭ ରନ କରିଥିଲେ। ବିପକ୍ଷ ଦଳର ସୁଶୀଲ ବାରିକ ୪ ଓଭରରେ ୧୯ ରନ ଦେଇ ୨ ଉଇକେଟ ଏବଂ ଅତୁଲ ସରୱାନ ୪ ଓଭରରେ ୩୬ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଟିସିସି ଭୁବନେଶ୍ୱର ଦଳ ୧୮.୨ ଓଭରରେ ୬ ଉଇକେଟ ହରାଇ ୧୭୫ ରନ କରି ବିଜୟୀ ହୋଇଥିଲା। ଟିସିସି ପକ୍ଷରୁ ଅତୁଲ ୪୧ ବଲ ଖେଳି ୭୫ ରନ ଓ ଆକାଶ ମହାପାତ୍ର ୧୫ ବଲରେ ୩୯ ରନ କରିଥିଲେ। ବିପକ୍ଷ ଦଳର ଜୀବନ ଜେନା ୪ ଓଭରରେ ୪୧ ରନ ଦେଇ ୨ ଉଇକେଟ୍, ଟୁକୁନା ସାହୁ ୪ ଓଭରରେ ୩୫ ରନ ଦେଇ ୨ ଉଇକେଟ ନେଇଥିଲେ। ତମାଣ୍ଡୋ କ୍ରିକେଟ କ୍ଲବର ବରିଷ୍ଠ ସଭ୍ୟ ବିଜନ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇ ଅତୁଲ ସରୱାନ ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସୁମେନ୍ଦ୍ର ପାତ୍ର ଓ ବିଭୁ ପ୍ରସାଦ ଚୌଧୁରୀ ମ୍ୟାଚ ପରିଚାଳନା କରିଥିଲେ। ଗୁରୁବାର ମାଇଟି ୟଙ୍ଗ୍ଷ୍ଟାର ଓ ଆଦିତ୍ୟ ଏକାଦଶ ମଧ୍ୟରେ ମୁକାବିଲା ହେବ।

# ଶ୍ରେଣୀକାର୍ଯ୍ୟରେ ଉନ୍ନତି ଆଣିବ ନିରୀକ୍ଷଣ, ମାର୍ଗଦର୍ଶନ



କାର୍ଯ୍ୟକ୍ରମରେ ପୁସ୍ତକ ଉନ୍ମୋଚନ କରାଯାଉଛି।

**ଖୋର୍ଦ୍ଧା,୧୮।୨(ପ୍ରଭାତ ପାଣିଗ୍ରାହୀ)**

ସହାୟକ ନିରୀକ୍ଷଣ ଓ ମାର୍ଗଦର୍ଶନ ଦ୍ୱାରା ଶିକ୍ଷକମାନଙ୍କ ଦକ୍ଷତାର ବିକାଶ ହୋଇପାରିବ। ସେମାନେ ଉପଯୁକ୍ତ ଭାବେ ଶିକ୍ଷାଦାନ କରିପାରିବେ। ଖୋର୍ଦ୍ଧା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ରେ ବୁଧବାର ଆୟୋଜିତ ସଭାରେ ଅତିଥିମାନେ ଏ ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭା ଗୃହରେ ଖୋର୍ଦ୍ଧା ଜିଲାର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନଙ୍କ ପାଇଁ ସହଯୋଗୀ ନିରୀକ୍ଷଣ ଓ ପରାମର୍ଶଦାନ ଶୀର୍ଷକ ଅନ୍‌ଲାଇନ ପାଠ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି ପାଠ୍ୟକ୍ରମର ଶୁଭାରମ୍ଭ କରି ଅନୁଷ୍ଠାନର ଅଧକ୍ଷ ଡ. ତାପସ କୁମାର ନାୟକ କହିଥିଲେ, ସହଯୋଗ ଓ ମାର୍ଗଦର୍ଶନ ଦ୍ୱାରା ଶିକ୍ଷକଙ୍କ କାମକୁ ଉନ୍ନତ କରାଯାଇପାରିବ। ଅତିଥି ଭାବେ ଅତିରିକ୍ତ ଶିକ୍ଷା ଜିଲା ଅଧିକାରୀ ଡ. ପ୍ରଜ୍ଞାପାରମିତା ଜେନା ଏହି ପାଠ୍ୟକ୍ରମର ଗୁରୁତ୍ୱ ଓ ସେଥିରେ ସିଆର୍‌ସିସିଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ୧୩୨ ଜଣ ସିଆର୍‌ସିସି ଯୋଗଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଡ. ସନାତନ ପଣ୍ଡା ଯୋଗଦେଇ ଏହି ଅନ୍‌ଲାଇନ ପାଠ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ମୌସୁମୀ ମହାନ୍ତି, ଦୀପ୍ତିପ୍ରଭା ଦାସ, ରଶ୍ମିରେଖା ସ୍ୱାଇଁ, ମହେଶ ବେହେରା, ବୀଣାପାଣି ପାଢ଼ୀ, ମୋନାଲିସା ପଣ୍ଡା, ମଞ୍ଜୁଲତା ହାଁସଦା, ଅକ୍ଷୟ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୌମ୍ୟ ଦାସ ଧନ୍ୟବାଦ ଦେଇଥିଲେ।

# ୧୦୩ ଲିଟର ଦେଶୀମଦ ଜବତ: ୪ ଗିରଫ

**ବାଲୁଗାଁ,୧୮।୨(ସଂଗ୍ରାମ ପାଇକରାୟ)**

ବାଲୁଗାଁ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ବୁଧବାର ପୃଥକ୍ ଭାବେ ୪ଟି ସ୍ଥାନରେ ଚଢ଼ାଉ କରାଯାଇ ମୋଟ ୧୦୩ ଲିଟର ଦେଶୀମଦ ଜବତ ସହ ୪ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅଧୀନ ଛକାସିଂହ ଗ୍ରାମର ତ୍ରିନାଥ ଶବର, ଭାସ୍କର ଶବର, ଲଖିଆ ଶବର ଏବଂ ଲକ୍ଷ୍ମଣ ଶବର। ବାଣପୁର ଥାନା ଅଧୀନ ପ୍ରତାପ ଗ୍ରାମ ଛକ, ଲାଠିପଡ଼ା, ଝିଣ୍ଟିକାପଲ୍ଲୀ ଓ ଦଣ୍ଡିଗାଡ଼ିଆ ଗ୍ରାମ ନିକଟ ପୃଥକ୍ ଭାବେ ଚଢ଼ାଉ କରାଯାଇଥିଲା। ଜବତ ମଦର ମୂଲ୍ୟ ୨୧ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବିଭାଗ ପକ୍ଷରୁ ଏ ନେଇ ପୃଥକ ଭାବେ ୪ଟି ମାମଲା ରୁଜୁ ହୋଇଛି। ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉରେ ଏଏସ୍ଆଇ ମୀନକେତନ ମାହାଳିକ, କନଷ୍ଟେବଲ ଅଶେଷ ପ୍ରଧାନ, ରଞ୍ଜିତ ପଟେଲ, ମନୋଜ ଜୟସିଂହ ଏବଂ ସୁନିତା ମହାରଣା ପ୍ରମୁଖ ସାମିଲ ଥିଲେ।




ଜବତ ସାମଗ୍ରୀ ଓ ଗିରଫ ଅଭିଯୁକ୍ତ।

# ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ

**ବେଗୁନିଆ,୧୮।୨(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ୪ଦିନ ଧରି ବେଗୁନିଆ ଗ୍ରାମବାସୀଙ୍କ ସହାୟତାରେ ଚାଲିଥିବା ସପ୍ତମ ବାର୍ଷିକ ସାର୍ବଜନୀନ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୫ ତାରିଖରେ ଅଙ୍କୁରାରୋପଣ, ୧୬ରେ ଅଧିବାସ, କଳସଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ, ଅଗ୍ନି ସ୍ଥାପନ ଓ ଆହୁତି ପ୍ରଦାନ ଏବଂ ଭଜନ ସନ୍ଧ୍ୟା ହୋଇଥିଲା। ସେହିପରି ୧୭ରେ ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ, ଆହୁତି ପ୍ରଦାନ ଏବଂ ଜଗନ୍ନାଥ ଚେତନା ପରିଷଦ ତରଫରୁ ଜ୍ଞାନ ଯଜ୍ଞ ଓ ସତ୍‌ସଙ୍ଗ, ୧୮ ତାରିଖରେ ପୂଜାରମ୍ଭ, ଶିବଙ୍କ ପୂଜା, ଶିବ ମନ୍ତ୍ରରେ ଆହୁତି ପ୍ରଦାନ ଏବଂ ଅପରାହ୍ନରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା।

# ମନ୍ଦିର ଦାନବାକ୍ସ ଭାଙ୍ଗି ଚୋରି ଘଟଣା: ଜଣେ ଗିରଫ, ଟଙ୍କା ଜବତ

**ବାଣପୁର,୧୮।୨(ଦିଲୀପ କୁମାର ସ୍ୱାଇଁ)**

ମନ୍ଦିର ଦାନବାକ୍ସ ଭାଙ୍ଗି ଚୋରି ଘଟଣାରେ ବାଣପୁର ପୋଲିସ ଜଣଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୪୯୦ ଟଙ୍କା ଓ ଏକ ଶାବଳ ଜବତ କରିଛି। ଗିରଫ ଅଭିଯୁକ୍ତ ହରିଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ବାଣପୁର ପଲଟଣ ପଡ଼ିଆସ୍ଥିତ ଶ୍ରୀବ୍ରହ୍ମେଶ୍ୱର ଦେବ ମନ୍ଦିରର ଦାନବାକ୍ସ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ପ୍ରାୟ ୧୫ ହଜାର ଟଙ୍କା ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ବାଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଆଧାରରେ ପୋଲିସ ଅଭିଯୁକ୍ତ ହରିଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ସେ ଚୋରି କରିଥିବା ସ୍ୱୀକାର କରିଥିଲେ। ହରିଙ୍କ ଘର କଳାହାଣ୍ଡି ଜିଲାର ଭବାନୀପାଟଣାରେ ହୋଇଥିବା ବେଳେ ସେ ବାଣପୁର ଅଞ୍ଚଳର ଏକ ସ୍ୱେଚ୍ଛାସେବୀ ସଂସ୍ଥାରେ ରହି କାମ କରୁଛନ୍ତି। ବଳକା ଚୋରି ଟଙ୍କା ଓ ହରିଙ୍କ ସହଯୋଗୀଙ୍କ ସମ୍ପର୍କରେ ପୋଲିସ ତଦନ୍ତ କରୁଥିବା ଥାନାଧିକାରୀ ରମେଶ କୁମାର ଦେବତା କହିଛନ୍ତି।

# 'କୃଷିର ଉନ୍ନତିରେ ଦେଶର ପ୍ରଗତି'



ବୈଠକରେ ଉପସ୍ଥିତ ଅତିଥିଙ୍କ ସହ କୃଷକମାନେ।

**କଳାପଥର,୧୮।୨(ଗଙ୍ଗାଧର ସାହୁ)**

ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ଗ୍ରାମରେ ଗାନ୍ଧୀ କୃଷକ ସଂଘର ଉଦ୍‌ଘାଟନ ଉତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ସହକାରୀ ଜିଲାପାଳ ନିହାର ରଞ୍ଜନ ସାମଲ, ସମ୍ମାନିତ ଅତିଥି ଭାବେ ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ପରିଡ଼ା ଓ ସହକାରୀ କୃଷି ଅଧିକାରୀ ତିରୁପତି ତିରିମନ୍, ମୁଖ୍ୟବକ୍ତା ଭାବେ ଧଳାପଥର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମଲ୍ଲିକ, ଧଳାପଥର ସେବା ସମବାୟ ସମିତି ସଭାପତି ସନ୍ତୋଷ ତ୍ରିପାଠୀ, ପୂର୍ବତନ ବ୍ଲକ ଅଧକ୍ଷ ଗୋପାଳ ବେହେରା, ଗ୍ରାମସେବକ ମଳୟ ସୁବୁଦ୍ଧି ଏବଂ ଖବରଦାତା ଗଙ୍ଗାଧର ସାହୁ ଯୋଗଦେଇ କୃଷିର ଉନ୍ନତିରେ ଦେଶର ପ୍ରଗତି ବୋଲି ମତବ୍ୟକ୍ତ କରିଥିଲେ। କୃଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ ସହିତ ରୋଗପୋକ ନିୟନ୍ତ୍ରଣ, କ୍ଷେତ୍ର ପରିଦର୍ଶନ, ତାଲିମ ପ୍ରଦାନ ସହ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରିବାକୁ ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ। ଭାଗୀରଥି ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅତିଥି ଓ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରବୀନ୍ଦ୍ର ମହାପାତ୍ର, ଦୁର୍ଯ୍ୟୋଧନ ସାହୁ, ଉଦୟନାଥ ପ୍ରଧାନ, ବିମ୍ବାଧର ସାହୁ, ବିପିନ ଦାଶ, ସ୍ୱପ୍ନେଶ୍ୱର ସାହୁ, ନିବାସ ସାହୁ ପ୍ରମୁଖ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଗୋପାଳ ବେହେରା ଧନ୍ୟବାଦ ଦେଇଥିଲେ।

# ଜଙ୍ଗଲ ନିଆଁ ନିରାକରଣ ନେଇ ସଚେତନତା

**କୃଷ୍ଣପ୍ରସାଦ,୧୮।୨(କୈଳାଶ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଚିଲିକା ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ସହଯୋଗରେ ଜଙ୍ଗଲ ନିଆଁ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ୍ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ମେଡିକାଲ ଛକ ପର୍ଯ୍ୟନ୍ତ ଯାଇଥିଲା। ପରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବନାଞ୍ଚଳ ଅଧିକାରୀ ସୂର୍ଯ୍ୟକାନ୍ତ ମହାରଣାଙ୍କ ପୌରୋହିତ୍ୟରେ ସଚେତନତା ସଭା ଆୟୋଜିତ ହୋଇଥିଲା। ଏଥିରେ ତହସିଲଦାର ବିକାଶ ସେଠୀ, ବ୍ରହ୍ମଗିରି ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, କୃଷ୍ଣପ୍ରସାଦ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ଅଗ୍ନିଶମ ଅଧିକାରୀ ପ୍ରଦୀପ କୁମାର ବେହେରା, ପିଟିଶାଳ ବନପାଳ ଦୁର୍ଗାଚରଣ ଗୁଡ଼ୁ, ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀକାନ୍ତ ଜେନା, ଯୋଗେନ୍ଦ୍ରନାଥ ଜେନା, କବିରାଜ ମାଝୀ, ରାମଚନ୍ଦ୍ର ପଲେଇ, ପ୍ରଦୀପ କୁମାର ମାଝୀ, ଗଛ ମଣିଷ ଭାବେ ପରିଚିତ ଅମିତା ତରେଇ ଏବଂ ବିଭିନ୍ନ ଗ୍ରାମର ବନ ସୁରକ୍ଷା ପରିଚାଳନା କମିଟି ସଭ୍ୟାସଭ୍ୟମାନେ ଯୋଗଦେଇଥିଲେ। ପ୍ରତିବର୍ଷ ବିଭିନ୍ନ କାରଣରୁ ଜଙ୍ଗଲରେ ନିଆଁ ଲାଗିଥାଏ। ନିଆଁ ଲାଗିବାର କାରଣ ଓ ପ୍ରତିକାର ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଲୋକକଳା ଦାସକାଠିଆ ମାଧ୍ୟମରେ ଜଙ୍ଗଲ ନିଆଁ ନିରାକରଣ ଦିଗରେ ସଚେତନତା ସୃଷ୍ଟି କରାଯାଇଥିଲା। ବନପାଳ ରଶ୍ମିରଞ୍ଜନ ନାୟକ, ବନପାଳ ଗୌରାଙ୍ଗ ଚରଣ ପ୍ରଧାନ, ବନପାଳ ଅର୍ଜୁନ ପ୍ରଧାନଙ୍କ ସମେତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଚିଲିକା ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ସହଯୋଗରେ ଆୟୋଜିତ ଜଙ୍ଗଲ ନିଆଁ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ।

## ସଂକ୍ଷେପରେ

### ନିମାପଡ଼ାର ୧୪ କେନ୍ଦ୍ରରେ ପରୀକ୍ଷାଦେବେ ୨,୫୪୭ ପରୀକ୍ଷାର୍ଥୀ

ନିମାପଡ଼ା,୧୮।୨(ବିଚିତ୍ରାନନ୍ଦ ସାହୁ): ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଫେବୃଆରୀ ୧୯ରୁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଆରମ୍ଭ ହେଉଛି। ଏହି ପରିପ୍ରେକ୍ଷୀରେ ନିମାପଡ଼ା ବ୍ଲକରେ ଶାନ୍ତିଶୃଙ୍ଖଳାର ସହ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ଶିକ୍ଷା ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ନିମାପଡ଼ା ବ୍ଲକର ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ୍ ସେଣ୍ଟର ହୋଇଛି। ୧୪ ପରୀକ୍ଷା କେନ୍ଦ୍ରରେ ୨,୫୪୭ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷାଦେବେ। ଏହି ସମସ୍ତ କେନ୍ଦ୍ରକୁ ଯିବା ନିମନ୍ତେ ପ୍ରଶ୍ନପତ୍ରଗୁଡ଼ିକ ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ୍ ସେଣ୍ଟରରେ କଡ଼ା ପ୍ରହରା ମଧ୍ୟରେ ରଖାଯାଇଥିବା ନୋଡାଲ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ତଥା ନିମାପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନନ୍ଦିତା ସାହୁ ସୂଚନା ଦେଇଛନ୍ତି। ପ୍ରଶ୍ନପତ୍ର ସୁରକ୍ଷା ପାଇଁ ଏଆଇ କ୍ୟାମେରାର ବନ୍ଦୋବସ୍ତ କରାଯାଇଛି। ବ୍ଲକର ସମସ୍ତ ପରୀକ୍ଷାକେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ବ୍ଲକ ଅଧୀନ ୧୪ ପରୀକ୍ଷା କେନ୍ଦ୍ରକୁ ୩ଟି ରୁଟ୍‌ରେ ସ୍ୱତନ୍ତ୍ର ଗାଡ଼ିରେ ସଶସ୍ତ୍ର ପୋଲିସ ପ୍ରହରା ଓ କଡ଼ା ନିରାପତ୍ତା ମଧ୍ୟରେ ପ୍ରଶ୍ନପତ୍ର ପଠାଯିବାର ବ୍ୟବସ୍ଥା କରାଯାଇଛି। ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମି ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ ବୋଲି ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

### ପୋଟଳ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ପିପିଲି,୧୮।୨(ଦୁର୍ଗାମାଧବ ମିଶ୍ର): ପିପିଲି ବ୍ଲକ ଅନ୍ତର୍ଗତ ପୋଟଳ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ମନୋଜ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସେନାପତି ଯୋଗଦେଇ ଆଜିର କୋମଳମତି ପିଲାମାନେ ଦେଶର ଭବିଷ୍ୟତ, ସେମାନଙ୍କୁ ଭଲ ମଣିଷ କରିବାରେ ମାତାପିତା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଶିକ୍ଷକ ଶରତ ଚନ୍ଦ୍ର ପତି, ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଦେବେନ୍ଦ୍ର କୁମାର ମହାନ୍ତି, ସହକାରୀ ଶିକ୍ଷକ ବିବେକାନନ୍ଦ ବାରିକ, ମଳୟ କୁମାର ମହାନ୍ତି, ଖବରଦାତା ପ୍ରଦୀପ କୁମାର ବଡ଼େଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକ୍ରମ ସ୍ୱାଇଁ, ଗ୍ରାମ୍ୟ କମିଟି ସଭାପତି ବୈକୁଣ୍ଠ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର କ୍ରୀଡ଼ାକ୍ଷେତ୍ରରେ କୃତକାର୍ଯ୍ୟ ହୋଇଥିବା ୧୬ ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ର ରିଙ୍କୁ ସ୍ୱାଇଁ ଗାଇଥିବା ଗୀତ(ଫେରିଆସ ବାପା) ସମସ୍ତଙ୍କ ମନମୁଗ୍ଧ କରିଥିଲା।

### ରାନୁ ପାତ୍ରଙ୍କୁ ବିଜେଡି ରାଜ୍ୟ ସମ୍ପାଦିକା ଦାୟିତ୍ୱ



ପିପିଲି,୧୮।୨(ଦୁର୍ଗାମାଧବ ମିଶ୍ର): ଆଗକୁ ପଞ୍ଚାୟତ ନିର୍ବାଚନ ଥିବା ବେଳେ ବିଜେଡି ତା'ର ସମସ୍ତ ନିର୍ବାଚନମଣ୍ଡଳୀକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସବୁ ଅଞ୍ଚଳର କିଛି କିଛି ନୂଆମୁହଁକୁ ବିଭିନ୍ନ ପଦବୀରେ ସ୍ଥାନ ଦେଉଛି। ଏହି ପରିପ୍ରେକ୍ଷୀରେ ପିପିଲି ଏନ୍‌ଏସିର ବିଜେଡି ନେତ୍ରୀ ରାନୁ ପାତ୍ରଙ୍କୁ ରାଜ୍ୟ ସମ୍ପାଦିକା ଦାୟିତ୍ୱ ଦିଆଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ସମସ୍ତଙ୍କ ସହ ମେଳାପି ଭାବେ ଅଞ୍ଚଳରେ ପରିଚିତ ଥିବାବେଳେ ଆହୁରି ଆଗକୁ ଜନସାଧାରଣଙ୍କ ସହ ରହି ଦଳକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ ସୂଚନା ଦେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ପିପିଲି ଡେଲାଙ୍ଗ ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁଙ୍କୁ କୃତଜ୍ଞତା ଜଣାଇବା ସହ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ସାଧୁବାଦ୍ ଜଣାଇଛନ୍ତି।

# ନୂଆ ମନ୍ଦିରରେ ପୂଜା ପାଇବେ ମା' ନାରାୟଣୀ

- ଗ୍ରାମ ଦେବୀଙ୍କ ମନ୍ଦିର ପୂଜାର୍ଚ୍ଚନା ବିବାଦ: ୧୦୭ ଧାରା ଲାଗୁ
- ଶାନ୍ତି କମିଟି ବୈଠକରେ ନିଷ୍ପତ୍ତି

ସାକ୍ଷୀଗୋପାଳ,୧୮।୨(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)



ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ଶାନ୍ତିକମିଟି ବୈଠକରେ ଉପସ୍ଥିତ ଗ୍ରାମବାସୀ।

ସତ୍ୟବାଦୀ ଥାନା ଅନ୍ତର୍ଗତ ମୂଳଅଳସା ପଞ୍ଚାୟତର ତେନ୍ତୁଳିଆ ଓ ବଗୁଲାପାରି ଗ୍ରାମବାସୀଙ୍କ ମଧ୍ୟରେ ମା' ନାରାୟଣୀଙ୍କ ପୂଜାର୍ଚ୍ଚନାକୁ ନେଇ ଲାଗିରହିଥିବା ବିବାଦର ସମାଧାନ ପାଇଁ ସତ୍ୟବାଦୀ ତହସିଲ କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟାରେ ଶାନ୍ତି କମିଟି ବୈଠକ ବସିଥିଲା। ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉଭୟ ଗ୍ରାମର ମୁରବି, ପଞ୍ଚାୟତ ପ୍ରତିନିଧି ଓ ସ୍ଥାନୀୟ ଅଧିକାରୀ ଉପସ୍ଥିତ ରହି ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ।

ବଗୁଲାପାରି ଗ୍ରାମବାସୀ ଜମି ଚିହ୍ନଟ କରିସାରିବା ପରେ ସେଠାରେ ନୂତନ ମନ୍ଦିର ନିର୍ମାଣ କରାଯିବ। ସେହି ମନ୍ଦିରରେ ବଗୁଲାପାରି ଗ୍ରାମବାସୀ ଦେବୀଙ୍କ ପୂଜାର୍ଚ୍ଚନା କରିବାକୁ ସ୍ଥିର ହୋଇଥିଲା। ତେନ୍ତୁଳିଆ ମୌଜାର ସରକାରୀ ଜମିରେ ରହିଥିବା ପୁରୁଣା ମନ୍ଦିରରେ ଉଭୟ ପକ୍ଷ ପୂଜାର୍ଚ୍ଚନା କରିବାକୁ ବାରଣ କରାଯାଇଛି। ରୋଶର ବଶବର୍ତ୍ତୀ ହୋଇ କେହି ଚୋରାଇ ନେଇଥିବା ଦେବୀ ପ୍ରତିମାଙ୍କୁ ଫେରାଇଦେବାକୁ ବୈଠକରେ ଅନୁରୋଧ କରାଯାଇଛି। ଉଭୟ ଗ୍ରାମବାସୀ ପରସ୍ପର ଭେଦଭାବକୁ ଭୁଲି ଶାନ୍ତି ସୌହାର୍ଦ୍ଦ୍ୟ ବଜାୟ ରଖିବାକୁ ନିବେଦନ କରାଯାଇଥିଲା। ସେଠାରେ ଲାଗୁ କରାଯାଇଥିବା ୧୦୭ ଧାରା ବଳବତ୍ତର ରହିବା ସହ କୌଣସି ପରିସ୍ଥିତିରେ ଶାନ୍ତି ଭଙ୍ଗକୁ ବରଦାସ୍ତ କରାଯିବନାହିଁ ବୋଲି ପ୍ରଶାସନ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ଉକ୍ତ ବୈଠକରେ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଳିକ, ସରପଞ୍ଚ ଦେବୀପ୍ରସାଦ ଘଟୁଆରୀ, ସମିତିସଭ୍ୟଙ୍କ ପ୍ରତିନିଧି ମିଥୁନ ପ୍ରଧାନ, ଜିଲା ପରିଷଦ ପ୍ରତିନିଧି ରଞ୍ଜନ ବରାଳ, ତେନ୍ତୁଳିଆ ଗାଁ ପକ୍ଷରୁ ରାଜକିଶୋର ପ୍ରଧାନ, ବ୍ରଜକିଶୋର ଦାଶ, ଦୁଃଶାସନ ଜେନା ପ୍ରମୁଖଙ୍କ ସହିତ ବଗୁଲାପାରି ଗ୍ରାମର ବିଷ୍ଣୁପ୍ରସାଦ ଜେନା, ବ୍ରଜବନ୍ଧୁ ସୁକାରୀ, କାଉ ସାସ୍‌ମଲ, ହେମନ୍ତ କୁମାର ସୁକାରୀ, ସ୍ୱାଧୀନ ଜେନା ପ୍ରମୁଖ ଏବଂ ମୂଳଅଳସା ଗ୍ରାମର ଭଜମନ ପ୍ରଧାନ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅପରେଶନ ଚକ୍ର: ବିପୁଳ ପରିମାଣର ତମାଖୁ, ପାନମସଲା ଜବତ

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସକୁ ଏକ ବଡ଼ଧରଣର ସଫଳତା ମିଳିଛି। ବେଆଇନ ତମାଖୁ, ପାନମସଲା ମହଜୁଦ୍ ରଖିବା ଏବଂ ବିକ୍ରି ଅଭିଯୋଗରେ ପୁରୀ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ତମାଖୁ ଓ ପାନମସଲା ଜବତ କରାଯାଇଛି। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏନେଇ ପୋଲିସ ପକ୍ଷରୁ ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅପରେଶନ ଚକ୍ର ଅଧୀନ ଏହି ସ୍ୱତନ୍ତ୍ର ଅଭିଯାନରେ ଚଢ଼ାଉ କରାଯାଇଥିଲା। ତମାଖୁ କାରବାରକୁ ରୋକିବା ପାଇଁ ବିଭିନ୍ନ ପାଇକାରୀ ଦୋକାନ ଏବଂ କ୍ଷୁଦ୍ର ଖୁଚୁରା ଦୋକାନରେ ଚଢ଼ାଉ କରାଯାଇଥିଲା। ଏ ସଂକ୍ରାନ୍ତରେ କୁମ୍ଭାରପଡ଼ା ଥାନା ଏବଂ ବାସେଳିସାହି ଥାନାରେ ନିଷିଦ୍ଧ ତମାଖୁ ଉତ୍ପାଦ ବେଆଇନ ଭାବେ ଗଚ୍ଛିତ ରଖିବା ଏବଂ ବିକ୍ରୟ ପାଇଁ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଛି। କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଜାଇଗଡ଼ ଯାଗା ଅଞ୍ଚଳରେ ଚଢ଼ାଉ କରାଯାଇ ପ୍ରାୟ ୨ ଲକ୍ଷ ଟଙ୍କାର ତମାଖୁ ଏବଂ ଗୁଟ୍‌ଖା ଜବତ କରାଯାଇଛି। ଏହି ମାମଲାରେ କେସ୍ ନଂ.୯/୨୬ରେ ଏକ ମାମଲା ରୁଜୁ କରି ଘୋଡ଼ାବଜାର ଅଞ୍ଚଳର ଆର୍. ଲୋକନାଥ ରେଡ୍ଡୀ (୫୪)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେହିପରି ବାସେଳୀସାହି ପୋଲିସ ବେଆଇନ କାରବାର ଅଭିଯୋଗରେ ନରେନ୍ଦ୍ରକୋଣ ଜଗନ୍ନାଥ ନଗରର ରାମଚନ୍ଦ୍ର ମାଲୁ (୬୧)ଙ୍କୁ ଗିରଫ କରିଛି। ତାଙ୍କଠାରୁ ବିପୁଳ ପରିମାଣର ତମାଖୁ ଏବଂ ପାନମସଲା ଜବତ ହୋଇଛି। ଏନେଇ କେସ୍ ନଂ୫୩/୨୬ରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହି ଅଭିଯାନ ସମୟରେ ଅନେକ ଛୋଟ ଦୋକାନ ଯାଞ୍ଚ କରାଯାଇଥିଲା। ନିଷିଦ୍ଧ ତମାଖୁ ଉତ୍ପାଦ ମହଜୁଦ ଓ ବିକ୍ରୟ ନ କରିବା ପାଇଁ କଡ଼ା ଚେତାବନୀ ଦିଆଯାଇଛି। ଦୋକାନ ମାଲିକ ଓ ବିତରକଙ୍କୁ ତୁରନ୍ତ ଏପରି ବେଆଇନ କାର୍ଯ୍ୟକଳାପ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# କୋଣାର୍କ କପ୍ କ୍ରିକେଟ: ରାଇଜିଂ ଷ୍ଟୁଡେଣ୍ଟସ ଚାମ୍ପିୟନ



ଅତିଥିଙ୍କ ସହ ବିଜେତା ଦଳର ଖେଳାଳି।

କୋଣାର୍କ,୧୮।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ଦ୍ୱିତୀୟ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚରେ ବାଲେଶ୍ୱର ଆଦର୍ଶ କ୍ରିକେଟ କ୍ଲବକୁ ୭ ଉଇକେଟ୍‌ରେ ହରାଇ କଟକ ରାଇଜିଂ ଷ୍ଟୁଡେଣ୍ଟସ ଚାମ୍ପିୟନ ହୋଇଛି।

ଟସ୍ ଜିତି ବାଲେଶ୍ୱର ଆଦର୍ଶ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରବୀଣ କୁମାର ସର୍ବାଧିକ ୩୩ ବଲ୍‌ରୁ ୫୧ ରନ୍ ଓ ଅବଦୁଲ ଖାନ୍ ୩୨ ରନ୍ ସଂଗ୍ରହ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟସ ଦଳର କୁମାର ଦାନିଶ, ଲକ୍ଷ୍ମଣ କୁମାର ଓ ଡି ବି ସାମଲ ପ୍ରତ୍ୟେକ ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ କଟକ ରାଇଜିଂ ଷ୍ଟୁଡେଣ୍ଟସ ୨୨ଓଭର ଖେଳି ମାତ୍ର ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ବିକ୍ରମ ସାମଲ ସର୍ବାଧିକ ୪୬ ରନ୍ ସଂଗ୍ରହ କରିଥିବା ବେଳେ ବାଲେଶ୍ୱର ଦଳର ଅବଦୁଲ ଖାନ୍ ଓ ରୋହିତ ସାଗର ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ବେଷ୍ଟ ବୋଲର୍ ଭାବେ ରାଇଜିଂ ଦଳର ଦେବଦତ୍ତ ସାମଲ, ବେଷ୍ଟ ବ୍ୟାଟ୍‌ସ ମ୍ୟାନ ଓ ମ୍ୟାନ୍ ଅଫ ଦ ମ୍ୟାଚ୍ ଭାବେ ବିକ୍ରମ ସାମଲ ପୁରସ୍କୃତ ହୋଇଥିଲେ। ମ୍ୟାନ୍ ଅଫ୍ ଦ ସିରିଜ୍ ଭାବେ ବାଲେଶ୍ୱର ଆଦର୍ଶ କ୍ରିକେଟ କ୍ଲବର ପ୍ରବୀଣ କୁମାର ପୁରସ୍କୃତ ହୋଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୪୦ ହଜାର ଟଙ୍କା ଓ ରନର ଅପ୍ ଦଳକୁ ୩୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନା କରିଥିବା ଆମ୍ପାୟାର୍ ନିର୍ମଳ ମିଶ୍ର, ଅୟସକାନ୍ତ ମିଶ୍ର ଓ ଭାଷ୍ୟକାର ରସିଦ ଖାନ ଓ ମହିଳା ଭାଷ୍ୟକାର ସିମରନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ନିମାପଡ଼ା ପ୍ରେସ କ୍ଲବ ସଭାପତି ଅକ୍ଷୟ ବେହେରା, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଏମ୍‌ପିଙ୍କ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ସୁଧାଂଶୁ ଶେଖର ରାଉତ, ପୁରୀ ଜିଲା ପେଶାଦାର ସାମ୍ବାଦିକ ସଂଘ ସମ୍ପାଦକ ଆଦିତ୍ୟ ରାଉତ, ଅଧ୍ୟାପିକା ସୁଚିସ୍ମିତା ସରକାର, ଭାଜପା କୋଣାର୍କ ମଣ୍ଡଳ ସଭାପତି ଗୋପୀନାଥ ସ୍ୱାଇଁ, ସୁକାନ୍ତ ନାୟକ, ମଙ୍ଗରାଜ ମୁଦୁଲି, କୋଣାର୍କ ଭଗବତୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅବତାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

### ଯୁକ୍ତ୨ ବୋର୍ଡ ପରୀକ୍ଷା: ୩ କେନ୍ଦ୍ରରେ ଓଡ଼ିଆ ପରୀକ୍ଷାଦେଲେ ୨୭୫ ପରୀକ୍ଷାର୍ଥୀ

କାକଟପୁର/ଅସ୍ତରଙ୍ଗ,୧୮।୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ୍)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ଥିଓରି ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଜ୍ଞାନ ବିଭାଗର ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇଛନ୍ତି ପରୀକ୍ଷାର୍ଥୀ। ଅସ୍ତରଙ୍ଗ ବ୍ଲକର ୩ଟି କେନ୍ଦ୍ରରେ ୨୭୫ ପରୀକ୍ଷାର୍ଥୀ ଦେଲେ ପରୀକ୍ଷା। ସୂଚନାଯୋଗ୍ୟ, ଅସ୍ତରଙ୍ଗ ବ୍ଲକରେ ଯୁକ୍ତ୨ ବୋର୍ଡ ପରୀକ୍ଷା ପାଇଁ ୩ଟି କେନ୍ଦ୍ର ହୋଇଥିବା ବେଳେ ରତନପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮୮ ଜଣ ପରୀକ୍ଷା ଦେଇଥିବା ବେଳେ ୮୭ ରେଗୁଲାର ଓ ଜଣେ ଏକ୍ସରେଗୁଲାର ପରୀକ୍ଷାର୍ଥୀ ଥିଲେ। ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୪୯ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ସେଥିମଧ୍ୟରୁ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୬ଜଣ ଉପସ୍ଥିତ ଥିବାବେଳେ ଶାରଳା ଆବାସିକ ବିଦ୍ୟାଳୟର ୧୧୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ବୈଷୟିକ ବିଦ୍ୟାଳୟରେ ୩୮ ଜଣ ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଦେଇଛନ୍ତି। ପୂରା ସିସିଟିଭି ନଜରରେ ପରୀକ୍ଷା କେନ୍ଦ୍ର ରହିଥିଲା। ଶୁକ୍ରବାର କଳା ଓ ବାଣିଜ୍ୟ ବିଭାଗର ମାତୃଭାଷା ଓଡ଼ିଆ ପରୀକ୍ଷା ରହିଛି।

# 'କିଡ୍ସ ହୋମ୍ ପ୍ରି ସ୍କୁଲ'ର ୨୪ତମ ବାର୍ଷିକୋତ୍ସବ

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ଶିଶୁ ଶିକ୍ଷାନୁଷ୍ଠାନ 'କିଡ୍ସ ହୋମ୍ ପ୍ରି ସ୍କୁଲ'ର ୨୪ତମ ବାର୍ଷିକ ଉତ୍ସବ-୨୦୨୬ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବରିଷ୍ଠ ସେବାୟତ ଭଗବାନ୍ ସୁଆର ଏବଂ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ କ୍ରିଷ୍ଣା ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟା ହେଉଛି ଦୁନିଆର ଶ୍ରେଷ୍ଠ ବିଭୂତି ଓ ଏହି ବିଦ୍ୟାଳୟରୁ ଛାତ୍ରୀଛାତ୍ର ତାଙ୍କର ଆଗାମୀ ଭବିଷ୍ୟତ ଗଢ଼ିତୋଳିବେ ଓ ଅଭିଭାବକମାନେ ଶିଶୁଙ୍କ ମାନସିକ, ଶାରୀରିକ, ବୌଦ୍ଧିକ ଏବଂ ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ସୁପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପରିଚାଳନା କମିଟି ସଭାପତି ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତି ଏଥିରେ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷା ରୂପାଲି ଚାନ୍ଦ ସ୍ୱାଗତ ଭାଷଣ ପ୍ରଦାନ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଉପଦେଷ୍ଟା ସୌରଭ ଚାନ୍ଦ ଧନ୍ୟବାଦ ଦେଇଥିଲେ। ଏଥିସହିତ ସାମାଜିକ ଅନୁଷ୍ଠାନ 'ବଡ଼ଦାଣ୍ଡ ସେବା'କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସମବେତ ସ୍ୱାଗତ ସଙ୍ଗୀତ, ସଙ୍ଗୀତ ରୂପକ 'ଏକଲବ୍ୟ', ଓଡ଼ିଆ ଓ ହିନ୍ଦୀ ଭଜନ ନୃତ୍ୟ ଏବଂ ଶେଷରେ ଦେଶାତ୍ମବୋଧକ ନୃତ୍ୟ ରୂପକ 'ଅପରେଶନ ସିନ୍ଦୂର' ଆଦି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଶିଙ୍ଗପାନିଆ ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ



ଯୋଗେଶ୍ୱରପୁର,୧୮।୨(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରୀ ପଞ୍ଚାୟତର ଶିଙ୍ଗପାନିଆ ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଶିବଦତ୍ତ ନାୟକ, ମୁଖ୍ୟବକ୍ତା ଭାବେ ଗୋପ ବ୍ଲକର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସମ୍ରାଟ୍ ଭଞ୍ଜ ଭୋଇ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ପରିଡ଼ା କହିଛନ୍ତି, ଉତ୍ତମ ବ୍ୟବହାର ସହ ମା'ବାପାଙ୍କ କଥା ମାନିଲେ ଭବିଷ୍ୟତରେ ଜଣେ ଭଲ ମଣିଷ ହେବ। ପତିତପାବନ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ମିଶ୍ର କହିଛନ୍ତି, ଶିଙ୍ଗପାନିଆ ସ୍କୁଲ ନୟାହାଟ ମୁଖ୍ୟ ବଜାର ଉପରେ ଥିବାରୁ ପିଲାଙ୍କ ସୁରକ୍ଷା ପାଇଁ ବିଦ୍ୟାଳୟ ଆଗରେ ହମ୍ପସ ନିର୍ମାଣ ଲାଗି ଉପସ୍ଥିତ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟ ସଭାପତି କବିନ ବେହେରା ଏବଂ ଶିକ୍ଷୟିତ୍ରୀ କବିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ବିଦ୍ୟାଳୟର ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଚଷମା ବଣ୍ଟନ

ସାକ୍ଷୀଗୋପାଳ,୧୮।୨(ଭରତ ରାଉତ): ସତ୍ୟବାଦୀ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଆୟୋଜନରେ ବ୍ଲକସ୍ତରୀୟ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା ବିଦ୍ୟାଳୟ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଦୃଷ୍ଟି ପରୀକ୍ଷଣ ଶିବିର ବୀରଗୋବିନ୍ଦପୁରପୁର ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରୁ ୩୪୬ ଜଣଙ୍କ ଆଖି ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୧୩୪ ପିଲାଙ୍କୁ ଚଷମା ପାଇଁ ଚୟନ କରାଯାଇଥିବା ବେଳେ ଅନ୍ୟ ୪ ପିଲାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏହି ଶିବିରରେ ଚକ୍ଷୁ ବିଶେଷଜ୍ଞ ଶୁଭାଶିଷ ବିଶ୍ୱାଳ, ସଙ୍ଗିତା ସ୍ୱାଇଁ, ବାସୁ ମଲ୍ଲିକ, ସାଇଶ୍ୱେତା ମଲ୍ଲିକ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଇଥିଲେ। ଜିଲାସ୍ତରୀୟ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାର ସଂଯୋଜକ ସଞ୍ଜୁ ଦାସ ଶିବିରକୁ ତଦାରଖ କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗେଶ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ମୃଷା ମଲିକ ଓ ଛାଟୋଇ ମୋତିଲାଲ ରାୟ ପରିଚାଳନା କରୁଥିଲେ। ମଣ୍ଡଳସ୍ତରୀୟ ସମ୍ବଳ ଶିକ୍ଷୟିତ୍ରୀ ବାସନ୍ତୀ ହୋତା, ସସ୍ମିତା ରଥ, ସଙ୍ଗୀତା ଦାସ, ସରିତା ମହାପାତ୍ର, ଶିକ୍ଷା ସ୍ୱେଚ୍ଛାସେବୀ ବିରଞ୍ଚି ନାରାୟଣ ପାଣି ସହଯୋଗ କରିଥିଲେ।

# ସିଦ୍ଧମହାବୀର ମନ୍ଦିର ସମ୍ପର୍କିତ ସମସ୍ୟାର ସମାଧାନ କରାଯାଉ

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ଆମ୍ ଆଦ୍‌ମୀ ପାର୍ଟି(ଆପ୍) ପକ୍ଷରୁ ସିଦ୍ଧମହାବୀର ମନ୍ଦିର ସମ୍ପର୍କିତ ସମସ୍ୟାକୁ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୂଚନା ଦିଆଯାଇଛି, ସିଦ୍ଧମହାବୀର ମନ୍ଦିରର ଉନ୍ନତି ପାଇଁ ପାର୍ଟି ପକ୍ଷରୁ ପୂର୍ବରୁ ସ୍ୱର ଉତ୍ତୋଳନ କରାଯାଇଆସୁଛି। କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଜେନାଙ୍କ ନାମରେ ଦେବୋତ୍ତର ବିଭାଗରେ ଅଭିଯୋଗ ମଧ୍ୟ ଦିଆଯାଇଛି, କିନ୍ତୁ ଆଜିଯାଏ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ବର୍ତ୍ତମାନ ସୁଦ୍ଧା ସିଦ୍ଧମହାବୀରଙ୍କ ୪,୦୬,୬୭୪ ଟଙ୍କାର ବିଜୁଳି ବିଲ୍ ବାକି ରହିଛି। ମନ୍ଦିରର ବାର୍ଷିକ ଆୟ ୨୦ ଲକ୍ଷ, ହେଲେ ଆଜିପର୍ଯ୍ୟନ୍ତ ବିଜୁଳି ବିଲ୍ କାହିଁକି ବାକି ଅଛି ବୋଲି ଦଳ ପ୍ରଶ୍ନ କରିଛି। ସିଦ୍ଧମହାବୀରଙ୍କ ସମ୍ପତ୍ତି ଏବେ ସୁରକ୍ଷିତ କି ନା ସେଇଟା ବଡ଼ ପ୍ରଶ୍ନ। ଯେହେତୁ ମନ୍ଦିର ଦେବୋତ୍ତର ବିଭାଗ ଅଧୀନରେ ଯାଉଛି, ତେଣୁ ଅଡିଟ୍ ରିପୋର୍ଟ ସର୍ବସାଧାରଣ ଆଗରେ ସାର୍ବଜନୀନ କରାଯାଉ ବୋଲି ଆପ୍ ପକ୍ଷରୁ ଦାବି କରାଯାଇଛି। ଏନେଇ ଜିଲାପାଳ ଏହାର ସତ୍ୟତା ସ୍ପଷ୍ଟ କରନ୍ତୁ ଯେ, ମହାବୀରଙ୍କ ସମ୍ପତ୍ତି ଏବେ ସୁରକ୍ଷିତ କି ନାହିଁ। ତୁରନ୍ତ ସିଦ୍ଧମହାବୀର ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବରଖାସ୍ତ କରାଯାଉ। ବିଦ୍ୟୁତ୍ ବିଭାଗର କେଉଁ ଅଧିକାରୀ ଏଥିରେ ସାମିଲ ଅଛନ୍ତି, ତାଙ୍କୁ ମଧ୍ୟ ଦଣ୍ଡିତ କରାଯାଉ।




ଆପ୍ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

# ଖସୁଛି କଂକ୍ରିଟ୍, ଭୁଶୁଡ଼ିଯିବ ଜଳ ସମ୍ପଦ ଡାକବଙ୍ଗଳା

ଗୋପ,୧୮।୨(ଭାରତୀ ଭୂଷଣ ଉପାଧ୍ୟାୟ)



ଗୋପ ଜଳ ସମ୍ପଦ ବିଭାଗର ବହୁ ପୁରାତନ ଡାକବଙ୍ଗଳା ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ବ୍ରିଟିଶ ଅମଳର ଡାକବଙ୍ଗଳାରେ ଗତବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ବାରମ୍ବାର ସିମେଣ୍ଟ କଂକ୍ରିଟ ଖସୁଥିବା ଜଣାପଡ଼ିଛି। ବୁଧବାର ଡାକବଙ୍ଗଳାର ଗୋଟିଏ ସ୍ଥାନରୁ କେତେକ ସିମେଣ୍ଟ କଂକ୍ରିଟ ଖସିଥିବା ଜଣାପଡ଼ିଛି।

ପ୍ରକାଶ ଯେ, କାହିଁ କେଉଁ ଆବହମାନ କାଳରୁ ଏହି ଡାକ ବଙ୍ଗଳାଟି ନିର୍ମାଣ କରାଯାଇଥିବା ବେଳେ ଅନେକ ସମୟରେ ଭିଆଇପି, ଭିଭିଆଇପିମାନେ ମଧ୍ୟ ଏହି ଡାକ ବଙ୍ଗଳାରେ ରାତ୍ରିଯାପନ କରିଛନ୍ତି। ଅଧିକାଂଶ ସମୟରେ ପୁରୀ-କୋଣାର୍କ ଯାଉଥିବା ପର୍ଯ୍ୟଟକଙ୍କ ଠାରୁ ଆରମ୍ଭ କରି ଭିଆଇପି, ଭିଭିଆଇପିମାନେ ଏଠାକୁ ଆସି ଥାଆନ୍ତି। ହେଲେ କିଛି ବର୍ଷ ଧରି ଏହି ପୁରାତନ ଡାକବଙ୍ଗଳାଟି ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଭଳି ଅଭିଯୋଗ ହୋଇଛି। ବିଭିନ୍ନ ସମୟରେ ଭିଆଇପି ଭିଭିଆଇପିମାନେ ଆସି ଫେରୁଥିବା ଭଳି ଅଭିଯୋଗ ରହିଛି। ସରକାରୀ ନିୟମ ଅନୁସାରେ ଯେ କୌଣସି ବ୍ୟକ୍ତି ବିଶେଷ ଏହି ଡାକ ବଙ୍ଗଳାକୁ ଆସିବେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଅନୁମତି ଆଣିବା ପରେ ରହିବା କଥା। କିନ୍ତୁ ଏଠାରେ ତାହା ପାଳନ କରାଯାଉ ନାହିଁ। ଯିଏ ଯେତେବେଳେ ଆସିଲା ସେମାନେ ଭୋଜିଭାତ କରୁଥିବା ଜଣାପଡ଼ିଛି। ଜଳସମ୍ପଦ ବିଭାଗ ପକ୍ଷରୁ ଗତବର୍ଷ ୧୫ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ମରାମତି କାର୍ଯ୍ୟ କରାଯାଇଥିଲା। ହେଲେ ଏହି ମରାମତି ଠିକ ଭାବେ କରାଯାଇ ନ ଥିବାରୁ ସିମେଣ୍ଟ କଂକ୍ରିଟ ଖସୁଥିବା ଜଣାପଡ଼ିଛି। ବିଭିନ୍ନ ସମୟରେ ଉପମୁଖ୍ୟମନ୍ତ୍ରୀ, ଏମ୍‌ପିଙ୍କ ସମେତ ପୂର୍ବତନ ମନ୍ତ୍ରୀ, ବିଧାୟକ ମଧ୍ୟ ଏହି ଡାକବଙ୍ଗଳାକୁ ଆସିଥାନ୍ତି। ହେଲେ ଏହି ବିପଦପୂର୍ଣ୍ଣ ଡାକବଙ୍ଗଳାଟି କେତେବେଳେ ଭୁଶୁଡ଼ିଯିବ ତାହା କହି ହେବ ନାହିଁ। ଏପରି ଏକ ପୁରାତନ ଡାକବଙ୍ଗଳାର ସୁରକ୍ଷା ସହିତ ତୁରନ୍ତ ମରାମତି କରିବା ପାଇଁ ଦାବି କରାଯାଇଛି। ଏହି ଅଭିଯୋଗ ସମ୍ପର୍କରେ ଗୋପ ଜଳ ସଂପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଲମ୍ବୋଦର ପାଢ଼ୀ କହିଛନ୍ତି, ଏହି ଡାକବଙ୍ଗଳା ଉପରେ ଗୁରୁତ୍ୱ ଦିଆଯିବା ସହିତ ଖୁବଶୀଘ୍ର ମରାମତି କାର୍ଯ୍ୟ କରାଯିବ।

### ଗାନ୍ଧୀ ଶିଳ୍ପ ବଜାର ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

କୋଣାର୍କ,୧୮।୨(ଜ୍ୟୋତିରାଜ ମହାନ୍ତି): କୋଣାର୍କସ୍ଥିତ ଅର୍ବାନ ହାଟ ଠାରେ ଭାରତ ସରକାରଙ୍କ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରଣାଳୟ ସହଯୋଗରେ କୋଣାର୍କ ଅଞ୍ଚଳର ଅଗ୍ରଣୀ ଅନୁଷ୍ଠାନ ଅର୍କକ୍ଷେତ୍ର ବହୁମୁଖୀ ଗାନ୍ଧୀ ସମବାୟ ସମିତି ଆନୁକୂଲ୍ୟରେ ଆୟୋଜିତ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ମହିଳା ସମବାୟ ସଂସ୍ଥା ଅର୍କକ୍ଷେତ୍ର ବହୁମୁଖୀ ସମବାୟ ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ ମିନର୍ଭା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୭ ଦିନିଆ ଗାନ୍ଧୀ ହସ୍ତଶିଳ୍ପ ପ୍ରଦର୍ଶନୀକୁ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଭୁବନେଶ୍ୱର ଦାୟିତ୍ୱରେ ଥିବା ହସ୍ତଶିଳ୍ପ ବିକାଶ ଅଧିକାରୀ ପରମେନ୍ଦ୍ର ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ କୋଣାର୍କ ଗୋପ ଉନ୍ନୟନ ପରିଷଦ ସଭାପତି ଭାସ୍କର ସେଠ୍, ୫ନଂ ୱାର୍ଡ କାଉନ୍‌ସିଲର ନିହାର ରଞ୍ଜନ ବେଉରା ଓ ଅର୍ବାନ ହାଟ ପରିଚାଳକ ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଯୋଗଦେଇ କାରିଗର ଓ ଶିଳ୍ପୀଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରଦର୍ଶନୀରେ ଓଡ଼ିଶାର ୪୦ ଜଣ କାରିଗର ଭାଗ ନେଇଛନ୍ତି।

# ଅଗ୍ନିକାଣ୍ଡ ପରେ ତୁଟୁନି ୧ନଂ. ହାଟ ବିବାଦ


ରାଜଧାନୀ ହାଟ ବ୍ୟବସାୟୀ ମହାସଂଘର ଆହ୍ୱାନକ୍ରମେ ୟୁନିଟ୍-୧ ଦୈନିକ ହାଟ ବନ୍ଦ ରହିଛି।


ଉଚ୍ଛେଦ ହୋଇଥିବା ବ୍ୟବସାୟୀମାନେ ଧାରଣାରେ ବସିଛନ୍ତି।

## ■ପାର୍କିଂସ୍ଥଳ ଦାବିରେ ୟୁନିଟ୍-୧ ହାଟ ସମେତ ବିଭିନ୍ନ ବଜାର ବନ୍ଦ
## ■ଜବରଦଖଲ ସ୍ଥାନରୁ ନ ଉଠିବାକୁ ଧାରଣାରେ ବସିଲେ ବ୍ୟବସାୟୀ

ଭୁବନେଶ୍ୱର,୧୮।୨(ଅନୁରାଧା ମହାରଣା)

ଅଗ୍ନିକାଣ୍ଡଠାରୁ ୟୁନିଟ୍-୧ ହାଟ ଅଞ୍ଚଳରେ ବ୍ୟବସାୟୀ ଗୋଷ୍ଠୀ ମଧ୍ୟରେ ଉପୁଜିଥିବା ବିବାଦ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ପାର୍କିଂ ପାଇଁ ଜବରଦଖଲ ହଟାଇବା ସହ ୫ ଦଫା ଦାବି ନେଇ ରାଜଧାନୀ ହାଟ ବ୍ୟବସାୟୀ ମହାସଂଘ ଜିଦ୍‌ରେ ଅଟଳ ରହିଥିବାବେଳେ ଜବରଦଖଲ ସ୍ଥାନରେ ବ୍ୟବସାୟ କରିବାକୁ ଜିଦ୍ କରି ରାଜଧାନୀ ଫଳ ବ୍ୟବସାୟୀ ସଂଘ ଓ ମହାବୀର ବ୍ୟବସାୟୀ ସଂଘ ଆନ୍ଦୋଳନ ଚଳାଇଛି। ବୁଧବାର ରାଜଧାନୀ ହାଟ ବ୍ୟବସାୟୀ ସଂଘ ପକ୍ଷରୁ ଦୋକାନ ବନ୍ଦ ଡାକରା ଦିଆଯାଇଥିଲା। ଏଥିସହ ଭୁବନେଶ୍ୱର ମହାନଗର ନିଗମ (ବିଏମସି) କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ବନ୍ଦ ଡାକରାକୁ ସମର୍ଥନ କରି ରାଜମହଲ ଛକଠାରୁ ଏଜି ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସମସ୍ତ ଉଠା ଦୋକାନ, ଭେଣ୍ଡିଂ ଜୋନ୍, ଫଳ ବ୍ୟବସାୟୀ, କଳିଙ୍ଗ ମାର୍କେଟ, ୧ ନମ୍ବର ଦୈନିକ ହାଟ, କଞ୍ଚା ପରିବା ଦୋକାନ ଓ ବ୍ୟବସାୟ ଅନୁଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ତେବେ ହଠାତ୍ ହାଟ ଓ ଅନ୍ୟ ଦୋକାନ ବଜାର ବନ୍ଦ ଯୋଗୁ ଗ୍ରାହକମାନେ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହୋଇଥିଲେ। ଅନ୍ୟପକ୍ଷରରେ ଜବରଦଖଲମୁକ୍ତ ପାଇଁ ଦାବି ହେଉଥିବା ସ୍ଥାନରେ ରାଜଧାନୀ ଫଳ ବ୍ୟବସାୟୀ ସଂଘ ଓ ମହାବୀର ବ୍ୟବସାୟୀ ସଂଘ ଦୀର୍ଘଦିନ ହେବ ବ୍ୟବସାୟ କରିଆସୁଛନ୍ତି। ଗତ ଜାନୁଆରୀ ୧୯ ରାତିରେ ବଡ଼ଧରଣର ଅଗ୍ନିକାଣ୍ଡରେ ସେଠାରେ ଥିବା ଦୋକାନଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଏହାର ପ୍ରତିବାଦ ସହ ସେଠାରେ ବ୍ୟବସାୟ କରିବାକୁ ଏହି ଦୁଇ ବ୍ୟବସାୟୀ ସଂଘ ଦାବିକରି ଆନ୍ଦୋଳନ ଚଳାଇଛି। ବୁଧବାର ବହୁ ସଂଖ୍ୟକ ପୁରୁଷ ଓ ମହିଳା ବ୍ୟବସାୟୀ ଧାରଣାରେ ବସି ଆମକୁ ନ୍ୟାୟ ଦିଅ ନଚେତ୍ ଫାଶି ଦିଅ ବୋଲି ନାରା ଦେଇଥିଲେ। ସୂଚନାଥାଉକି, ରାଜଧାନୀ ହାଟ ବ୍ୟବସାୟୀ ମହାସଂଘ ପକ୍ଷରୁ ୫ଟି ଦାବି ରଖାଯାଇଛି। ଉତ୍ତର ଦିଗର ୧ ନଂ. ଗେଟ୍‌ଠାରୁ ଓ ପୂର୍ବ ଦିଗର ୬ ଓ ୭ ନଂ. ଗେଟ ପର୍ଯ୍ୟନ୍ତ ରାସ୍ତାକୁ ସମ୍ପୂର୍ଣ୍ଣ ଜବରଦଖଲମୁକ୍ତ କରିବା, ହାଟର ପାର୍କିଂ ପାଇଁ ମହିଳା ଥାନାଠାରୁ କ୍ୟାପିଟାଲ ଥାନା ଏବଂ ଗଣେଶ ମଣ୍ଡପ ପର୍ଯ୍ୟନ୍ତ ଜାଗାକୁ ଜବରଦଖଲ ମୁକ୍ତ କରିବା ହାଟର ପାର୍କିଂ ବ୍ୟବସ୍ଥାକୁ ବିଏମସି ଦ୍ୱାରା ପରିଚାଳନା କରିବା ପାଇଁ ଦାବି କରାଯାଉଛି। ଯଦି ବିଏମସି ଦ୍ୱାରା ହାଟ ପାର୍କିଂକୁ ପରିଚାଳନା କରା ନ ଯିବ ତା'ହେଲେ ପୂର୍ବପରି ହାଟ ମହାସଂଘକୁ ଦାୟିତ୍ୱ ଦିଆଯାଉ। ମାର୍ଚ୍ଚ ୧୫ ସୁଦ୍ଧା ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ଯାଏ ହାଟ ବନ୍ଦ ରହିବ ବୋଲି ଦୈନିକ ହାଟ ବ୍ୟବସାୟୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ସର୍ବଭାରତୀୟ ହାରଠାରୁ ଓଡ଼ିଶା ଗ୍ରାମାଞ୍ଚଳ, ସହରାଞ୍ଚଳ ପରିବାରର ମାସିକ ଖର୍ଚ୍ଚ କମ୍

ଭୁବନେଶ୍ୱର,୧୮।୨(ସୁଚିସ୍ମିତା ସାହୁ)

ସର୍ବଭାରତୀୟ ଗ୍ରାମୀଣ ପରିବାରର ମାସିକ ଖର୍ଚ୍ଚ ତୁଳନାରେ ଓଡ଼ିଶା ଗ୍ରାମାଞ୍ଚଳବାସୀଙ୍କ ମାସିକ ଖର୍ଚ୍ଚ କମ୍ ରହିଛି। ସେହିପରି ରାଜ୍ୟ ସହରାଞ୍ଚଳର ମାସିକ ଖର୍ଚ୍ଚ ମଧ୍ୟ ସର୍ବଭାରତୀୟ ହାର ତୁଳନାରେ କମ୍ ରହିଛି। ବିଧାନସଭାରେ ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଅଧୀନ ଏନ୍ଏସ୍ଓ ପକ୍ଷରୁ ୨୦୨୩-୨୪ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ସର୍ବଭାରତୀୟସ୍ତରରେ ଗ୍ରାମାଞ୍ଚଳର ପାରିବାରିକ ମାସିକ ଖର୍ଚ୍ଚ ହାରାହାରି ୪,୨୪୭ ଟଙ୍କା ରହିଥିବା ବେଳେ ଖାଦ୍ୟ ପାଇଁ ୨,୦୫୭ ଟଙ୍କା ଏବଂ ଅଣଖାଦ୍ୟ ପାଇଁ ୨,୧୯୦ ଟଙ୍କା ରହିଛି। ଓଡ଼ିଶାରେ ମାସିକ ଖର୍ଚ୍ଚ ୩,୫୦୯ ଟଙ୍କା ରହିଥିବାବେଳେ ଖାଦ୍ୟ ପାଇଁ ୧,୭୪୨ଟଙ୍କା ଓ ଅଣଖାଦ୍ୟ ପାଇଁ ୧,୭୬୭ ଟଙ୍କା ରହିଛି। ସେହିପରି ସର୍ବଭାରତୀୟସ୍ତରରେ ସହରାଞ୍ଚଳ ପରିବାରର ମାସିକ ଖର୍ଚ୍ଚ ୭,୦୭୮ ରହିଥିବା ବେଳେ ଓଡ଼ିଶାରେ ଏହା ୫,୯୨୫ ଟଙ୍କା ରହିଛି। ସର୍ବଭାରତୀୟ ସହରାଞ୍ଚଳ ଲୋକେ ଖାଦ୍ୟରେ ମାସକ ୨,୮୫୩ଟଙ୍କା ଓ ଅଣଖାଦ୍ୟରେ ୪,୨୨୫ ଟଙ୍କା ଖର୍ଚ୍ଚ କରନ୍ତି। କିନ୍ତୁ ଓଡ଼ିଶା ସହରାଞ୍ଚଳ ଲୋକେ ଖାଦ୍ୟ ବାବଦକୁ ୨,୪୫୬ ଟଙ୍କା ଏବଂ ଅଣଖାଦ୍ୟ ପାଇଁ ୩,୪୬୯ ଟଙ୍କା ଖର୍ଚ୍ଚ କରନ୍ତି ବୋଲି ମନ୍ତ୍ରୀ ତଥ୍ୟ ରଖିଛନ୍ତି।

# ପଳାଶୁଣୀରୁ ରସୁଲଗଡ଼ ଯାଏ ନିର୍ମାଣ ହେବ ସ୍କାଏୱାକ୍




ଭୁବନେଶ୍ୱର,୧୮।୨: ଟ୍ରାଫିକ୍ ବ୍ୟବସ୍ଥାକୁ ସୁଗମ କରିବା ସହିତ ପଥଚାରୀଙ୍କ ଯାତାୟାତ ପାଇଁ ପଳାଶୁଣୀରୁ ରସୁଲଗଡ଼ ପର୍ଯ୍ୟନ୍ତ ସ୍କାଏୱାକ୍ ନିର୍ମାଣ ହେବ। ୫୦୦ ମିଟର ବିଶିଷ୍ଟ ଏହି ସ୍କାଏୱାକ୍ ଭାରତର ଜାତୀୟ ରାଜପଥ ପ୍ରାଧିକରଣ(ଏନ୍ଏଚ୍ଏଆଇ) ନିର୍ମାଣ କରିବ ବୋଲି ବୁଧବାର ସୂଚନା ଦେଇଛି। ଜାତୀୟ ରାଜପଥ ନଂ ୧୬ ଅଧୀନରେ ଆସୁଥିବା ଏହି ୫୦୦ ମିଟର ରାସ୍ତା ଟ୍ରାଫିକ୍ ଦୃଷ୍ଟିରୁ ଅଧିକାଂଶ ସମୟରେ ଭିଡ଼ ରହୁଥିବା କାରଣରୁ ସାଧାରଣ ଯାତାୟାତ ନେଇ ସମସ୍ୟା ଲାଗି ରହୁଛି। ହେଭି ଟ୍ରାଫିକ୍ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏହାକୁ ଦୃଷ୍ଟିରେ ରଖି ଏହି ସ୍କାଏୱାକ୍ ନିର୍ମାଣ କରିବାକୁ ଏନ୍ଏଚ୍ଏଆଇ ନିଷ୍ପତ୍ତି ନେଇଛି। ଏଥିପାଇଁ ୨୦ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ଏନ୍ଏଚ୍ଏଆଇ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# 'ମାଟିକଳା ବୋର୍ଡ' ଗଠନ ଏବେ ବି ବିଚାରାଧୀନ

ଭୁବନେଶ୍ୱର,୧୮।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର କୁମ୍ଭାର ଓ ଟେରାକୋଟା କାରିଗରଙ୍କ ବିକାଶ ନିମନ୍ତେ ମାଟିକଳା ବୋର୍ଡ ଗଠନ ପ୍ରସ୍ତୁତି ଝୁଲିଛି। ଦୀର୍ଘବର୍ଷ ଧରି ଏହି ପ୍ରସ୍ତାବ ରହିଥିଲେ ହେଁ ବୋର୍ଡ ଗଠନ ହୋଇପାରିନାହିଁ। ଏହା ଏବେ ସରକାରଙ୍କ ବିଚାରାଧୀନ ରହିଛି ବୋଲି ବିଧାନସଭା ତଥ୍ୟରୁ ଜଣାପଡ଼ିଛି। ଏନେଇ ଭାଜପା ସଦସ୍ୟ ଭାସ୍କର ମଢ଼େଇଙ୍କ ପ୍ରଶ୍ନର ଉତ୍ତରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଦେଇଥିବା ତଥ୍ୟ ଅନୁଯାୟୀ ରାଜ୍ୟରେ ଟେରାକୋଟା କାରିଗର ଓ କୁମ୍ଭାରମାନଙ୍କ ବିକାଶ ନିମନ୍ତେ 'ମାଟିକଳା ବୋର୍ଡ' ଗଠନ ପାଇଁ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କ ବିଚାରାଧୀନ ଅଛି। ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଅଧିକାରୀମାନେ ବିଭିନ୍ନ ରାଜ୍ୟ ଯଥା ଛତିଶଗଡ଼ ଓ ଗୁଜରାଟ ଗସ୍ତ କରି ସେଠାରେ ପରିଚାଳିତ ହେଉଥିବା ବୋର୍ଡର ଯୋଜନା ଓ କାର୍ଯ୍ୟକ୍ରମଗୁଡିକ ଅନୁଧ୍ୟାନ କରି ସେଗୁଡ଼ିକ କିଭଳି ଭାବରେ ଓଡ଼ିଶାରେ କ୍ରିୟାଶୀଳ କରାଯାଇପାରିବ, ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରିଛନ୍ତି। ସେହି ପ୍ରସ୍ତାବଗୁଡ଼ିକ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗରେ ସମୀକ୍ଷା କରାଯାଉଛି। କୁମ୍ଭାର କାରିଗରଙ୍କୁ ପ୍ରୋତ୍ସାହନ ଦେବା ପାଇଁ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେଥିମଧ୍ୟରୁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ଯୁବପିଢ଼ି ତଥା କୁମ୍ଭାରମାନଙ୍କ ପାଇଁ ନିୟମିତ ଓ ସ୍ଥାୟୀ ସ୍ୱରୋଜଗାର ନିଶ୍ଚିତ କରିବା ଏବଂ ଏହି କ୍ଷେତ୍ର ପ୍ରତି ଅଧିକରୁ ଅଧିକ ବ୍ୟକ୍ତିଙ୍କୁ ଆକୃଷ୍ଟ କରିବା ପାଇଁ ଯୋଜନାରେ କ୍ରମାଗତ ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରାଯାଉଛି। ତାଲିମ ସମୟରେ ପ୍ରଶିକ୍ଷାର୍ଥୀମାନଙ୍କୁ ବୃତ୍ତି, କଞ୍ଚାମାଲ ଓ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଦିଆଯାଉଛି। ସେହିପରି ସେମାନଙ୍କ ପାଇଁ ସହାୟତା, ଶିଳ୍ପୀ ଉନ୍ନତି ଯୋଜନା, କର୍ମଶାଳା ନିର୍ମାଣ, ହସ୍ତଶିଳ୍ପ ପୁରସ୍କାର ଏବଂ ସାଧାରଣ ସୁବିଧା କେନ୍ଦ୍ର ରହିଛି ବୋଲି ବିଭାଗୀୟ ମନ୍ତ୍ରୀ ଦର୍ଶାଇଛନ୍ତି।


ଛତ୍ରପତି ଶିବାଜୀ ମହାରାଜଙ୍କ ଜନ୍ମବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ମହାରାଷ୍ଟ୍ରରୁ ବାହାରିଥିବା ରାଷ୍ଟ୍ରୀୟ ଗୌରବ ଶୋଭାଯାତ୍ରା ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟମାନେ।

# ସାରାଦେଶରେ ମୁକ୍ତିଲାଭ କଲା ଓଡ଼ିଆ ଚଳଚ୍ଚିତ୍ର 'ବର ବଧୂ'

ଭୁବନେଶ୍ୱର,୧୮।୨(ସୌମ୍ୟରଞ୍ଜନ ରାଉତ)

ମଧ୍ୟବିତ୍ତ ପରିବାରର ନୂଆ ନୂଆ ବାହା ହୋଇଥିବା ସ୍ୱାମୀ-ସ୍ତ୍ରୀଙ୍କ ଜୀବନକୁ ନେଇ ନିର୍ମିତ ନିଆରା ଓଡ଼ିଆ ଚଳଚ୍ଚିତ୍ର 'ବର ବଧୂ' ସାରା ଦେଶରେ ମୁକ୍ତିଲାଭ କରିଛି। ଓଡ଼ିଆ ଘରର ପ୍ରେମ, ପରମ୍ପରା ଓ ପାରିବାରିକ ସମ୍ପର୍କର ଏହି ଜୀବନ୍ତ କାହାଣୀ ଦର୍ଶକଙ୍କ ମନକୁ ଛୁଇଁଛି। ଭୁବନେଶ୍ୱରସ୍ଥିତ ସ୍ୱାତୀ ଓ ମହାରାଜା ସିନେମା ହଲରେ ଏହାର ଗ୍ରାଣ୍ଡ ରିଲିଜ୍ ସହ ଦେଶର ୬୦ ସିନେମା ହଲ୍‌ରେ ଏହି ସିନେମା ଦେଖିବାକୁ ପ୍ରେକ୍ଷାଳୟରେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳୁଛି। ସିନେମାରେ ନାୟିକା ଶିବାନୀ ଓ ନାୟକ ଶୈଳେନ୍ଦ୍ରଙ୍କ ଯୋଡ଼ି ଦର୍ଶକଙ୍କ ହୃଦୟ ଜିତିଛି। ଶୁଭାଶିଷ ଶର୍ମା, ସୂର୍ଯ୍ୟମୟୀ ମହାପାତ୍ର, ହର ରଥ ଓ ଭାସ୍ୱତୀ ବସୁଙ୍କ ନିଖୁଣ ଅଭିନୟ ସିନେମାକୁ ଆହୁରି ଆକର୍ଷଣୀୟ କରିଛି। 'ବର ବଧୂ' ସିନେମା ଓଡ଼ିଆ ପାରିବାରିକ ଜୀବନର ଏକ ଜୀବନ୍ତ ପ୍ରତିଛବି ବୋଲି ଦର୍ଶକମାନେ କହିଛନ୍ତି।


ମୁକ୍ତିଲାଭ କରିଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବର ବଧୂ'ର ଏକ ଦୃଶ୍ୟ।

# ରେଳଧାରଣାରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

ଜଟଣୀ,୧୮।୨(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ଅଧୀନ ଜଟଣୀ ବ୍ଲକ ତରାବୋଇ ନିକଟ ରେଳଧାରଣାରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ତାଙ୍କର ବୟସ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପୋଲିସ ମୃତଦେହକୁ ଜବତ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ରେଳଧାରଣାରେ ଜଣେ ବ୍ୟକ୍ତି ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ରେଲୱେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରିଛି।

# ଇଭି ବସ୍ ତାଲିମ ନେଇ ଫେରିଲେ ୨୦ ମହିଳା ଚାଳକ



ଭୁବନେଶ୍ୱର,୧୮।୨
(ଅନୁରାଧା ମହାରଣା)

ରାଜ୍ୟ ଓଡ଼ିଶା ସରକାରଙ୍କ ପ୍ରମୁଖ ସାର୍ବଜନୀନ ପରିବହନ ସଂସ୍ଥା 'କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ' (କ୍ରୁଟ୍) ପକ୍ଷରୁ 'ଆମ ବସ' ସେବା ପାଇଁ ମହିଳା ଚାଳକ ନିଯୁକ୍ତିର ପ୍ରଥମ ପର୍ଯ୍ୟାୟ ସଫଳତାର ସହ ଶେଷ ହୋଇଛି। ଏହି ଅଭିଯାନ ଅଧୀନରେ ବୈଧ ଭାରୀ ଯାନ ଚାଳନା ଅନୁମତିପତ୍ର ଥିବା ୨୦ଜଣ ମହିଳା ଚାଳକଙ୍କୁ ପୁଣେରେ ଉନ୍ନତ ତାଲିମ ପାଇଁ ଚୟନ କରାଯାଇଥିଲା। ସେମାନେ ସଫଳତାର ସହ ନିଜର ତାଲିମ ସମାପ୍ତ କରି ଓଡ଼ିଶା ଫେରିଛନ୍ତି। ଏହି ୧୪ ଦିନିଆ ଉନ୍ନତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପୁଣେସ୍ଥିତ 'ଏକ୍କା ମୋବିଲିଟି' ପ୍ଲାଣ୍ଟରେ ୨ ଫେବୃଆରୀରୁ ୧୪ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଜିଆଇଜେଡ୍‌ର ବୈଷୟିକ ସହାୟତା ଓ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଇଭି ବସ ଚାଳନା, ସୁରକ୍ଷା ପ୍ରୋଟୋକଲ, ଉନ୍ନତ ଡ୍ରାଇଭିଂ ଅଭ୍ୟାସ ଏବଂ ଆଧୁନିକ ସିଟି ବସ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, ଆନୁଷ୍ଠାନିକ ଭାବେ ନିୟୋଜିତ ହେବା ପୂର୍ବରୁ ଏହି ପ୍ରଶିକ୍ଷିତ ଚାଳକମାନେ ଓଡ଼ିଶାରେ ଆଉ ୧୫ ଦିନର ସ୍ଥାନୀୟ ଡ୍ରାଇଭିଂ ଅଭ୍ୟାସ ଏବଂ ରୁଟ୍ ଚିହ୍ନଟ ପ୍ରକ୍ରିୟା ଦେଇ ଗତି କରିବେ। ସଫଳ କ୍ଷେତ୍ର ଅଭ୍ୟାସ ଏବଂ ମୂଲ୍ୟାଙ୍କନ ପରେ ହିଁ, ସେମାନଙ୍କୁ 'ଆମ ବସ' ସେବା ପରିଚାଳନା ପାଇଁ ଏକ ସମର୍ପିତ ମହିଳା ଚାଳକ ଭାବରେ ନିୟୋଜିତ କରାଯିବ। ଏହା କେବଳ ମହିଳାମାନଙ୍କୁ ବସ ଚଲାଇବା ପାଇଁ ତାଲିମ ଦେବା ନୁହେଁ, ବରଂ ସାର୍ବଜନୀନ ସେବାରେ ନେତୃତ୍ୱ, ସମ୍ମାନ ଏବଂ ସମାନ ସୁଯୋଗ ପ୍ରଦାନ କରିବା।

# ବଟି ନ ଦେବାରୁ ପାଠାଗାର ଭାଙ୍ଗିଦେଲେ

ଖୋର୍ଦ୍ଧା,୧୮।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ମଲ୍ଲିପୁର ଗ୍ରାମପଞ୍ଚାୟତ ବିଂକୁଡ଼ିଆ ଗ୍ରାମରେ ଦାଦାବଟି ନ ପାଇବାରୁ ଦୁର୍ବୃତ୍ତମାନେ ନିର୍ମାଣାଧୀନ ପାଠାଗାର ଗୃହକୁ ମଙ୍ଗଳବାର ରାତିରେ ଜେସିବିରେ ଭାଙ୍ଗି ଦେଇଛନ୍ତି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀ ପୃଥକ ଭାବେ ଜିଲାପାଳ ଏବଂ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବିଂକୁଡ଼ିଆ ଗ୍ରାମରେ ଖୋର୍ଦ୍ଧା ତହସିଲଦାର, ବିଡିଓ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ସର୍ବସାଧାରଣ ପାଠାଗାର ଘର ପାଇଁ ଜାଗା ସ୍ଥିରୀକୃତ କରାଯାଇଥିଲା। ୨୦୨୫ ମେ ୮ରେ ଏହାର କାର୍ଯ୍ୟ ଆରମ୍ଭ ହୋଇଥିଲା। ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଗତ ୧୫ ତାରିଖରେ କେତେଜଣ ଦୁର୍ବୃତ୍ତ ନିର୍ମାଣ କାର୍ଯ୍ୟ କରୁଥିବା ବନ୍ତଳ ଗ୍ରାମର ହେମନ୍ତ ମାନସିଂଙ୍କୁ ଦାଦାବଟି ମାଗିଥିଲେ। ଆକ୍ରମଣ ଓ ଲାଇବ୍ରେରୀ ଘରକୁ ଭାଙ୍ଗିଦେବାକୁ ଧମକ ଦେଇଥିଲେ। ଏ ନେଇ ହେମନ୍ତ ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦୁର୍ବୃତ୍ତମାନେ ୧୭ ତାରିଖ ବିଳମ୍ବିତ ରାତିରେ ଜେସିବିରେ ନିର୍ମାଣଧୀନ ଲାଇବ୍ରେରୀ ଘରକୁ ଭାଙ୍ଗିଦେଇଛନ୍ତି।

# ଭୁବନେଶ୍ୱରରେ ମାଟ୍ରିକ୍ ପରୀକ୍ଷାଦେବେ ୧୨,୩୯୩ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୮।୨(ସୁଚିସ୍ମିତା ସାହୁ)

ରାଜ୍ୟରେ ଗୁରୁବାରଠାରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। ଚଳିତବର୍ଷ ଭୁବନେଶ୍ୱର ମହାନଗର ନିଗମ ସମେତ ବ୍ଲକ ଅଞ୍ଚଳରେ ମୋଟ ୧୨,୩୯୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପରୀକ୍ଷା ନିମନ୍ତେ ୩ଟି ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ରହିଥିବା ବେଳେ ୪୫ ପରୀକ୍ଷା କେନ୍ଦ୍ର କରାଯାଇଛି। ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟରରୁ ୫ଟି ଟିମ୍ ୧୭ଟି ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯୋଗାଇବେ। ଏହି ନୋଡାଲ ସେଣ୍ଟର ଅଧୀନରେ ୪,୬୯୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେହିପରି ୟୁନିଟ୍-୧ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଅଧୀନରେ ୧୨ଟି ପରୀକ୍ଷା କେନ୍ଦ୍ର ରହିଛି। ୩ଟି ଟିମ୍ ପ୍ରଶ୍ନପତ୍ର ପହଞ୍ଚାଇବାରେ ନିୟୋଜିତ ହୋଇଥିବାବେଳେ ୨,୯୩୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲ ନୋଡାଲ୍ ସେଣ୍ଟର ହୋଇଥିବାବେଳେ ଏଠାରୁ ୧୬ଟି ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବ। ଏହା ଅଧୀନରେ ୪,୭୬୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବାବେଳେ ୪ଟି ଟିମ୍ ପ୍ରଶ୍ନପତ୍ର ପହଞ୍ଚାଇବା ଦାୟିତ୍ୱରେ ଅଛନ୍ତି।

## ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ଶୁଭକାମନା ଜଣାଇଲେ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୮।୨(ସୁଚିସ୍ମିତା ସାହୁ)

**ଚାପମୁକ୍ତ ହୋଇ ପରୀକ୍ଷା ଦେବାକୁ ପରାମର୍ଶ**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ବୋର୍ଡ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହେଉଛି। ମୋଟ ୫ ଲକ୍ଷ ୬୧ ହଜାର ୯୭୯ ଜଣ ଛାତ୍ରୀଛାତ୍ର ପରୀକ୍ଷାଦେବେ। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଏଥିସହ ଛାତ୍ରୀଛାତ୍ରମାନେ ଚାପମୁକ୍ତ ହୋଇ ପରୀକ୍ଷା ଦେବାକୁ ସେ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ମାଟ୍ରିକ୍ ପରୀକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩,୦୮୨ ପରୀକ୍ଷା କେନ୍ଦ୍ର ଏବଂ ୩୨୨ ନୋଡାଲ ସେଣ୍ଟର କରାଯାଇଛି। ପିଲାମାନେ ସ୍ୱଚ୍ଛତାର ସହିତ ଯେପରି ପରୀକ୍ଷା ଦେଇପାରିବେ, ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭିର ବ୍ୟବସ୍ଥା କରାଯାଇଛି। ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ୍ ନେବାକୁ ବାରଣ କରାଯାଇଛି। ଏପରିକି ପର୍ଯ୍ୟବେକ୍ଷକ, ସ୍କ୍ୱାଡ୍ ଅଧିକାରୀ ଏବଂ ଜିଲାର ଅନ୍ୟ ଅଧିକାରୀମାନେ ମଧ୍ୟ ମୋବାଇଲ ନେଇପାରିବେ ନାହିଁ। ପରୀକ୍ଷାକୁ ସ୍ୱଚ୍ଛତାର ସହିତ କରିବାକୁ ବୋର୍ଡ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ କହିଛନ୍ତି।

# ରେଳଧାରଣାରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

ଜଟଣୀ,୧୮।୨(ରବୀନ୍ଦ୍ରନାଥ ମହାନ୍ତି)

ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ଅଧୀନ ଜଟଣୀ ବ୍ଲକ ଡରାବୋଲ ନିକଟ ରେଳଧାରଣାରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ତାଙ୍କର ବୟସ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପୋଲିସ ମୃତଦେହକୁ ଜବତ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ରେଳଧାରଣାରେ ଜଣେ ବ୍ୟକ୍ତି ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ରେଲୱେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରିଛି।

# ବ୍ରିଜ୍ ପାର୍ଶ୍ୱରେ ଗଦାହୋଇଛି ମାଟି

## ଯାତାୟାତରେ ସମସ୍ୟା

ବେଗୁନିଆ,୧୮।୨(ସନ୍ଧ୍ୟାରାଣୀ ମିଶ୍ର)



ଖୋର୍ଦ୍ଧା ଗ୍ରାମ୍ୟ ଜଳଯାନ ଉପଖଣ୍ଡ ଅଧୀନ ବେଗୁନିଆ ସେକ୍ସନର ସାମନ୍ତରାପୁର-ଦଲକ ରାସ୍ତା ମଝିରେ ଏକ ବ୍ରିଜ ନିର୍ମାଣ ହୋଇଛି। ଏକ ବର୍ଷ ତଳେ ଏହି ବ୍ରିଜ ନିର୍ମାଣ ହେବା ସମୟରେ ରାସ୍ତା ପାର୍ଶ୍ୱରେ ଗାଡ଼ିମୋଟର ଏବଂ ଲୋକମାନେ ଯିବା ଆସିବା କରିବା ପାଇଁ ଏକ ମାଟି ରାସ୍ତା ନିର୍ମାଣ କରାଯାଇଥିଲା ।

ବର୍ଷା ଦିନେ ଉକ୍ତ ରାସ୍ତାରେ ମୋରମ ନ ପଡ଼ିବା ଯୋଗୁ ଲୋକେ କାଦୁଅ ରାସ୍ତାରେ ବହୁ କଷ୍ଟେମଷ୍ଟେ ଯାତାୟାତ କରିବା ପରେ ବ୍ରିଜ କାର୍ଯ୍ୟ ସରିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ବ୍ରିଜ କାମ ସରିଗଲେ ସେମାନଙ୍କର ଏ ଦୁରବସ୍ଥା ଦୂର ହୋଇଯିବ ବୋଲି ଲୋକେ ଆଶା ବାନ୍ଧିଥିଲେ। କିନ୍ତୁ ବ୍ରିଜ କାର୍ଯ୍ୟ ସରିବାର ଏକ ବର୍ଷ ପରେ ମଧ୍ୟ ଲୋକଙ୍କ ଦୁରବସ୍ଥା ଦୂର ହୋଇନାହିଁ। ବ୍ରିଜ ଉଭୟ ପାର୍ଶ୍ୱ ରାସ୍ତା ନିର୍ମାଣ ନହେବା ଯୋଗୁ ଲୋକେ ଏବଂ ଗାଡିମୋଟର ଉକ୍ତ ରାସ୍ତାରେ ଯିବା ସମ୍ଭବ ହେଉନାହିଁ। ଫଳରେ ଉକ୍ତ ବ୍ରିଜ ପାର୍ଶ୍ୱରେ ଥିବା ମାଟି ରାସ୍ତାରେ ଗାଡ଼ିମୋଟର ଯିବା ଆସିବା କରୁଛି। ଫଳରେ ଧୂଳି ମାଡ଼ରେ ଲୋକେ ଆକ୍ରାନ୍ତ ହୋଇଯାଉଛନ୍ତି। ବ୍ରିଜର ଉଭୟ ପାର୍ଶ୍ୱରେ ମାଟି ଗଦା ହୋଇରହିଛି। ଫଳରେ ଯାତାୟାତରେ ସମସ୍ୟା ଉପୁଜିବା ସହ ଜନ ଅସନ୍ତୋଷ ପ୍ରକାଶ ପାଉଛି। ଏ ସଂକ୍ରାନ୍ତରେ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ଜେନା କହିଛନ୍ତି, ବ୍ରିଜ ପାଇଁ ଟଙ୍କା ଥିଲା, କିନ୍ତୁ ଆପ୍ରୋଚ ରୋଡ ପାଇଁ ଅର୍ଥ ନାହିଁ। ସମ୍ପୃକ୍ତ ରାସ୍ତାର ଓସାର ୩. ୫ମିଟର ଥିବାବେଳେ ଏବେ ତାହା ବୃଦ୍ଧି ପାଇ ୫.୫ମିଟରରେ ନିର୍ମାଣ କରାଯିବ। ଡଙ୍ଗରପଡ଼ା ଠାରୁ ଦଲକ ପର୍ଯ୍ୟନ୍ତ ରାସ୍ତା ଓସାରିଆ କରାଯିବ। ସର୍ଭେ ସରିଗଲାଣି, ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ପ୍ରକାଶ କରିଛନ୍ତି।

# ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ଶୁଭକାମନା ଜଣାଇଲେ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୮।୨ (ସୁଚିସ୍ମିତା ସାହୁ)

## ଚାପମୁକ୍ତ ହୋଇ ପରୀକ୍ଷା ଦେବାକୁ ପରାମର୍ଶ

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ବୋର୍ଡ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହେଉଛି। ମୋଟ ୫ ଲକ୍ଷ ୬୧ ହଜାର ୯୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷାଦେବେ। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଏଥିସହ ଛାତ୍ରଛାତ୍ରୀମାନେ ଚାପମୁକ୍ତ ହୋଇ ପରୀକ୍ଷା ଦେବାକୁ ସେ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ମାଟ୍ରିକ୍ ପରୀକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩,୦୮୨ ପରୀକ୍ଷା କେନ୍ଦ୍ର ଏବଂ ୩୨୨ ନୋଡାଲ ସେଣ୍ଟର କରାଯାଇଛି। ପିଲାମାନେ ସ୍ୱଚ୍ଛତାର ସହିତ ଯେପରି ପରୀକ୍ଷା ଦେଇପାରିବେ, ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭି ବ୍ୟବସ୍ଥା କରାଯାଇଥିବା ସହିତ ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ୍ ନେବାକୁ ବାରଣ କରାଯାଇଛି। ଏପରିକି ପର୍ଯ୍ୟବେକ୍ଷକ, ସ୍କ୍ୱାଡ୍ ଅଧିକାରୀ ଏବଂ ଜିଲାର ଅନ୍ୟ ଅଧିକାରୀମାନେ ମଧ୍ୟ ମୋବାଇଲ ନେଇପାରିବେ ନାହିଁ। ପରୀକ୍ଷାକୁ ସ୍ୱଚ୍ଛତାର ସହିତ କରିବାକୁ ବୋର୍ଡ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ କହିଛନ୍ତି।

# ବଟି ନ ଦେବାରୁ ପାଠାଗାର ଭାଙ୍ଗିଦେଲେ

ଖୋର୍ଦ୍ଧା,୧୮।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ମଲ୍ଲିପୁର ଗ୍ରାମପଞ୍ଚାୟତର ବିଂକୁଡ଼ିଆ ଗ୍ରାମରେ ଦାଦାବଟି ନ ପାଇବାରୁ ଦୂର୍ବୃତ୍ତମାନେ ନିର୍ମାଣାଧୀନ ପାଠାଗାର ଗୃହକୁ ମଙ୍ଗଳବାର ରାତିରେ ଜେସିବିରେ ଭାଙ୍ଗି ଦେଇଛନ୍ତି। ଦୁର୍ବୃତ୍ତମାନଙ୍କ ବିରୋଧତ୍‌ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀ ପୃଥକ ଭାବେ ଜିଲାପାଳ ଏବଂ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ବିଂକୁଡ଼ିଆ ଗ୍ରାମରେ ଖୋର୍ଦ୍ଧା ତହସିଲଦାର, ବିଡିଓ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ସର୍ବସାଧାରଣ ପାଠାଗାର ଘର ପାଇଁ ଜାଗା ସ୍ଥିରୀକୃତ କରାଯାଇଥିଲା। ୨୦୨୫ ମେ ୮ରେ ଏହାର କାର୍ଯ୍ୟ ଆରମ୍ଭ ହୋଇଥିଲା। ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଗତ ୧୫ ତାରିଖରେ କେତେଜଣ ଦୃର୍ବୃତ୍ତ ନିର୍ମାଣ କାର୍ଯ୍ୟ କରୁଥିବା ବନ୍ତଳ ଗ୍ରାମର ହେମନ୍ତ ମାନସିଂଙ୍କୁ ଦାଦାବଟି ମାଗିଥିଲେ। ଆକ୍ରମଣ ଓ ଲାଇବ୍ରେରୀ ଘରକୁ ଭାଙ୍ଗିଦେବାକୁ ଧମକ ଦେଇଥିଲେ। ଏ ନେଇ ହେମନ୍ତ ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦୁର୍ବୃତ୍ତମାନେ ୧୭ ତାରିଖ ବିଳମ୍ବିତ ରାତିରେ ଜେସିବିରେ ନିର୍ମାଣାଧୀନ ଲାଇବ୍ରେରୀ ଘରକୁ ଭାଙ୍ଗିଦେଇଛନ୍ତି। ଖବର ପାଇ ହେମନ୍ତ ଓ ତାଙ୍କ ସହଯୋଗୀ ମାନସ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚିବାରୁ ସେମାନେ ଧମକଚମକ ଦେଇ ଫେରାର ହୋଇଯାଇଥିଲେ। ବୁଧବାର ହେମନ୍ତ ମାନସିଂ, ସଂଗ୍ରାମ କେଶରୀ ସାମନ୍ତସିଂହାର, ମନୋରଞ୍ଜନ ବଡ଼ଜେନା, ପ୍ରତାପ ମହାପାତ୍ରଙ୍କ ସମେତ କେତେଜଣ ଗ୍ରାମବାସୀ ଜିଲାପାଳ ଏବଂ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ସର୍ବଭାରତୀୟ ହାରଠାରୁ ଓଡ଼ିଶା ଗ୍ରାମାଞ୍ଚଳ, ସହରାଞ୍ଚଳ ପରିବାରର ମାସିକ ଖର୍ଚ୍ଚ କମ୍

ଭୁବନେଶ୍ୱର,୧୮।୨(ସୁଚିସ୍ମିତା ସାହୁ)

ସର୍ବଭାରତୀୟ ଗ୍ରାମୀଣ ପରିବାରର ମାସିକ ଖର୍ଚ୍ଚ ତୁଳନାରେ ଓଡ଼ିଶା ଗ୍ରାମାଞ୍ଚଳବାସୀଙ୍କ ମାସିକ ଖର୍ଚ୍ଚ କମ୍ ରହିଛି। ସେହିପରି ରାଜ୍ୟ ସହରାଞ୍ଚଳର ମାସିକ ଖର୍ଚ୍ଚ ମଧ୍ୟ ସର୍ବଭାରତୀୟ ହାର ତୁଳନାରେ କମ୍ ରହିଛି। ବିଧାନସଭାରେ ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଅଧୀନ ଏନ୍‌ଏସ୍‌ଓ ପକ୍ଷରୁ ୨୦୨୩-୨୪ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ସର୍ବଭାରତୀୟସ୍ତରରେ ଗ୍ରାମାଞ୍ଚଳର ପାରିବାରିକ ମାସିକ ଖର୍ଚ୍ଚ ହାରାହାରି ୪,୨୪୭ ଟଙ୍କା ରହିଥିବା ବେଳେ ଖାଦ୍ୟ ପାଇଁ ୨,୦୫୭ ଟଙ୍କା ଏବଂ ଅଣଖାଦ୍ୟ ପାଇଁ ୨,୧୯୦ ଟଙ୍କା ରହିଛି। ଓଡ଼ିଶାରେ ମାସିକ ଖର୍ଚ୍ଚ ୩,୫୦୯ ଟଙ୍କା ରହିଥିବାବେଳେ ଖାଦ୍ୟ ପାଇଁ ୧,୭୪୨ଟଙ୍କା ଓ ଅଣଖାଦ୍ୟ ପାଇଁ ୧,୭୬୭ ଟଙ୍କା ରହିଛି। ସେହିପରି ସର୍ବଭାରତୀୟସ୍ତରରେ ସହରାଞ୍ଚଳ ପରିବାରର ମାସିକ ଖର୍ଚ୍ଚ ୭,୦୭୮ ରହିଥିବା ବେଳେ ଓଡ଼ିଶାରେ ଏହା ୫,୯୨୫ ଟଙ୍କା ରହିଛି। ସର୍ବଭାରତୀୟ ସହରାଞ୍ଚଳ ଲୋକେ ଖାଦ୍ୟରେ ମାସକ ୨,୮୫୩ ଟଙ୍କା ଓ ଅଣଖାଦ୍ୟରେ ୪,୨୨୫ ଟଙ୍କା ଖର୍ଚ୍ଚ କରନ୍ତି। କିନ୍ତୁ ଓଡ଼ିଶା ସହରାଞ୍ଚଳ ଲୋକେ ଖାଦ୍ୟ ବାବଦକୁ ୨,୪୫୬ ଟଙ୍କା ଏବଂ ଅଣଖାଦ୍ୟ ପାଇଁ ୩,୪୬୯ ଟଙ୍କା ଖର୍ଚ୍ଚ କରନ୍ତି ବୋଲି ମନ୍ତ୍ରୀ ତଥ୍ୟ ରଖିଛନ୍ତି।

# ସେମିଫାଇନାଲରେ ଖୋର୍ଦ୍ଧା ଜୟଦୁର୍ଗା କ୍ଲବ



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

## କଣ୍ଟାମଲିମ ୩୧ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ବାଘମାରି,୧୮।୨(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ କଣ୍ଟାମଲିମ ଜୟଦୁର୍ଗା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଗ୍ରାମ୍ୟ ଖେଳ ପଡ଼ିଆରେ ଚାଲିଥିବା ୩୧ ତମ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବୁଧବାର ତୃତୀୟ ଲିଗ ମ୍ୟାଚ ଟାଙ୍ଗୀ ଫୁଟବଲ କ୍ଲବ ଏବଂ ଖୋର୍ଦ୍ଧା ଜୟଦୁର୍ଗା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳ ଆରମ୍ଭର ୧୦ ମିନିଟରେ ଟାଙ୍ଗୀ ଦଳ ଗୋଟିଏ ଗୋଲ କରି ଅଗ୍ରଣୀ ରହିଥିଲା। ଜଳପାନ ବିରତି ପରେ ଦ୍ୱିତୀୟାର୍ଦ୍ଧ ଖେଳର ୨୦ ମିନିଟ ପରେ ଖୋର୍ଦ୍ଧା ଦଳ ଗୋଲ୍ ପରିଶୋଧ କରି ଖେଳକୁ ବରାବର ସ୍ଥିତିକୁ ଆଣିଥିଲା। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଖେଳ ଅମୀମାଂସିତ ରହିବା ପରେ ରେଫରି ଟ୍ରାଇବ୍ରେକର ସହାୟତା ନେଇଥିଲେ। ଟ୍ରାଇବ୍ରେକରେ ୪- ୩ ଗୋଲରେ ଜିତି ଖୋର୍ଦ୍ଧା ଜୟଦୁର୍ଗା କ୍ଲବ ତୃତୀୟ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚକୁ ରାଜୁ ମହାନ୍ତି ରେଫରି, ବିଦେଶୀ ନାୟକ, ସଗିର ଅହମ୍ମଦ ଖାଁ ଲାଇନରେ ସହାୟତା କରିଥିବା ବେଳେ ୪ର୍ଥ ଅଫିସିଆଲ ଭାବେ ଗିରିଶ ଜାନି ଏବଂ ମ୍ୟାଚ କମିଶନର ଭାବେ ଦୟାନ ଖାଁ ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଫୈଜଲ ହୁସେନ ଖାଁ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ଯତୀନ ମହାନ୍ତି, ଖୋର୍ଦ୍ଧା ଜିଲା ପୂର୍ବତନ ଭାଜପା ଉପସଭାପତି ରୁଦ୍ରନାରାୟଣ ବାହିନୀପତି, ଖଣ୍ଡାୟତ କଲ୍‌କୀ ସେନା ରାଜ୍ୟ ସଭାପତି ଯୋଗିନାଥ ବଳିୟାରସିଂହ, ସଦସ୍ୟ ନୃସିଂହ ଛୋଟରାୟ, ପୂର୍ବତନ ଖେଳାଳି କୈଳାସ ଚନ୍ଦ୍ର ପାତ୍ର, ଗ୍ରାମ୍ୟ କମିଟି ଉପଦେଷ୍ଟା ଚନ୍ଦ୍ରଶେଖର ପାତ୍ର, ମହେନ୍ଦ୍ର ମାର୍ଥା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମ୍ୟକମିଟି ସଭାପତି ଯଜ୍ଞେଶ୍ୱର ରାଉତରାୟ, ଉପସଭାପତି ଅଜୟ କୁମାର ମାର୍ଥା, ସମ୍ପାଦକ ଆର୍ତ୍ତବନ୍ଧୁ ମାଝୀ, କୋଷାଧ୍ୟକ୍ଷ ବାଉରୀବନ୍ଧୁ ପାଇକରାୟଙ୍କ ସମେତ ଜୟଦୁର୍ଗା ଫୁଟବଲ କ୍ଲବର ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଗୁରୁବାର ଘାଟିକିଆ ଜୟ ବଜରଙ୍ଗବାଲି ଫୁଟବଲ କ୍ଲବ ଏବଂ ଜଟଣୀ କୁସମାଟି କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

# ଯୁକ୍ତ୨ ପିଲାଙ୍କୁ ଶୁଭେଚ୍ଛା ଜଣାଇଲା ଏବିଭିପି

ଖୋର୍ଦ୍ଧା,୧୮।୨ (ପ୍ରଭାତ ପାଣିଗ୍ରାହୀ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଖୋର୍ଦ୍ଧା ପକ୍ଷରୁ ଯୁକ୍ତ୨ ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖ ଫାଟକ ଆଗରେ ପରୀକ୍ଷା କେନ୍ଦ୍ରକୁ ଯାଉଥିବା ବିଦ୍ୟାର୍ଥୀ ମାନଙ୍କ ମନୋବଳ ବଢ଼ାଇବା ପାଇଁ ପରିଷଦର କର୍ମକର୍ତ୍ତାମାନେ ସେମାନଙ୍କୁ ପାରମ୍ପରିକ ରୀତିରେ ମଥାରେ ଚନ୍ଦନ ଟିକା ଲଗାଇବା ସହ ପୁଷ୍ପ ବୃଷ୍ଟି କରି ସ୍ୱାଗତ କରିଥିଲେ। ପରୀକ୍ଷାରେ ଲେଖିବା ପାଇଁ ସମସ୍ତଙ୍କୁ ଗୋଟିଏ ଲେଖାଏ କଲମ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଏହି ଅବସରରେ 'ଶିକ୍ଷା ଜୀବନ ପାଇଁ, ଜୀବନ ଦେଶ ପାଇଁ' ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରୀଛାତ୍ରମାନେ କେବଳ ପରୀକ୍ଷାରେ ସଫଳତା ପାଇବା ପାଇଁ ନୁହେଁ, ବରଂ ନିଜ ଶିକ୍ଷା ଓ ଜ୍ଞାନକୁ ଦେଶ ଗଠନ ତଥା ରାଷ୍ଟ୍ରର ଉନ୍ନତି ପାଇଁ ବିନିଯୋଗ କରିବାକୁ ପରିଷଦ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଜିଲା ସହସଂଯୋଜକ ଦଧିବାମନ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ରଶ୍ମି କୁମାର ସାହୁ, ନଗର ସମ୍ପାଦକ ସୁଜଲ୍ ପୂଣ୍ୟଶ୍ଳୋକ, ରାଜ୍ୟ ସହସମ୍ପାଦକ ଉଜ୍ଜ୍ୱଲ୍ ପ୍ରଦୀପ ସାମଲ, କ୍ୟାମ୍ପସ ସଭାପତି ଅନୁରାଗ କୁମାର, +୨ କ୍ୟାମ୍ପସ ସମ୍ପାଦିକା ସୁଷମା କୁମାରୀ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବିଦ୍ୟାର୍ଥୀଙ୍କ ମଧ୍ୟରେ ଉତ୍ସାହ ଭରିବା ସହ ସେମାନଙ୍କୁ ସୁନାଗରିକ ଭାବେ ଗଢ଼ିତୋଳିବା ପାଇଁ ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ ପାଇଛି।

# ସ୍ୟାଣ୍ଡ୍ ଆନିମେଶନ ମାଧ୍ୟମରେ ଶିବାଜୀଙ୍କୁ ଶ୍ରଦ୍ଧାଞ୍ଜଳି




ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ଶିବାଜୀ ଜୟନ୍ତୀ ଅବସରରେ ପ୍ରସିଦ୍ଧ ବାଲୁକାଶିଳ୍ପୀ ମାନସ କୁମାର ସାହୁ ଛତ୍ରପତି ଶିବାଜୀ ମହାରାଜଙ୍କୁ ଶ୍ରଦ୍ଧାଞ୍ଜଳିସ୍ୱରୂପ ବୁଧବାର ଏକ ସ୍ୟାଣ୍ଡ୍ ଆନିମେଶନ ପ୍ରସ୍ତୁତ କରିଛନ୍ତି। ସାହୁ ସ୍ୟାଣ୍ଡ୍ ଆନିମେଶନ କରିବାକୁ ପ୍ରାୟ ୨ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ସେ କଳାକୃତିରେ ମହାନ୍ ମରାଠା ଯୋଦ୍ଧା ରାଜାଙ୍କ ସାହସ, ନେତୃତ୍ୱ ଏବଂ ଦୃଷ୍ଟିକୋଣକୁ ସୁନ୍ଦର ଭାବେ ଉପସ୍ଥାପନ କରିଛନ୍ତି।

# ଦେଶୀ ମଦ ଜବତ: ଜଣେ ଗିରଫ

କୃଷ୍ଣପ୍ରସାଦ,୧୮।୨
(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ଅବକାରୀ ବିଭାଗର ଦୀର୍ଘ ଦିନ ଧରି ଚଢ଼ାଉ ହେଉନଥିବା ବେଳେ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ସ୍ଥାନରେ ଶାଗ ମାଛ ଭଳି ଚୋରା ମଦ ବ୍ୟବସାୟ ଚାଲିଛି। ନୂତନ ଭାବେ ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନ ଯୋଗଦେବାର ଦୁଇ ଦିନ ପରେ ବିଭିନ୍ନ ସ୍ଥାନରେ ସଦଳବଳେ ଚଢ଼ାଉ ଆରମ୍ଭ କରିଛନ୍ତି। ବଜ୍ରକୋଟ ବଜାର ଉପରେ ବ୍ୟବସାୟ କରୁଥିବା କାଣ୍ଡେଶ୍ୱର ଗ୍ରାମର ବିଚିତ୍ର ଜେନା (୫୦)ଙ୍କୁ ମଦ ବିକ୍ରି କରୁଥିବାବେଳେ କୃଷ୍ଣପ୍ରସାଦ ପୋଲିସ ଗିରଫ କରିଥିଲା। ତାଙ୍କ ଠାରୁ ୧୮୦ ପ୍ୟାକେଟ ଚୋରା ମଦ ଜବତ କରିବା ସହ ତାଙ୍କୁ ଗିରଫ କରି ଏକ କେସ୍ (ନଂ.୪୫/୨୬) ରୁଜୁ କରାଯାଇଛି। ଚଢ଼ାଉ ଖବର ପାଇ ଚୋରା ମଦ ବ୍ୟବସାୟୀଙ୍କ ମନରେ ଛନକା ପଶିଛି।

# 'ମାଟିକଳା ବୋର୍ଡ' ଗଠନ ଏବେ ବି ବିଚାରାଧୀନ

ଭୁବନେଶ୍ୱର,୧୮।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର କୁମ୍ଭାର ଓ ଟେରାକୋଟା କାରିଗରଙ୍କ ବିକାଶ ନିମନ୍ତେ ମାଟିକଳା ବୋର୍ଡ ଗଠନ ପ୍ରସ୍ତୁତି ଝୁଲିଛି। ଦୀର୍ଘବର୍ଷ ଧରି ଏହି ପ୍ରସ୍ତାବ ରହିଥିଲେ ହେଁ ବୋର୍ଡ ଗଠନ ହୋଇପାରିନାହିଁ। ଏହା ଏବେ ସରକାରଙ୍କ ବିଚାରାଧୀନ ରହିଛି ବୋଲି ବିଧାନସଭା ତଥ୍ୟରୁ ଜଣାପଡ଼ିଛି। ଏନେଇ ଭାଜପା ସଦସ୍ୟ ଭାସ୍କର ମଢ଼େଇଙ୍କ ପ୍ରଶ୍ନର ଉତ୍ତରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଦେଇଥିବା ତଥ୍ୟ ଅନୁଯାୟୀ ରାଜ୍ୟରେ ଟେରାକୋଟା କାରିଗର ଓ କୁମ୍ଭାରମାନଙ୍କ ବିକାଶ ନିମନ୍ତେ 'ମାଟିକଳା ବୋର୍ଡ' ଗଠନ ପାଇଁ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କ ବିଚାରାଧୀନ ଅଛି। ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଅଧିକାରୀମାନେ ବିଭିନ୍ନ ରାଜ୍ୟ ଯଥା ଛତିଶଗଡ଼ ଓ ଗୁଜରାଟ ଗସ୍ତ କରି ସେଠାରେ ପରିଚାଳିତ ହେଉଥିବା ବୋର୍ଡର ଯୋଜନା ଓ କାର୍ଯ୍ୟକ୍ରମଗୁଡିକ ଅନୁଧ୍ୟାନ କରି ସେଗୁଡ଼ିକ କିଭଳି ଭାବରେ ଓଡ଼ିଶାରେ କ୍ରିୟାଶୀଳ କରାଯାଇପାରିବ, ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରିଛନ୍ତି। ସେହି ପ୍ରସ୍ତାବଗୁଡ଼ିକ ହସ୍ତଚନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗରେ ସମୀକ୍ଷା କରାଯାଉଛି। କୁମ୍ଭାର କାରିଗରଙ୍କୁ ପ୍ରୋତ୍ସାହନ ଦେବା ପାଇଁ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେଥିମଧ୍ୟରୁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ଯୁବପିଢ଼ି ତଥା କୁମ୍ଭାରମାନଙ୍କ ପାଇଁ ନିୟମିତ ଓ ସ୍ଥାୟୀ ସ୍ୱରୋଜଗାର ନିଶ୍ଚିତ କରିବା ଏବଂ ଏହି କ୍ଷେତ୍ର ପ୍ରତି ଅଧିକରୁ ଅଧିକ ବ୍ୟକ୍ତିଙ୍କୁ ଆକୃଷ୍ଟ କରିବା ପାଇଁ ଯୋଜନାରେ କ୍ରମାଗତ ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରାଯାଉଛି। ତାଲିମ ସମୟରେ ପ୍ରଶିକ୍ଷାର୍ଥୀମାନଙ୍କୁ ବୃତ୍ତି, କଞ୍ଚାମାଲ ଓ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଦିଆଯାଉଛି। ସେହିପରି ସେମାନଙ୍କ ପାଇଁ ସହାୟତା, ଶିଳ୍ପୀ ଉନ୍ନତି ଯୋଜନା, କର୍ମଶାଳା ନିର୍ମାଣ, ହସ୍ତଶିଳ୍ପ ପୁରସ୍କାର ଏବଂ ସାଧାରଣ ସୁବିଧା କେନ୍ଦ୍ର ରହିଛି ବୋଲି ବିଭାଗୀୟ ମନ୍ତ୍ରୀ ଦର୍ଶାଇଛନ୍ତି।

# ମଧୁସୂଦନ, ପ୍ରଶାନ୍ତ, ବଦ୍ରିଙ୍କୁ 'ବଗଳାମୁଖୀ ସମ୍ମାନ'

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ନିଖିଳ ବ୍ରହ୍ମାଣ୍ଡ ଗାୟତ୍ରୀ -ଗୋମାତା ବିଶ୍ୱଶାନ୍ତି ମହାଯଜ୍ଞ ମହୋତ୍ସବ କମିଟି ପକ୍ଷରୁ ମଧୁସୂଦନ, ପ୍ରଶାନ୍ତ ଓ ବଦ୍ରି ମିଶ୍ରଙ୍କୁ 'ବଗଳାମୁଖୀ ସମ୍ମାନ' ପ୍ରଦାନ କରାଯାଇଛି। ବିଶିଷ୍ଟ ସାହିତ୍ୟିକ ବଦ୍ରି ମିଶ୍ର ଦୀର୍ଘ ୬୦ ବର୍ଷ ଧରି ୧ ଲକ୍ଷରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ, ୧୩୮୦ ଶବ ସଂସ୍କାର, ୧୬୩ ଜଣଙ୍କୁ ରକ୍ତଦାନ, ୧୧୩୨ ଗରିବ ଛାତ୍ରୀଛାତ୍ରଙ୍କୁ ମୁକ୍ତ ବିଦ୍ୟାଦାନ ସହ ନାଟକ, ଗୀତିକବିତା, ଚଳଚ୍ଚିତ୍ର ଓ ଚଳଚ୍ଚିତ୍ର କାହାଣୀ ଲେଖିଛନ୍ତି। ଦୀର୍ଘ ୧୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିଶା ଓ କ୍ୟାନ୍‌ସର ମୁକ୍ତ ଓଡ଼ିଶା ପାଇଁ ସମଗ୍ର ଭାରତ ବର୍ଷରେ ଜନସଚେତନତା ସୃଷ୍ଟି ସହ ମିଶନ ଓଡ଼ିଶା ମାଧ୍ୟମରେ ପରିବେଶ ସୁରକ୍ଷା ଓ ବୃଦ୍ଧାଶ୍ରମ ପ୍ରତିଷ୍ଠା କରିଥିବା ବିଶିଷ୍ଟ ସାମ୍ବାଦିକ ମଧୁସୂଦନ ମିଶ୍ର ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର-ପ୍ରସାରରେ ଉଲ୍ଲେଖନୀୟ ଅବଦାନ ଗ୍ରହଣ କରିଛନ୍ତି।

# ପୋଲିସ-ଜନତା ସୁସମ୍ପର୍କ ଉପରେ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଉଦ୍‌ବୋଧନ ଦେଉଛନ୍ତି।

କଳାପଥର, ୧୮।୨(ଗଙ୍ଗାଧର ସାହୁ)

ବୈଦେଶ୍ୱର ଥାନା ଅଧୀନ ଖଜୁରୀପଦା ଗ୍ରାମରେ ପୋଲିସ ଓ ଜନତାଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ନିମନ୍ତେ ଏକ ବୈଠକ ଆୟୋଜିତ ହୋଇଯାଇଛି। ଥାନା ଅଧିକାରିଣୀ ଦୁର୍ଗେଶ ନନ୍ଦିନୀ ମହାନ୍ତି, ଏସ୍‌ଆଇ ଅର୍ଚ୍ଚନା ସେଠୀ, ଏସ୍‌ଆଇ ଜର୍ଜ ଲୁବୁନ, ସରପଞ୍ଚ ମମତା ମହାପାତ୍ର, ସୁବ୍ରତ ପ୍ରଧାନ, ଧଡ଼ି ବନ୍ଧୁ ହାତୀ, ବିଘ୍ନରାଜ ସିଂ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଥାନା ଅଧିକାରିଣୀ ମହାନ୍ତି ବେଆଇନ ମଦ ଓ ନିଶାଦ୍ରବ୍ୟ କାରବାର ବନ୍ଦ, ଆଇନଶୃଙ୍ଖଳା ରକ୍ଷା, ହେଲମେଟ ସଚେତନତା ସମେତ ପୋଲିସ ଏବଂ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଗ୍ରାମରେ କୌଣସି ଅଘଟଣ ହେଲେ ସିଧାସଳଖ ତାଙ୍କୁ ଯୋଗାଯୋଗ କରିବାକୁ କହିବା ସହ ଟ୍ରାଫିକ ନିୟମ ମାନି ଗାଡ଼ି ଚଳେଇବା, ମହିଳା ଓ ମାତାପିତାଙ୍କୁ ସମ୍ମାନ ଦେବାକୁ ପରାମର୍ଶ ଦେଇଥିଲେ। ଶେଷରେ ସୁବ୍ରତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# କଡ଼ା ସୁରକ୍ଷାରେ ଚାଲିଛି ଯୁକ୍ତ୨ ପରୀକ୍ଷା

କୃଷ୍ଣପ୍ରସାଦ,୧୮।୨(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟରେ ଆରମ୍ଭ ହୋଇଛି +୨ ବାର୍ଷିକ ପରୀକ୍ଷା। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡାସ୍ଥିତ ରୁକ୍ମିଣୀ ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଡ଼ା ସୁରକ୍ଷା ମଧ୍ୟରେ ପରୀକ୍ଷା ଚାଲିଥିବ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ବେହେରା ବୁଧବାର ସୂଚନା ଦେଇଛନ୍ତି । ସେ କହିଛନ୍ତି, ପ୍ରଶ୍ନପତ୍ର କିଭଳି ପ୍ରଘଟ ନହେବ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଛୁ। ଆବଶ୍ୟକ ସଂଖ୍ୟକ କର୍ମଚାରୀ ସୁରକ୍ଷା ବ୍ୟବସ୍ଥାରେ ରହିଛନ୍ତି । ପରୀକ୍ଷାରେ କିଭଳି ଭାବରେ ପ୍ରଶ୍ନପତ୍ର ପ୍ରଘଟ କିମ୍ବା କପି ନ ହୋଇ ପାରିବ ସେଥିପାଇଁ ସିସିଟିଭି କ୍ୟାମେରା, ପୋଲିସ ସହାୟତା ନେଇଛୁ। ଚଳିତ ବର୍ଷ +୨ ବିଜ୍ଞାନରେ ୩୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଥିବା ବେଳେ କଳାରେ ୮୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। କୃଷ୍ଣପ୍ରସାଦ ବ୍ଲକର ୫ଟି ମହାବିଦ୍ୟାଳୟରେ ପରୀକ୍ଷା ଚାଲିଥିବା ବେଳେ ପରୀକ୍ଷା କେନ୍ଦ୍ରକୁ ତହସିଲଦାର ବିକାଶ ସେଠୀ, ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନ ନିରୀକ୍ଷଣ କରୁଥିବା ଜଣାପଡ଼ିଛି।

# ମହିଳାମାନେ ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ

ଖୋର୍ଦ୍ଧା,୧୮।୨ (ପ୍ରଭାତ ପାଣିଗ୍ରାହୀ)




ମା' ମଙ୍ଗଳା ମହିଳା ବହୁମୁଖୀ ସମବାୟ ସମିତିର ବାର୍ଷିକ ସଭାରେ ଅତିଥିଙ୍କ ସହ ସଦସ୍ୟାମାନେ।

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଅର୍ଜୁନପୁରସ୍ଥିତ ମା' ମଙ୍ଗଳା ମହିଳା ବହୁମୁଖୀ ସମବାୟ ସମିତିର ୩୦ତମ ବାର୍ଷିକ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ସଭାପତି ସଂଯୁକ୍ତା ରଥ ସଭାପତିତ୍ୱ କରିଥିଲେ। ଗତ ସାଧାରଣ ସଭାର ବିବରଣୀ ଉପରେ ଆଲୋଚନା କରାଯାଇଥିଲା। ସମ୍ପାଦକ ସମିତିର ୨୦୨୫-୨୬ ବର୍ଷର ବାର୍ଷିକ ବିବରଣୀ ପାଠ କରିବା ସହ ଆସନ୍ତା ବର୍ଷ ପାଇଁ କାର୍ଯ୍ୟ ଖସଡ଼ା ଉପସ୍ଥାପନ କରିଥିଲେ। ସଭ୍ୟା ସଂଖ୍ୟା ବୃଦ୍ଧି ପାଇ ୧୭୩୫ରେ ପହଞ୍ଚିଥିବା ବେଳେ ସମିତିରେ ସେମାନଙ୍କ ପ୍ରଦତ୍ତ ଅଂଶଧନର ପରିମାଣ ୨୭.୫୫ ଲକ୍ଷ ଟଙ୍କା ହୋଇଛି। ସମିତିରେ ସଭ୍ୟାମାନଙ୍କ ଜମାରାଶି ଗତବର୍ଷ ୧୦ କୋଟି ୮୩ ଲକ୍ଷ ଥିବାବେଳେ ଚଳିତ ବର୍ଷ ଏହା ୧୨ କୋଟି ୮୫ ଲକ୍ଷ ଟଙ୍କାରେ ପହଞ୍ଚିଛି। ନାଲିପଡ଼ା ଅର୍ଜୁନପୁର ପଞ୍ଚାୟତ ଅଞ୍ଚଳରେ ଥିବା ଏହି ସମିତି କୌଣସି ବ୍ୟାଙ୍କରୁ ଋଣ ଗ୍ରହଣ କରି ନ ଥିଲା ବେଳେ ନିଜସ୍ୱ ସମ୍ବଳରୁ ସଭ୍ୟାମାନଙ୍କୁ ୨କୋଟି ୬୭ଲକ୍ଷ ଟଙ୍କା ଋଣ ପ୍ରଦାନ କରିବା ସହ ବିଭିନ୍ନ ବ୍ୟାଙ୍କର ୧୨କୋଟି ୩୦ଲକ୍ଷ ଟଙ୍କା ସ୍ଥାୟୀ ରଖିବାରେ ସକ୍ଷମ ହୋଇପାରିଛି। ସରକାରଙ୍କ ପକ୍ଷରୁ ପ୍ରାପ୍ତ ହୋଇଥିବା ୨୦୨୪-୨୫ ବର୍ଷର ସମୀକ୍ଷା ବିବରଣୀ ପାଠ କରାଯାଇ ତ୍ରୁଟି ସଂଶୋଧନ ସହ ଗ୍ରହଣ କରାଯାଇଥିଲା। ସରକାରୀ ନିର୍ଦ୍ଦେଶ ମୁତାବକ ଲାଭାଂଶ ବଣ୍ଟନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସମିତିରେ ସଭ୍ୟାମାନଙ୍କୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ନିର୍ମାଣ ଋଣ ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ସମବାୟବିତ୍ ବିମଳ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କହିଲେ, ରାଜ୍ୟର ସର୍ବଶ୍ରେଷ୍ଠ ମହିଳା ସମବାୟ ସମିତି ଭାବେ ଅତୀତରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କୃତ ହୋଇଥିବା ଏହି ସମିତିର ସଭ୍ୟମାନେ ଅନ୍ୟମାନଙ୍କ ପାଇଁ ଅନୁକରଣୀୟ। ସମିତିରୁ ମିଳୁଥିବା ସମସ୍ତ ସୁବିଧା ଗ୍ରହଣକରି ସଭ୍ୟାମାନେ ଆତ୍ମନିର୍ଭରଶୀଳ ହେବାକୁ ସେ ଆହ୍ୱାନ ଦେଇଥିଲେ। ସମିତିର ଋଣ ଆଦାୟ ଅଧିକାରୀ ମେନକା ନାୟକ ଧନ୍ୟବାଦ ଦେଇଥିବାବେଳେ ସଭା ପରିଚାଳନାରେ କର୍ମଚାରୀ ଯୋଗେନ୍ଦ୍ର ସୁନ୍ଦରାୟ, ସଂଜୁବାଳା ସାହୁ ଓ ପୁଷ୍ପଲତା ରାଉତ ସହଯୋଗ କରିଥିଲେ।

**ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ବାରଦା ପଞ୍ଚାୟତ ନାନକାର ଗ୍ରାମରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ହୁର ଭୋଇଙ୍କ ୨ ବଖରା ଘର ଭସ୍ମୀଭୂତ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ। ଗୃହ ମାଲିକଙ୍କ ସମେତ ପରିବାର ଲୋକେ ଭୋଜି ଖାଇବାକୁ ଯାଇଥିବା ବେଳେ ନିଆଁ ଲାଗିଥିବା ପଡୋଶୀମାନେ କହିଛନ୍ତି। ପରେ ରଘୁନାଥପୁର ଦମକଳ କେନ୍ଦ୍ରକୁ ଖବର ଦିଆଯାଇଥିଲା। ମାତ୍ର ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଚାଳଘର ସମ୍ପୂର୍ଣ୍ଣ ପୋଡିଯାଇଥିଲା।

# ଅର୍ଥୋପେଡିକରେ କର୍ମଚାରୀଙ୍କ ମନମାନି




କଟକ,୧୮।୨(ଶିଳ୍ପା ପ୍ରିୟଦର୍ଶିନୀ)

## ଏସ୍‌ସିବି ମେଡିକାଲ

- ଚାରୋଟି ପର୍ଯ୍ୟାୟ ଅତିକ୍ରମ କଲେ ମିଳୁଛି ଡାକ୍ତରଙ୍କ ପରାମର୍ଶ
- ହନ୍ତସନ୍ତ ସାଧାରଣ ରୋଗୀ
- ପରିଚିତ ରୋଗୀଙ୍କୁ ମିଳୁଛି ପ୍ରାଥମିକ ଚିକିତ୍ସା

ଏସ୍‌ସିବିର ଅସ୍ଥିଶଲ୍ୟ ବା ଅର୍ଥୋପେଡିକ ବିଭାଗରେ କର୍ମଚାରୀଙ୍କ ମନମାନି ଦିନକୁ ଦିନ ବଢ଼ିବାରେ ଲାଗିଛି। ପରିଚିତ ରୋଗୀଙ୍କୁ ଆଗୁଆ ଚିକିତ୍ସା ପାଇଁ ଡାକ୍ତରଙ୍କୁ ଦେଖା କରିବାକୁ ଛଡାଯାଉଛି। ଫଳରେ ସାଧାରଣ ରୋଗୀ ଅପେକ୍ଷା କରି ଯନ୍ତ୍ରଣା ପାଉଛନ୍ତି। ଉକ୍ତ ବିଭାଗରେ ଚାରୋଟି ପର୍ଯ୍ୟାୟ ଅତିକ୍ରମ କଲେ ହିଁ ରୋଗୀ ଡାକ୍ତରଙ୍କୁ ଦେଖାଇ ପାରିବେ। ହେଲେ ଏହି ନିୟମ ମେଡିକାଲର ନୁହେଁ ବରଂ ଏଠାରେ ନିୟୋଜିତ କର୍ମଚାରୀମାନଙ୍କ ଦ୍ୱାରା କରାଯାଇଛି। ହେଲେ ଏଠାରେ ନିୟୋଜିତ ସୁରକ୍ଷା କର୍ମୀ, କର୍ମଚାରୀ ଓ ଆଟେଣ୍ଡାଣ୍ଟମାନେ ଡ୍ୟୁଟି ଛାଡ଼ି ନିଜ ଚିହ୍ନାପରିଚିତ ଲୋକଙ୍କୁ ସହାୟତା କରୁଛନ୍ତି। ଏପରିକି ଏଠାରେ ରୋଗୀ ବ୍ୟବସ୍ଥା ସମ୍ପର୍କରେ ଜାଣି ପାରୁ ନ ଥିବା ଲୋକଙ୍କୁ ସହଯୋଗ କରିବା ପରିବର୍ତ୍ତେ କର୍ମଚାରୀ ନିଜ ମନମାନି କରୁଥିବା ମଙ୍ଗଳବାର ଦେଖିବାକୁ ମିଳିଛି। ଅନ୍ୟପଟେ ଏହି ବିଭାଗର ଡାକ୍ତର ନିଜେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ ଦାୟିତ୍ୱରେ ଥିବାବେଳେ ଏଭଳି ଅବ୍ୟବସ୍ଥା ଯୋଗୁ ରୋଗୀ ଓ ସମ୍ପର୍କୀୟଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁଯାୟୀ, ଅର୍ଥୋପେଡିକ ବିଭାଗ ସମେତ ଅନ୍ୟାନ୍ୟ ବିଭାଗରେ ରୋଗୀ ପ୍ରଥମେ ଟିକେଟ କରିବେ ଓ ପରେ ସିଧାସଳଖ ନମ୍ବର ଅନୁଯାୟୀ ଡାକ୍ତରଙ୍କୁ ଦେଖାଇବେ। ହେଲେ ଅର୍ଥୋପେଡିକ ବିଭାଗରେ ରୋଗୀ ପ୍ରଥମେ ଟିକେଟ କରିବେ। ପରେ ଟିକେଟ ଅନୁଯାୟୀ ହାତ ଲେଖା ଟୁକନ କରିବେ, ପରେ ସୁରକ୍ଷା କର୍ମୀ ନମ୍ବର ଅନୁଯାୟୀ ଡାକିବେ ଓ ପରେ ଅନ୍ୟାନ୍ୟ କର୍ମଚାରୀ ନମ୍ବର ଅନୁଯାୟୀ ଡାକିବା ପରେ ହିଁ ଡାକ୍ତରଙ୍କୁ ରୋଗୀ ଦେଖାକରିବେ। ଏହି ନିୟମ କେବଳ ସାଧାରଣ ରୋଗୀଙ୍କ ପାଇଁ, ହେଲେ ଉକ୍ତ ବିଭାଗରେ ଥିବା କର୍ମଚାରୀମାନେ ନିଜ ଚିହ୍ନାପରିଚିତ ରୋଗୀଙ୍କୁ ସିଧାସଳଖ ନେଇ ଡାକ୍ତରଙ୍କୁ ଦେଖାଉଛନ୍ତି। ଏପରିକି କେଉଁଠି ସୁରକ୍ଷାକର୍ମୀ ନିଜ କାର୍ଯ୍ୟ ଛାଡ଼ି ଟିକେଟ କରୁଛନ୍ତି ତ କେଉଁଠି ଟୁକନ ଦେବା ଦାୟିତ୍ୱରେ ଥିବା କର୍ମଚାରୀ କାଉଣ୍ଟର ଛାଡ଼ି ରୋଗୀଙ୍କୁ ନେଇ ଡାକ୍ତରଙ୍କୁ ଦେଖାଉଛନ୍ତି। ଏସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବା ପାଇଁ ଦାୟିତ୍ୱରେ ଥିବା ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ରୋଗୀ ଯାହା କୁହନ୍ତି...

**ପରିଚିତ ଲୋକଙ୍କୁ ଗୁରୁତ୍ୱ ଦେଉଛନ୍ତି**



"ଅର୍ଥୋପେଡିକ ବିଭାଗ ଡାକ୍ତରଙ୍କୁ ଦେଖାଇବାକୁ ଦୁଇଦିନ ହେବ ଆସୁଛି। କଟକର ବାସିନ୍ଦା ହୋଇ ହନ୍ତସନ୍ତ ହେଉଛି। ଏଠାରେ ଚିହ୍ନା ନ ଥିଲେ ଦୁଇଦିନ ନୁହେଁ ବରଂ ଡାକ୍ତରଙ୍କୁ ଦେଖାଇବାକୁ ସପ୍ତାହେ ସମୟ ବିତିଯିବ। ସୁରକ୍ଷାକର୍ମୀ ଓ ଅନ୍ୟାନ୍ୟ କର୍ମଚାରୀ ଏଠି ନିଜ ପରିଚିତ ଲୋକଙ୍କୁ ଗୁରୁତ୍ୱ ଦେଉଛନ୍ତି। ଦୁଇଦିନ ହେବ ଚାରିଘଣ୍ଟା ଲେଖାଏଁ ଅପେକ୍ଷା କଲିଣି। ବହୁ ହିନସ୍ତା ହେବାକୁ ପଡୁଛି।

**ଚିତ୍ତରଞ୍ଜନ ମହାରଣା, ରୋଗୀ**

**କର୍ମଚାରୀମାନେ ମନମାନି କରୁଛନ୍ତି**



"ପଚ୍ଚାମୁଣ୍ଡାଇରୁ ଦୁଇଦିନ ହେବ ଏସ୍‌ସିବିକୁ ଆସିଲିଣି। ହେଲେ ଡାକ୍ତରଙ୍କୁ ଦେଖାଇ ପାରୁନି। ଟିକେଟ ନମ୍ବର ଆସିବା ବେଳକୁ ଡାକ୍ତର ନାହାନ୍ତି। ଏପରିକି କର୍ମଚାରୀମାନେ ବହୁତ ମନମାନି କରୁଛନ୍ତି। ଚିହ୍ନା ଲୋକଙ୍କୁ ଆଗ ଡାକ୍ତରଙ୍କୁ ଦେଖାଇବାକୁ ପଠାଉଛନ୍ତି। ସାଧାରଣ ଲୋକ କେବଳ ଅପେକ୍ଷା ଯନ୍ତ୍ରଣା ପାଉଛି। କର୍ମଚାରୀଙ୍କ ଉପରେ କର୍ତ୍ତୃପକ୍ଷ ନିଘା ରଖନ୍ତୁ।

**ବନମାଳୀ ବେହେରା, ରୋଗୀ**

**ଚିହ୍ନା ଲୋକଙ୍କୁ ଆଗେ ଛାଡୁଛନ୍ତି**



"ଟିକେଟ କରିବା ସହ ଆଉ ଥରେ ଟୁକନ ପାଇଁ ଧାଡ଼ି ଦେବାକୁ ପଡୁଛି। ପରେ ସୁରକ୍ଷାକର୍ମୀ ଓ ଅନ୍ୟାନ୍ୟ କର୍ମଚାରୀ ନିଜ ମନମୁତାବକ ରୋଗୀଙ୍କୁ ଡାକୁଛନ୍ତି ଏବଂ ଚିହ୍ନା ଲୋକଙ୍କୁ ଆଗ ଡାକ୍ତରଙ୍କୁ ଦେଖାଇବାକୁ ଛାଡୁଛନ୍ତି। ଏନେଇ ପ୍ରଶ୍ନ କଲେ ଓଲଟା ଗାଳିଗୁଲଜ କରୁଛନ୍ତି। ଏଠାରେ ବହୁ ଅବ୍ୟବସ୍ଥା ଭରି ରହିଛି।

**ସୁଦର୍ଶନ ଦାସ, ରୋଗୀ**

# ଶିଶୁଭବନ ବାହାରେ ଦୀର୍ଘ ସମୟ ପଡ଼ିରହିଲେ ମା'ବାପା

କଟକ,୧୮।୨(ଶିଳ୍ପା ପ୍ରିୟଦର୍ଶିନୀ)

- ମାନବିକତା ଦେଖାଇଲେ ସାମାଜିକ କର୍ମୀ ପ୍ରସନ୍ନ
- ଟଙ୍କା ନ ଥିବାରୁ ଗାଁକୁ ମୃତ ଶିଶୁକୁ ନେବାକୁ ଅସମର୍ଥ



ମାନବିକତା ଦେଖାଇଲେ ସାମାଜିକ କର୍ମୀ। କଟକ ଶିଶୁଭବନରୁ ଦେଢ଼ ମାସର ଶିଶୁର ମୃତ୍ୟୁ ପରେ ଆର୍ଥିକ ସମସ୍ୟା ଯୋଗୁ ମା'ବାପା ଗାଁକୁ ଫେରିବାକୁ ଅସମର୍ଥ ହୋଇ ଅପେକ୍ଷା କରି ରହିଥିଲେ। ଏହି ଖବର ପାଇ ସାମାଜିକ କର୍ମୀ ପ୍ରସନ୍ନ ଗୁରୁ ଉଭୟ ମା'ବାପାଙ୍କୁ ଟ୍ରେନ ଯୋଗେ ଗାଁକୁ ପଠାଇଛନ୍ତି। ତେବେ ଶିଶୁଭବନକୁ ବହୁ ଦୂରଦୁରାନ୍ତରରୁ ଲୋକ ଆସୁଥିବାବେଳେ ଲୋକଙ୍କୁ ଏଭଳି ସହାୟତା କରି ଏକ ଉଦାହରଣ ପାଲଟିଛନ୍ତି ପ୍ରସନ୍ନ।

ମିଳିଥିବା ସୂଚନା ମୁତାବକ, ମୟୂରଭଞ୍ଜ ଅଞ୍ଚଳର ଦେବାନନ୍ଦ ଦେହୁରୀ କିଛି ଦିନ ପୂର୍ବେ କଟକ ଶିଶୁଭବନକୁ ଶିଶୁର ଚିକିତ୍ସା ନିମନ୍ତେ ଆସିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶିଶୁର ବୁଧବାର ମୃତ୍ୟୁ ଘଟିଥିଲା। ପରେ ମୃତ ଶିଶୁକୁ ଉଭୟ ମା'ବାପା ନିଜ ଗାଁକୁ ନେବାକୁ ଚାହୁଁଥିଲେ। ହେଲେ ପାଖରେ ଟଙ୍କା ନ ଥିବାରୁ ନିଜ ଗାଁକୁ କିପରି ଯିବେ ସେନେଇ ଚିନ୍ତାରେ ପଡ଼ି ଯାଇଥିଲେ। ଶିଶୁଭବନ ବାହାରେ ଦୀର୍ଘ ସମୟ ଧରି ବସି ରହିଥିଲେ। ବହୁ ସମୟ ଅପେକ୍ଷା ପରେ ଘଟଣା ସମ୍ପର୍କରେ ସାମାଜିକ କର୍ମୀ ପ୍ରସନ୍ନ ଜାଣିବାକୁ ପାଇ ଶିଶୁଭବନରେ ପହଞ୍ଚିଥିଲେ। ଉଭୟ ମା'ବାପାଙ୍କ ସହ ଆଲୋଚନା କରିଥିଲେ। ପରେ ପ୍ରସନ୍ନଙ୍କ ପରାମର୍ଶକ୍ରମେ ଶିଶୁଟିକୁ ମହାନଦୀ କୂଳରେ ପୋତିଥିଲେ। ପରେ ଉଭୟଙ୍କୁ ଟ୍ରେନ ଯୋଗେ ନିଜ ଗାଁକୁ ପଠାଇବା ବ୍ୟବସ୍ଥା କରିଥିବା ସାମାଜିକ କର୍ମୀ ପ୍ରସନ୍ନ କହିଛନ୍ତି।

# ବିବୁଧେନ୍ଦ୍ର ଥିଲେ ତ୍ୟାଗର ଅବତାର: ମୁଖ୍ୟ ବିଚାରପତି




ଉତ୍ସବରେ ଉପସ୍ଥିତ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ଅନ୍ୟମାନେ।

କଟକ,୧୮।୨(କାର୍ତ୍ତିକ ସାହୁ)

## ବିବୁଧେନ୍ଦ୍ର ମିଶ୍ରଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ଓ ବିବୁଧେନ୍ଦ୍ର ମିଶ୍ର ସ୍ମାରକୀ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ହାଇକୋର୍ଟ ବାର୍ ପରିସରରେ ପୂର୍ବତନ କେନ୍ଦ୍ର ଆଇନମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ବିବୁଧେନ୍ଦ୍ର ମିଶ୍ରଙ୍କ ଚତୁର୍ଦ୍ଦଶତମ ଶ୍ରାଦ୍ଧବାର୍ଷିକୀ ଓ ସ୍ମାରକୀ ବକ୍ତୃତା ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଯୋଗଦେଇ କହିଲେ, ବିବୁଧେନ୍ଦ୍ର ଥିଲେ ତ୍ୟାଗର ଅବତାର। ସେ ଆଇନ ସେବା ସହିତ ଦେଶ ସ୍ୱାଧୀନତା ଓ ଜାତୀୟସ୍ତରୀୟ ଖବରକାଗଜ ପ୍ରକାଶ ଭଳି ଗୁରୁ ଦାୟିତ୍ୱ ତୁଲାଇଥିଲେ। ଏହା ଜାତିପ୍ରେମ ଓ ନିର୍ଭୀକତାର ଜ୍ୱଳନ୍ତ ପ୍ରମାଣ। ତାଙ୍କ ଆଦର୍ଶକୁ ଯୁବପିଢ଼ି ଅନୁକରଣ କରି ଦେଶସେବାରେ ବ୍ରତୀ ହେବାକୁ ମୁଖ୍ୟ ଅତିଥି ବିଚାରପତି ଟଣ୍ଡନ କହିଥିଲେ। ବିବୁଧେନ୍ଦ୍ରଙ୍କ ପୁଅ ମାନବେନ୍ଦ୍ର ମିଶ୍ର ଓ ଝିଅ ତାପସୀ ମିଶ୍ର ବାପାଙ୍କ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ମନୋଜ କୁମାର ମିଶ୍ର ଅଧ୍ୟକ୍ଷତା କରି ନୀତି ଓ ଆଦର୍ଶ ସହ ବିବୁଧେନ୍ଦ୍ର ମିଶ୍ର କେବେ ସାଲିସ କରି ନ ଥିଲେ ବୋଲି କହିଥିଲେ। ବିବୁଧେନ୍ଦ୍ର ମିଶ୍ର ସ୍ମାରକୀ ଟ୍ରଷ୍ଟର ଆବାହକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଅତିଥି ପରିଚୟ, ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ୬ଜଣ ଅନ୍ତେବାସୀ ରମାଇ ଟୁଡୁ, ପୂର୍ଣ୍ଣଚନ୍ଦ୍ର ସୋରେନ, ଚନ୍ଦ୍ର ହେମ୍ବ୍ରମ, ଲକ୍ଷ୍ମଣ ଛତର, କୁନାଲ ଛତର, ସୁରଜ ବିରୁଆଙ୍କୁ ସମ୍ମାନିତ କରାଯାଇଥିଲା। ହାଇକୋର୍ଟ ବାର୍ ଆସୋସିଏଶନ ଉପସଭାପତି ସିଦ୍ଧାର୍ଥ ଦାସ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ସକିଲ ଖାନ୍‌ଙ୍କୁ ଜାତୀୟ ନିରାପତ୍ତା ଆଇନରେ ଅଟକ ନିର୍ଦ୍ଦେଶ

କଟକ,୧୮।୨(କାର୍ତ୍ତିକ ସାହୁ)

ଜାତୀୟ ନିରାପତ୍ତା ଆଇନ ୧୯୮୦ର ଧାରା ୩ ଅନ୍ତର୍ଗତ ଉପଧାରା (୨) ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରିଛନ୍ତି କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ। ତିଗିରିଆ ଥାନା ଅନ୍ତର୍ଗତ କରଡାପଲି ଗ୍ରାମର ବସିର ଖାନ୍‌ଙ୍କ ପୁତ୍ର ସକିଲ ଖାନ୍ (୩୫)ଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ଆଦର୍ଶ କଏଦୀ କାରାଗାର, ରାଧାରମଣପୁର, ଆଠଗଡ଼ରେ ଅଟକ ରଖିବାକୁ ଜିଲାପାଳ ଶିନ୍ଦେ ନିର୍ଦ୍ଦେଶ ଜାରି କରିଛନ୍ତି। ସର୍ବସାଧାରଣ ଶୃଙ୍ଖଳା ରକ୍ଷାରେ ବିଘ୍ନ ସୃଷ୍ଟି ହେବା ଆଶଙ୍କା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ କଟକ ଆରକ୍ଷୀ ଅଧୀକ୍ଷକ ୨୦୨୬ ଫେବୃଆରୀ ୬ରେ ସକିଲ ଖାନଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ପରେ ରାଜ୍ୟ ସରକାରଙ୍କ ଗୃହ ବିଭାଗର ଆଦେଶ ଅନୁସାରେ ସକିଲ ଖାନଙ୍କୁ ଜାତୀୟ ନିରାପତ୍ତା ଆଇନ ଅଧୀନରେ ପୁନର୍ବାର ଅଟକ ରଖିବାକୁ ନିର୍ଦ୍ଦେଶ ଦିଆଗଲା। ବର୍ତ୍ତମାନ ସକିଲ ୨୦୨୫ର ଏକ ମାମଲାରେ ଆଦର୍ଶ କଏଦୀ କାରାଗାର, ରାଧାରମଣପୁର, ଆଠଗଡ଼ର ନ୍ୟାୟିକ ହେପାଜତରେ ଅଛନ୍ତି।

### ଓଡ଼ିଶା ରାଷ୍ଟ୍ରବାଦୀ ସଂଘ ପକ୍ଷରୁ ଭାଜପା ନେତାଙ୍କୁ ସମ୍ବର୍ଦ୍ଧନା

କଟକ ସଦର,୧୮।୨(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ କଳପଡ଼ାଠାରେ ବୁଧବାର ଓଡିଶା ରାଷ୍ଟ୍ର ବାଦୀ ସଂଘ ପକ୍ଷରୁ ଭାଜପା ନେତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେମାନେ ହେଲେ ନିଆଳି ବ୍ଲକ ଭାଜପା ସହ ପ୍ରଭାରୀ ପୀୟୂଷ ରଞ୍ଜନ ପରିଡ଼ା, ରୋହିତ ସ୍ୱାଇଁ, ସୁବାସ ଚନ୍ଦ୍ର ଗୋଛାୟତ, ଦୁଲାଲ ଭୋଇ, ତପନ ନାୟକ, ଯୁବରାଜ ପଣ୍ଡା, ବିଶ୍ୱରଞ୍ଜନ ଜେନା, ସନ୍ତୋଷ ସ୍ୱାଇଁ, ଜୟନ୍ତୀ ସାହୁ, ବିଭୂରଞ୍ଜନ ଦାସ, ସତ୍ୟ ନାୟକ। ଭାଜପା ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ଗିରିଜା ଶଙ୍କର ପତି, ଦେବୀ ପ୍ରସାଦ ପତି, ଲଲାଟ କିଶୋର ଚୌଧୁରୀ, ଅନିଲ ମହାପାତ୍ର ପ୍ରମୁଖ ଏହି ନେତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ଯୁକ୍ତ ୨ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଥିବା ବେଳେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଛାତ୍ରୀମାନେ ପରୀକ୍ଷା ଦେଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ଖଣି ଅଧିକାରୀଙ୍କୁ ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

କଟକ,୧୮।୨(କୁମାରଶ୍ରୀ)

## ବେଆଇନ ବାଲି ଉଠାଣ ଅଭିଯୋଗ

କାଠଯୋଡ଼ିରୁ ବେଆଇନ ବାଲି ଉଠାଣ ବଢ଼ିବାରେ ଲାଗିଛି। ନଦୀ ସୀମା ଭିତରେ ପଶି ଏପରିକି ନଦୀ ମଧ୍ୟରେ ବେଆଇନ ରାସ୍ତା ନିର୍ମାଣ କରି ରାତି ଅଧିଆ ବାଲି ଚୋରା ଚାଲାଣ କରାଯାଉଛି। ଗୋପାଳପୁର ବାସିନ୍ଦା ଏବଂ ଜଣେ ଭାଜପା ନେତାଙ୍କ ଏଭଳି ଅଭିଯୋଗ ପରେ କଟକ ଜିଲାପାଳ ଖଣି ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କ୍ଷେତ୍ର ପରିଦର୍ଶନ କରି ଅଭିଯୋଗ ମୁତାବକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ ରହିଛି। ଅଭିଯୋଗ ମୁତାବକ, ଖାନନଗର ନିକଟସ୍ଥ ବାଲିଘାଟ ଲିଜ୍ ନେଇଥିବା ଲିଜ୍‌ଧାରୀମାନେ ଏବେ ସୀମା ସରହଦ ଅତିକ୍ରମ କରୁଛନ୍ତି। ନିଜସ୍ୱ ସୀମା ଟପି ଗୋପାଳପୁର ଅଞ୍ଚଳ କାଠଯୋଡ଼ିରୁ ବାଲିଉଠାଉଛନ୍ତି। ଗୋପାଳପୁର ଗ୍ରାମବାସୀ ପୂର୍ବରୁ ଏ ବାବଦରେ ଖଣି ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳସ୍ୱରୂପ ଗ୍ରାମବାସୀଙ୍କ ପକ୍ଷରୁ କଟକ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା। ଭାଜପାର ପଞ୍ଚମୁଖୀ ମଣ୍ଡଳ ସଭାପତି ସମରେଶ କୁମାର ଭୂୟାଁ ଅନ୍ୟ ଏକ ଅଭିଯୋଗ ଜିଲାପାଳଙ୍କଠାରେ କରିଥିଲେ। ତାଙ୍କ ଅଭିଯୋଗ ମୁତାବକ, ନୂଆପଡା ଏବଂ ୪୨ ମୌଜା ବାଲିଘାଟର ସୀମାଠାରୁ ଅଧିକ ଅଞ୍ଚଳରୁ ବାଲି ଉଠାଣ ହେଉଛି। ଶହଶହ ହାଇୱା ଦ୍ୱାରା ବାଲି ଚୋରା ଚାଲାଣ ହେଉଥିବାରୁ ରାସ୍ତାଘାଟ ବାଲିରେ ଭର୍ତ୍ତି ହୋଇଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଉଭୟ ଅଭିଯୋଗକୁ ଗୁରୁତ୍ୱ ଦେଇ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ଜଣ୍ଡିସ ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି ଦାବି

କଟକ,୧୮।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକରେ ଜଣ୍ଡିସ ସଂକ୍ରମଣ ବ୍ୟାପୁଥିବାବେଳେ କଟକ ଜିଲା ମୁଖ୍ୟ ଚିକିତ୍ସାଳୟରେ ସଂକ୍ରମଣ ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି ଦିଗରେ ସଜାଗ ହେବା ପାଇଁ ଦାବି ହେଉଛି। ଏ ନେଇ ସାମଜିକ ସଙ୍ଗଠନ ଭଏସ ଅଫ କଟକ ପକ୍ଷରୁ ହସ୍ପିଟାଲ ଅଧୀକ୍ଷକ ଡା. ଚନ୍ଦନ ଗଡ଼ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ କଟକ ସହରରେ ଜଣ୍ଡିସ କାୟା ବିସ୍ତାର କରିବା ଆରମ୍ଭ କରିଛି, ହସ୍ପିଟାଲରେ ସ୍ୱତନ୍ତ୍ର ଜରୁରିକାଳୀନ ଜଣ୍ଡିସ ୱାର୍ଡ ଖୋଲିବା, ପର୍ଯ୍ୟାପ୍ତ ଔଷଧ ଓ ଡାକ୍ତର ନିୟୋଜିତ ଖୁବଶୀଘ୍ର କରିବା ଦିଗରେ ଉଲ୍ଲେଖ କରାଯାଇଛି। ଉକ୍ତ ଦାବିପତ୍ର ଗ୍ରହଣ କରି ଏଦିଗରେ ଗୁରୁତ୍ୱ ଦିଆଯିବା ସହ କାର୍ଯ୍ୟ କରାଯିବା ନେଇ ଡା. ଗଡ଼ନାୟକ ପ୍ରତିଶ୍ରୁତି ଦେଇଥିବା ସଙ୍ଗଠନ ସମ୍ପାଦକ ସୌମ୍ୟଦୀପ ଘୋଷ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନ ସଭାପତି ସିଦ୍ଧାର୍ଥ ମହାନ୍ତି, ଉପସଭାପତି ସିଦ୍ଧାର୍ଥ ନନ୍ଦ, ଉପଦେଷ୍ଟା ଜଗତଜ୍ୟୋତି ପଟ୍ଟନାୟକ, ରୁଦ୍ରମୋହନ ମହାପାତ୍ର, ବିବେକାନନ୍ଦ ସାହୁ, ଅମିତ ମହାନ୍ତି, ସାଗର କାହାଳି, ଏମ୍‌ଡି ସାବୀର ଆନସାର, ସୁମତି ରାଏ, ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ବୈଠକ

ବ୍ରାହ୍ମଣଝରିଲୋ,୧୮।୨

କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ପଞ୍ଚାୟତ ବ୍ରାହ୍ମଣଝରିଲୋ ଅବସ୍ଥିତ ଶ୍ରୀଶ୍ରୀ ଗୋପାଳଜୀଉଙ୍କ ପୀଠରେ ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଞ୍ଚଳର ବହୁ ବ୍ୟକ୍ତି ଗଣମାଣ୍ୟ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସମସ୍ୟା, ସୁବିଧାଅସୁବିଧା ଓ ସେମାନଙ୍କୁ ସମାଜର ମୁଖ୍ୟ ଧାରାରେ ସକ୍ରିୟ ଭାବେ ସାମିଲ କରିବା ନେଇ ଆଲୋଚନା କରିଥିଲେ। ସଭାରେ ଲଳିତ କୁମାର ଦାଶ, ବାବାଜୀ ଚରଣ ମହାନ୍ତି, ଜୟନ୍ତ କୁମାର ଜେନା, ଜୟଦେବ ପ୍ରଧାନ, ଦିବ୍ୟସିଂହ ପାତ୍ର, ସୁଶୀଲ କୁମାର ଦାସ, ଶାହାନାଜ ଖାଁ, ଶୈଳଜାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଏପ୍ରିଲରେ ନଗରୀ ଓ ହରିଅନ୍ତା ପଞ୍ଚାୟତରେ ବରିଷ୍ଠ ନାଗରିକମାନଙ୍କୁ ସାମିଲ କରି ବୈଠକ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଏହା ସହିତ କଟକ ସଦର ଥାନା ଅଧୀନ ବାରଙ୍ଗ ବ୍ଲକର ୩୩ ନମ୍ବର ଜିଲା ପରିଷଦ ଜୋନ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ବୈଠକ କରାଯାଇ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ସମାଧାନ ଓ ସଚେତନତା ସୃଷ୍ଟି କରାଯିବାକୁ ନିଷ୍ପତ୍ତି ହୋଇଛି।




ବୈଠକରେ ଯୋଗଦେଇଥିବା ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା।

# ଧାରଣାରେ ଶାସକ, ବିରୋଧୀ ସଦସ୍ୟ

କଣ୍ଟାପଡା,୧୮।୨(ସୁରନାରାୟଣ ସାହୁ)




ବ୍ଲକ ସମ୍ମୁଖରେ ଧାରଣାରତ ଶାସକ ଓ ବିରୋଧୀ ପଞ୍ଚାୟତ ଲୋକ ପ୍ରତିନିଧି।

## ଉନ୍ନୟନ କାମ ଠପ୍

କଣ୍ଟାପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ବନ୍ଦ ପଡ଼ିଥିବା ଉନ୍ନୟନ କାମଗୁଡ଼ିକୁ ଆରମ୍ଭ କରିବାକୁ ଦାବି ହେଉଛି। ଏହି ପରିପ୍ରେକ୍ଷୀରେ କଣ୍ଟାପଡ଼ା ବ୍ଲକ ଶାସକ ଦଳର ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ସମେତ ବିଭିନ୍ନ ପଞ୍ଚାୟତ ଶାସକ ଓ ବିରୋଧୀ ଦଳର ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟମାନେ ବ୍ଲକ ସମ୍ମୁଖରେ ବୁଧବାର ଧାରଣାରେ ବସିଛନ୍ତି। ପ୍ରଶାସନ ଉନ୍ନୟନ କାମ ଆରମ୍ଭ ନ କରିବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଧାରଣାରତ ଲୋକ ପ୍ରତିନିଧିମାନେ କହିଛନ୍ତି। ସୂଚନାଯୋଗ୍ୟ କଣ୍ଟାପଡା ବ୍ଲକରେ ଦୀର୍ଘ ଦେଢ଼ବର୍ଷ ହେବ ଜିପିଡିପି, ବିପିଡିପି, ଜିଆଇଏ, ବିକଶିତ ଗାଁ ବିକଶିତ ଓଡ଼ିଶା, ଆଦର୍ଶ ଗ୍ରାମ ଓ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ବନ୍ଦ ରହିଛି। କୋଟି କୋଟି ଟଙ୍କାର କାମ ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ ଏହାକୁ ପୁନଃ ଆରମ୍ଭ କରିବା ପାଇଁ ଗତ ପଞ୍ଚାୟତ ସମିତି ବୈଠକରେ ସର୍ବସମ୍ମତ ପ୍ରସ୍ତାବ ପାରିତ ହୋଇଥିଲା। ପ୍ରସ୍ତାବ ଅନୁଯାୟୀ ସମସ୍ତ କାର୍ଯ୍ୟ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ତତ୍ତ୍ୱାବଧାନ ଏବଂ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କ ସମ୍ମତି ଭିତରେ କାର୍ଯ୍ୟ ଆରମ୍ଭ ହୋଇଥାନ୍ତା। ମାତ୍ର ବ୍ଲକ ପ୍ରଶାସନ ବିଭିନ୍ନ ଆଳଦେଖାଇ ଏହି ନିଷ୍ପତ୍ତିକୁ ଅଣଦେଖା କରିଥିଲେ। ଫଳରେ ଗତ ୧୦ ତାରିଖ ଧାରଣାରେ ବସିଥିବା ଲୋକ ପ୍ରତିନିଧିମାନେ ବିଡିଓଙ୍କୁ ଭେଟି ୭ ଦିନ ମଧ୍ୟରେ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ନ କଲେ ସମସ୍ତ ନିର୍ବାଚିତ ପ୍ରତିନିଧି ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଥିଲେ। ମାତ୍ର ପ୍ରଶାସନ କିଛି ପଦକ୍ଷେପ ନ ନେବାରୁ କଣ୍ଟାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୀନା ଭୋଇଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ ଯତୀନ୍ଦ୍ର ନାଥ ବରାଳ, ସମିତିସଭ୍ୟ ବୃନ୍ଦାବନ ବେହେରା, ପ୍ରଶାନ୍ତ ପାଢ଼ୀ, ସସ୍ମିତା ଦାସ, କୁନି ଭୋଇ, ସୌଦାମିନୀ ରାଉତ, ପୁଷ୍ପାଞ୍ଜଳି ବିଶ୍ୱାଳ, ସସ୍ମିତା ଛାତର, ପ୍ରିୟବ୍ରତ ବେଉରା, ସନ୍ଧ୍ୟାରାଣୀ ଦାସ, ରଜନୀ କାନ୍ତ ଭୋଇ ଓ ସରପଞ୍ଚ ସଞ୍ଜୟ କୁମାର ରାଉତରାୟ, ସୁପ୍ରିୟା ଭୋଇ, ସୁମିତ୍ରା ପାଢ଼ୀ, ୮ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ପୀୟୂଷ ରଞ୍ଜନ ମିଶ୍ର, ଜିଲା ପରିଷଦ ସଭ୍ୟା କ୍ରିଷ୍ଣାରାଣୀ ବେହେରା ପ୍ରମୁଖ ଧାରଣାରେ ବସିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୨।୨୦୨୬

| ୪,୪୩,୧୫୬ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ଜିଲ୍ଲାରେ ପରୀକ୍ଷା ଦେବେ ୩୪୮ ସ୍କୁଲର ୨୦,୬୫୫ ଛାତ୍ରୀଛାତ୍ର

**ଆଜିଠୁ ମାଟ୍ରିକ୍ ପରୀକ୍ଷା**

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହେବ। ଏଥିପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଅପରପକ୍ଷେ ଛାତ୍ରୀଛାତ୍ରଙ୍କ ନିମନ୍ତେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ।

ଅଭିଭାବକଙ୍କଠାରୁ ଆରମ୍ଭକରି ଶିକ୍ଷକ, ଶିକ୍ଷୟିତ୍ରୀମାନେ ଦଶମ ପରୀକ୍ଷାର୍ଥୀଙ୍କୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ନିମନ୍ତେ ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ୧୦୯ଟି ପରୀକ୍ଷା କେନ୍ଦ୍ର ହୋଇଛି। ଏହାବ୍ୟତୀତ ଷ୍ଟେଟ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଓପନ୍ ସ୍କୁଲିଂ ପାଇଁ ୪ଟି ପରୀକ୍ଷା କେନ୍ଦ୍ରରେ ୮୭୧ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିପାଇଁ ୧୨ଟି ନୋଡାଲ ସେଣ୍ଟର ଖୋଲାଯାଇଛି। ଜିଲ୍ଲାରେ ୩୪୮ ସ୍କୁଲର ୨୦,୬୫୫ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ମୋଟ ୭୦ ଜଣ ମଧ୍ୟମା (ସଂସ୍କୃତ) ଛାତ୍ରୀଛାତ୍ର ପରୀକ୍ଷା ଦେବେ।

ପରୀକ୍ଷା ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୨୯ଟି ଡେସ୍ପାଚ୍ ସେଣ୍ଟର କରାଯାଇଛି। ପ୍ରତିଦିନ ପୋଲିସ୍ ସ୍କ୍ୱାଡ୍ ସହିତ ସୁରକ୍ଷା ମଧ୍ୟରେ ଡେସ୍ପାଚ୍ ଟିମ୍ ପ୍ରଶ୍ନପତ୍ର ନେଇ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ପ୍ରତ୍ୟେକ କେନ୍ଦ୍ରରେ ପରୀକ୍ଷା ଦିନ ସକାଳ ସାଢ଼େ ୭ରୁ ସାଢ଼େ ୮ଟା ମଧ୍ୟରେ ପ୍ରଶ୍ନପତ୍ର ପହଞ୍ଚିବ।

ପରୀକ୍ଷା ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ ପାଢ଼ୀ କହିଛନ୍ତି, ପରୀକ୍ଷା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ବ୍ୟବସ୍ଥା କରାଯାଇଛି। ପୂର୍ବରୁ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ବୈଠକ କରାଯାଇ ପରୀକ୍ଷାର ସୁପରିଚାଳନା ସମ୍ବନ୍ଧରେ ଅବଗତ କରାଯାଇଛି। ପରୀକ୍ଷାରେ ସ୍ୱଚ୍ଛତା ନିମନ୍ତେ ପ୍ରତି କେନ୍ଦ୍ରରେ ସିସିଟିଭି ଲଗାଯାଇଛି। ପ୍ରତି ପରୀକ୍ଷା କେନ୍ଦ୍ର ପାଇଁ ଜଣେ ଲେଖାଏ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି। ପରୀକ୍ଷାର ସୁପରିଚାଳନା ତନଖି କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ୩ଟି ସ୍କ୍ୱାଡ୍ ଟିମ୍ କରାଯାଇଛି। ସେହିପରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରଶାସନ ପକ୍ଷରୁ ଆଉ ଏକ ଟିମ୍ ସ୍କ୍ୱାଡ୍ କରାଯାଇଛି। କିଛି ସ୍ଥାନରେ ପରିଷଦ ପକ୍ଷରୁ ପରୀକ୍ଷାର ଲାଇଭ୍ ଷ୍ଟ୍ରିମିଂ କରିବାର ମଧ୍ୟ ବ୍ୟବସ୍ଥା କରାଯାଉଛି ବୋଲି ପାଢ଼ୀ କହିଛନ୍ତି।

## ସ୍ୟାଣ୍ଡ୍ ଆନିମେଶନ ମାଧ୍ୟମରେ ଶିବାଜୀଙ୍କୁ ଶ୍ରଦ୍ଧାଞ୍ଜଳି




ବାଲୁକାଶିଳ୍ପୀ ମାନସ କୁମାର ସାହୁ ଛତ୍ରପତି ଶିବାଜୀ ମହାରାଜଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ନିର୍ମିତ ସ୍ୟାଣ୍ଡ୍ ଆନିମେଶନ।

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ଶିବାଜୀ ଜୟନ୍ତୀ ଅବସରରେ ପ୍ରସିଦ୍ଧ ବାଲୁକାଶିଳ୍ପୀ ମାନସ କୁମାର ସାହୁ ଛତ୍ରପତି ଶିବାଜୀ ମହାରାଜଙ୍କୁ ଶ୍ରଦ୍ଧାଞ୍ଜଳିସ୍ୱରୂପ ବୁଧବାର ଏକ ସ୍ୟାଣ୍ଡ୍ ଆନିମେଶନ ପ୍ରସ୍ତୁତ କରିଛନ୍ତି। ସାହୁ ସ୍ୟାଣ୍ଡ୍ ଆନିମେଶନ କରିବାକୁ ପ୍ରାୟ ୨ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ସେ କଳାକୃତିରେ ମହାନ୍ ମରାଠା ଯୋଦ୍ଧା ରାଜାଙ୍କ ସାହସ, ନେତୃତ୍ୱ ଏବଂ ଦୃଷ୍ଟିକୋଣକୁ ସୁନ୍ଦର ଭାବେ ଉପସ୍ଥାପନ କରିଛନ୍ତି।

## ରିପବ୍ଲିକ୍ ଓଡ଼ିଆ ସାପ୍ତାହିକ ସମ୍ବାଦପତ୍ରର ଲୋକାର୍ପଣ

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ସାଧାରଣ ଲୋକଙ୍କ ସ୍ୱର ଓ ସ୍ୱାକ୍ଷର ହୋଇ ସର୍ବସାଧାରଣଙ୍କ ସମସ୍ୟାର ସମାଧାନ ଦିଗରେ ଏକ ନୂତନ ପଦକ୍ଷେପ ଭାବେ ରାଜ୍ ମିଡିଆ ଓ ଲକ୍ଷ୍ମୀ ଟେଲିଭିଜନ୍ ନେଟ୍‌ୱର୍କର ଚତୁର୍ଥ ସଦସ୍ୟ ଭାବେ ରିପବ୍ଲିକ୍ ଓଡ଼ିଆ ସାପ୍ତାହିକ ସମ୍ବାଦପତ୍ରର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀକ୍ଷେତ୍ର ପୁରୀରୁ ଏହି ଶିଶୁ ସମ୍ବାଦପତ୍ର ତା'ର ଜୟଯାତ୍ରା ଆରମ୍ଭ କରିଛି। ଉତ୍ସବରେ ପରିଚାଳନା ନିର୍ଦ୍ଦେଶକ ତଥା ସମ୍ପାଦକ ଡ. ରାଜେଶ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରମୋଦ କୁମାର ଜେନା, ବିଶିଷ୍ଟ ଆଇନଜୀବୀ ରଚିତା ରାଉତରାୟ, ସ୍ତମ୍ଭକାର ଅଶୋକ କୁମାର ଆଢ଼୍ୟ, ବରିଷ୍ଠ ଶିକ୍ଷାବିତ୍ ତଥା କବି ଡ. ଚିତ୍ତରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ଉପଦେଷ୍ଟା ଲଲାଟେନ୍ଦୁ ମିଶ୍ର ସଞ୍ଚାଳନ କରିଥିଲେ। ଓଡ଼ିଆ ସମ୍ବାଦପତ୍ର ଜଗତରେ ଚହଳ ସୃଷ୍ଟି କରିଥିବା ନିର୍ଭରଯୋଗ୍ୟ ଶୁଭ୍ରମ୍ ସମ୍ବାଦପତ୍ର ପରେ ଏହି ସାପ୍ତାହିକ ସମ୍ବାଦପତ୍ର ଓଡ଼ିଶାର ଜନସାଧାରଣଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ସାଇ ବିଦ୍ୟାମନ୍ଦିରର ୪ର୍ଥ ବାର୍ଷିକ ଉତ୍ସବ

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ତାଳବଣିଆ, ବ୍ୟାଙ୍କ କଲୋନୀ ଛକ ସ୍ଥିତ ସାଇ ବିଦ୍ୟା ମନ୍ଦିରର ୪ର୍ଥ ବାର୍ଷିକ ଉତ୍ସବ ଓ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମିନାଲୀ ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସମ୍ମାନିତ ଅତିଥି ଭାବେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦ୍ୱିବେଦୀ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଶିକ୍ଷାଧିକାରୀ ପ୍ରମୋଦ କୁମାର କର, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ଡ. ଭଗବାନ ଦାସ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଫ୍ଲୋରା ଦାସ ପାଣିଗ୍ରାହୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ ଉତ୍ସବର ଦ୍ୱିତୀୟ ସୋପାନରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଅଭିଭାବକଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା। କ୍ରୀଡ଼ା, ଚିତ୍ରାଙ୍କନ, ବକ୍ତୃତା, କୌତୁକ ପୋଷାକ, ଶ୍ଳୋକ ଆବୃତ୍ତି ଆଦି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର, ଉପଢୌକନ ପ୍ରଦାନ କରାଯିବା ସହ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା।

# ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ



ବେଣ୍ଟ ପୋଖରୀରେ ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ କରାଯାଉଛି।

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ଫାଲ୍‌ଗୁନ ଶୁକ୍ଳ ପ୍ରତିପଦା ତିଥି ବୁଧବାର ଅବସରରେ ଶ୍ରମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମହାପ୍ରଭୁଙ୍କ ବେଣ୍ଟନୀତି ଶ୍ରୀଜଗନ୍ନାଥବଲ୍ଲଭ ପରିସରରେ ଥିବା ବେଣ୍ଟ ପୋଖରୀରେ ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହଙ୍କର ମଙ୍ଗଳ ଆଳତି ସରିବା ପରେ ମହାଜନସେବକ ନୀତି ନିମନ୍ତେ ଦକ୍ଷିଣୀଘରୁ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହକୁ ରତ୍ନସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଏକ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ଆଜ୍ଞାମାଳ ପାଇବା ପରେ ମହାଜନସେବକ ବେଣ୍ଟ (ଶିକାର) ନୀତି ନିମନ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେ ବିଜେ କରାଇଥିଲେ। ପରେ ବିମାନବଡ଼ୁ ସେବକମାନେ ବିମାନରେ ଠାକୁରଙ୍କୁ ନେଇ ଶ୍ରୀଜଗନ୍ନାଥବଲ୍ଲଭ ମଠରେ ବିଜେ କରାଇଥିଲେ। ସେଠାରେ ମହାଜନସେବକ ହସ୍ତରେ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ବନ୍ଦାପନା ସମ୍ପନ୍ନ ହେବା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ମହାଜନଙ୍କ ହସ୍ତରେ ବେଣ୍ଟ ନୀତି ନିମନ୍ତେ ମଠ ପରିସର ବେଣ୍ଟ ପୋଖରୀକୁ ବିଜେ ହୋଇଥିଲେ। ଶରଗୁଡ଼ିକୁ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଲଗାଇ ପୂଜାପଣ୍ଡା ସାମନ୍ତ ଅଭିମନ୍ତ୍ରିତ କରି ଲେଙ୍କା ସେବକ ବା ଦଳବେହେରାଙ୍କୁ ଦେଇଥିଲେ। ଲେଙ୍କା ସେବକ ପଇଡ଼ଗୁଡ଼ିକୁ ମୃଗ ଭାବେ ବିବେଚନା କରି ଶରବିଦ୍ଧ କରିଥିଲେ। ନୀତି ନିମନ୍ତେ ସେଠାରେ ପୂର୍ବରୁ ୬ଟି ପଇଡ଼ ରଖାଯାଇଥିଲା। ୬ଟି ପଇଡ଼ ମଧ୍ୟରୁ ଲେଙ୍କା ସେବକ ୫ଟି ପଇଡ଼ରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇଆସିଥିଲେ। ଏହାପରେ ଅବକାଶ, ମଇଲମ, ସ୍ନାନ, ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ାବିଜେ କରିଥିଲେ।

# ଜବରଦଖଲ କରି ନିର୍ମାଣ କାର୍ଯ୍ୟ କରାଯାଉଥିବା ଅଭିଯୋଗ

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)



ବଡ଼ଶଙ୍ଖ ପରିବା ମାର୍କେଟ୍ ନିକଟରେ ଥିବା ଶ୍ରୀମନ୍ଦିର ଜମିକୁ କେତେଜଣ ବ୍ୟକ୍ତି ବେଆଇନ ଏବଂ ଅନଧିକୃତ ଭାବେ ନିର୍ମାଣ କାର୍ଯ୍ୟକରି ଜବରଦଖଲ କରିଥିବା ନେଇ ଆଇନଜୀବୀ ରାମଚନ୍ଦ୍ର ସାହୁଙ୍କ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଅଭିଯୋଗ କରାଯାଇଛି।

ଅଭିଯୋଗରେ ଦର୍ଶାଯାଇଛି, ଶ୍ରୀମନ୍ଦିର ନାମରେ ଥିବା କୁମ୍ଭାରପଡ଼ା ଅନ୍ତର୍ଗତ ହାଲ୍ ପ୍ଲଟ୍ ନଂ. ୮୬୮ ଏବଂ ହାଲ୍ ଖାତା ନଂ. ୩୯୨ ବିଶିଷ୍ଟ ଏକ ମନ୍ଦିର ସମ୍ପତ୍ତିକୁ ଜବରଦଖଲ କରି ବେଆଇନ ଭାବେ ନିର୍ମାଣ କରାଯାଉଛି। ଏପରିକି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚିଠି ନମ୍ବର ୧୨୨୩୨କୁ ଆଧାରକରି କୁମ୍ଭାରପଡ଼ା ଥାନା ପକ୍ଷରୁ ଅନଧିକୃତ ନିର୍ମାଣ ଉପରେ ନୋଟିସ ଜାରି କରାଯାଇଛି।

ସୂଚନାଯୋଗ୍ୟ, ଏପ୍ରିଲ ୨୦୨୫ରେ କାମ ଆରମ୍ଭ ହୋଇଥିଲା କିନ୍ତୁ ଏସ୍‌ଜେଟିଏ ପକ୍ଷରୁ କୁମ୍ଭାରପଡ଼ା ଥାନା ମାଧ୍ୟମରେ ସରକାରୀ ଚିଠି ନଂ.୧୨୨୩୨ ମାଧ୍ୟମରେ ୧୬।୦୮।୨୦୨୫ରେ ବନ୍ଦ କରିଥିଲା। କିଛିମାସର ବ୍ୟବଧାନ ପରେ ନୋଟିସକୁ ଅଣଦେଖା କରି ଫେବୃଆରୀ ୧୦ରୁ କାମ ଆରମ୍ଭ ହୋଇଛି। ଦିନ ଏବଂ ରାତିରେ ଆଇନ ଉଲ୍ଲଂଘନ କରି ସମସ୍ତ କଂକ୍ରିଟ୍, ଚିପ୍ସ, ବାଲି ଏବଂ ସିମେଣ୍ଟ ରାସ୍ତାରେ ହିଁ ରଖିଛନ୍ତି। ଏନେଇ ଫେବୃଆରୀ ୧୨ରେ ଓକିଲ ଦେବାଶିଷ ଦାଶ କୁମ୍ଭାରପଡ଼ା ଥାନାଧିକାରୀଙ୍କୁ ଜଣାଇବା ସହ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଯାଇ ଉପ-ପ୍ରଶାସକ (ରାଜସ୍ୱ)ଙ୍କୁ ଭେଟିଥିଲେ। ଅବୈଧ ନିର୍ମାଣ କାର୍ଯ୍ୟର ଫଟୋ ଏବଂ ଭିଡିଓ ମଧ୍ୟ ଦେଖାଇଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ନୋଟିସକୁ ଅବମାନନା କରି ବାରମ୍ବାର ଜବରଦଖଲ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆଇନଜୀବୀ ସାହୁ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଆଇନଜୀବୀ ସାହୁ ଏହାର ନକଲ ଜିଲ୍ଲାପାଳ, ଏସ୍‌ପି ଓ ଆଇନ ବିଭାଗ ସଚିବଙ୍କୁ ପ୍ରଦାନ କରିଛନ୍ତି।

## ପୁରୀ ବାର୍‌ରେ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ସ୍ୱାସ୍ଥ୍ୟ ହିଁ ସମ୍ପଦ। ଓକିଲାତି ପେସାରେ ଥାଇ ଓକିଲ ନିଜ କର୍ମମୟ ଜୀବନରେ ଶରୀର ଯତ୍ନ ନେବାରେ ସଫଳ ହୁଏନି। ସେହି ସମୟରେ ଖେଳ ଜୀବନକୁ ଚିନ୍ତାଗ୍ରସ୍ତ ମାନସିକ ଅବସାଦରୁ ମୁକ୍ତି ଦିଏ। ଓକିଲଙ୍କ ମଧ୍ୟରେ ଭାଇଚାରା ବଜାୟ ରଖି ଐକ୍ୟ ପ୍ରତିଷ୍ଠା କରିବା ପାଇଁ ପୁରୀ ଓକିଲ ସଂଘର ସମସ୍ତ ଓକିଲଙ୍କୁ ନେଇ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କ ପ୍ରଥମେ ଆଉଟ୍‌ଡୋର ଓ ପରେ ଇନ୍‌ଡୋର, ପୁରୁଷଙ୍କ ମଧ୍ୟରେ ଚେସ୍, କ୍ୟାରମ୍ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ପ୍ରେମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ପରିବାର ଅଦାଲତ ବିଚାରପତି ସୁମିତା ଜେନା, ପ୍ରଥମ ଜିଲ୍ଲାଜଜ୍ ସୈକତ ପାତ୍ର, ତୃତୀୟ ଜିଲ୍ଲାଜଜ୍ ଚିନ୍ମୟୀ ଦେହୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ ରିପୋର୍ଟ ଉପସ୍ଥାପନ କରିଥଲେ। ଶ୍ରାବଣୀ ଦାସଙ୍କ ରଚିତ ଓ ସ୍ୱର ସଂଯୋଜନାରେ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ନିତା ସ୍ପୋର୍ଟସ୍ ଏକାଡେମୀର ସତ୍ୟବ୍ରତ ଷଡ଼ଙ୍ଗୀ, ଚେସ୍ କୋଚ୍ ସୁବାସ ସାହୁ, ମଲ୍ଲଯୋଦ୍ଧା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ତୃପ୍ତିମୟୀ ମହାପାତ୍ର, ସବିତା ପ୍ରତିହାରୀ, ଭାଗବତ ପ୍ରସାଦ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ସମୀର ଘୋଷ, ଅନିଲ ସାହୁ, ତାପସ ବଳିଆରସିଂ, ଜ୍ୟୋତି ପ୍ରକାଶ ମହାନ୍ତି, ରାଜେଶ ମହାନ୍ତି, ମନୋରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉପସଭାପତି ବିଭୁଦତ୍ତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ୨ ବାଲି ବୋଝେଇ ହାଇୱା ଜବତ

ଚାରିଛକ,୧୮।୨(ଶିଶିର କୁମାର ସ୍ୱାଇଁ)

ଚାରିଛକ ବଜାର ଦେଇ ଯାଉଥିବା ୨ ବାଲି ବୋଝେଇ ହାଇୱାକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖାଯାଇଥିବା ଜଣାପଡ଼ିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଚାରିଛକ ବଜାର ଦେଇ ଯାଉଥିବା ବାଲି ବୋଝେଇ ଗାଡ଼ିକୁ ନିମାପଡ଼ା ତହସିଲଦାର ଡ. ମନୋଜ କୁମାର ପ୍ରଧାନ ଓ ଚାରିଛକ ଥାନାଧିକାରୀ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତି ମିଳିତ ଚଢ଼ାଉ କରି ଜବତ କରିଥିଲେ। ବେଆଇନ ଲଘୁ ଖଣିଜ ଚୋରାଚାଲାଣ ଅଭିଯୋଗରେ ୨ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛନ୍ତି।

# ଡାକ୍ତରଙ୍କ ନାଁରେ ଅଭିଯୋଗ

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଚକ୍ଷୁ ବିଭାଗର ଜଣେ ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତରଖାନାରେ ଚିକିତ୍ସା ପରିବର୍ତ୍ତେ ଘରୋଇ ମେଡିକାଲ୍‌କୁ ରୋଗୀ ପଠାଇ ଅସ୍ତ୍ରୋପଚାର କରାଇବା ଭଳି ସଙ୍ଗିନ ଅଭିଯୋଗ ହୋଇଥିଲା। ଏନେଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ ପରେ ଜଗନ୍ନାଥ ମେଡିକାଲ କଲେଜ ଅଧୀକ୍ଷକଙ୍କ ଅଧ୍ୟକ୍ଷତାରେ ତଦନ୍ତ କମିଟି ବୁଧବାର ଘଟଣାର ତଦନ୍ତ କରିଛି। ଏକ ୬ ଜଣିଆ କମିଟି ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ଚକ୍ଷୁ ବିଭାଗର ଜଣେ ଡାକ୍ତରଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା ଯେ, ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସେ ରୋଗୀଙ୍କୁ ଘରୋଇ ମେଡିକାଲକୁ ନେଉଛନ୍ତି। ଯାହା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ବଡ଼ ର୍ୟାକେଟ ଚାଲିଛି ବୋଲି ଅଭିଯୋଗ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଥିଲା। ଡାକ୍ତର ଜଣକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିବର୍ତ୍ତେ ଘରୋଇ ଡାକ୍ତରଖାନା ଗଲେ ଉନ୍ନତ ଚିକିତ୍ସା ଯୋଗାଇଦେବାର ପ୍ରତିଶ୍ରୁତି ରୋଗୀଙ୍କୁ ଦେଉଥିଲେ। ସରକାରୀ ଡାକ୍ତରଖାନାରୁ ମିଳୁଥିବା କମ୍ ମୂଲ୍ୟର ଲେନ୍ସ ପରିବର୍ତ୍ତେ ସ୍ୱାସ୍ଥ୍ୟକାର୍ଡରେ ଅଧିକ ମୂଲ୍ୟର ଲେନ୍ସ ଲଗାଇବାକୁ ରୋଗୀଙ୍କୁ ପ୍ରବର୍ତ୍ତାଉଥିବାର ଭିଡିଓ ପ୍ରଘଟ ହୋଇଥିଲା। ଏଥିରେ ପୀଡ଼ିତ ରୋଗୀଙ୍କ ସମ୍ପର୍କୀୟ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅନ୍‌ଲାଇନ୍ ପୋର୍ଟାଲରେ ଅଭିଯୋଗ କରିଥିଲେ। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ତଦନ୍ତ ପାଇଁ ନିର୍ଦ୍ଦେଶ ଆସିଥିଲା। ପ୍ରଥମେ ଜଗନ୍ନାଥ ମେଡିକାଲ ଅଧୀକ୍ଷକଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ଚକ୍ଷୁ ବିଶେଷଜ୍ଞଙ୍କୁ ସାମ୍ନାସାମ୍ନି ବସାଇ ବୁଧବାର ଜେରା କରିଥିବା ଜଣାପଡ଼ିଛି। ପ୍ରଘଟ ଭିଡିଓ ଓ ରୋଗୀଙ୍କ ଅନ୍ୟ କାଗଜପତ୍ର ଯାଞ୍ଚ କରିବା ପରେ ସବୁ ଦିଗକୁ ନେଇ ତଦନ୍ତ କରାଯିବ। ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅକ୍ଷୟ କୁମାର ଶତପଥୀ ସୂଚନା ଦେଇଛନ୍ତି। ଏନେଇ ଡ. ଶତପଥୀ କହିଛନ୍ତି, ଚକ୍ଷୁ ବିଭାଗର ଜଣେ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ନାମରେ ଅଭିଯୋଗ ଆସିବା ପରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସୂଚନା ଦିଆଯାଇଥିଲା। ବୁଧବାର ତଦନ୍ତ କରାଯାଇଛି। ତଦନ୍ତ ରିପୋର୍ଟ ପରେ କମିଟିର ପରାମର୍ଶ ଅନୁଯାୟୀ, ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ମଧୁସୂଦନ, ବଦ୍ରି ମିଶ୍ରଙ୍କୁ 'ବଗଳାମୁଖୀ ସମ୍ମାନ'



ଅତିଥିମାନେ ମଧୁସୂଦନ, ବଦ୍ରି ମିଶ୍ରଙ୍କୁ 'ବଗଳାମୁଖୀ ସମ୍ମାନ' ପ୍ରଦାନ କରୁଛନ୍ତି।

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ନିଖିଳ ବ୍ରହ୍ମାଣ୍ଡ ଗାୟତ୍ରୀ -ଗୋମାତା ବିଶ୍ୱଶାନ୍ତି ମହାଯଜ୍ଞ ମହୋତ୍ସବ କମିଟି ପକ୍ଷରୁ ମଧୁସୂଦନ, ପ୍ରଶାନ୍ତ ଓ ବଦ୍ରି ମିଶ୍ରଙ୍କୁ 'ବଗଳାମୁଖୀ ସମ୍ମାନ' ପ୍ରଦାନ କରାଯାଇଛି। ବିଶିଷ୍ଟ ସାହିତ୍ୟିକ ବଦ୍ରି ମିଶ୍ର ଦୀର୍ଘ ୬୦ବର୍ଷ ଧରି ୧ ଲକ୍ଷରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ, ୧୩୮୦ ଶବ ସଂସ୍କାର, ୧୬୩ ଜଣଙ୍କୁ ରକ୍ତଦାନ, ୧୧୩୨ ଗରିବ ଛାତ୍ରୀଛାତ୍ରଙ୍କୁ ମୁକ୍ତ ବିଦ୍ୟାଦାନ ସହ ନାଟକ, ଗୀତିକବିତା, ଚଳଚ୍ଚିତ୍ର ଓ ଚଳଚ୍ଚିତ୍ର କାହାଣୀ ଲେଖିଛନ୍ତି। ଦୀର୍ଘ ୧୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିଶାମୁକ୍ତ ଓ କ୍ୟାନ୍ସରମୁକ୍ତ ଓଡ଼ିଶା ପାଇଁ ସମଗ୍ର ଭାରତବର୍ଷରେ ଜନସଚେତନତା ସୃଷ୍ଟି ସହ ମିଶନ ଓଡ଼ିଶା ମାଧ୍ୟମରେ ପରିବେଶ ସୁରକ୍ଷା ଓ ବୃଦ୍ଧାଶ୍ରମ ପ୍ରତିଷ୍ଠା କରିଥିବା ବିଶିଷ୍ଟ ସାମ୍ବାଦିକ ମଧୁସୂଦନ ମିଶ୍ରଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର -ପ୍ରସାରରେ ଉଲ୍ଲେଖନୀୟ ଅବଦାନ ଗ୍ରହଣ କରିଛନ୍ତି। ପିପିଲି ଦାଣ୍ଡମୁକୁନ୍ଦପୁର ଠାରେ ଅନୁଷ୍ଠିତ ମା' ବଗଳାମୁଖୀ ମହାଯଜ୍ଞ ପଡ଼ିଆରେ ମଠାଧିଶ ରାମକୃଷ୍ଣ ଦାସ, ଶିକ୍ଷାବିତ୍ ପ୍ରତିଭା ମହାରଥୀ, ବ୍ଲକ ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ ଓ ପଣ୍ଡିତ ଦେବାଶିଷ ନନ୍ଦ ଉପସ୍ଥିତ ରହି ଏହି ସମ୍ମାନ ପ୍ରଦାନ କରିଥିଲେ। ଓଡ଼ିଶାର ବିଶିଷ୍ଟ ଉଦ୍‌ଘୋଷକ ଅଭିନନ୍ଦନ ଦାସ କାର୍ଯ୍ୟକ୍ରମ ପରିଚାଳନା ଓ ସଂଯୋଜନା କରିଥିଲେ।



+୨ ପରୀକ୍ଷା ଦେବା ପାଇଁ ଛାତ୍ରୀମାନେ ଏସ୍‌ସିଏସ୍ କଲେଜକୁ ଯାଉଛନ୍ତି।




ଓଡ଼ିଶା ଚାରୁ ଓ କାରୁ କଳା ପକ୍ଷରୁ ଗୁରୁ ଅଲେଖ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ରୁଷିଆ-ୟୁକ୍ରେନ୍ ଆଲୋଚନା ନିଷ୍ଫଳ

**ଜେନେଭା,୧୮।୨**

ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ଇତିମଧ୍ୟରେ ୫ ବର୍ଷ ଛୁଇଁବାକୁ ଯାଉଛି। ଯୁଦ୍ଧ ବନ୍ଦ କରି ଶାନ୍ତି ଫେରାଇ ଆଣିବାକୁ ଉଭୟ ପକ୍ଷ ମଧ୍ୟରେ ବହୁବାର ଆଲୋଚନା ହୋଇଥିଲେ ମଧ୍ୟ ଏବେ ସୁଦ୍ଧା ସୁଫଳ ମିଳିପାରି ନାହିଁ। ବୁଧବାର ଜେନେଭାଠାରେ ବସିଥିବା ବୈଠକ ମଧ୍ୟ ନିଷ୍ଫଳ ହୋଇଛି ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍ସ୍କି କହିଛନ୍ତି। ଏହି ବୈଠକ ମାତ୍ର ଦୁଇ ଘଣ୍ଟା ମଧ୍ୟରେ ଶେଷ ହୋଇଥିଲା ବେଳେ ରୁଷିଆ ଜାଣିଶୁଣି ଆଲୋଚନା ପ୍ରକ୍ରିୟାକୁ ବିଳମ୍ବ କରୁଛି ବୋଲି ସେ କହିଛନ୍ତି। ପୂର୍ବ ଆଲୋଚନା ଅନୁସାରେ ରୁଷିଆ ଯେଉଁସବୁ ପଦକ୍ଷେପ ନେବା କଥା ତାହା କରୁନାହିଁ କି ଆଗକୁ ସ୍ଥିତି କିଭଳି ସ୍ୱାଭାବିକ ହେବ ସେଥିପ୍ରତି ଗୁରୁତ୍ୱ ଦେଉନାହିଁ ବୋଲି ଜେଲେନ୍ସ୍କି କହିଛନ୍ତି। ଅନ୍ୟପକ୍ଷରେ ଯୁଦ୍ଧ ପାଇଁ ରୁଷିଆକୁ ବେଲାରୁଷ ସହାୟତା କରୁଥିବାରୁ ୟୁକ୍ରେନ୍ ବେଲାରୁଷ ଉପରେ ଆର୍ଥିକ କଟକଣା ଘୋଷଣା କରିଛି।

# ଟାର୍ଗେଟ୍‌ରେ ୩୦୦ ମାଓବାଦୀ

## ମାର୍ଚ୍ଚ ୩୧ ଡେଡ୍‌ଲାଇନ



**ନୂଆଦିଲ୍ଲୀ,୧୮।୨ (ପିଟି/ଏଜେନ୍ସି)**

୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଭାରତକୁ ମାଓବାଦମୁକ୍ତ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବାବେଳେ ଉକ୍ତ ଡେଡ୍‌ଲାଇନ୍ ପାଖେଇ ଆସିଲାଣି। ଏହି ପରିପ୍ରେକ୍ଷୀରେ ସୁରକ୍ଷା ବଳର ରାଡାରରେ ୪ ବରିଷ୍ଠ କମାଣ୍ଡରଙ୍କ ସମେତ ପ୍ରାୟ ୩୦୦ ମାଓବାଦୀ ରହିଥିବା ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ତେବେ କେବଳ ମାଓବାଦୀଙ୍କୁ ସମୂଳେ ନାଶ କରିଦେଲେ ହେବନାହିଁ, ଆଗକୁ ଏହି ବାମ କଠୋରପନ୍ଥୀ ବିଚାରଧାରା ଯେପରି ମୁଣ୍ଡ ଟେକିନପାରିବ ସେଥିଲାଗି ସମାବେଶୀ ବିକାଶ ସାଙ୍ଗକୁ ପ୍ରଭାବିତ ଅଞ୍ଚଳରେ ସାମାଜିକ-ଅର୍ଥନୈତିକ ସମସ୍ୟାଗୁଡ଼ିକର ସମାଧାନ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ମତ ପ୍ରକାଶ ପାଇଛି। ନିଷିଦ୍ଧ ଘୋଷିତ ସିପିଆଇ (ମାଓଇଷ୍ଟ) କେନ୍ଦ୍ରୀୟ କମିଟି (ସିସି)ର ୪ ଶୀର୍ଷ ସଦସ୍ୟ ହେଲେ ଶିଶିର ବେସ୍ରା ଓରଫ୍ ଭାସ୍କର, ଦେବଜୀ ଓରଫ କୁମ୍ଭ ଦାଦା ଓରଫ୍ ଚେତନ୍, ରମନ୍ନା ଓରଫ ଗଣପତି ଓରଫ୍ ଲକ୍ଷ୍ମଣ ରାଓ ଏବଂ ମଲ୍ଲାହ ରାଜା ରେଡ୍ଡୀ ଓରଫ୍ ସାଗର। ଏମାନଙ୍କୁ ଜୀବନ୍ତ ହେଉ କି ମୃତ ଧରିବା ପାଇଁ ସୁରକ୍ଷା ସଂସ୍ଥାଗୁଡ଼ିକ ଲାଗିପଡ଼ିଛନ୍ତି। ଛତିଶଗଡ଼-ତେଲଙ୍ଗାନା ସୀମାରେ ଦେବଜୀ ଓ ତାଙ୍କ ଦ୍ୱିତୀୟ କମାଣ୍ଡ୍ କେସା ସୋଧି ଉପସ୍ଥିତ ଥିବା ନେଇ ମଙ୍ଗଳବାର ଗୋଇନ୍ଦା ସୂଚନା ମିଳିବା ପରେ ସମ୍ପୃକ୍ତ ଅଞ୍ଚଳରେ ଏକ ବଡ଼ ଅପରେଶନ୍ ଆରମ୍ଭ ହୋଇଛି। ଅଧିକାରୀମାନେ କହିଛନ୍ତି, ଓଡ଼ିଶାରେ ଆତ୍ମଗୋପନ କରିଥିବା ରେଡ୍ଡୀଙ୍କୁ ଛାଡ଼ି ଅନ୍ୟ ସମସ୍ତ ବରିଷ୍ଠ କମାଣ୍ଡର ଏହି ଅଞ୍ଚଳରେ ସକ୍ରିୟ ରହିଛନ୍ତି। ସେମାନେ ସମସ୍ତେ ଆତ୍ମସମର୍ପଣ କରିବା ଅନୁଚିତ। ନଚେତ୍ ମାର୍ଚ୍ଚ ଶେଷ ସୁଦ୍ଧା ସେମାନଙ୍କୁ ନିପାତ କରାଯିବ ବୋଲି ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି। ଏହି ମାଓବାଦୀମାନଙ୍କୁ ଧରାଇଦେଲେ ୫ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ରାଶି ଦିଆଯିବ ବୋଲି ପୂର୍ବରୁ ଘୋଷଣା କରାଯାଇଛି। ସଙ୍ଗଠନରେ ବିଶୃଙ୍ଖଳା, ଉତ୍ପୀଡ଼ନ ଓ ବାହ୍ୟ ଚାପ ଯୋଗୁ ମାଓବାଦୀ କ୍ୟାଡରମାନେ ଆତ୍ମସମର୍ପଣ କରିବାରେ ଲାଗିଛି। ଯେଉଁମାନେ ଅସ୍ତ୍ରତ୍ୟାଗ କରୁନାହାନ୍ତି, ସେମାନଙ୍କୁ ଧରିବା ପାଇଁ ଯବାନମାନେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି।

ପ୍ରକାଶ ଯେ ଛତିଶଗଡ଼ର ବିଜାପୁର, ସୁକ୍‌ମା ଓ ନାରାୟଣପୁର ଜିଲାରେ ମାଓବାଦ ସୀମିତ ରହିଥିବା ନେଇ ୨୦୨୫ ଅକ୍ଟୋବରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ଲାଲବାହିନୀ ଦ୍ୱାରା ପ୍ରଭାବିତ ଜିଲା ସଂଖ୍ୟା ୧୮ରୁ ୧୧କୁ ଖସିଆସିଥିବା ମନ୍ତ୍ରଣାଳୟର ଏକ ବିବୃତିରେ ଦାବି କରାଯାଇଥିଲା। ତେଣୁ ନୂଆ ଆର୍ଥିକବର୍ଷ ଆରମ୍ଭ ହେବା ପୂର୍ବରୁ ଭାରତରୁ ମାଓବାଦର ମୂଳୋତ୍ପାଟନ କରିବା ଲକ୍ଷ୍ୟ ନେଇ ଯୁଦ୍ଧକାଳୀନ ଭିତ୍ତିରେ ଅପରେଶନ ଜାରି ରହିଛି। ବର୍ତ୍ତମାନ ଛତିଶଗଡ଼ର ବସ୍ତର ଡିଭିଜନ, ସୁକ୍‌ମା ଓ ବିଜାପୁର ଜିଲା ଏବଂ ଓଡ଼ିଶା-ଛତିଶଗଡ଼-ତେଲଙ୍ଗାନା ସୀମାନ୍ତ ଅଞ୍ଚଳରେ କୋମ୍ବିଂକୁ ଜୋର୍‌ଦାର କରାଯାଇଛି।

# ଗୁଣି ସନ୍ଦେହ: ମା'ଝିଅଙ୍କୁ ଜାଳିଦେଲେ ସମ୍ପର୍କୀୟ

**ରାଞ୍ଚି,୧୮।୨**

ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲା କାଲାଇୟା ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଜଣେ ୩୨ ବର୍ଷୀୟା ମହିଳା ଓ ତାଙ୍କ ୨ ମାସର ଝିଅଙ୍କୁ ସମ୍ପର୍କୀୟମାନେ ଜାଳି ହତ୍ୟା କରିଛନ୍ତି। ମଙ୍ଗଳବାର ରାତିରେ ଘଟିଥିବା ଏହି ଘଟଣାରେ ମହିଳାଙ୍କ ସ୍ୱାମୀ ବର୍ତ୍ତିଯାଇଥିଲେ ହେଁ ତାଙ୍କ ଶରୀରର ଅନେକ ଭାଗ ଜଳିଯାଇଛି। ୪୦ ବର୍ଷୀୟ କୋଲ୍‌ହାନ୍ ସିଙ୍କୁ କହିଛନ୍ତି, ତାଙ୍କ ସ୍ତ୍ରୀ ଜ୍ୟୋତି ଓ ସେମାନଙ୍କ ପିଲାମାନେ ଘରେ ଶୋଇଥିବାବେଳେ କେତେଜଣ ସମ୍ପର୍କୀୟ ବାହାରକୁ ଡାକିଥିଲେ। ପ୍ରାୟ ୧୨ ଜଣ ପୁରୁଷ ଓ ମହିଳାଙ୍କୁ ଦେଖି ଜ୍ୟୋତି ଭୟଭୀତ ହୋଇଯାଇଥିଲେ। ସେମାନେ ତାଙ୍କୁ ଡାହାଣୀ ଆଖ୍ୟା ଦେଇଥିଲେ। ଇତିମଧ୍ୟରେ କୋଲ୍‌ହାନ୍‌ଙ୍କ ପ୍ରଥମ ସ୍ତ୍ରୀ ମଧ୍ୟ ସେଠାରେ ପହଞ୍ଚିଥିଲେ। ସେ ଶାନ୍ତ ରହିବାକୁ ଅନୁରୋଧ କରିବାରୁ ସେମାନେ ସକାଳେ ପଞ୍ଚାୟତ ବୈଠକରେ ସମାଧାନ କରାଯିବ ବୋଲି କହିଥିଲେ। କେତେଜଣ ବ୍ୟକ୍ତି ପେଟ୍ରୋଲ ଆଣି ପରିବାର ଲୋକଙ୍କ ଉପରେ ଢାଳି ଦେଇ ନିଆଁ ଲଗାଇଦେଇଥିଲେ। ଏଥିରେ ଜ୍ୟୋତି ଓ ନବଜାତକ ଶିଶୁ ଘଟଣାସ୍ଥଳରେ ପ୍ରାଣ ହରାଇଥିବେଳେ କୋଲ୍‌ହାନ୍ ନିଜ ଦେହରୁ ପୋଷାକ କାଢ଼ି ବର୍ତ୍ତିଯିବାରେ ସକ୍ଷମ ହୋଇଥିଲେ। ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟମାନଙ୍କ ପରିଚୟ ସ୍ପଷ୍ଟ ସହ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ସ୍ଥାନୀୟ ଏସ୍‌ପି ଅମିତ୍ ରେଣୁ ସୂଚନା ଦେଇଛନ୍ତି।

# ଆମେରିକାର ଦାବିକୁ ରୁଷିଆର ପୁଣି ପ୍ରତ୍ୟାଖ୍ୟାନ

**ମସ୍କୋ,୧୮।୨**

ରୁଷିଆରୁ ଭାରତ ତେଲ କିଣିବା ପ୍ରସଙ୍ଗକୁ ନେଇ ଆମେରିକା ଯେଉଁ ଦାବି କରୁଛି ତାହାକୁ ରୁଷିଆ ପୁଣିଥରେ ପ୍ରତ୍ୟାଖ୍ୟାନ କରିଛି। ଭାରତ ରୁଷିଆରୁ ତେଲ କିଣିବା ବନ୍ଦ କରିବା ନେଇ ଏପର୍ଯ୍ୟନ୍ତ କୌଣସି ସୂଚନା ଦେଇ ନାହିଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପ୍ରବକ୍ତା ମାରିଆ ଜାକାରୋଭା କହିଛନ୍ତି। ଅନ୍ୟପକ୍ଷରେ ଭାରତ ରୁଷିଆଠାରୁ ତେଲ ନ କିଣିବା ପାଇଁ ସେଭଳି କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି। ଏହାପୂର୍ବରୁ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭାରୋଭ୍ ମଧ୍ୟ ସମାନ ଟିପ୍ପଣୀ ଦେଇସାରିଛନ୍ତି।

# ଏନ୍‌ସିସି କ୍ୟାଡେଟ୍‌ଙ୍କୁ ଟିଟିଇଙ୍କ ବଳାତ୍କାର ଉଦ୍ୟମ

**ଲକ୍ଷ୍ନୌ,୧୮।୨**

ଅହମଦାବାଦରୁ ଗୋରଖପୁର ଏକ୍ସପ୍ରେସ୍‌ରେ ଉତ୍ତରପ୍ରଦେଶର ଇନ୍ଦାରା ଓ ଦେଓରିଆ ମଧ୍ୟରେ ଜଣେ ମହିଳା ଏନ୍‌ସିସି କ୍ୟାଡେଟ୍‌ଙ୍କୁ ବଳାତ୍କାର ଉଦ୍ୟମ କରି ଜଣେ ଟିଟିଇ ଫେରାର ହୋଇଯାଇଛନ୍ତି। ମହିଳା ଏନ୍‌ସିସି କ୍ୟାଡେଟ୍ ଜଣକ ସେନାରେ ଭର୍ତ୍ତିହେବା ପାଇଁ ପରୀକ୍ଷା ଦେବାକୁ ଯାଉଥିଲେ। କିନ୍ତୁ ରାତିରେ ଉକ୍ତ ଟ୍ରେନରେ ଚେକିଂ ଦାୟିତ୍ୱରେ ଥିବା ଟିଟିଇ ରାହୁଲ କୁମାର ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। କ୍ୟାଡେଟ୍ ଜଣକ ରେଳପଥ ପୋଲିସ ନିକଟରେ ଅଭିଯୋଗ କରିବା ପରେ ରାହୁଲ କୁମାର ଫେରାର ହୋଇଯାଇଛନ୍ତି। ତାଙ୍କ ବିଷୟରେ ସୂଚନା ଦେଲେ ୧୦ ହଜାର ଟଙ୍କା ପୁରସ୍କାର ଦେବାକୁ ରେଳପଥ ପୋଲିସ ପକ୍ଷରୁ ଘୋଷଣା କରାଯାଇଛି।

# ସ୍ତ୍ରୀଙ୍କୁ ହତ୍ୟାକଲେ ଇସ୍ରୋ ଅବସରପ୍ରାପ୍ତ ଅଧିକାରୀ



ସନ୍ଧ୍ୟାଶ୍ରୀଙ୍କ ସହ ନାଗେଶ୍ୱର ରାଓ

**ବେଙ୍ଗାଲୁରୁ,୧୮।୨**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ)ରୁ ଅବସର ଗ୍ରହଣ କରିଥିବା ଜଣେ ୬୫ ବର୍ଷୀୟ ଅଧିକାରୀ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ନାଗେଶ୍ୱର ରାଓ ତାଙ୍କ ପରିବାର ସହ ବେଙ୍ଗାଲୁରୁରେ ରହୁଥିଲା ବେଳେ ବୁଧବାର ସେ ତାଙ୍କ ସ୍ତ୍ରୀ ସନ୍ଧ୍ୟାଶ୍ରୀଙ୍କ ବେକରେ ଏକ ଟାୱେଲ ବାନ୍ଧି ତାଙ୍କୁ ହତ୍ୟା କରିଛନ୍ତି ବୋଲି ବେଙ୍ଗାଲୁରୁର ଆଭାଲହାଲି ଥାନାଧିକାରୀ କହିଛନ୍ତି। ନାଗେଶ୍ୱର କିଛି ଦିନ ହେଲା ମାନସିକ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ। ସେ ସନ୍ଧ୍ୟାଙ୍କୁ ମାରିବା ପରେ ନିଜେ ଆତ୍ମହତ୍ୟା କରିବାକୁ ଚାହୁଁଥିଲେ ବୋଲି ପୋଲିସ କହିଛି।


**OFFICE OF THE SUPERINTENDING ENGINEER**
**RURAL WORKS DIVISION : SUNDARGARH**
E.Mail : rw_sundargarh@yahoo.co.in. Ph : 06622-272280 (off)

**2nd Corrigendum to Bid Identification No. Online-SESNG-23 of 2025-26**

**No.25001/196/2526** : In continuation to this office bid Identification No. : Online-SESNG-23 of 2025-26 invited vide this office notice no.118 dt.05.01.2026 is partial modified for the work TCN has been made as follows :-

| Sl. No. | | Time Schedule as per original TCN | Time Schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | 15.01.2026 at 11.00 A.M. to 27.01.2026 up to 06.00 P.M. | Extended up to 05.03.2026 up to 5.00 P.M. |
| 2 | Last date of seeking clarification | 22.01.2026 at 11.00 A.M. | Extended up to 02.03.2026 up to 11.00 A.M. |
| 3 | Date of Opening of Tender | 28.01.2026 at 10.00 A.M. | Extended up to 06.03.2026 at 10.00 A.M. |

All other terms & conditions remain unchanged.

Sd./- Executive Engineer
R.W.Division, Sundargarh

OIPR-25001/25046/1/25-26/0006

GOVT. OF ODISHA
DEPARTMENT OF WATER RESOURCES,
**OFFICE OF THE SUPERINTENDING ENGINEER,**
**RENGALI RIGHT CANAL DIVISION NO.III, KHUNTUNI, DHENKANAL**
Email Id : eekhuntuni@gmail.com

**'e' Procurement Notice**

**No.32001/105/2526** : The Superintending Engineer, Rengali Right Canal Division No.III, Khuntuni on behalf of the Governor of Odisha invites on line percentage rate bids in single cover system for execution of the work as detailed below : **1. Name of the work :** Shifting & Reconstruction of LT/HT line, Shifting/Heightening of connected HT line 11KV and LT line coming under alignment of DBC from RD 62907M to 65890M in village Suanri and Safa, **2. Tender Cost :** Rs.13,13,647.00, **3. Bid Document Cost :** Rs.6,000.00 (on line), **4. Bid Security/EMD :** Rs.13,200.00, **5. Class of Contractor :** Registered Electrical Contractor with HT License, **6. Period of Completion :** 02 Calendar months, 7. Other details are as follows :

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Rengali Right Canal Division No.III, Khuntuni, Dhenkanal | SERRCD-III-01/2025-26 | 19.02.2026 10.00 A.M. | 05.03.2026 5.30 P.M. | 06.03.2026 11.30 A.M. |

Further details can be seen from the e-procurement portal https://www.tendersodisha.gov.in. Any addendum/Corrigendum/ Cancellation to the above notice will be published in the Govt. website www.tendersodisha.gov.in.

Sd./- Superintending Engineer
Rengali Right Canal Division No.III, Khuntuni, Dhenkanal

OIPR-32001/32315/1/25-26/0001

**STATE POLLUTION CONTROL BOARD, ODISHA**
[DEPARTMENT OF FOREST, ENVIRONMENT & CLIMATE CHANGE, GOVERNMENT OF ODISHA]
Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012

No.2284/I-Estt.(A)17/2025 Dt.18.02.2026

**NOTICE**

**No.8001/88/2526** : It is for information of the Applicants that Written Test on CBT Mode pursuant to the Recruitment Advertisement No.835, Dt.20.01.2026 of SPC Board, Odisha will be held as per the programme mentioned below.

| Date of Examination | Name of the Post | Shift-I (9.00 A.M. to 10.30 A.M.) | Shift-2 (12.30 P.M. to 2.00 P.M.) | Shift-3 (4.00 P.M. to 5.30 P.M.) |
|---|---|---|---|---|
| (1) | (2) | (3) | (4) | (5) |
| 25.02.2026 | Asst. Section Officer | Shift-I | - | - |
| 26.02.2026 | Asst. Env. Scientist | Shift-I | - | - |
| 26.02.2026 | Jr. Accountant | - | Shift-2 | - |
| 26.02.2026 | Accountant | - | - | Shift-3 |
| 26.02.2026 | Sr.Scientific Assistant | - | - | Shift-3 |
| 27.02.2026 | Junior Assistant | Shift-I | - | - |
| 27.02.2026 | Asst. Env. Engineer | - | Shift-2 | - |
| 27.02.2026 | Jr. Lab. Assistant | - | - | Shift-3 |

The concerned candidates may download their Admit Card to be live w.e.f. 20.02.2026

OIPR-8001/8012/1/25-26/0014 Sd./- Member Secretary

**OFFICE OF THE REGISTRAR VIKRAM DEV UNIVERSITY**
NH-26, JEYPORE, DIST: KORAPUT,ODISHA, PIN - 764001
www.vikramdevuniversity.ac.in

No. 558 /VDU/2026 Date 17.02.2026

**RECRUITMENT NOTICE**

**No.11001/27/2526** : Vikram Dev University invites applications in both physical and online mode through **HIMS portal** from Indian citizens having eligibility as per the UGC Notification, New Delhi, dated 4th July 2018, for appointment to the posts of Assistant Professor/ Associate Professor/ Professor against regular sanctioned posts in the departments of Anthropology, Botany, Chemistry, Commerce, Economics, Education, English, Geography, Home Science, History, Mathematics, Odia, Philosophy, Physics, Political Science, Sociology, Statistics, Zoology of this University as directed vide Letter No. 5322/HE, Dated 31.01.2026 of Department of the Higher Education, Government of Odisha, Bhubaneswar. The online application form and department wise reservation details will be made available on the **University website** www.vikramdevuniversity.ac.in and **HIMS Portal** from 28.02.2026 onwards. For details of the terms and conditions, guidelines for applying etc. Please visit the University website.
Application open date: 28.02.2026
Application closing date: 31.03.2026
Closing Date for receipt of Printed copy of the application: 10.04.2026

Sd./- REGISTRAR,
Vikram Dev University, Jeypore

OIPR-11001/11133/1/25-26/0009

No.4001/32/2526

idco | ODISHA NEW OPPORTUNITIES

**OFFICE OF THE DIVISIONAL HEAD, WS & EC DIVISION-I, IDCO, IDCO TOWERS, BHUBANESWAR-751022**

Tender Call Notice No. WS & EC-I / D2-225 / 2025-26 / 383 Dated : 11.02.2026

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of the Work | Value of work (Approx.) | Period of Completion |
|---|---|---|---|
| 1. | Supply, Installation, Testing and Commissioning of online Continuous Effluent Quality Monitoring System (CEQMS) at CETP, Sea Food Park, Deras | ₹ 28.10 lakhs | 02 (Two) Calendar Months |

**1. Other details**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Divisional Head, WS & EC Division-I, IDCO, IDCO Towers, Bhubaneswar -751022 | Bid ID. no. WS & EC-I/EST/E-06/ 2025-26 | 16:00 Hours of dt.19.02.2026 | 16:00 Hours of dt.05.03.2026 |

**Further details can be seen from the e-procurement portal** www.tendersodisha.gov.in. Corrigendum or Addendum if any will not be published in newspapers and can only be seen in the e-procurement portal www.tenderodisha.gov.in as well as IDCO website www.idco.in.

Sd./- Divisional Head
WS&EC Divn.-I, IDCO, Bhubaneswar

OIPR-4001/4075/1/25-26/0012

ଓଡ଼ିଶା ସରକାର
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର**
**(ଜଳସମ୍ପଦ ସମ୍ପର୍କିତ ପ୍ରକଳ୍ପ)**
**ଅଧିସୂଚନା**

ପତ୍ର ସଂଖ୍ୟା: ୨୧ ତାରିଖ: ୨୦।୦୧।୨୦୨୬

No. 32001/102/2526: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବଲାଙ୍ଗୀର ଜିଲ୍ଲାର ଅପର ଲାନ୍ଥ ଜଳସେଚନ ପ୍ରକଳ୍ପର ଜଳ ଭଣ୍ଡାର ନିମନ୍ତେ ମୌଜା: ଚିଖିଲି, ଥାନା: ବେଲପଡ଼ା ନଂ. ୦୪, ତହସିଲ: ବେଲପଡ଼ା ନଂ. ୧୩୧, ଜିଲ୍ଲା: ବଲାଙ୍ଗୀରରେ ନିମ୍ନ ତଫସିଲମତେ ପ୍ରାୟ ଏ.୫.୦୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।
୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ, ବେଲପଡ଼ା, ବଲାଙ୍ଗୀର।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: ନିର୍ବାହୀ ଯନ୍ତ୍ରୀ, ଅପର ଲାନ୍ଥ ଜଳସେଚନ ବିଭାଜନ, ବେଲପଡ଼ା, ବଲାଙ୍ଗୀର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ: ଅପର ଲାନ୍ଥ ଜଳସେଚନ ଯୋଜନାର ଜଳ ଭଣ୍ଡାର ନିମନ୍ତେ ବିସ୍ଥାପନ କରିବା ଆବଶ୍ୟକ ହେଉଅଛି।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଉକ୍ତ ମୌଜା ପାଇଁ ପ୍ରଯୁଜ୍ୟ ନୁହେଁ।
୫. ଥଇଥାନ ଓ ପୁନର୍ବାସ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ସ୍ୱତନ୍ତ୍ର ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ, ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ, ବେଲପଡ଼ା, ବଲାଙ୍ଗୀର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବଲାଙ୍ଗୀର | ବେଲପଡ଼ା | ଚିଖିଲି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୫.୦୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ଅଧିକାରୀ, ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ, ବେଲପଡ଼ା, ବଲାଙ୍ଗୀରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବଲାଙ୍ଗୀର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।
ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଓ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ବଲାଙ୍ଗୀର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ବଲାଙ୍ଗୀର

**Mouza: Chikili, Thana No. 04, Thana Belpada, Tahsil: Belpada, Dist.: Balangir**
**PRIVATE LAND**

| କ୍ରମିକ ନଂ. | ଖତିୟାନର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 17 | ନୀଳାମ୍ବର ମହାକୁର, ପି.: ବିଦ୍ୟାଧର ମହାକୁର, ଜା: ଡୁମାଲ, ବା: ନିଜଗାଁ | 1 | ଆଟ ମାମୁଲି | 7.36 | 5 |
| | | | | | Total = | 5.00 |

This land schedule has been prepared based on the Certified ROR copies obtained from the Tahasildar, Belpada, vide his Letter No. 81, Dt.06.01.2025.

Sd./- Junior Engineer, Upper Lanth Irr. Sub-Div. No.-II, Belpada
Sd./- Assistant Executive Engineer, Upper Lanth Irr. Sub-Div. No.-II, Belpada
Sd./- Executive Engineer, Upper Lanth Irr. Division, Belpada
Sd./- Special Land Acquisition & Rehabilitation Officer, ULIP, Belpada

OIPR-32001/32557/3/25-26/0002

ଓଡ଼ିଶା ସରକାର
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଅଧିସୂଚନା**

No. RDM-LAA-MBJ-0015-2025-49129/R&DM Dated: 30 Dec. 2025

No. XXI-39: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ଚହଲାପଦା, ଥାନା: ବୈଶିଙ୍ଗା ନଂ. ୧୯୬, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୨.୯୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;
ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରିଛନ୍ତି।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।
ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ -

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ଚହଲାପଦା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୬.୧୦ | ଏ.୨.୯୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୪ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଉଳି ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂ-ଅର୍ଜନ ମାମଲା ସଂଖ୍ୟା - ୬୯/୨୦୨୩
ଏ.୨.୯୨ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେଶରୀ ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ**
**ମୌଜା: ଚହଲାପଦା, ଥାନା: ବୈଶିଙ୍ଗା ନଂ. - ୧୯୬, ତହସିଲ - ବେତନଟୀ, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 2 | 159 | 0.19 | 0.14 | ଆଶୁ | କାଳି ଚରଣ ମାହାନ୍ତ, ନାଥ ମାହାନ୍ତ, ପି.: ବାବୁରାମ ମାହାନ୍ତ, ଜା: କୁଡୁମି, ବା: କ୍ଷେତ୍ରପାଟଣା |
| | 138 | 0.15 | 0.10 | ଆଶୁ | |
| | 156 | 0.07 | 0.07 | ଆଶୁ | |
| 5 | 104 | 0.10 | 0.01 | ଶାରଦ ଏକ | ଗୋକୁଳା ମହାନ୍ତ, ପି.: ଲକ୍ଷ୍ମଣ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 10 | 163 | 0.29 | 0.29 | ଆଶୁ | ଜର୍ମାନ ମହାନ୍ତ, ଆସମାନ ମହାନ୍ତ, ସୀମାନ ମହାନ୍ତ, ପି.: ଭାଲୁକା ମହାନ୍ତ, ବିକଳ ମହାନ୍ତ, ପି.: ହୁରୁ ମହାନ୍ତ, ଜା: କୁଡୁମି, ବା: କ୍ଷେତ୍ରପାଟଣା |
| | 154 | 0.12 | 0.08 | ଆଶୁ | |
| 19 | 100 | 0.10 | 0.03 | ଆଶୁ | ନକୁଳ ମହାନ୍ତ, ପି.: ଲକ୍ଷ୍ମଣ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | 108 | 0.12 | 0.01 | ଆଶୁ | |
| 24 | 157 | 0.10 | 0.07 | ଆଶୁ | ପ୍ରସାଦ ମହାନ୍ତ, ହର ମୋହନ ମହାନ୍ତ, ଜଗ ମୋହନ ମହାନ୍ତ, ଗୌର ମୋହନ ମହାନ୍ତ, ଶଙ୍କର ମହାନ୍ତ, ସୁଲୋଚନା ମହାନ୍ତ, ପି.: ଦଶରଥ ମହାନ୍ତ, ରୋହିଣି ମହାନ୍ତ, ସହଚରି ମହାନ୍ତ, ପି.: କାନ୍ଦୁ ମହାନ୍ତ, ଜା: କୁଡୁମି, ବା: କ୍ଷେତ୍ର ପାଟଣା |
| 26 | 90 | 0.45 | 0.12 | ଆଶୁ | ପୁରସ୍ତମ ମହାନ୍ତ, ପି.: ଚନ୍ଦ୍ର ମୋହନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 29 | 106 | 0.07 | 0.03 | ଆଶୁ | ବିଶ୍ୱନାଥ ମହାନ୍ତ, ସୁଗ୍ରୀ ମହାନ୍ତ, ସରୁ ମହାନ୍ତ, ପି.: ମକୁରୁ ମହାନ୍ତ, ଲିଲି ମହାନ୍ତ, ସ୍ୱା.: ମକୁରୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 33 | 130 | 0.47 | 0.26 | ଆଶୁ | ରଇବୁ ମହାନ୍ତ, ସରାବନିଆ ମହାନ୍ତ, ପି.: କାର୍ତ୍ତିକ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 35 | 155 | 0.09 | 0.09 | ଆଶୁ | ରାମ ଚନ୍ଦ୍ର ମହାନ୍ତ, ପି.: ଆନନ୍ଦ ମହାନ୍ତ, ସାନନ୍ଦ ମହାନ୍ତ, ନନ୍ଦ ମହାନ୍ତ, ପି.: ନାଲୁ ମହାନ୍ତ, ଜା: କୁଡୁମି, ବା: କ୍ଷେତ୍ର ପାଟଣା |
| 37 | 136 | 0.70 | 0.42 | ଆଶୁ | ସର୍ବେଶ୍ୱର ମହାନ୍ତ, ଅମ୍ବିତା ମହାନ୍ତ, ସରଦି ମହାନ୍ତ, ସରଳା ମହାନ୍ତ, ପି.: ବିହାରି ମହାନ୍ତ, କୁନ୍ତା ମହାନ୍ତ, ସ୍ୱା.: ବିହାରି ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ରାଜା ରାମ ମହାନ୍ତ, ପି.: ରବି ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 43 | 177 | 0.56 | 0.04 | ଶାରଦ ତିନି | ଶରଦୁ ମହାନ୍ତ, ପରଶୁ ମହାନ୍ତ, ଉମେଶ ମହାନ୍ତ, ରାମ ମହାନ୍ତ, ପି.: ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 44 | 101 | 0.30 | 0.20 | ଆଶୁ | ସହଦେବ ମହାନ୍ତ, ପି.: ଲକ୍ଷ୍ମଣ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 46 | 137 | 0.09 | 0.09 | ଆଶୁ | ସୃଷ୍ଟିଧର ମହାନ୍ତ, ରାଜା ମହାନ୍ତ, ମନ୍ତ୍ରୀ ମହାନ୍ତ, ରୁଦୁନ ମହାନ୍ତ, ପି.: ବାୟା ମହାନ୍ତ, ସିପାହୀ ମହାନ୍ତ, ବଦନି ମହାନ୍ତ, ଚୁଡ଼ା ମହାନ୍ତ, ପି.: ନାଲୁ ମହାନ୍ତ, ସାହେବ ମହାନ୍ତ, ପି.: କେଦାର ମହାନ୍ତ, କେଶିରିଆ ମହାନ୍ତ, ସ୍ୱା.: କେଦାର ମହାନ୍ତ, ନାଚା ମହାନ୍ତ, ମଦନ ମହାନ୍ତ, ହରି ମହାନ୍ତ, ପି.: ସାନଚୁନା ରାମ ମହାନ୍ତ, ଜା: କୁଡୁମି, ବା: କ୍ଷେତ୍ରପାଟଣା |
| | 158 | 0.08 | 0.08 | ଆଶୁ | |
| | 160 | 0.07 | 0.07 | ଆଶୁ | |
| | 161 | 0.06 | 0.06 | ଆଶୁ | |
| | 162 | 0.11 | 0.11 | ଆଶୁ | |
| 47 | 165 | 0.35 | 0.10 | ଆଶୁ | ହାରାଧନ ମହାନ୍ତ, ଗଙ୍ଗାଧର ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, ପି.: ମୋହନ ମହାନ୍ତ, ଅମୃତା ମହାନ୍ତ, ସ୍ୱା.: ମକୁଳ ମହାନ୍ତ, ନକୁଳ ମହାନ୍ତ, ମଗଲା ମହାନ୍ତ, ପି.: ଗୋହି ରାମ ମହାନ୍ତ, ଜା: କୁଡୁମି ବା: କ୍ଷେତ୍ରପାଟଣା |
| 47/1 | 109/244 | 0.75 | 0.13 | ଶାରଦ ତିନି | ସନାତନ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ପି.: ଗଙ୍ଗାଧର ମହାନ୍ତ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | 107/247 | 0.04 | 0.04 | ଆଶୁ | |
| 47/9 | 105 | 0.05 | 0.05 | ଆଶୁ | ସନାତନ ମହାନ୍ତ, ପି.: ଗଙ୍ଗାଧର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 47/24 | 107 | 0.04 | 0.04 | ଆଶୁ | ରଘୁନାଥ ମହାନ୍ତ, ସଦାନନ୍ଦ ମହାନ୍ତ, ବାବାଜୀ ମହାନ୍ତ, ଆନନ୍ଦ ମହାନ୍ତ, ବିଦ୍ୟାଧର ମହାନ୍ତ, ଯଶୋଦା ମହାନ୍ତ, ପି.: ସନାତନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 47/30 | 109/262 | 0.52 | 0.15 | ଶାରଦ ତିନି | ସୁରେନ୍ଦ୍ର ମହାନ୍ତ, ପି.: ଗଙ୍ଗାଧର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| 38 | 116/224 | 0.06 | 0.04 | ଶାରଦ ତିନି | ସର୍ବେଶ୍ୱର ମହାନ୍ତ, ଅମ୍ବିତା ମହାନ୍ତ, ସରଦି ମହାନ୍ତ, ସରଳା ମହାନ୍ତ, ପି.: ବିହାରୀ ମହାନ୍ତ, କୁନ୍ତା ମହାନ୍ତ, ସ୍ୱା.: ବିହାରୀ ମହାନ୍ତ, ପୂର୍ଣ୍ଣ ମହାନ୍ତ, ରାଜା ମହାନ୍ତ, ପି.: ରବି ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ମୋଟ | ୧୦ ପ୍ଲଟକୁ | ଏ.୩.୩୫ ଡେ.ମି. | ଏ.୨.୯୨ ଡେ.ମି. | | |

Sd./- Amin, Deuli Zone
Sd./- Revenue Inspector, Deuli Zone
Sd./- Zone Officer-cum-L.A. Collector, S.I.P. Deuli Zone
Sd./- Spl. Land Acquisition Officer, S.I.P., Baripada

OIPR:

See Career Appointment on every Wednesday & Saturday

# ଭବାନୀପାଟଣା ସହରରେ ଫୁଟିଲା ଗୁଳି

## ଠିକାଦାରଙ୍କୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ କୋର୍ଟ ଚାଲାଣ

ଭବାନୀପାଟଣା,୧୮।୨
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରରୁ ବୁଧବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ଠିକାଦାରଙ୍କୁ ଟଙ୍କା ମାଗିବା ସହ ଜୀବନରୁ ମାରିଦେବାକୁ ଧମକଦେଇ ମୁଣ୍ଡରେ ପିସ୍ତଲ ଲଗାଇଥିଲେ ଦୁର୍ବୃତ୍ତ। ହେଲେ ସେଠାରେ ଥିବା ଜଣେ ଯୁବକ ଦୁର୍ବୃତ୍ତଙ୍କ ହାତ ଉଠାଇଦେବାରୁ ପିସ୍ତଲରୁ ଗୁଳି ବ୍ଲାଙ୍କ୍ ଫାୟାର ହୋଇଯାଇଥିଲା। ଫଳରେ ଅଳ୍ପକେ ବର୍ତ୍ତିଯାଇଥିଲେ ଠିକାଦାର। ଏହାକୁ ନେଇ ଠିକାଦାର ମନ୍ଦାର ବଗିଚାପଡ଼ାର ପ୍ରଦୀପ ନିଆଲ (୨୬) ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୬୪/୨୬) ରୁଜୁକରି ଘଟଣାରେ ସମ୍ପୃକ୍ତ ଭବାନୀପାଟଣା ସହର ଅରକାବାହାଲି ପଡ଼ାର ଝସ ଓରଫ ଯଶୋବନ୍ତ ନାଏକ (୪୦)ଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ୨ଟି ଦେଶୀ ପିସ୍ତଲ, ୪ ଜୀବନ୍ତ ଗୁଳି, ଗୋଟିଏ ମୋବାଇଲ ଫୋନ ଓ ସ୍କୁଟି ଜବତ କରାଯାଇଛି। ଏ ନେଇ ଭବାନୀପାଟଣାସ୍ଥିତ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ନାଗରାଜ ଦେବରକୋଣ୍ଡା ସୂଚନା ଦେଇଛନ୍ତି। ଏଥିସହ ଏସ୍‌ପି କହିଛନ୍ତି, ମଙ୍ଗଳବାର ରାତି ୧୧ଟାରେ ସହରର ଦୟାନିଧି ଛକଠାରେ ଠିକାଦାର ପ୍ରଦୀପ ଟେଣ୍ଡର କାର୍ଯ୍ୟ ପାଇ ଜେସିବି ସାହାଯ୍ୟରେ ମାଟି ଖୋଳୁଥିବାବେଳେ ଯଶୋବନ୍ତ ଘଟଣାସ୍ଥଳରେ ପହଞ୍ଚି ଏହି କାମକୁ ମୋ ବ୍ୟତୀତ କେହି କରିପାରିବେନାହିଁ ବୋଲି ତାଙ୍କୁ ଧମକ ଦେଇଥିଲେ। ଏହାସହ ତାଙ୍କୁ ଟଙ୍କା ମଧ ମାଗିଥିଲେ। ଏହି ସମୟରେ ଠିକାଦାର ପ୍ରଦୀପଙ୍କ ମୁଣ୍ଡରେ ପିସ୍ତଲ ଲଗାଇ ମାରିଦେବାକୁ ଉଦ୍ୟମ କରୁଥିବାବେଳେ ହଠାତ୍ ସେଠାରେ ଥିବା ଜଣେ ଯୁବକ ଯଶୋବନ୍ତଙ୍କ ହାତକୁ ଉପରକୁ ଉଠାଇଦେଇଥିଲେ। ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସହ ଟାଉନ ଥାନା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର ଉପସ୍ଥିତ ଥିଲେ।




ଜବତ ପିସ୍ତଲ । କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# ଶତ୍ରୁ ସାଜିଲେ ସାଙ୍ଗ, ହତ୍ୟା ଅଭିଯୋଗରେ ୨ ଗିରଫ

ମାଲକାନଗିରି,୧୮।୨ (ଦୁର୍ଯ୍ୟୋଧନ ପାତ୍ର)



ଗିରଫ ୨ ଅଭିଯୁକ୍ତ।

ଶତ୍ରୁ ସାଜିଲେ ସାଙ୍ଗ। ସାଙ୍ଗଙ୍କୁ ହତ୍ୟାକରି ତାଙ୍କ ସ୍ତ୍ରୀଙ୍କୁ କାବୁ କରିବେ ବୋଲି ଯୋଜନା କରି ଜଣେ ଯୁବକଙ୍କୁ ହତ୍ୟା କରିବା ଅଭିଯୋଗରେ ମାଲକାନଗିରି ପୋଲିସ ବୁଧବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏମ୍.ଭି. ୧୬ ଗ୍ରାମର ସମୀର ବୈଦ୍ୟ ଓ ଅଭିଜିତ ମଜୁମଦାର। ସମୀରଙ୍କୁ ତାଙ୍କ ଗ୍ରାମରୁ ଗିରଫ କରିଥିବା ବେଳେ ଅଭିଜିତଙ୍କୁ କୋଲକାତାରୁ ଗିରଫ କରି କୋର୍ଟଚାଲାଣ କରିଥିବା ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗତ ୪ ତାରିଖରେ ମାଲକାନଗିରି ଜିଲା ସଦର ବ୍ଲକ ଏମ୍.ଭି. ୧୬ ଗ୍ରାମର ଏକ ଗୋଦାନ ଗୃହ ନିକଟରୁ ପୋଲିସ ଉତ୍ତମ ବିଶ୍ୱାସ (୩୫) ନାମକ ଜଣେ ଯୁବକଙ୍କ ମୃତଦେହକୁ ଜବତ କରିଥିଲା। ତାଙ୍କୁ କେହି ହତ୍ୟା କରି ସେଠାରେ ଫିଙ୍ଗି ଦେଇଥିବା ମୃତକଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଘଟଣାର ତଦନ୍ତ କରି ମୃତକଙ୍କ ସାଙ୍ଗଙ୍କ ସହ ଅନ୍ୟ ଜଣେ ଯୁବକଙ୍କୁ ଗିରଫ କରିଛି। ପୋଲିସ କହିବା ଅନୁଯାୟୀ, ଉତ୍ତମ ଓ ସମୀର ଦୁହେଁ ସାଙ୍ଗ ଥିଲେ। ସମୀରଙ୍କର ତାଙ୍କ ସ୍ତ୍ରୀ ସହ କୌଣସି କାରଣରୁ ଗଣ୍ଡଗୋଳ ହେବାରୁ ଗତ ୬ ବର୍ଷ ହେବ ତାଙ୍କ ସ୍ତ୍ରୀ ଅନ୍ୟତ୍ର ରହୁଛନ୍ତି। ତେବେ ସମୀର ଏମ୍.ଭି. ୧୬ ଗ୍ରାମରେ ରହି ଉତ୍ତମଙ୍କ ସ୍ତ୍ରୀଙ୍କୁ ନିଜ ପ୍ରେମ ଜାଲରେ ଫସାଇବାକୁ ଚେଷ୍ଟାକରି ଆସୁଥିଲେ । ଏହି କ୍ରମରେ ଉତ୍ତମଙ୍କୁ ହତ୍ୟାକରି ତାଙ୍କ ସ୍ତ୍ରୀଙ୍କୁ କାବୁ କରିବେ ବୋଲି ଯୋଜନାକରି ନିକଟସ୍ଥ ଏମ୍.ଭି. ୧୭ ଗ୍ରାମର ଅଭିଜିତ ମଜୁମଦାରଙ୍କ ସହ ମିଶି ଉତ୍ତମକୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ହତ୍ୟାକାଣ୍ଡରେ ସହଯୋଗ କଲେ ଅଭିଜିତଙ୍କୁ ୪୦ ହଜାର ଟଙ୍କା ଦେବେ ବୋଲି ସମୀର ପ୍ରତିଶ୍ରୁତି ଦେଇଥିଲେ। ଫେବୃଆରୀ ୪ ତାରିଖ ରାତିରେ ସମୀର ଫୋନ୍ କରି ମଦ୍ୟପାନ କରିବା ପାଇଁ ଉତ୍ତମଙ୍କୁ ନିକଟସ୍ଥ ଜଙ୍ଗଲକୁ ଡାକିଥିଲେ । ସେଠାରେ ଉତ୍ତମ ପହଞ୍ଚିଲା ପରେ ୩ ଜଣ ମିଶି ମଦ୍ୟପାନ କରୁଥିବା ସମୟରେ ଅଭିଜିତ ଏକ ଧାରୁଆ ଅସ୍ତ୍ରରେ ଉତ୍ତମଙ୍କୁ ବାରମ୍ବାର ଆଘାତ କରି ହତ୍ୟା କରିଥିଲେ। ପରେ ଉତ୍ତମଙ୍କ ଚପଲ ଓ ମୋବାଇଲକୁ ଜଙ୍ଗଲ ମଧ୍ୟରେ ଫୋପାଡି ଦେଇଥିଲେ । ତେବେ ପୋଲିସ ଉତ୍ତମଙ୍କ ମୋବାଇଲକୁ ଜବତକରି ମୋବାଇଲ ତଥ୍ୟ ଆଧାରରେ ୨ ଜଣଙ୍କୁ ଗିରଫ କରିଥିଲା।

# ବଲାଙ୍ଗୀରରେ ସେକ୍ସ ରାକେଟ୍ ଠାବ

ବଲାଙ୍ଗୀର,୧୮।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରରେ ଏକ ସେକ୍ସ ରାକେଟ୍ ଠାବ ହୋଇଛି । ସ୍ଥାନୀୟ ସୁଦପଡା ଗ୍ୟାସ୍ ଗୋଦାମ ଗଳି ରେଲୱେ ଫାଟକ ପାଖ ଏକ ଘରେ ଦୀର୍ଘଦିନ ହେଲା ସେକ୍ସ ରାକେଟ୍ ଚାଲିଥିବା ଖବର ପାଇବା ପରେ ବୁଧବାର ସନ୍ଧ୍ୟାରେ ଟାଉନ ଥାନା ପୋଲିସ ଅତର୍କିତ ଚଢ଼ାଉ କରିଥିଲା । ପୋଲିସ ଉକ୍ତ ଘରୁ ୨ ଜଣ ଯୁବତୀ, ୩ ଜଣ ଗ୍ରାହକ, ଜଣେ ଦଲାଲଙ୍କ ସମେତ ଘର ମାଲିକାଣୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଟକ ଦୁଇ ଯୁବତୀଙ୍କ ମଧ୍ୟରୁ ଜଣେ ପଶ୍ଚିମବଙ୍ଗ, ଅନ୍ୟ ଜଣେ ଅନୁଗୋଳ ଅଞ୍ଚଳର ବୋଲି ଜଣାପଡ଼ିଥିବାବେଳେ ଅଟକ ୩ ଗ୍ରାହକ ବଲାଙ୍ଗୀର, ଲୋଇସିଂହା ଏବଂ ପୁଇଁତଲା ଅଞ୍ଚଳର ବୋଲି ଜଣାପଡିଛି। ଘର ମାଲିକାଣୀ ଏଠାରେ ସେକ୍ସ ରାକେଟ୍ ଚଲାଇଥିବା ଅଭିଯୋଗ ହୋଇଛି।

# ୫ କୋଟିରୁ ଊର୍ଦ୍ଧ୍ୱ ସାଇବର ଠକେଇ: ୧୫ ଗିରଫ

ଝାରସୁଗୁଡ଼ା, ୧୮।୨(ଆଶିଷ ରଞ୍ଜନ ଦାଶ)

ସାଇବର କବଚ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଝାରସୁଗୁଡ଼ା ପୋଲିସ ୫ଟି ବଡ଼ ଧରଣର ସାଇବର ଠକେଇ ଘଟଣାରେ ୧୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ବିଭିନ୍ନ ବ୍ୟାଙ୍କର ପାସ୍‌ବୁକ୍, ଏଟିଏମ୍ କାର୍ଡ ଓ ମୋବାଇଲ ଫୋନ୍ ଜବତ କରାଯାଇଛି ବୋଲି ବୁଧବାର ସନ୍ଧ୍ୟାରେ ଝାରସୁଗୁଡ଼ା ଟାଉନ୍ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ନ୍ୟାଶନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ(ଏନ୍‌ସିଆର୍‌ପି)ରୁ ମିଳିଥିବା ମ୍ୟୁଲ୍ ଆକାଉଣ୍ଟ, ଚେକ୍ ଏବଂ ଏଟିଏମ୍ କାର୍ଡ ସମ୍ପର୍କିତ ତଥ୍ୟକୁ ଏକ ଟିମ୍ ଯାଞ୍ଚ କରିଥିଲା। ଯାଞ୍ଚବେଳେ ବଡ଼ଧରଣର ସାଇବର ଠକେଇ ହୋଇଥିବା ଜଣାପଡିଥିଲା। ଡିଜିଟାଲ ଟ୍ରାକିଂ କରାଯାଇ ଝାରସୁଗୁଡ଼ା ଜିଲାର ବିଭିନ୍ନ ଅଞ୍ଚଳରୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ସାଇବର ଠକେଇ ସମ୍ପର୍କରେ ଝାରସୁଗୁଡ଼ା ଥାନାରେ ହୋଇଥିବା ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୮୬/୨୬) ରୁଜୁ କରିଥିଲା। ଏହି ଘଟଣାରେ ଧୀରଜ କୁମାର ସାହ, ଅମନ୍ ବେହେରା, ସୁମିତ୍ ସାହ, ଚନ୍ଦନ ଦାସ, ଚିନ୍ନୁ ଯାଦବ ଓ ରୋଶନ ଗିରିଙ୍କୁ ଗିରଫ କରାଯାଇଛି। ଏମାନଙ୍କ ନିକଟରୁ ୧୩ଟି ପାସ୍‌ବୁକ୍, ୮ଟି ଏଟିଏମ୍ କାର୍ଡ ଓ ୬ଟି ମୋବାଇଲ ଫୋନ ଜବତ କରାଯାଇଛି। ସେହିପରି ସାଇବର ଠକେଇ ସମ୍ପର୍କରେ ଝାରସୁଗୁଡ଼ା ସଦର ଥାନାରେ ହୋଇଥିବା ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୯୧/୨୬) ରୁଜୁ କରିଥିଲା। ଏହି ଘଟଣାରେ ଅଭିଯୁକ୍ତ ମହମ୍ମଦ ଅଖ୍ତର୍, ବିଶାଲ୍ ସିଂ, ଫୈଜାନ କ୍ୟୁରେଶି, ବିବେକ ଦୀପଙ୍କୁ ଗିରଫ କରାଯାଇଛି। ସାଇବର ଠକେଇ ସମ୍ପର୍କରେ ଝାରସୁଗୁଡ଼ା ବିମାନବନ୍ଦର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୩/୨୬) ରୁଜୁ କରିଥିଲା। ଏଥିରେ କରୁଣାକର ସିଂଙ୍କୁ ଗିରଫ କରାଯାଇଛି। କରୁଣାକରଙ୍କ ଦ୍ୱାରା ବିଭିନ୍ନ ବ୍ୟାଙ୍କରେ ୩ କୋଟିରୁ ଅଧିକ ଟଙ୍କାର କାରବାର ହୋଇଥିବା ଜଣାପଡିଛି। ସେହିପରି ବଡ଼ମାଲ ଥାନାରେ ହୋଇଥିବା ସାଇବର ଠକେଇ ମାମଲାରେ ପୋଲିସ ଏକ ମାମଲା(ନଂ. ୬୨/୨୬) ରୁଜୁ କରିଥିଲା। ଏଥିରେ ଅଭିଷେକ ତିୱାରୀ ଓ ଅବିନାଶ ତିୱାରୀଙ୍କୁ ଗିରଫ କରାଯାଇଛି। ବେଲପାହାଡ଼ ଥାନାରେ ସାଇବର ଠକେଇ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୯/୨୬) ରୁଜୁ କରିଥିଲା। ଏହି ଘଟଣାରେ ସନ୍ଦିଗ୍ଧ ଅଭିଯୁକ୍ତ ମ୍ୟୁଲ ଆକାଉଣ୍ଟ ପରିଚାଳନା ଏବଂ ଅର୍ଥ ଆତ୍ମସାତ କରିବା ଅଭିଯୋଗରେ ୫ ଜଣଙ୍କୁ ପୋଲିସ ନୋଟିସ୍ କରିଛି। ସେହିପରି ଲଖନପୁର ଥାନାରେ ସାଇବର ଠକେଇ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୫୨/୨୬) ରୁଜୁ କରିଥିଲା। ଏହି ଘଟଣାରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଗରଦପୁର ଅଞ୍ଚଳର ମଧୁସୂଦନ ସ୍ୱାଇଁ ଓ ଝାରସୁଗୁଡ଼ା ଜିଲା ଲଖନପୁର ଅଞ୍ଚଳର ଗୋକୁଳାନନ୍ଦ ବଗାରଙ୍କୁ ଗିରଫ କରାଯାଇଛି। ମୋଟାମୋଟି ଭାବେ ପ୍ରାୟ ୫କୋଟି ୨୭ ଲକ୍ଷ ୪ ହଜାର ୭୭୩ ଟଙ୍କାର ସାଇବର ଠକେଇ ହୋଇଥିବା ଜଣାପଡିଛି। ଅଭିଯୁକ୍ତମାନେ ସାଧାରଣ ଲୋକଙ୍କୁ ପ୍ରଲୋଭିତ କରି ତାଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲାଇଥିଲେ। ପରେ ସେମାନେ ପାସ୍‌ବୁକ୍, ଏଟିଏମ୍ କାର୍ଡ ଓ ସିମ୍‌କାର୍ଡ ନିଜ ହେପାଜତକୁ ନେଇ ଟଙ୍କା ଠକେଇ କରୁଥିଲେ ବୋଲି ଏସ୍‌ପି କହିଛନ୍ତି।

# ଝିଅପୁଅଙ୍କୁ ଛାଡ଼ି ଯୁବକଙ୍କ ସାଙ୍ଗରେ ମହିଳା ଫେରାର

ବଲଙ୍ଗା,୧୮।୨(କେଦାରେଶ୍ୱର ନନ୍ଦ)

ପ୍ରେମ ଆଗରେ ପିଲାଛୁଆଙ୍କୁ ତୁଚ୍ଛ କରିଦେଲେ ମହିଳା। ନିଜ ବୟସଠାରୁ କମ୍ ବୟସର ଯୁବକଙ୍କ ସାଙ୍ଗରେ ମାରିଲେ ଚମ୍ପଟ। ଶେଷରେ ଉଭୟ ଥାନାରେ ଉପସ୍ଥିତ ହୋଇ ପରସ୍ପରକୁ ଜୀବନସାଥୀ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଭଳି ଏକ ଘଟଣା ବଲଙ୍ଗା ଥାନା ଅଞ୍ଚଳରେ ଘଟିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାଯୋଗ୍ୟ, ମହିଳାଙ୍କ ସ୍ୱାମୀ ଓ ଗୋଟିଏ ଝିଅ, ପୁଅ ରହିଛନ୍ତି। ସ୍ୱାମୀଙ୍କ ଅନୁପସ୍ଥିତିରେ ମହିଳା ଜଣଙ୍କର ଉକ୍ତ ଗ୍ରାମର ଜଣେ ଯୁବକଙ୍କ ସହ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଗତ ୨ବର୍ଷ ତଳେ ଯୁବକ ଜଣଙ୍କ ମହିଳାଙ୍କ ଘରେ ପଶିଥିବା ନେଇ ସ୍ୱାମୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲା ସତ୍ତ୍ୱେ ଯୁବକଜଣଙ୍କ ମହିଳାଙ୍କ ସହ ସମ୍ପର୍କ ରଖିଥିଲେ। ଗତ ୨ଦିନ ତଳେ ଯୁବକ ଜଣଙ୍କ ମହିଳାଙ୍କୁ ନେଇ ଫେରାର ହୋଇଯାଇଥିବା ସ୍ୱାମୀ ବୁଧବାର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

## Business

# ଏଆଇ ଦାୟିତ୍ୱବୋଧ ସଂକଳ୍ପରେ ଭାରତର ବିଶ୍ୱ ରେକର୍ଡ

**୨,୫୦,୯୪୬ ବୈଧ ଶପଥ ଗ୍ରହଣ**

ଭୁବନେଶ୍ୱର,୧୮।୨(ଅନୁରାଧା ମହାରଣା)

ଦାୟିତ୍ୱପୂର୍ଣ୍ଣ ଭାବେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)କୁ ବ୍ୟବହାରକରିବା ପାଇଁ ଭାରତ ସଂକଳ୍ପ ନେଇଛି। ଏହା କୌଣସି ସାଧାରଣ ଘଟଣା ନୁହେଁ ବରଂ ସାରା ବିଶ୍ୱରେ ଏଥିଲାଗି ଭାରତ ଏକ କୀର୍ତ୍ତିମାନ ସ୍ଥାପନ କରିଛି। ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମରେ ଚାଲିଥିବା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬'ରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କହିଛନ୍ତି, ୨୪ ଘଣ୍ଟା ମଧ୍ୟରେ ଏକ ଏଆଇ ଦାୟିତ୍ୱବୋଧ ଅଭିଯାନ ପାଇଁ ସର୍ବାଧିକ ଶପଥ ଗ୍ରହଣ କ୍ଷେତ୍ରରେ ଭାରତ ସଫଳତାର ସହ ଗିନିଜ ୱାର୍ଲ୍ଡ ରେକର୍ଡ ଟାଇଟଲ ହାସଲ କରିଛି।



ଅଶ୍ୱିନୀ ବୈଷ୍ଣବ

ଫେବୃଆରୀ ୧୬ ଓ ୧୭ ମଧ୍ୟରେ ଏହି ୨୪ ଘଣ୍ଟା ମଧ୍ୟରେ ମୋଟ ୨,୫୦,୯୪୬ଟି ବୈଧ ଶପଥ ଗ୍ରହଣ କରାଯାଇଛି। ଏହି ସମୟରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ସଚିବ ଏସ୍. କୃଷ୍ଣନ, ଇଣ୍ଡିଆ ଏଆଇ ମିଶନର ସିଇଓ ତଥା ଏନ୍‌ଆଇସିର ମହାନିର୍ଦ୍ଦେଶକ ଅଭିଷେକ ସିଂ, ଇଣ୍ଡିଆ ଏଆଇର ସିଓଓ କବିତା ଭାଟିଆ, ଇଣ୍ଟେଲର ସେଣ୍ଟ୍ରାଲ ଇଞ୍ଜିନିୟରିଂ ଗ୍ରୁପ୍‌ର ଏସ୍‌ଭିପି ତଥା ଜିଏମ୍ ଶ୍ରୀନିବାସନ ଆୟଙ୍ଗର ପ୍ରମୁଖ ଉପସ୍ଥିତ ଥିଲେ। ଗିନିଜ ୱାର୍ଲ୍ଡ ରେକର୍ଡ୍ସର ବିଚାରକ ପ୍ରବୀଣ ପଟେଲ ଏହି ସଫଳତାର ଆଧିକାରିକ ଯାଞ୍ଚ କରିଥିଲେ। ଫେବୃଆରୀ ୧୬ରେ ଇଣ୍ଟେଲ ଇଣ୍ଡିଆ ସହଯୋଗରେ ଇଣ୍ଡିଆ ଏଆଇ ମିଶନ ଅଧୀନରେ ଏହି ଉଦ୍ୟମ ଆରମ୍ଭ ହୋଇଥିଲା। ଏହି ଦେଶବ୍ୟାପୀ ଏଆଇ ଦାୟିତ୍ୱବୋଧ ଶପଥ ଅଭିଯାନ ପାଇଁ ଏକ ଉତ୍ସର୍ଗୀକୃତ ପୋର୍ଟାଲ ai-pledge.indiaai.gov.in ବ୍ୟବହାର କରାଯାଇଥିଲା। ଏହା ମାଧ୍ୟମରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ନୈତିକ, ଅନ୍ତର୍ଭୁକ୍ତୀକରଣ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ପାଇଁ ପ୍ରତିବଦ୍ଧ ହେବାକୁ ଦେଶର ନାଗରିକମାନଙ୍କୁ ଏକତ୍ରିତ କରିବାକୁ ଉଦ୍ୟମ କରାଯାଇଥିଲା। ଏହି ପଦକ୍ଷେପ ସିଦ୍ଧାନ୍ତ ଆଧାରିତ ପ୍ରଶ୍ନ ମାଧ୍ୟମରେ ଡାଟା ଗୋପନୀୟତା, ଉତ୍ତରଦାୟିତ୍ୱ, ସ୍ୱଚ୍ଛତା ଏବଂ ଭୁଲ୍ ସୂଚନା ବିରୋଧରେ ଲଢ଼େଇ ଭଳି ପ୍ରମୁଖ ନୀତିଗୁଡିକ ଉପରେ ଚିନ୍ତା କରିବାକୁ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲା। ଏହି ସଂକଳ୍ପ ଦ୍ୱାରା ଏକ ବିଶ୍ୱାସଯୋଗ୍ୟ ଏବଂ ମାନବ-କୈନ୍ଦ୍ରିକ ଏଆଇ ବାତାବରଣ ଗଠନ ପାଇଁ ଭାରତର ସଂକଳ୍ପ ସୁଦୃଢ଼ ହୋଇଛି। ଶପଥ ପୂରଣ କରିଥିବା ଅଂଶଗ୍ରହଣକାରୀମାନଙ୍କୁ ଏକ ଡିଜିଟାଲ ବ୍ୟାଜ୍ ଏବଂ ଏଆଇ ଶିକ୍ଷା ପାଇଁ ସୁବିଧା ପ୍ରଦାନ କରାଯାଇଛି। ଏହି ଶପଥ ନେଇଥିବା ୨,୫୦,୦୦୦ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସ୍ୱତନ୍ତ୍ର କରତାଳି ପାଇଁ ସେ ଉପସ୍ଥିତ ଜନତାଙ୍କୁ ଅନୁରୋଧ କରିଥିଲେ। 'ଦେଶ ପାଇଁ ଏହା ପ୍ରକୃତରେ ଏକ ଗର୍ବର ଦିନ। ରାଷ୍ଟ୍ର ଏହି ଦିଗରେ ଆଗକୁ ବଢ଼ିବା ଉଚିତ' – ଏପରି ଏକ ଭବିଷ୍ୟତ ଯେଉଁଠାରେ ଏଆଇକୁ ଦାୟିତ୍ୱବୋଧର ସହ ଆପଣାଯିବ ବୋଲି ସେ କହିଛନ୍ତି। ପ୍ରାରମ୍ଭିକ ଭାବେ ଏଥିଲାଗି ମାତ୍ର ୫,୦୦୦ ଶପଥ ପାଇଁ ଲକ୍ଷ୍ୟ ରଖାଯାଇଥିଲା।

# ଓଡ଼ିଶାରେ ୩୮.୭୪ ଲକ୍ଷଙ୍କୁ ପ୍ରଭାବିତ କରିଛି ଏଚ୍‌ଡିଏଫ୍‌ସି 'ପରିବର୍ତ୍ତନ'

ଭୁବନେଶ୍ୱର,୧୮।୨(ଅନୁରାଧା ମହାରଣା)

ଭାରତର ସର୍ବବୃହତ୍ ଘରୋଇ କ୍ଷେତ୍ର ବ୍ୟାଙ୍କ ଏଚ୍‌ଡିଏଫ୍‌ସି ତାହାର ସିଏସ୍‌ଆର୍ ଶାଖା 'ପରିବର୍ତ୍ତନ' ଜରିଆରେ ଓଡ଼ିଶାରେ ୩୮.୭୪ଲକ୍ଷରୁ ଅଧିକ ଜୀବନ ଉପରେ ସକାରାତ୍ମକ ପ୍ରଭାବ ପକାଇଛି। ରାଜ୍ୟରେ ବ୍ୟାଙ୍କ ୨୦୧୭ରୁ ସକ୍ରିୟ ରହିଛି ଏବଂ ଓଡ଼ିଶାର ୭ଟି ଆକାଂକ୍ଷୀ ଜିଲା ଏବଂ ୬ଟି ଆକାଂକ୍ଷୀ ବ୍ଲକ୍ ସମେତ ୨୨ଟି ଜିଲାରେ ଏହା ସେବା ଯୋଗାଉଛି । ଏଚ୍‌ଡିଏଫ୍‌ସି ବ୍ୟାଙ୍କର ସିଏସ୍‌ଆର୍ ମୁଖ୍ୟ ନୁସ୍‌ରତ ପଠାନ ଏହି ସୂଚନା ଦେଇଛନ୍ତି। ବୁଧବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନୁସ୍‌ରତ କହିଛନ୍ତି, ଓଡ଼ିଶାରେ ଗ୍ରାମାଞ୍ଚଳ ବିକାଶ, ଶିକ୍ଷାକୁ ପ୍ରୋତ୍ସାହନ ଏବଂ ଦକ୍ଷତା ତାଲିମ ଓ ଜୀବିକା ପରିବର୍ତ୍ତନ ସର୍ବାଧିକ ପ୍ରଭାବ ପକାଇଛି । ବ୍ୟାଙ୍କ ଓଡ଼ିଶାର ବଲାଙ୍ଗୀର, ଢେଙ୍କାନାଳ, କନ୍ଧମାଳ,କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର ଏବଂ ରାୟଗଡ଼ା ଆଦି ୭ଟି ଆକାଂକ୍ଷୀ ଜିଲାରେ ସଫଳତାର ସହ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରିଛି। ଅଗ୍ରଣୀ ସାମଗ୍ରିକ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଉପରୋକ୍ତ ସମସ୍ତ ୬ଟି ଅଗ୍ରାଧିକାର କ୍ଷେତ୍ରରେ ସମନ୍ୱିତ ପ୍ରୟାସ ଉପରେ ଦୃଷ୍ଟିନିବଦ୍ଧ କରୁଥିବାବେଳେ ତାହା ବଲାଙ୍ଗୀର, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ପୁରୀ ଓ ରାୟଗଡ଼ା ସମେତ ଜିଲାଗୁଡିକର ୨୩୦ରୁ ଅଧିକ ଗ୍ରାମରେ ସକାରାତ୍ମକ ପ୍ରଭାବ ପକାଇଛି । ନୁସ୍‌ରତ ଆହୁରି କହିଛନ୍ତି, ବ୍ୟାଙ୍କ ଭାରତରେ ୨୦୨୫ ମାର୍ଚ୍ଚ ସୁଦ୍ଧା ଶେଷ ହୋଇଥିବା ଆର୍ଥିକ ବର୍ଷରେ ଅନ୍ୟତମ ଶୀର୍ଷ ସିଏସ୍‌ଆର୍ ବ୍ୟୟକାରୀ ରହିଥିଲା। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ବ୍ୟାଙ୍କ ରାଷ୍ଟ୍ରବ୍ୟାପୀ ସିଏସ୍‌ଆର୍ ପ୍ରୟାସଗୁଡ଼ିକରେ ୧୦୬୮ କୋଟି ଟଙ୍କା ବ୍ୟୟ କରିଛି । ଏହା ସମଗ୍ର ଦେଶରେ ୧୦.୫୬ କୋଟି ଲୋକ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛି। ଓଡ଼ିଶାରେ ୭୩,୬୧୦ରୁ ଅଧିକ କୃଷକଙ୍କୁ ପରିବେଶ ଅନୁକୂଳ କାର୍ଯ୍ୟାଭାସରେ ତାଲିମ ଦିଆଯାଉଛି। ଶିକ୍ଷାକ୍ଷେତ୍ରକୁ ପ୍ରୋତ୍ସାହନ ପାଇଁ ୧୨୦ରୁ ଅଧିକ ସ୍କୁଲରେ ଡିଜିଟାଲ କ୍ଲାସ୍‌ରୁମ୍ ଓ ଆଧୁନିକ ଶିକ୍ଷାବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ୩୦ ହଜାରରୁ ଅଧିକ ବିଦ୍ୟାର୍ଥୀ ଉପକୃତ ହେଉଛନ୍ତି। ଆର୍ଥିକ ଅନଗ୍ରସର ୬୪୭ ଛାତ୍ରୀଛାତ୍ରଙ୍କୁ ଇସିଏସ୍‌ଏସ୍ ବୃତ୍ତି କାର୍ଯ୍ୟକ୍ରମ ଅଧୀନରେ ବୃତ୍ତି ପ୍ରଦାନ କରାଯାଇଛି। ୧୨୨ରୁ ଅଧିକ ଗ୍ରାମରେ ସ୍ୱାସ୍ଥ୍ୟସେବା ଓ ମୌଳିକ ଭିତ୍ତିଭୂମିର ସୁଯୋଗ ଯୋଗାଇଦିଆଯାଇଛି। ୧୫,୩୪୫ରୁ ଅଧିକ ଲୋକଙ୍କୁ ଉଦ୍ୟୋଗ ପାଇଁ ସମର୍ଥନ କରାଯାଇଛି। ୪ଟି ଜିଲାରେ ପ୍ରୋଜେକ୍ଟ ସ୍ତ୍ରୀ ମାଧ୍ୟମରେ ମହିଳା ସଶକ୍ତୀକରଣ କରାଯାଉଛି। ଷ୍ଟାର୍ଟଅପ୍ ପରିସଂସ୍ଥାନକୁ ମଧ ସମର୍ଥନ ଦିଆଯାଉଛି।



ନୁସ୍‌ରତ ପଠାନ

# ଉତ୍ତରାଖଣ୍ଡରେ ସୌର ଶକ୍ତି କ୍ଷମତା ୧ ଗିଗାୱାଟ୍‌କୁ ବୃଦ୍ଧି

ଭୁବନେଶ୍ୱର,୧୮।୨

ଉତ୍ତରାଖଣ୍ଡରେ ସ୍ଥାପିତ ସୌର ଶକ୍ତି କ୍ଷମତା ୧ ଗିଗାୱାଟ୍ (୧୦୦୦ ମେଗାୱାଟ)କୁ ଅତିକ୍ରମ କରିଛି। ରାଜ୍ୟର ମୋଟ ସ୍ଥାପିତ ସୌର କ୍ଷମତା ପ୍ରାୟ ୧୦୨୭.୮୭ ମେଗାୱାଟ୍ ପର୍ଯ୍ୟନ୍ତ ପହଞ୍ଚିଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି , କେନ୍ଦ୍ର ସରକାରଙ୍କ ଯୋଜନା ଓ ରାଜ୍ୟର ସକ୍ରିୟ ଉଦ୍ୟମର ସମନ୍ୱୟରେ ହଜାର ହଜାର ଯୁବକ ଓ ସ୍ଥାନୀୟ ଉଦ୍ୟମୀମାନେ ନୂତନ ସ୍ୱୟଂ ନିଯୁକ୍ତିର ସୁଯୋଗ ପାଇଛନ୍ତି। ରାଜ୍ୟରେ ମୋଟ ସ୍ଥାପିତ ସୌର କ୍ଷମତାରେ ପ୍ରାୟ ୩୯୭ ମେଗାୱାଟ ଭୂମି-ଆଧାରିତ ପ୍ରକଳ୍ପରୁ, ୨୪୧ ମେଗାୱାଟ ଛାତ ସୌର (ପିଏମ୍ ସୂର୍ଯ୍ୟଘର), ୧୩୭ ମେଗାୱାଟ ମୁଖ୍ୟମନ୍ତ୍ରୀ ସୌର ସ୍ୱୟଂ ନିଯୁକ୍ତି ଯୋଜନା ଅଧୀନରେ, ୧୧୦ ମେଗାୱାଟ ବାଣିଜ୍ୟିକ ନେଟ୍ ମିଟରିଂରୁ, ୫୧ ମେଗାୱାଟ କ୍ୟାପ୍‌ଟିଭ ସୌର ପ୍ଲାଣ୍ଟରୁ, ୩୭ ମେଗାୱାଟ କେନାଲ-ଟପ୍ ଓ କେନାଲ-ବ୍ୟାଙ୍କ ପ୍ରକଳ୍ପରୁ ଏବଂ ୨୬ ମେଗାୱାଟ୍ ସରକାରୀ ଭବନରେ ସ୍ଥାପିତ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ସୌର ସ୍ୱୟଂ ନିଯୁକ୍ତି ଯୋଜନା ଅଧୀନରେ ୧୦୦ ମେଗାୱାଟ୍‌ରୁ ଅଧିକ, କ୍ୟାପ୍‌ଟିଭ ସୌରରେ ୩୦ ମେଗାୱାଟ ଏବଂ ସରକାରୀ ଭବନରେ ୧୩.୫ ମେଗାୱାଟ ସ୍ଥାପନ ଚାଲିଛି। ଏହି ଐତିହାସିକ ଉପଲବ୍ଧିରେ ଉତ୍ତରାଖଣ୍ଡ ନବୀକରଣଯୋଗ୍ୟ ଊର୍ଜା ବିକାଶ ଏଜେନ୍ସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଏଜେନ୍ସି ରାଜ୍ୟବ୍ୟାପୀ ସୌର ପ୍ରକଳ୍ପ କାର୍ଯ୍ୟକାରୀ କରିବା, ଜନସଚେତନତା ବଢ଼ାଇବା, ଟେକ୍ନିକାଲ ପରାମର୍ଶ ପ୍ରଦାନ ଓ ବିଭିନ୍ନ ସରକାରୀ ଯୋଜନାର ଫଳପ୍ରଦ କାର୍ଯ୍ୟକାରିତା ନିଶ୍ଚିତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଦୂରଗାମ୍ୟ ଓ ପାର୍ବତ୍ୟ ଅଞ୍ଚଳରେ ସୌର ସମାଧାନ ପହଞ୍ଚାଇବାରେ ଅବ୍ୟାହତ ପ୍ରୟାସ ଏହି ମାଇଲଖୁଣ୍ଟ ହାସଲରେ ସହାୟକ ହୋଇଛି।

# ନିସାନର ନୂଆ ଗ୍ରାଭିଟେର ବଜାର ପ୍ରବେଶ

ଭୁବନେଶ୍ୱର,୧୮।୨(ଅନୁରାଧା ମହାରଣା)

ନିସାନ ମୋଟର ଇଣ୍ଡିଆ ପକ୍ଷରୁ ୫.୬୫ ଲକ୍ଷ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଅଲ୍-ନ୍ୟୁ ନିସାନ ଗ୍ରାଭିଟେର ବଜାର ପ୍ରବେଶ କରାଯାଇଛି। ଏକ ବୋଲ୍ଡ ଓ ଗେମ୍ ଚେଞ୍ଜିଂ ୭ ସିଟ୍‌ର ଏମ୍‌ପିଭି ଭାବେ ନୂଆ ଗ୍ରାଭିଟେ ନିସାନ ଇଣ୍ଡିଆର ଯାତ୍ରାରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛି। ଗ୍ରାଭିଟେ ହେଉଛି ଏକ ପୃଥକ ହୁଡ୍ ବ୍ରାଣ୍ଡିଂ ସହ ସ୍ୱତନ୍ତ୍ର ରିୟର-ଡୋର ବ୍ୟାଜିଂ ଥିବା ନିଜ ବର୍ଗର ଏକମାତ୍ର ଯାନ। ଏହାର ଫ୍ରଣ୍ଟ ଓ ରିୟରରେ ଥିବା ନିସାନର ସିଗ୍ନେଚର ସି-ସେପ୍‌ଡ ଡିଜାଇନ ଦେଖିବାକୁ ମିଳିଛି। ଏହାର ଏକ୍ସଟେରିୟରରେ ଅଲ୍-ରାଉଣ୍ଡ ଏଲ୍‌ଇଡି ଟ୍ରିମ୍‌ମେଣ୍ଟ, ସିଗ୍ନେଚର ଏଲ୍‌ଇଡି ହେଡ୍‌ଲ୍ୟାମ୍ପ ସହ ଇଣ୍ଟିଗ୍ରେଟେଡ୍ ଡିଆର୍‌ଏଲ୍, କ୍ରିଷ୍ଟାଲ ଏଜ୍ ଏଲଇଡି ଟେଲ ଲ୍ୟାମ୍ପ, ଏଲ୍‌ଇଡି ଫଗ୍ ଲ୍ୟାମ୍ପ, ସ୍ୱତନ୍ତ୍ର ପିଆନୋ ବ୍ଲାକ୍ ୨ଡି ଗ୍ରିଲ, ଫଙ୍କସନାଲ ରୁଫ୍ ରେଲ୍ସ, ୱାଇଡ-ଓପନିଂ ଡୋର୍ ରହିଛି। ଏଥିରେ ୫-ସିଟର କନ୍‌ଫିଗ୍ୟୁରେଶନରେ ୬୨୫ ଲିଟରର ଲଗେଜ କ୍ଷମତା ରହିଛି। ଏହା ଲୋୟର କୁଲ୍‌ଡ ଗ୍ଲୋଭ ବକ୍ସ, ଅପର ଗ୍ଲୋଭ ବକ୍ସ, କୁଲ୍‌ଡ ସେଣ୍ଟର କନ୍‌ସୋଲ ଷ୍ଟୋରେଜ, ଏକାଧିକ କମ୍ପାର୍ଟମେଣ୍ଟ ଦେଉଛି। ନିସାନ ଓ ଇନ୍‌ଫିନିଟିର ମିଡିଲ ଇଷ୍ଟ, କେଏସଏ, ସିଆଇଏସ ଓ ଇଣ୍ଡିଆର ବିଭାଗୀୟ ଉପାଧ୍ୟକ୍ଷ ଓ ଅଧ୍ୟକ୍ଷ ଥିଏରୀ ସାବାଘ କହିଛନ୍ତି, ଚେନ୍ନାଇରେ କମ୍ପାନୀର ସହଯୋଗୀ ପାର୍ଟନର ଫ୍ୟାସିଲିଟିରେ ସ୍ଥାନୀୟ ଉତ୍ପାଦନ ଏବଂ ଏକ ଭବିଷ୍ୟତ-ପ୍ରସ୍ତୁତ ପ୍ରଡକ୍ଟ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛୁ। ନିସାନ ମୋଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୌରବ ବତ୍ସା କହିଛନ୍ତି, ଏଥିରେ ଫ୍ଲୋଟିଂ ୨୦.୩୨ ସିଏମ ଇନ୍‌ଫୋଟେନମେଣ୍ଟ ସହ ୱାୟାରଲେସ ଆଣ୍ଡ୍ରଏଡ ଅଟୋ ଓ ଆପଲ କାର୍‌ପ୍ଲେ କନେକ୍ଟିଭିଟି, ଡିଜିଟାଲ ଆଡ୍‌ଭାନ୍ସଡ୍ ମଲ୍ଟି-ଫଙ୍କଶ୍ନାଲ କ୍ଲଷ୍ଟର ସହ ଅନ୍ୟାନ୍ୟ ଫିଚର ରହିଛି।




# ହାଓଡା-ଜୁନାଗଡ଼ ରୋଡ୍ ଇସ୍ପାତ ଏକ୍ସପ୍ରେସ୍ ସମ୍ପ୍ରସାରିତ

ଭୁବନେଶ୍ୱର,୧୮।୨(ଅନୁରାଧା ମହାରଣା)

ପଶ୍ଚିମ ଓଡ଼ିଶାରେ ରେଳ ସଂଯୋଗକୁ ସୁଦୃଢ଼ କରିବା ପାଇଁ ହାଓଡା-ଟିଟିଲାଗଡ଼-ହାଓଡା ଇସ୍ପାତ ଏକ୍ସପ୍ରେସ୍ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ଏହି ସମ୍ପ୍ରସାରଣ ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲାର ଜନସାଧାରଣଙ୍କ ପାଇଁ ଅଧିକ ଯାତ୍ରୀ ସୁବିଧା, ଉନ୍ନତ ସୁଗମତା ଏବଂ ନୂତନ ସୁଯୋଗ ଆଣିବ। ଜୁନାଗଡ଼ ରୋଡ୍ ଏବଂ ଟିଟିଲାଗଡ଼ ମଧ୍ୟରେ ସମ୍ପ୍ରସାରିତ ଭାଗର ଗୁରୁବାର ଉଦ୍‌ଘାଟନ କରାଯିବ। ୨୮୭୧ ହାଓଡା-ଟିଟିଲାଗଡ଼ ଏକ୍ସପ୍ରେସ୍ ଏବେ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ଚାଲିବ ଏବଂ ୨୧ ତାରିଖରୁ ଏହା ହାଓଡାରୁ ଆରମ୍ଭ ହେବ। ୧୨୮୭୨ ଟିଟିଲାଗଡ଼-ହାଓଡା ଏକ୍ସପ୍ରେସ୍ ୨୨ରୁ ଜୁନାଗଡ଼ ରୋଡ୍‌ରୁ ଆରମ୍ଭ ହେବ। ସମ୍ପ୍ରସାରିତ ହାଓଡା-ଟିଟିଲାଗଡ଼ - ଜୁନାଗଡ଼ ରୋଡ୍ ଇସ୍ପାତ ଏକ୍ସପ୍ରେସ୍ ଟିଟିଲାଗଡ଼ ଏବଂ ଜୁନାଗଡ଼ ରୋଡ୍ ମଧ୍ୟରେ କେସିଙ୍ଗା, ଲାଞ୍ଜିଗଡ଼ ରୋଡ୍ ଏବଂ ଭବାନୀପାଟଣା ଷ୍ଟେଶନରେ ରହଣି କରିବ। ହାଓଡା ଏବଂ ଟିଟିଲାଗଡ଼ ମଧ୍ୟରେ ସମସ୍ତ ବିଦ୍ୟମାନ ରହଣି ଏବଂ ସମୟ ଅପରିବର୍ତ୍ତିତ ରହିବ। ଟ୍ରେନ୍‌ଟି ହାଓଡା ଏବଂ ଟିଟିଲାଗଡ଼ ମଧ୍ୟରେ ଏକ ସୁପରଫାଷ୍ଟ ଏକ୍ସପ୍ରେସ୍ ଏବଂ ଟିଟିଲାଗଡ଼ ଏବଂ ଜୁନାଗଡ଼ ରୋଡ୍ ମଧ୍ୟରେ ଏକ ମେଲ୍/ଏକ୍ସପ୍ରେସ୍ ସେବା ଭାବରେ କାର୍ଯ୍ୟ କରିବ। ଇସ୍ପାତ ଏକ୍ସପ୍ରେସ୍‌ର ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରଣ ପଶ୍ଚିମ ଓଡ଼ିଶା ପାଇଁ ଏକ ପ୍ରମୁଖ ପ୍ରୋତ୍ସାହନ। ଏହା କଳାହାଣ୍ଡି ଏବଂ ଏହାର ଆଖପାଖ ଅଞ୍ଚଳର ଲୋକମାନଙ୍କୁ ସିଧାସଳଖ ଏବଂ ନିର୍ଭର ସଂଯୋଗ ପ୍ରଦାନ କରିବ। ଏହି ବର୍ଦ୍ଧିତ ସେବା ଛାତ୍ରୀଛାତ୍ର, ଚିକିତ୍ସା ସୁବିଧା ଚାହୁଁଥିବା ରୋଗୀ, ବ୍ୟବସାୟୀ, ସରକାରୀ କର୍ମଚାରୀମାନଙ୍କୁ ଲାଭାନ୍ୱିତ କରିବ। ଏହା ମଧ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହ ସାମଗ୍ରୀର ସୁଗମ ପରିବହନ ଏବଂ କ୍ଷୁଦ୍ର ବାଣିଜ୍ୟର ଗତିବିଧିକୁ ସହଜ କରିବା ସହ ସ୍ଥାନୀୟ ଅର୍ଥନୈତିକ ଅଭିବୃଦ୍ଧିରେ ଏହା ସହାୟକ ହେବ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ୩ ମାସରେ ୩୪,୬୪୧ ନିଯୁକ୍ତି ଦିଆଯିବ: ଅନୁ ଗର୍ଗ

ଭୁବନେଶ୍ୱର, ୧୮।୨(ସୁନିତ୍ ମିଶ୍ର)

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବୁଧବାର ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରିବା ନେଇ ଗୁରୁତ୍ୱାରୋପ କରିଛନ୍ତି । ଆସନ୍ତା ଜୁନ୍ ସୁଦ୍ଧା ୬୫ ହଜାର ନିଯୁକ୍ତି ଦେବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ପୂର୍ବରୁ ୩୧,୫୦୦ ଜଣଙ୍କୁ ନିଯୁକ୍ତି ଦିଆସରିଥିବା ବେଳେ ଆସନ୍ତା ୩ ମାସରେ ଆଉ ୩୪,୬୪୧ ନିଯୁକ୍ତି ଦେବା ପାଇଁ ବିଭିନ୍ନ ଆୟୋଗଙ୍କୁ ଅନୁରୋଧ କରାଯାଇଥିବା ନେଇ ଗର୍ଗ ସୂଚନା ଦେଇଛନ୍ତି । ବୈଠକରେ ଗର୍ଗ ବିକଶିତ ଓଡ଼ିଶା ୨୦୩୬ ଏବଂ ୨୦୪୭ ଲକ୍ଷ୍ୟ ରଖି ପ୍ରସ୍ତୁତ ହୋଇଥିବା ୨ ବର୍ଷିଆ ଆକ୍ସନ ପ୍ଲାନ୍‌କୁ ଆହୁରି ସରଳୀକରଣ କରିବାକୁ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶିତ ୧୫ ଦଫା କାର୍ଯ୍ୟସୂଚୀ ମଧ୍ୟରେ ଭିଜନ ଡକ୍ୟୁମେଣ୍ଟ ଲକ୍ଷ୍ୟ କାର୍ଯ୍ୟକାରୀ କରିବା ଅନ୍ୟତମ ପ୍ରାଥମିକତା ରହିଥିବାରୁ ଓଡ଼ିଶାର ଦୀର୍ଘମିଆଦୀ ଲକ୍ଷ୍ୟ ହାସଲ ପାଇଁ ଏଥିପ୍ରତି ସମସ୍ତ ବିଭାଗ ଗୁରୁତ୍ୱ ଦେବା ଓ ନିୟମିତ ସମୀକ୍ଷା ସମ୍ପର୍କରେ ଆଲୋଚନା ହୋଇଛି । ବୈଠକରେ ମୁଖ୍ୟ ସଚିବ ୩୬ ଫର୍ ୩୬ର ପ୍ରମୁଖ ପଦକ୍ଷେପ ଅନ୍ତର୍ଗତ ପ୍ରତ୍ୟେକ ଜିଲାରେ ସନ୍ତୁଳିତ ଓ ସମନ୍ୱୟବଦ୍ଧ ବିକାଶ ଉପରେ ଗୁରୁତ୍ୱ ଦେଇ ବଡ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ନେଇ ସମୀକ୍ଷା ଓ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ପରାମର୍ଶ ଦିଆଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଖର୍ଚ୍ଚ ମାର୍ଚ୍ଚ ସୁଦ୍ଧା ଶେଷ କରିବାକୁ କୁହାଯାଇଛି । ଏହାସହ ବିଧାୟକ ଏବଂ ଏମ୍‌ପିମାନେ ବିଭିନ୍ନ ବିଭାଗକୁ ଦେଉଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ, ପରାମର୍ଶ ଏବଂ ପଦକ୍ଷେପ ସମ୍ପର୍କରେ ଦୃଷ୍ଟିଦେବା ପାଇଁ ସବୁ ସଚିବଙ୍କୁ ବୈଠକରେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

# ଭାଜପା ନେତାଙ୍କୁ ଗିରଫ ପ୍ରତିବାଦରେ ରାସ୍ତାରୋକୋ

ଚାନ୍ଦବାଲି, ୧୮।୨(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ଖେରଙ୍ଗ ପଞ୍ଚାୟତରେ ମଙ୍ଗଳବାର ରାତିଅଧିଆ ଜଣେ ଭାଜପା ନେତାଙ୍କୁ ଗିରଫ ପ୍ରତିବାଦରେ ଦଳୀୟ କର୍ମୀ ଓ ସମର୍ଥକ ଖେରଙ୍ଗ ବଜାରଠାରେ ଟାୟାର ଜାଳି ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତା ଅବରୋଧ କରିବା ସହ ବିଭିନ୍ନ ଦୋକାନ ଭଙ୍ଗାରୁଜା କରିଛନ୍ତି ।

ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଖେରଙ୍ଗ ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ ନିଜ କାର୍‌ରେ ଯାଉଥିବା ବେଳେ ଖେରଙ୍ଗ ବଜାରଠାରେ କେତେଜଣ ଭାଜପା କର୍ମୀଙ୍କୁ ସାଇଡ୍ ମାରିଥିଲେ । ଏହି ସମୟରେ ସରପଞ୍ଚଙ୍କ ଗାଡ଼ି ବାଜି ଜଣଙ୍କ ଗୋଡ଼ ଭାଙ୍ଗିଯାଇଥିବା ନେଇ ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଥିଲା । ଭାଜପା କର୍ମୀ ସମୀର ମାଝୀ ଓ ଟୁଟୁ ମାଝୀଙ୍କ ଏତଲାକ୍ରମେ ସରପଞ୍ଚଙ୍କ ନାଁରେ ୨ଟି ମାମଲା ରୁଜୁ ହୋଇଥିଲା । ଅପରପକ୍ଷେ ତାଙ୍କ ଗାଡ଼ି ଆଗରେ ଛିଡ଼ା ହେବା ସହ ଗଣ୍ଡଗୋଳ କରିଥିବା ନେଇ ସରପଞ୍ଚଙ୍କ ପାଲଟା ଅଭିଯୋଗ କ୍ରମେ ଅନ୍ୟ ଏକ ମାମଲା ରୁଜୁ ହୋଇଥିଲା । ମଙ୍ଗଳବାର ରାତିରେ ଏସ୍‌ଡିପିଓ ପ୍ରଭାତ ସାହୁ, ତିହିଡ଼ି, ପୀରହାଟ, ଚାନ୍ଦବାଲି ଥାନା ଆଇଆଇସି ଏକ ଟିମ୍ ସହ ଯାଇ ୪ଜଣ ଭାଜପା କର୍ମୀଙ୍କୁ ଗିରଫ କରିଥିଲେ । ସରପଞ୍ଚଙ୍କୁ ଗିରଫ ନ କରି ନ ବାରୁ ଏହାକୁ ବିରୋଧ କରି ସ୍ଥାନୀୟ ଭାଜପା ନେତା ପ୍ରଶାନ୍ତ ମାଝୀ ଏସ୍‌ଡିପିଓଙ୍କ ସହ ଯୁକ୍ତିତର୍କ କରିବାରୁ ପୋଲିସ ତାଙ୍କୁ ମଧ୍ୟ ରାତିରେ ଉଠାଇ ନେଇଥିଲା । ପୋଲିସର ଏକତରଫା କାର୍ଯ୍ୟାନୁଷ୍ଠାନ ବିରୋଧରେ ପଞ୍ଚାୟତର ଭାଜପା କର୍ମୀ ଓ ସମର୍ଥକମାନେ ରାତି ପ୍ରାୟ ୨ଟାରୁ ଖେରଙ୍ଗ ବଜାରଠାରେ ରାସ୍ତାରୋକୋ କରିବା ସହ ଦୋକାନ ଭଙ୍ଗାରୁଜା କରିଥିଲେ । ଅନ୍ୟପକ୍ଷେ ସ୍ଥାନୀୟ କେତେଜଣ ଭାଜପା ନେତାଙ୍କ ହସ୍ତକ୍ଷେପ ପରେ ପୋଲିସ ପ୍ରଶାନ୍ତଙ୍କୁ ୪୧ ନୋଟିସ୍ ବଳରେ ଛାଡ଼ିଥିଲା ।

# ରାଜ୍ୟ ଯୋଗାଣ ନିଗମରେ ୨୦୨୪-୨୫ର ୪.୭୭ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଗଚ୍ଛିତ ଅଛି: ମନ୍ତ୍ରୀ

ଭୁବନେଶ୍ୱର, ୧୮।୨(ସୁନିତ୍ ମିଶ୍ର)

ଚଳିତ ଧାନ ସଂଗ୍ରହ ବର୍ଷ ୨୦୨୫-୨୬ରେ ପଞ୍ଜୀକୃତ ଯୋଗ୍ୟ ବିବେଚିତ ଚାଷୀଙ୍କଠାରୁ ୭୩ ଲକ୍ଷ ମେଟ୍ରିକ ଟନ୍ ଖରିଫ ଧାନ ସଂଗ୍ରହର ଲକ୍ଷ୍ୟ ରଖାଯାଇଥିଲା । ଜିଲାଗୁଡ଼ିକୁ ଫେବୃଆରୀ ୧୬ ସୁଦ୍ଧା ୭୧,୧୬,୦୫୪ ମେଟ୍ରିକ ଟନ୍ ଧାନ କ୍ରୟ ପାଇଁ ଲକ୍ଷ୍ୟଧାର୍ଯ୍ୟ ଦିଆଯାଇଥିଲା । ହେଲେ ଏଯାଏ ଜିଲାଗୁଡିକରୁ ୫୮,୦୧,୯୬୮ ମେଟ୍ରିକ ଟନ୍ ଧାନ କ୍ରୟ କରାଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ବିଧାୟକ ମାନସ କୁମାର ଦତ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପାତ୍ର କହିଛନ୍ତି, ଧାନ ସଂଗ୍ରହ ବର୍ଷ ୨୦୨୪-୨୫ରେ ଅଦ୍ୟାବଧି ପ୍ରାୟ ୪.୭୭ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ବିଭିନ୍ନ ଗୋଦାମରେ ଗଚ୍ଛିତ ରହିଛି । ୬.୪୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ କଷ୍ଟମ ମିଲରଙ୍କଠାରୁ ଆଦାୟ କରିବାର ପ୍ରକ୍ରିୟା ଚାଲୁ ରହିଛି । ଏହା ଆସନ୍ତା ଏପ୍ରିଲ ପର୍ଯ୍ୟନ୍ତ ଚାଲିବ । ବଳକା ଚାଉଳର ଉପଯୋଗ ବିଷୟ ସରକାରଙ୍କ ବିଚାରାଧୀନ ରହିଥିବା ମନ୍ତ୍ରୀ କହିଛନ୍ତି ।

# ଓଡ଼ିଶାରେ ୯.୦୫ ଲକ୍ଷ ଭାଗଚାଷୀ

ଭୁବନେଶ୍ୱର, ୧୮।୨
(ରବିନାରାୟଣ ଜେନା)

ଓଡ଼ିଶାରେ ୯ ଲକ୍ଷ ୫ ହଜାର ୧୮୪ ଜଣ ଭାଗଚାଷୀ ଅଛନ୍ତି ବୋଲି କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି । ବୁଧବାର ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୧୫-୧୬ କୃଷିଗଣନାରେ ରାଜ୍ୟରେ ସମୁଦାୟ ୪୮ ଲକ୍ଷ ୬୫ ହଜାର ୮୫୦ ଚାଷୀ ରହିଛନ୍ତି । ସେଥିମଧ୍ୟରେ ୩୯୭୫ ବଡ଼ଚାଷୀ ରହିଛନ୍ତି । ବଡ଼ଚାଷୀଙ୍କ ଅଧୀନରେ ୮୬ ହଜାର ୨୪୩ ହେକ୍ଟର ଚାଷଜମି ରହିଥିବାବେଳେ ୩ ଲକ୍ଷ ୩୭ ହଜାର ୯୪୫ ଜଣ ମଧ୍ୟମ ଚାଷୀ ୧୦ ଲକ୍ଷ ୭୨ ହଜାର ୯୫ ହେକ୍ଟର ଜମି ଚାଷ କରୁଛନ୍ତି । ସେହିପରି ୮ ଲକ୍ଷ ୮୭ ହଜାର ୨୭୨ ଜଣ କ୍ଷୁଦ୍ରଚାଷୀଙ୍କ ହାତରେ ୧୪ ଲକ୍ଷ ୪ ହଜାର ୧୩୦ ହେକ୍ଟର ଜମି ରହିଥିବାବେଳେ ୩୬ ଲକ୍ଷ ୩୬ ହଜାର ୬୫୮ ନାମମାତ୍ର ଚାଷୀଙ୍କ ହାତରେ ୨୦ ଲକ୍ଷ ୫୬ ହଜାର ୮୨୧ ହେକ୍ଟର ଚାଷଜମି ରହିଛି । ତେବେ ମନ୍ତ୍ରୀଙ୍କ ତଥ୍ୟାନୁସାରେ, ରାଜ୍ୟରେ ସର୍ବମୋଟ ଚାଷୀ ୪୮ ଲକ୍ଷ ୬୫ ହଜାର ୮୫୦ ରହିଥିଲେ ହେଁ ଭାଗଚାଷୀଙ୍କ ସଂଖ୍ୟା ଏଥିରେ ମିଶାଯାଇନାହିଁ ।

# ବାଦବିବାଦରେ ସରିଲା ପରିବେଶ ମଞ୍ଜୁରୀ ଜନଶୁଣାଣି

## ନାଲ୍‌କୋ ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରସଙ୍ଗ

ଅନୁଗୋଳ, ୧୮।୨(ମାନସ ବିଶ୍ୱାଳ)

ଅନୁଗୋଳ ସହର ଉପକଣ୍ଠରେ ଅବସ୍ଥିତ ନବରତ୍ନ କମ୍ପାନୀ ନାଲ୍‌କୋ ନିଜର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ସ୍ମେଲଟର କାରଖାନା ସମ୍ପ୍ରସାରଣ କରିବାକୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଛି । ଏଥିପାଇଁ ପ୍ରଶାସନିକସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ବୁଧବାର କାଙ୍ଗୁଲା, ଗୋପୀନାଥପୁର ଓ କୁଲାଡ଼ ମୌଜାର ଥିବା ଗୋପୀନାଥପୁର ପଡ଼ିଆରେ ପରିବେଶ ମଞ୍ଜୁରୀ ନିମନ୍ତେ ଜନଶୁଣାଣି ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ବାଦବିବାଦ ଭିତରେ ଏହା ଶେଷ ହୋଇଥିବାବେଳେ ଏଥିରେ ଅନୁଗୋଳ ଅତିରିକ୍ତ ଜିଲାପାଳ ଉଦୟ ନାଥ ମହାପାତ୍ର ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରମେଶ ଚନ୍ଦ୍ର ଏକା ଉପସ୍ଥିତ ଥିଲେ ।

ଏହି ଜନଶୁଣାଣିରେ ଜମି ହରାଉଥିବା ବ୍ୟକ୍ତି, ସାମାଜିକ କର୍ମୀଙ୍କୁ ମିଶାଇ ମୋଟ ୩୧ ଜଣ ମତ ରଖିଥିଲେ । ବ୍ରହ୍ମଦେବ ଜେନା, ବିଚିତ୍ରା ନନ୍ଦ ଭୋଇ, ତାପସ ପାଲ, ପ୍ରଦୀପ ତ୍ରିପାଠୀ, ଲଳିତ ପାଲ, ଚନ୍ଦନ କୁମାର ମହାରଣା, କବିଚନ୍ଦ୍ର ବେହେରା, ସୁଷମା ରଥ ପ୍ରମୁଖ ପରିବେଶକୁ ସୁରକ୍ଷିତ ରଖିବା ସହିତ ଜମିହରାମାନଙ୍କୁ ସ୍ଥାୟୀ ନିଯୁକ୍ତି ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏଥିସହିତ ରାସ୍ତା, ବିଦ୍ୟାଳୟ, ଉନ୍ନତମାନର ଚିକିତ୍ସାଳୟ, ଗଛ ଲଗାଇ ନୂତନ ଗ୍ରିନ୍ ବେଲଟ୍ ପ୍ରସ୍ତୁତ କରିବା, ପାନୀୟ ଜଳର ବ୍ୟବସ୍ଥା, ଜଳ ଓ ବାୟୁ ପ୍ରଦୂଷଣ ରୋକିବା ଦିଗରେ ଦୃଷ୍ଟି ରଖିବାକୁ ଦାବି କରିଥିଲେ । ଏ ନେଇ ନାଲ୍‌କୋ ଇଡି ସଚ୍ଚିଦାନନ୍ଦ ଜେନା କହିଛନ୍ତି, ଏହି ଜନଶୁଣାଣିକୁ ୩ଟି ମୌଜାର ଲୋକ ଆସିଥିଲେ । ୩୧ ଜଣ ନିଜର ମତ ରଖିଥିଲେ । ନାଲ୍‌କୋ କମ୍ପାନୀ ରାଜ୍ୟ ଓ କେନ୍ଦ୍ର ବାୟୁ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ନିୟମରେ ଚାଲୁଛି । କୌଣସି ପ୍ରକାରର ତ୍ରୁଟି ହେଲେ ସର୍ବଦା ରକ୍ଷଣଶୀଳ ପଦକ୍ଷେପ ଗ୍ରହଣ କରାଯାଉଛି । ବାୟୁ ଓ ଜଳ ପ୍ରଦୂଷଣକୁ ରୋକିବା ପାଇଁ ନୂତନ ଜ୍ଞାନ କୌଶଳ ବ୍ୟବହାର ହେଉଛି । ଏଥିସହିତ ଲୋକମାନଙ୍କୁ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା ରହିଛି । ଏ ଦିଗରେ ଆର୍‌ପିଡିଏସି ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ନାଲ୍‌କୋ ଇଡି ପ୍ରକାଶ କରିଛନ୍ତି । ଅତିରିକ୍ତ ଜିଲାପାଳ ଉଦୟ ନାଥ ମହାପାତ୍ର କହିଛନ୍ତି, ଏହି ପରିବେଶ ମଞ୍ଜୁରୀ ଜନଶୁଣାଣି ସଫଳତାର ସହିତ ଶେଷ ହୋଇଛି । ୩ଟି ମୌଜାର ଲୋକମାନେ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ । ପରିବେଶକୁ ନେଇ ଉଦ୍‌ବେଗ, ନିଯୁକ୍ତି ଭିତ୍ତିକ ସମସ୍ୟା, ନାଲ୍‌କୋ ପାରିପାର୍ଶ୍ୱିକ ଅଞ୍ଚଳରେ ଉନ୍ନତିମୂଳକ ସମସ୍ୟା ଉପରେ ଲୋକମାନେ କ୍ଷୋଭ ପ୍ରକାଶ କରିଥିଲେ । ଲୋକମାନଙ୍କ ମତାମତକୁ ଭିଡିଓଗ୍ରାଫି କରାଯାଇଛି । ଏସବୁର ତର୍ଜମା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ ।


ଜନ ଶୁଣାଣିରେ ମଞ୍ଚାସୀନ ପ୍ରଶାସନିକ ଅଧିକାରୀ ।

# ମୁଖ୍ୟମନ୍ତ୍ରୀଙ୍କୁ ଯୁବ କଂଗ୍ରେସର ଚିଠି

ଭୁବନେଶ୍ୱର, ୧୮।୨(ରବିନାରାୟଣ ଜେନା)

ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସାଧାରଣ ସମ୍ପାଦକ ସୁଦୀପ୍ ସାମଲ ଉତ୍କଳ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ତଥା ଗ୍ରାମୀଣ କ୍ୟାମ୍ପସ୍‌କୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ସାମଲ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ଗତ ସରକାର ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ଏକ ଗ୍ରାମୀଣ କ୍ୟାମ୍ପସ୍ ଯାଜପୁର ଜିଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ ନିକଟସ୍ଥ ସିହାଠାରେ ନିର୍ମାଣ ହେବା ନେଇ ନିଷ୍ପତ୍ତି ନିଆଯାଇଥିଲା । ତତ୍କାଳୀନ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ୨୦୧୭ ଜୁଲାଇ ୩୧ରେ ଶିଳାନ୍ୟାସ କରିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା, ଯେଉଁଠାରେ କି ୨୦୧୮ ମସିହାରୁ ବିଏସ୍‌ସି ନର୍ସିଂ, ଏମ୍‌ବିଏ, ଏମ୍‌ଏସ୍‌ଡବ୍ଲୁ ଓ ଏମ୍‌ଫିଏଚ୍ ବିଭାଗରେ ରାଜ୍ୟର ବିଭିନ୍ନ ଜିଲାରୁ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମ ଲେଖାଇ ଅଧ୍ୟୟନ କରୁଥିଲେ । ମାତ୍ର ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ସ୍ଥଳେ ପାଖାପାଖି ଦେଢ଼ବର୍ଷ ହେଲା ନାମଲେଖା ସହ ପାଠପଢ଼ା ବନ୍ଦ ରହିଛି ।


ସାର୍ବଜନୀନ ସୂଚନା (ମୂଳ ବିକ୍ରୟ ଦଲିଲ ହରାଇଥିବା ସମ୍ବନ୍ଧରେ) ମୁଁ, ଶ୍ରୀମତୀ ସୁଭାଶ୍ରୀ ଦାସ, ପିତା- ଶ୍ରୀ ରବୀନ୍ଦ୍ରନାଥ ଦାସ, ସ୍ୱାମୀ- ଶ୍ରୀ ରାଜେନ୍ଦ୍ର ନାରାୟଣ ବେହେରା, ବସବାସୀ- ଫ୍ଲଟ୍ ନଂ ୩୪୧, ଅମରାଇଳ, ନମାରୋ, ଅସ୍ତରଙ୍ଗ, ପୁରୀ, ଓଡ଼ିଶା-୭୫୨୧୦୯, ସାଧାରଣ ଲୋକଙ୍କୁ ଏହିମାଧ୍ୟମରେ ସୂଚନା ଦେଉଛି ଯେ ମୂଳ ଲିଙ୍କହ୍ ସେଲ୍ ଡିଡ୍ ନଂ ୧୧୧୨୧୦୦୧୭୪୦, ତାରିଖ ୧୬.୦୮.୨୦୧୦, ଯାହା ପ୍ଲଟ୍ ନଂ ୬୦୯, ଖତା ନଂ ୧୦୩, ମୌଜା- ଦୁର୍ଗାପୁର, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ସମ୍ବନ୍ଧୀୟ, ସେହି ଦଲିଲ ହରାଇଯାଇଛି ଏବଂ ଅନେକ ଖୋଜିଲେ ମଧ୍ୟ ମିଳୁନାହିଁ। ଏହି ଦଲିଲ ସମ୍ବନ୍ଧିତ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ରେକର୍ଡ ରହିଛି ଏବଂ ଏହା ଏକ ମୂଲ୍ୟବାନ ମାଲିକାନା ପତ୍ର। ଏହା ସମ୍ବନ୍ଧରେ ବଡଗଡ ପୋଲିସ୍ ଷ୍ଟେସନ, ଭୁବନେଶ୍ୱରରେ ଅଭିଯୋଗ ନଂ ୦୧୪, ତାରିଖ ୧୧.୦୨.୨୦୨୬ ରେ ଦାଖଲ କରାଯାଇଛି। କେହି ଏହି ମୂଳ ଦଲିଲ ପାଇଥିଲେ କିମ୍ବା ନିଜ ଅଧୀନରେ ରଖିଥିଲେ, ପ୍ରକାଶନ ତାରିଖରୁ ୧୫ ଦିନ ମଧ୍ୟରେ ନିମ୍ନୋକ୍ତ ଠିକଣାରେ ଫେରାଇବାକୁ ଅନୁରୋଧ କରାଯାଉଛି। ଏହି ସମ୍ପତ୍ତି ସମ୍ବନ୍ଧରେ କାହାରି କୌଣସି ଦାବିଥିଲେ, ୧୫ ଦିନ ମଧ୍ୟରେ ଲିଖିତ ଭାବେ ଜଣାଇବେ; ନହେଲେ ପରବର୍ତ୍ତୀ ସମୟରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ। ୯୭୬୯୯୯୮୯୭୦, subhashree.das1@gmail.com ଶ୍ରୀମତୀ ସୁଭାଶ୍ରୀ ଦାସ



# Classified Everyday
0674-2580101, 9692975378


REAL ESTATE

SALE

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537. D-3215


CONSTRUCTION

Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469. D-3190




All types of physiotherapy and massage contact 9556924059/ 7656969134. D-3416

LOST

ମୁଁ, ରେବତୀ ପାଣୀ, ସ୍ୱାମୀ- ଜ୍ୟୋତି ଭୂଷଣ ପାଣୀ, ବାସସ୍ଥାନ- ୨୧୨, ଖାରବେଳନଗର, ଭୁବନେଶ୍ୱର, ୭୫୧୦୦୧, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା । ମୋ ସମ୍ପତ୍ତି ଯାହା ମୌଜା- ଡୁମୁଡୁମା, ଖାତା ନମ୍ବର ୪୩୨/୭୬୩ ଏବଂ ୪୩୨/୭୯୬, ପ୍ଲଟ୍ ନମ୍ବର- ୫୪୯/୧୯୫୭, ୫୪୭/୧୯୫୬ ଏବଂ ୫୪୮/୧୯୮୮, ସମୁଦାୟ ଏରିଆ ଏ୦.୩୫୫ଡିସିମିଲ, ଥାନା- ଖଣ୍ଡଗିରିରେ ଅବସ୍ଥିତ । ତାହାର ଉପରଲିଖିତ ମୂଳ ୨ଟି ପଟ୍ଟା ଓ ଗୋଟିଏ ମୂଳ ଦଲିଲ ନମ୍ବର ୭୫୦୨ ତା.୨୯।୧୨।୧୯୮୪ରିଖ ଯାହା ବିକ୍ରେତା ଟୁନେନ୍ଦ୍ର କୁମାର ପଟ୍ଟନାୟକ, ଜ୍ଞାନେନ୍ଦ୍ର କୁମାର ପଟ୍ଟନାୟକ ଓ ଚିତ୍ତରଞ୍ଜନ ପଟ୍ଟନାୟକ, କ୍ରେତା ମୁଁ ରେବତୀ ପାଣୀ ନାମରେ ଥିଲା ଯାହା ଘରେ ବହୁତ ଖୋଜାଖୋଜି କଲାପରେ ନ ମିଳିବାରୁ ମୁଁ ଖାରବେଳନଗର ଥାନାରେ ଏତଲା ଦାୟର କରିଛି ଯାହାର ନମ୍ବର ଜି.ଡି ୦୧୯ ତା.୨୭।୦୧।୨୦୨୬ରିଖ । କାରଣ ମୁଁ ଏହି ଜାଗାଟିକୁ ଓକାସା ରିୟଲିଟ୍ ଓ ରିସର୍ଟ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀକୁ ପାୱାର ଦେଇଅଛି । ମୁଁ ଉକ୍ତ ପଟ୍ଟା ଓ ଦଲିଲକୁ କୌଣସି ବ୍ୟାଙ୍କ କିମ୍ବା କୌଣସି ଋଣ ଦେଉଥିବା ସଂସ୍ଥାରେ ବନ୍ଧକ ଦେଇନାହିଁ । ଯଦି ଏହି ପଟ୍ଟା ଓ ଦଲିଲ କାହାକୁ ମିଳେ ତେବେ ରେବତୀ ପାଣୀ, ୨୧୨ ଖାରବେଳନଗର, ୟୁନିଟ୍- ୩, ଭୁବନେଶ୍ୱର (ମୋ) ୯୯୩୭୦୩୮୯୯୯ ରେ ଯୋଗାଯୋଗ କରନ୍ତୁ । ଧ-୩୪୦୮

AFFIDAVIT

ରିଶିକେଶ ରାୟ, ବୟସ ୨୦, ପିତା- ଶ୍ରୀକାନ୍ତ ରାୟ, ଘର ରତଳାଙ୍ଗ, ଥାନା- ବରି, ଜିଲ୍ଲା- ଯାଜପୁର । ବର୍ତ୍ତମାନ ରହୁଛି MIII/84, ମଧୁବନ, ପାରାଦୀପ, ଜଗତସିଂହପୁର । ତା.୧୩।୦୨।୨୦୨୬ରିଖରେ ଜଗତସିଂହପୁରର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଶପଥ ନିଆଯାଇଥିବା ଏହି ପ୍ରମାଣପତ୍ର ଅନୁସାରେ ଆଗାମୀରେ ମୋତେ "ରିଶିକେଶ ରାୟ, ଶ୍ରୀକାନ୍ତ ରାୟ"ଙ୍କ ପୁତ୍ର କିମ୍ବା "ଶ୍ରୀକାନ୍ତ ରାୟ" ବୋଲି ସମସ୍ତ କାର୍ଯ୍ୟରେ ଲଗାଯାଇପାରିବ । ଧ-୩୪୧୯

An affidavit sworn before the Executive Magistrate, Bhawanipatna, on 18.02.2026, I, Sushree Sangita Panigrahi, D/o. Anil Kumar Panigrahi declare that after getting married on 23.04.2008 to Ajaya Kumar Panda, S/o. Banamali Panda of Shaktinagar Para, Bhawanipatna have changed my name from Sushree Sangita Panigrahi to Sangita Panda. Henceforth, I shall be known and identified as Sangita Panda for all purposes. D-3420

By virtue of an affidavit sworn before the Executive Magistrate, Kundra, I, Shri Ambu Patra, resident of At-Khotalapadar, P.O.-Bhusangaguda, P.S.-Kundra, Dist.- Koraput declared by this affidavit No. 27, Dtd.-16.02.2026 that in my son's actual name is "ANKUS KUMAR PATRA", but in his school certificate has been wrongly mentioned as ANKUSH KUMAR PATRO. That now he wants to change his name from Ankus Kumar Patra for all purposes. So I swear that Ankus Kumar Patra and Ankush Kumar Patro is one and same person i.e. my son's name only.
Ambu Patra
Deponent
D-3423

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରଫେସର ଡଃ ରଘୁନାଥ ମହାପାତ୍ର
ଲକ୍ଷ୍ମୀନଗର ଲେନ୍ ୨, ବିଡ଼ାନାସୀ, କଟକ
ଆବିର୍ଭାବ- ୧୬।୦୨।୧୯୩୮
ତିରୋଧାନ- ୦୮।୦୨।୨୦୨୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଆତ୍ମୀୟସ୍ୱଜନ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୩୪୧୮

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଦୁର୍ଗା ଚରଣ ସାହୁ
କୃଷି ବିଭାଗ, ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ, ଉତ୍କଳ କଳିକାର ରଚୟିତା
ଅର୍ଜୁନ ପୁର, କେନ୍ଦ୍ରାପଡ଼ା
ଆବିର୍ଭାବ : ୦୮।୦୩।୧୯୪୮
ତିରୋଧାନ : ୦୯।୦୨।୨୦୨୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପତ୍ନୀ- ଆରତୀ, ପୁତ୍ର: ଲଳିତ, ଲୋକନାଥ, ଲକ୍ଷ୍ମୀନାରାୟଣ, ପୁତ୍ର ବଧୂ: ନମିତା, ସୀମା, ସୁଚିତ୍ରା, କନ୍ୟା: ଲକ୍ଷ୍ମୀପ୍ରିୟା, ନାତି ନାତୁଣୀ: ମାମା, ସୋମୁ, ସୁଚରିତା, ଶୁଭକିନ୍ତା, ଶୁଭସ୍ମିତା, ନୃସିଂହ, ବନ୍ଧୁ, ପରିଜନ ଓ ଆତ୍ମୀୟସ୍ୱଜନ।
ଧ-୩୪୨୧

୨୬ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଡ. ପ୍ରଭାକର ରାଉତ
ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୦୨।୦୧।୧୯୪୪
ତିରୋଧାନ: ୦୭।୦୩।୨୦୦୦
ବାବା, ୨୬ବର୍ଷର ସମର୍ପଣ । ଆପଣଙ୍କ ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ଉପଦେଶ ଆଜି ବି ଆମର ପଥ ପ୍ରଦର୍ଶକ। ଆଜି ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ।
ବନ୍ଧୁ ଓ ପରିବାରବର୍ଗ ।
ଧ-୩୪୧୭

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଗୀତାଞ୍ଜଳି ସେଠୀ
ଆବିର୍ଭାବ- ୧୪।୦୪।୧୯୭୧
ତିରୋଧାନ- ୧୭।୧୨।୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ- କିଶୋର ଚନ୍ଦ୍ର ସାହୁ, ପୁଅ - ରଶ୍ମିରଞ୍ଜନ ସାହୁ, ଭଣଜା- ଅନନ୍ତ କୁମାର ସାହୁ, ବଟକୃଷ୍ଣ, କାବୁଆ, ବନ୍ଧୁ ଓ ପରିବାରବର୍ଗ।
ଧ-୩୪୨୨


# କାଠଫାଳିଆରେ ପିଟି ସ୍ତ୍ରୀଙ୍କୁ ହତ୍ୟା

ମାଲକାନଗିରି, ୧୮।୨ (ଦୁର୍ଯ୍ୟୋଧନ ପାତ୍ର)

ପାରିବାରିକ କଳହରୁ ସ୍ତ୍ରୀଙ୍କ ମୁଣ୍ଡକୁ କାଠପାଳିଆରେ ପିଟି ହତ୍ୟା କରିଛନ୍ତି ସ୍ୱାମୀ । ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଲୁଲେର ଗ୍ରାମରେ ବୁଧବାର ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଘଟଣା । ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ମାଥିଲି ପୋଲିସ ଅଭିଯୁକ୍ତ ସ୍ୱାମୀ ଗୁରୁ ନାୟକଙ୍କୁ ଗିରଫ କରିଛି ।

ସୂଚନା ଅନୁଯାୟୀ, ମାଥିଲି ବ୍ଲକ ଅନ୍ତର୍ଗତ ଲୁଲେର ଗ୍ରାମର ଗୁରୁ ଓ ତାଙ୍କ ସ୍ତ୍ରୀ ଖମାରୀ ନାୟକଙ୍କ ମଧ୍ୟରେ ପାରିବାରିକ ଗଣ୍ଡଗୋଳକୁ ନେଇ ବଚସା ହୋଇଥିଲା । ଏହି ବଚସା ଉଗ୍ରରୂପ ଧାରଣ କରିବା ପରେ ଗୁରୁ ଉତ୍କ୍ଷିପ୍ତ ହୋଇ ନିକଟରେ ପଡ଼ିଥିବା ଏକ କାଠ ଫାଳିଆରେ ସ୍ତ୍ରୀ ଖମାରୀଙ୍କ ମୁଣ୍ଡରେ ଶକ୍ତ ପ୍ରହାର କରିଥିଲେ । ଫଳରେ ସ୍ତ୍ରୀ ଖମାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଏ ସମ୍ବନ୍ଧରେ ମାଥିଲି ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ଗୁରୁଙ୍କୁ ଗିରଫ କରିବା ସହ ମୃତଦେହ ଜବତ କରିଛି । ମାଥିଲି ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏ ନେଇ ୩୦/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ରେଙ୍ଗାଲି ଜଳଭଣ୍ଡାରରେ ହାତୀଛୁଆ ମୃତ


ପାଣିରେ ପଡ଼ିଥିବା ମୃତହାତୀ ।

ଦେବଗଡ଼, ୧୮।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ରେଞ୍ଜ୍ ଠିଆନାଳ ସେକ୍ସନ ଅନ୍ତର୍ଗତ କୁଲସରା ଗ୍ରାମ ନିକଟ ରେଙ୍ଗାଲି ଜଳଭଣ୍ଡାରରେ ଏକ ହାତୀଛୁଆର ମୃତ୍ୟୁ ଘଟିଛି । ବୁଧବାର ସକାଳ ପ୍ରାୟ ସାଢେ ୮ଟାରେ ହାତୀର ମୃତଦେହ ପାଣିରେ ପଡିଥିବା ଦେଖିବାକୁ ମିଳିଥିଲା । ଉକ୍ତ ହାତୀର ବୟସ ୧ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ଖବରପାଇ ଦେବଗଡ଼ ଡିଏଫ୍‌ଓ, ଏସିଏଫ୍, ବାରକୋଟ ରେଞ୍ଜ୍ ଅଧିକାରୀ ଏବଂ ସମସ୍ତ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ମୃତ ହାତୀକୁ ପାଣିରୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପରେ କୁଲସରା ଗ୍ରାମ ନିକଟରେ ପୋତି ଦିଆଯାଇଛି । ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପାଣିରେ ବୁଡ଼ି ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି । ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ମୃତ କଲରାପତରିଆ ବାଘ ଛୁଆ ଠାବ

ଭଞ୍ଜନଗର, ୧୮।୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ମୁଜାଗଡ ରେଞ୍ଜ ବଜ୍ରକୋଟ ଗ୍ରାମ ନିକଟରେ ବୁଧବାର ସନ୍ଧ୍ୟାରେ ଏକ କଲରାପତରିଆ ବାଘ ଛୁଆର ମୃତଦେହ ଠାବ ହୋଇଛି । ଖବର ପାଇ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି, ରେଞ୍ଜର ବିମ୍ବାଧର ସାହୁ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରି ଫେରିଛନ୍ତି । ଗୁରୁବାର ଭୁବନେଶ୍ୱରରୁ ଜେଟିଏଫ୍ ଟିମ୍ ଆସିଲେ ବାଘ ଛୁଆର ମୃତଦେହ ବ୍ୟବଚ୍ଛେଦ ହେବ । ବାଘ ଛୁଆର ବୟସ ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ । ଏହାର କେଉଁଭଳି ପରିସ୍ଥିତିରେ ମୃତ୍ୟୁ ଘଟିଛି ସେନେଇ କିଛି ଜଣାପଡ଼ିନାହିଁ । ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ । ଏହା ଜୁଭେନାଇଲ ଶ୍ରେଣୀର ବାଘ ଛୁଆ ବୋଲି ଡିଏଫଓ ସୂଚନା ଦେଇଛନ୍ତି ।


ମୃତ କଲରାପତରିଆ ବାଘ ଛୁଆ ।

**ବଳକା ଭୋଜି ଖାଦ୍ୟ ଖାଇ ୧୮ ଅସୁସ୍ଥ**

ଭଣ୍ଡାରିପୋଖରୀ,(ରାଜେନ୍ଦ୍ର ଶତପଥୀ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ମୋବାରକପୁର ଗେଙ୍ଗୁଟିଆ ଆଦିବାସୀ ସାହିର ୧୮ଜଣ ବଳକା ଭୋଜି ଖାଦ୍ୟ ଖାଇ ମଙ୍ଗଳବାର ଅସୁସ୍ଥ ହୋଇପଡ଼ିଛନ୍ତି। ସମସ୍ତେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଆକ୍ରାନ୍ତ ଅର୍ଜୁନ ମୁଣ୍ଡା(୬୧) ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ସ୍ତ୍ରୀ ଶକୁନ୍ତଳା ଚିକିତ୍ସିତ ହୋଇ ବୁଧବାର ଘରକୁ ଫେରିଛନ୍ତି। ଆକ୍ରାନ୍ତ ହୋଇଥିବା ଗ୍ରାମର ଅନ୍ୟ ୧୬ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଛି। ସ୍ଥିତି ନିୟନ୍ତ୍ରଣାଧୀନ ଅଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ସରୋଜ କୁମାର ରାଉଳ କହିଛନ୍ତି।

# ୨୨ ସରକାରୀ ଆଇଟିଆଇ ହେବ 'ସେଣ୍ଟର ଅଫ୍ ଏକ୍ସିଲେନ୍ସ'

## ଦକ୍ଷତା ବିକାଶ ପାଇଁ ୪ ବୁଝାମଣାପତ୍ର ସ୍ୱାକ୍ଷରିତ



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁଙ୍କ ସହ ଟାଟା ଟେକ୍ନୋଲୋଜି, ୟୁନିସେଫ୍, ବିଶ୍ୱ ଦକ୍ଷତା କେନ୍ଦ୍ର ଓ ବିଭିନ୍ନ କମ୍ପାନୀର ଅଧିକାରୀମାନେ।

ଭୁବନେଶ୍ୱର,୧୮।୨(ସୁଚିସ୍ମିତା ସାହୁ)

ଟାଟା ଟେକ୍ନୋଲୋଜି ସହଭାଗିତାରେ ଓଡ଼ିଶାର ୨୨ଟି ସରକାରୀ ଆଇଟିଆଇକୁ ୭୭୯ କୋଟି ଟଙ୍କା ବ୍ୟୟରେ 'ସେଣ୍ଟର ଅଫ୍ ଏକ୍ସିଲେନ୍ସ' ଭାବେ ଉନ୍ନୀତ କରାଯିବ। ଏନେଇ ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ବୁଧବାର ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ୪ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଓଡ଼ିଶାର ଯୁବପିଢ଼ିଙ୍କୁ ଶିଳ୍ପ-ଉପଯୋଗୀ କରିବା ସରକାରଙ୍କର ମୁଖ୍ୟ ପ୍ରାଥମିକତା। ଭିତ୍ତିଭୂମି ଶିଳ୍ପ ଗଢେ, ହେଲେ ଦକ୍ଷତା ହିଁ ମାନବ ସମ୍ବଳକୁ ସମୃଦ୍ଧ କରେ, ଯାହା ସେହି ଶିଳ୍ପକୁ ବଢ଼ାଇବା ପାଇଁ ଆବଶ୍ୟକ। ରାଜ୍ୟର ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ହାସଲ କରିବାକୁ ହେଲେ ଯୁବପିଢ଼ିଙ୍କୁ ଭବିଷ୍ୟତ ଉପଯୋଗୀ ଦକ୍ଷତାରେ ସଶକ୍ତ କରିବା ଜରୁରୀ ବୋଲି ମନ୍ତ୍ରୀ କହିଛନ୍ତି।

ଟାଟା ଟେକ୍ନୋଲୋଜି ସହ ହୋଇଥିବା ପ୍ରଥମ ଚୁକ୍ତି ଅନୁଯାୟୀ, ରାଜ୍ୟ ସରକାର ପ୍ରକଳ୍ପ ଖର୍ଚ୍ଚର ୧୪ ପ୍ରତିଶତ ବହନ କରିବେ ଏବଂ ଟାଟା ଟେକ୍ନୋଲୋଜି ପ୍ରାୟ ୮୬ ପ୍ରତିଶତ ଅବଦାନ ଦେବେ। ଏହି ଆଇଟିଆଇଗୁଡ଼ିକରେ ଅତ୍ୟାଧୁନିକ ପରୀକ୍ଷାଗାର ଏବଂ ଶିଳ୍ପ ଉପଯୋଗୀ ଆଧୁନିକ ଯନ୍ତ୍ରପାତି ସ୍ଥାପନ କରାଯିବ, ଯାହା ଆଧୁନିକ ଶିଳ୍ପ ମାନଦଣ୍ଡ ସହ ସମକକ୍ଷ ତାଲିମ ଭିତ୍ତିଭୂମି ପ୍ରଦାନ କରିବ। ଉତ୍କର୍ଷ କେନ୍ଦ୍ରଗୁଡ଼ିକରେ ଅଟୋ ମୋବାଇଲ ଯଥା ବୈଦ୍ୟୁତିକ ଯାନବାହନ, ଡିଜାଇନ ଓ ଯାଞ୍ଚ ଉପକରଣ, ଥ୍ରୀ-ଡି ପ୍ରିଣ୍ଟିଂ, ରୋବୋଟିକ୍ସ, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ, ଆଧୁନିକ ମାନୁଫାକ୍ଚରିଂ, ଉନ୍ନତ ସି.ଏନ୍.ସି ଓ ଭି.ଏମ୍.ସି ମେସିନିଂ ଏବଂ ପ୍ରୋସେସ କଣ୍ଟ୍ରୋଲ ପରି ଉଦୀୟମାନ କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯିବ। ଟାଟା ଟେକ୍ନୋଲୋଜି ୫ ବର୍ଷ ପର୍ଯ୍ୟନ୍ତ ପ୍ରଶିକ୍ଷକ ନିୟୋଜନ, ଯନ୍ତ୍ରପାତି ରକ୍ଷଣାବେକ୍ଷଣ ଏବଂ ନିଯୁକ୍ତି କ୍ଷେତ୍ରରେ ସହାୟତା ପ୍ରଦାନ କରିବ।

ସେହିପରି ଦ୍ୱିତୀୟ ଯୁକ୍ତି ଅନୁସାରେ, ୟୁନିସେଫ୍‌ର ସହଭାଗିତାରେ 'ୟୁଥ ହବ୍' ପ୍ଲାଟଫର୍ମ ମାଧ୍ୟମରେ ୨ହଜାରରୁ ଅଧିକ ଛାତ୍ରୀଙ୍କୁ ଡିଜିଟାଲ ଦକ୍ଷତା ପ୍ରଶିକ୍ଷଣ ଏବଂ ନିଯୁକ୍ତିରେ ସହାୟତା କରାଯିବ। ତୃତୀୟ ଚୁକ୍ତିନାମା ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଏବଂ କାୱାସାକି ରୋବୋଟିକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ମଧ୍ୟରେ ହୋଇଛି। ଏହି କମ୍ପାନୀ ସହଭାଗିତାରେ ରୋବୋଟିକ୍ସ, ଅଟୋମେଶନ ଏବଂ 'ଇଣ୍ଡଷ୍ଟ୍ରି ୪.୦' ଟେକ୍ନୋଲୋଜି କ୍ଷେତ୍ରରେ ଯୁବପିଢ଼ିଙ୍କୁ ଦକ୍ଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚତୁର୍ଥ ଚୁକ୍ତି ୱାର୍ଲ୍ଡ ସ୍କିଲ ସେଣ୍ଟର ଏବଂ ଆଡ୍ରେୟ ଗ୍ଲୋବାଲ ପ୍ରାଇଭେଟ ଲିମିଟେଡ ମଧ୍ୟରେ ହୋଇଥିବାବେଳେ କମ୍ପାନୀ ପକ୍ଷରୁ ଜର୍ମାନୀ ଓ ଅନ୍ୟ ୟୁରୋପୀୟ ଦେଶରେ ନିଯୁକ୍ତି ପାଇଁ ଭାଷା ପ୍ରଶିକ୍ଷଣ ଏବଂ ବିଦେଶୀ ନିଯୁକ୍ତି ସୁବିଧା ଦିଆଯିବ। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ କମିଶନର ଭୂପେନ୍ଦ୍ର ସିଂ ପୁନିଆ, ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂ ରାଠୋର, ୱାର୍ଲ୍ଡ ସ୍କିଲ୍ ସେଣ୍ଟରର ସିଇଓ ରଶ୍ମି ମହାପାତ୍ର, କାୱାସାକି ରୋବୋଟିକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ହିରୋଶି ମିୟାକେ, ୟୁନିସେଫ୍ ଓଡ଼ିଶା କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ପ୍ରଶାନ୍ତ ଦାଶ, ଆଡ୍ରେୟ ଗ୍ଲୋବାଲ ପ୍ରାଇଭେଟ୍ ଲିମିଟେଡ ମୁଖ୍ୟ ପରିଚାଳନା ଅଧିକାରୀ ପ୍ରଦୀପ୍ତ କୁମାର ଦାସ ଏବଂ ଟାଟା ଟେକ୍ନୋଲୋଜିଜ୍ ଗ୍ଲୋବାଲ ଡେଲିଭରୀ ମୁଖ୍ୟ ଯତେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ ଶିଳ୍ପ ପ୍ରତିନିଧି ଉପସ୍ଥିତ ଥିଲେ ।

# ୪ଲକ୍ଷ ରାଶନ କାର୍ଡ ଆବେଦନର ତର୍ଜମା କରୁଛନ୍ତି ସରକାର

ଭୁବନେଶ୍ୱର, ୧୮।୨(ସୁନିତ୍ ମିଶ୍ର)

୨୦୨୪ ଜୁନ୍ ପରଠାରୁ ଅଦ୍ୟାବଧି ରାଜ୍ୟର ସମୁଦାୟ ୯ ଲକ୍ଷ ୧୧ ହଜାର ୧୭୪ ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ରାଜ୍ୟର ମୋଟ୍ ୪ ଲକ୍ଷ ୬୦ ହଜାର ୧୮୯ ପରିବାରର ୯ ଲକ୍ଷ ୧୧ ହଜାର ୧୭୪ ଜଣ ଏହି କାର୍ଡ ପାଇଛନ୍ତି। ରାଜ୍ୟରେ ଆହୁରି ପାଇବାକୁ ଥିବା ୩ ଲକ୍ଷ ୯୯ ହଜାର ୮୮୯ଟି ଅର୍ଥାତ୍ ପ୍ରାୟ ୪ ଲକ୍ଷ ଆବେଦନଗୁଡ଼ିକର ସରକାର ତର୍ଜମା କରୁଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବିଧାନସଭାରେ କହିଛନ୍ତି।

ବିଧାୟକ ସୌଭିକ ବିଶ୍ୱାଳଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପାତ୍ର କହିଛନ୍ତି, ରାଜ୍ୟରେ ଯେଉଁମାନେ ରାଶନ କାର୍ଡ ପାଇବାକୁ ଯୋଗ୍ୟ ବିବେଚିତ ହେଉଛନ୍ତି ସେମାନଙ୍କୁ କାର୍ଡ ଯୋଗାଇ ଦିଆଯାଉଛି। କଟକ ନିର୍ବାଚନମଣ୍ଡଳୀରେ ମୋଟ୍ ୬୭୬୧ଟି ଆବେଦନପତ୍ର ମଧ୍ୟରୁ ୫୧୮୪ ଆବେଦନପତ୍ରର କ୍ଷେତ୍ରୀୟ ଯାଞ୍ଚ ଚାଲିଛି। ସେଥିମଧ୍ୟରୁ ୨୭୭୮ଟି ଯୋଗ୍ୟ ଆବେଦନକାରୀ ପରିବାରଙ୍କୁ ଖାଦ୍ୟ ସୁରକ୍ଷାରେ ସାମିଲ କରାଯାଇଛି। ବଳକା ଆବେଦନଗୁଡିକର ତର୍ଜମା ଚାଲିଛି। ଯୋଗ୍ୟ ବିବେଚିତ ହେଉଥିବା ପରିବାରକୁ ଖାଉଟି କାର୍ଡ ଯୋଗାଇ ଦେବାକୁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

# ଖର୍ଚ୍ଚ ହୋଇପାରୁନି ବଜେଟ ଅର୍ଥ: କଂଗ୍ରେସ

ଭୁବନେଶ୍ୱର,୧୮।୨(ରବିନାରାୟଣ ଜେନା)

ରାଜ୍ୟ ସରକାର ପ୍ରସ୍ତୁତ କରୁଥିବା ବଜେଟ ଅର୍ଥ ଖର୍ଚ୍ଚ କରିପାରୁନାହାନ୍ତି। ୨୦୨୫-୨୬ ଆର୍ଥିକବର୍ଷ ସରିବାକୁ ଆଉ ୪୨ ଦିନ ବାକି ଥିବାବେଳେ ମାତ୍ର ୫୭ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି ବୋଲି କଂଗ୍ରେସ କହିଛି।

ବୁଧବାର ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା କହିଛନ୍ତି, ୨୦୨୫-୨୬ ଆର୍ଥିକବର୍ଷ ପାଇଁ ରାଜ୍ୟ ସରକାର ୨ ଲକ୍ଷ ୯୦ ହଜାର କୋଟିର ବଜେଟ କରିଥିଲେ ହେଁ ଜାନୁଆରୀ ଶେଷସୁଦ୍ଧା ମାତ୍ର ୧ ଲକ୍ଷ ୬୩ ହଜାର ୬୬୪ କୋଟି ଟଙ୍କା ବ୍ୟୟ କରାଯାଇଛି। ସାଲୁଜା ପୁଣି କହିଥିଲେ, ରାଜ୍ୟରେ ସମୁଦାୟ ଋଣଭାର ୨୦୨୬-୨୭ ସୁଦ୍ଧା ୧ ଲକ୍ଷ ୫୦ ହଜାର କୋଟି ଛୁଇଁବ। ରାଜ୍ୟରେ ଚାଷୀଙ୍କ ଧାନ କିଣାଯାଉନାହିଁ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୬୯ ହୋଇଥିଲାବେଳେ ଇନ୍‌ପୁଟ୍ ସବ୍‌ସିଡିକୁ ମିଶାଇ ୩୧୬୯ ଟଙ୍କା ପରିବର୍ତ୍ତେ ମାତ୍ର ୩୧୦୦ ଟଙ୍କାରେ ଧାନ କିଣାଯାଉଛି। ଚାଷୀଙ୍କ ଧାନ ଉଠାଯାଉନାହିଁ, ମାସ ମାସ ଧରି ମଣ୍ଡିରେ ଚାଷୀ ବସି ରହୁଛନ୍ତି। ମଙ୍ଗଳବାର ବିଧାନସଭାରେ ରାଜ୍ୟପାଳ ଯେଉଁ ଅଭିଭାଷଣ ରଖିଛନ୍ତି, ତାହା ଅସତ୍ୟ। ଏ ସରକାର ରାଜ୍ୟପାଳଙ୍କ ମୁହଁରେ ମିଛ କୁହାଉଥିବା ସାଲୁଜା କହିଛନ୍ତି।

ବିଧାୟକ ପବିତ୍ର ସାଉଁତା କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଚରମସୀମାରେ ପହଞ୍ଚିଛି। ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବା ପାଇଁ କହିଥିଲେ, କିନ୍ତୁ ୩ ୟୁନିଟ୍ ବି ମାଗଣା ଦିଆଗଲାନାହିଁ। ମୁଖପାତ୍ର ରଜନୀ ମହାନ୍ତି ସମାଲୋଚନା କରି କହିଛନ୍ତି, ରାଜ୍ୟ ସରକାର ଚଳିତ ଆର୍ଥିକବର୍ଷରେ ପୁଞ୍ଜି ବିନିଯୋଗ ପାଇଁ ୬୫ ହଜାର ୧୨ କୋଟିର ପ୍ରସ୍ତାବ ରଖିଥିଲାବେଳେ ମାତ୍ର ୨୯ ହଜାର ୧୯୬ କୋଟି ଟଙ୍କା ୧୦ ମାସ ମଧ୍ୟରେ ଖର୍ଚ୍ଚ କରିଛନ୍ତି, ଯାହାକି ସମୁଦାୟ ବଜେଟର ମାତ୍ର ୪୬ପ୍ରତିଶତ।

# ବାଛୁରୀ ମୁହଁରେ ଫୁଟିଲା ବୋମା

ଆନନ୍ଦପୁର,୧୮।୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ଥାନା ଦରଖଳା ଗାଁରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଗାଁ ନିକଟ ଜଙ୍ଗଲରେ ବାର୍ହା ଶିକାର ପାଇଁ ଖଞ୍ଜାଯାଇଥିବା ବୋମାକୁ ଖାଦ୍ୟ ଭାବି ଚୋବାଇ ଦେବାରୁ ବାଛୁରୀ ମୁହଁରେ ତାହା ଫୁଟିଯାଇଛି। ମୁହଁ ଛିଣ୍ଡି ବାଛୁରୀ ଗୁରୁତର ହୋଇଛି। ବାଛୁରୀ ମାଲିକ ଦରଖଳା ଗାଁର ମାଧ ମୁଣ୍ଡା କ୍ଷତିପୂରଣ ଦାବି କରିଛନ୍ତି। ଅଭିଯୋଗ ମୁତାବକ, ବାଛୁରୀଟି ଗାଁ ପାଖ ଜଙ୍ଗଲ ନିକଟରେ ଚରୁଥିଲା। ଏହି ସମୟରେ ସେଠାରେ ଖଞ୍ଜାଯାଇଥିବା ବୋମାକୁ ଖାଇଦେବାରୁ ପାଟିରେ ତାହା ଫୁଟିଯାଇଥିଲା। ଘଷିପୁରା ପ୍ରାଣୀ ଚିକିତ୍ସକ ପହଞ୍ଚି ବାଛୁରୀର ଚିକିତ୍ସା କରିଥିବା ଜଣାପଡ଼ିଛି। ବୋମା ଖଞ୍ଜିଥିବା ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବାକୁ ବାଛୁରୀ ମାଲିକ ମାଧ ଦାବି କରିଛନ୍ତି।


# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No. RDM-LAA-MBJ-0016-2025-48813/R&DM Dated: 26 Dec. 2025

No. XXI-43: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ଶାତସଗଡ଼ିଆ ମାଇନର, ଭୈରଙ୍ଗୀ ମାଇନର, କଳମା ସବ-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ରାଘବପୁର, ଥାନା: ବୈଶିଙ୍ଗା ନଂ. ୨୦୪, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧୫.୭୮ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରିଛନ୍ତି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ଶାତସଗଡ଼ିଆ ମାଇନର, ଭୈରଙ୍ଗୀ ମାଇନର, କଳମା ସବ୍-ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ରାଘବପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୫୧.୭୮ | ଏ.୧୫.୭୮ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଉଳି ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

## ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା – ୮୭/୨୦୨୩
ଏ.୧୫.୭୮ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେଶରୀ ଡିଷ୍ଟ୍ରିବ୍ୟୁଟାରୀ
ଶାତସଗଡ଼ିଆ ମାଇନର, ଭୈରଙ୍ଗୀ ମାଇନର, କଳମା ସବ-ମାଇନର ନିମନ୍ତେ
ମୌଜା: ରାଘବପୁର, ଥାନା: ବୈଶିଙ୍ଗା ନଂ. – ୨୦୪, ତହସିଲ – ବେତନଟୀ, ଜିଲ୍ଲା: ମୟୂରଭଞ୍ଜ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 5 | 907/962 | 0.16 | 0.05 | ଶାରଦ ଦୁଇ | ଉତ୍ତମ ରାମ, ପି.: ସିଙ୍ଗୁ ରାମ, ସୋମନାଥ ରାମ, ପି.: ମଙ୍ଗୁଳିଆ ରାମ, ଜା: ଓରାଣ, ବା: ବର୍ତ୍ତନା |
| | 882 | 0.25 | 0.09 | ଶାରଦ ତିନି | |
| | 885 | 0.35 | 0.15 | ଶାରଦ ତିନି | |
| 10 | 655/966 | 0.90 | 0.20 | ଶାରଦ ଏକ | କହ୍ନେଇ ମହାନ୍ତ, ଜୟରାମ ମହାନ୍ତ, ହରି ମହାନ୍ତ, ନାଲ ମୋହନ ମହାନ୍ତ, ପୁରୁଷୋତ୍ତମ ମହାନ୍ତ, ପି.: ରେଙ୍ଗୁ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ନିଜଗାଁ |
| 12 | 809 | 3.63 | 0.50 | ଶାରଦ ଦୁଇ | କନ୍ଦା ମାଝୀ, ପି: ଜିତୁ ମାଝୀ, ରାୟସେନ ମାଝୀ, ପି: ଭଦ୍ର ମାଝୀ, ସୁନା ମାଝୀ, ଶୁକୁଲ ମାଝୀ, ପି: ଶିରୁ ମାଝୀ, ଦୁଃଖିଆ ମାଝୀ, ପି: ଭଦ୍ର ମାଝୀ, ସୀତା ମାଝୀ, ସ୍ୱା: ଧନୁ ମାଝୀ, ମଙ୍ଗଳ ମାଝୀ, ଜଗନା ମାଝୀ, ପି: ଜିତାରାୟ ମାଝୀ, ଚୈତନ୍ୟ ମାଝୀ, ପି: କଟାଲ ମାଝୀ, ଜା: ସାନ୍ତାଳ ବା: କାପୋଇ |
| | 818 | 0.17 | 0.01 | ଶାରଦ ଦୁଇ | |
| | 833 | 0.81 | 0.30 | ଶାରଦ ତିନି | |
| 15 | 123 | 2.92 | 0.64 | ଶାରଦ ତିନି | କାପୁ ମାଝୀ, ପି: ସୁବୁଧା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 260 | 0.22 | 0.22 | ଶାରଦ ତିନି | |
| 20 | 649 | 0.68 | 0.08 | ଶାରଦ ଦୁଇ | କାଳିଚରଣ ମାଝୀ, ପି: ନେକା ମାଝୀ, ପଦୁ ମାଝୀ, ଶ୍ୟାମ ମାଝୀ, ପି: ଇଟୁ ମାଝୀ, ଜା: ସାନ୍ତାଳ, ବା:ନିଜଗାଁ |
| | 816 | 0.20 | 0.04 | ଶାରଦ ଦୁଇ | |
| 22 | 434 | 0.72 | 0.02 | ଶାରଦ ଦୁଇ | କିଶୁନ ମାଝୀ, ପି: ହପନା ମାଝୀ, ଚାନ୍ଦା ମାଝୀ, ପି: କିସୁନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 25 | 46 | 0.46 | 0.03 | ଶାରଦ ତିନି | କୁଞ୍ଜବିନ୍ଧାଣୀ, ଝଡିଆ ବିନ୍ଧାଣୀ, ପି: ଉଜାଡ ବିନ୍ଧାଣୀ, ଜା: ବିନ୍ଧାଣି, ବା: ନିଜଗାଁ, ବେଆଇନ ଖରିଦ ସୂତ୍ରେ ଦଖଲ ବା: ଗଙ୍ଗାଧର ମହାନ୍ତ, ରଇବୁ ମହାନ୍ତ, କାନ୍ତିରାମ ମହାନ୍ତ, ରଥୁ ମହାନ୍ତ, ଥୁଲା ମହାନ୍ତ, ମଥୁରା ମହାନ୍ତ, ପି: ଗୋବିନ୍ଦ ମହାନ୍ତ, ରାମକୃଷ୍ଣ ମହାନ୍ତ, ପି: ଶତ୍ରୁଘ୍ନ ମହାନ୍ତ, ଜା: କୁଡୁମି, ବା: ସାରଦା, ରେଜେଷ୍ଟ୍ରି ଦଲିଲ ନମ୍ବର 2366 ତା.10.8.74 ଜରସମନ : ଟ.700.00 ବା: |
| 26 | 261 | 0.22 | 0.01 | ଶାରଦ ତିନି | କୁଡୁଧା ମୁର୍ମୁ, ପି: ରାଘବାନନ୍ଦ ମୁର୍ମୁ, ଜା: ସାନ୍ତାଳ, ବା: ନିଜଗାଁ |
| 27 | 273 | 0.46 | 0.21 | ଶାରଦ ତିନି | କୁନୁ ମାଝୀ, ବିରିହା ମାଝୀ, ପି: ଖେଲା ମାଝୀ, ସୁନା ମାଝୀ, ପି: ହପାଙ୍ଗ ମାଝୀ, ଜା: ସାନ୍ତାଳ, ବା:ନିଜଗାଁ |
| 31 | 120 | 0.45 | 0.01 | ଶାରଦ ତିନି | ଖାଣ୍ଡ ମାଝୀ, ବିରାମ ମାଝୀ, ଛୋଟରାୟ ମାଝୀ, ପି: ଚରଣ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 376 | 0.41 | 0.33 | ଶାରଦ ତିନି | |
| 33 | 27 | 0.58 | 0.08 | ଶାରଦ ତିନି | ଗଜେନ୍ଦ୍ର ପାତ୍ର, ବୁଧ ପାତ୍ର, ପି: ଦଶରଥ ପାତ୍ର, ଭଗବାନ ପାତ୍ର, ଭାଗବତ ପାତ୍ର, ପି: ଗିରିଧାରି ପାତ୍ର, ଜା: ପାତ୍ର ତନ୍ତି, ବା: ନିଜଗାଁ |
| | 32 | 0.28 | 0.01 | ଶାରଦ ତିନି | |
| | 33 | 0.56 | 0.47 | ଶାରଦ ତିନି | |
| | 33/1028 | 0.38 | 0.24 | ଶାରଦ ତିନି | |
| 34 | 883 | 0.19 | 0.11 | ଶାରଦ ତିନି | ଗଙ୍ଗା ରାମ, ଦର୍ଶନ ରାମ, ପଚା ରାମ, ଭୁକଲା ରାମ, ପି: ମାୟା ରାମ, ନାଥ ରାମ, ଶୁକା ରାମ, ପି: ଗୁହ୍ୟା ରାମ, ସନିଆ ରାମ, ପି: ଜଗା ରାମ, ଜା: ଓରାଣ, ବା: ବର୍ତ୍ତନା |
| | 884 | 0.23 | 0.15 | ଶାରଦ ତିନି | |
| 35 | 45 | 0.30 | 0.12 | ଶାରଦ ତିନି | ଗଙ୍ଗାଧର ମହାନ୍ତ, ରଇବୁ ମହାନ୍ତ, କାନ୍ତିରାମ ମହାନ୍ତ, ରଥୁ ମହାନ୍ତ, ଥୁଲା ମହାନ୍ତ, ମଥୁରା ମହାନ୍ତ, ରାମକୃଷ୍ଣ ମହାନ୍ତ, ପି: ଶତ୍ରୁଘନ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ସାରଦା |
| 38 | 690 | 0.23 | 0.07 | ଶାରଦ ଏକ | ଗିରିଶ ମହାନ୍ତ, ସୁଧିର ମହାନ୍ତ, ଶଶି ମହାନ୍ତ, ଅଶ୍ୱିନି କୁମାର ମହାନ୍ତ, ଗୋବର୍ଦ୍ଧନ ମହାନ୍ତ, ପି: ସୋମନାଥ ମହାନ୍ତ, ଜା: କୁଡୁମି, ବା: ପଳାଶ ବଧା |
| | 691/1040 | 0.55 | 0.07 | ଶାରଦ ଏକ | |
| 54 | 834 | 0.78 | 0.30 | ଶାରଦ ତିନି | ଚୌଧୁରୀ ମହାନ୍ତ, କାର୍ତ୍ତିକ ମହାନ୍ତ, ଫକିର ମହାନ୍ତ, ଶତ୍ରୁଘ୍ନ ମହାନ୍ତ, ରତିକାନ୍ତ ମହାନ୍ତ, ପି: ଅର୍ଜୁନ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ନିଜଗାଁ |
| 58 | 855 | 0.38 | 0.24 | ଶାରଦ ତିନି | ଜୟକୃଷ୍ଣ ରାମ, ହରି ରାମ, ପି: ରୁପା ରାମ, ଜା: ଓରାଣ, ବା: ନିଜଗାଁ |
| 59 | 849 | 0.23 | 0.03 | ଶାରଦ ତିନି | ଜୟକୃଷ୍ଣ ରାମ, ହରି ରାମ, ପି: ରୁପା ରାମ, ବୁଲା ରାମ, ଲକ୍ଷ୍ମଣ ରାମ, ଗଜେନ୍ଦ୍ର ରାମ, ପି: ନାଥ ରାମ, ଜଗା ରାମ, ପି: ମଙ୍ଗୁଳିଆ ରାମ, ସମରା ରାମ, ବନମାଳୀ ରାମ, ଦୈତାରୀ ରାମ, ଦିନବନ୍ଧୁ ରାମ, ପି: ନବ ରାମ, କୁଷ ରାମ, ପି: ବୈଦା ରାମ, ଶଙ୍କର ରାମ, ପି: ବାରିଆ ରାମ, ପ୍ରଭାସିଆ ରାମ, ରାଜେନ୍ଦ୍ର ରାମ, ପି: ଗୁରୁବାରିଆ ରାମ, ଲେମ୍ବା ରାମ, ଛୋଟ ରାମ, ପୁନ ରାମ, ପି: ବୁଚ ରାମ, ହାଡିଆ ରାମ, ଚନ୍ଦ୍ରା ରାମ, ପି: ରଥିଆ ରାମ, ଇନ୍ଦ ରାମ, ସଦା ରାମ, ପି: ସାନା ରାମ, କାର୍ତ୍ତିକ ରାମ, ସମରା ରାମ, ପି: ସାମି ରାମ, ଯତନ ରାମ, ପି: ମାଧିଆ ରାମ, ଜା: ଓରାଣ, ବା:ନିଜଗାଁ |
| 61 | 901 | 0.76 | 0.16 | ଶାରଦ ଦୁଇ | ଜଗା ରାମ, ପି: ନାଲୁ ରାମ, ଜା: ଉରାଣ, ବା: ବର୍ତ୍ତନା |
| | 907 | 1.02 | 0.28 | ଶାରଦ ଦୁଇ | |
| 62 | 900 | 0.14 | 0.09 | ଶାରଦ ଦୁଇ | ଜଗା ରାମ, ପି: ଝଡିଆ ରାମ, ଜା: ଉରାଣ, ବା: ବର୍ତ୍ତନା |
| 63 | 652 | 1.04 | 0.28 | ଶାରଦ ଦୁଇ | ଜବା ମାଝୀ, ସ୍ୱା: ଠାକୁରା ମାଝୀ, ସାଲମା ମାଝୀ, ସ୍ୱା: ବଳଧା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 71 | 896 | 0.23 | 0.08 | ଶାରଦ ଦୁଇ | ଝଡିଆ ରାମ, ପି: ରଇବାରିଆ ରାମ, ଜା: ଉରାଣ, ବା: ବର୍ତ୍ତନା, ହାରାବତୀ ରାମ, ସାର ରାମ, ପି: ନନ୍ଦୁରୀ ରାମ, ଜା: ଉରାଣ, ବା: କଳମା |
| 75 | 89 | 2.77 | 0.58 | ଶାରଦ ଏକ | ଠୁମ୍ପୁ ମାଝୀ, ପିଥ ମାଝୀ, ପି: ଏଫରାମ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 111 | 0.26 | 0.01 | ଶାରଦ ତିନି | |
| 76 | 86 | 0.30 | 0.02 | ଶାରଦ ତିନି | ଠୁମ୍ପୁ ମାଝୀ, ପିଥ ମାଝୀ, ପି: ଏଫରାମ ମାଝୀ, ବଡ ହପନା ମାଝୀ, ଭାଦେଇ ମାଝୀ, ପି: ଦାସିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 79 | 83 | 0.11 | 0.03 | ଘରବାରି | ଡାମ୍ବୁ ବିନ୍ଧାଣୀ, ପି: ଭଜ ବିନ୍ଧାଣୀ, ମୁଖୁନା ବିନ୍ଧାଣୀ, ପି: ଜେଠୁ ବିନ୍ଧାଣୀ, ବୁକାଇ ବିନ୍ଧାଣୀ, ନାଥ ବିନ୍ଧାଣୀ, ସିଙ୍ଗରାୟ ବିନ୍ଧାଣୀ, ପି: ରାଧା ବିନ୍ଧାଣୀ, ତିଲକା ବିନ୍ଧାଣୀ, ଟୁଣିଆ ବିନ୍ଧାଣୀ, ପି: ମଙ୍ଗଲା ବିନ୍ଧାଣୀ, କାଣା ବିନ୍ଧାଣୀ, ଚୁଟିଆ ବିନ୍ଧାଣୀ, ପି: ଧନୁ ବିନ୍ଧାଣୀ, ଜା: ବିନ୍ଧାଣୀ, ବା: ନିଜଗାଁ |
| 83 | 878 | 0.15 | 0.02 | ଶାରଦ ଦୁଇ | ଦଶରଥ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ଉପେନ୍ଦ୍ର ମହାନ୍ତ, ସୂର୍ଯ୍ୟ ମୋହନ ମହାନ୍ତ, ପ୍ରଫୁଲ୍ଲ ମହାନ୍ତ, ପି: ଆନନ୍ଦ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ନିଜଗାଁ |
| | 879 | 0.34 | 0.10 | ଶାରଦ ଦୁଇ | |
| 88 | 880 | 0.46 | 0.28 | ଶାରଦ ଦୁଇ | ଦାସରଥି ମାଝୀ, ଭୁଟା ମାଝୀ, ତଳ ମାଝୀ, ପି: କଙ୍କା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 889 | 0.72 | 0.06 | ଶାରଦ ଦୁଇ | |
| 91 | 810 | 0.53 | 0.08 | ଶାରଦ ଦୁଇ | ଦାନୁ ମାଝୀ, ଯାଦୁ ମାଝୀ, ପି: ସିଙ୍ଗରାୟ ମାଝୀ, ସିଙ୍ଗରାୟ ମାଝୀ, ପି: ଦାସ ମାଝୀ, ଚନ୍ଦ୍ର ମାଝୀ, ହପ ମାଝୀ, ପି: କାସୁ ମାଝୀ, ସୁନିଆ ମାଝୀ, ସ୍ୱା: କାସୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 811 | 0.69 | 0.07 | ଶାରଦ ଦୁଇ | |
| 94 | 650/991 | 0.41 | 0.24 | ଶାରଦ ଦୁଇ | ଦୁଲାରି ମାଝୀ, ସ୍ୱା: ମାତାଲ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 96 | 112 | 0.30 | 0.15 | ଶାରଦ ତିନି | ଦୁଲା ମାଝୀ, ପି: ହଗୁରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 105 | 258 | 0.33 | 0.17 | ଶାରଦ ତିନି | ଧୁମା ମାଝୀ, ପି: ବିରାମ ମାଝୀ, ସୁରେଇ ମାଝୀ, ପି: କିସନ ମାଝୀ, ବାଙ୍ଗରା ମାଝୀ, ପି: ଡୁମୁକା ମାଝୀ, ଜା: ସାନ୍ତାଳ, ବା: ଡମ୍ବରୁଡହର |
| 107 | 847 | 0.31 | 0.12 | ଶାରଦ ଦୁଇ | ନଛୁ ରାମ, ବୁଧିଆ ରାମ, ଭରତ ରାମ, ପି: ଝଡିଆ ରାମ, ଜା:ଉରାଣ, ବା: ନିଜଗାଁ |
| | 856 | 0.21 | 0.08 | ଶାରଦ ତିନି | |
| | 861 | 0.25 | 0.01 | ଶାରଦ ତିନି | |
| 112 | 658 | 0.11 | 0.11 | ଆଶୁ | ନାଥ ରାମ, ପି: ପଚି ରାମ, ଜଗା ରାମ, ପି: ମଙ୍ଗୁଳିଆ ରାମ, ନବ ରାମ, ପି: ବଇଦା ରାମ, ହାଡିଆ ରାମ, ଚନ୍ଦ୍ର ରାମ, ପି: ରଥିଆ ରାମ, ରୁପା ରାମ, ପି: ଗୁବା ରାମ, ଭଗବାନ ରାମ, ପି: ସୁକୁରା ରାମ, ଠକର ରାମ, ପି: ଗୁରୁବାରିଆ ରାମ, ସାନସୁକୁରା ରାମ, ପି: ଶାମା ରାମ, ଜା: ଉରାଣ, ଲସ ମାଝୀ, ପି: ଅର୍ଜୁନ ମାଝୀ, ଧିରାଇ ମାଝୀ, ପି: ରାମଜିତ୍ ମାଝୀ, ଜା:ସାନ୍ତାଳ, ବା: ନିଜଗାଁ |
| | 656 | 0.10 | 0.10 | ଆଶୁ | |
| 122 | 877 | 0.70 | 0.28 | ଶାରଦ ଦୁଇ | ପାରି ରାମ ସ୍ୱା: ଠକର ରାମ, ଜା: ଉରାଣ, ବା: ନିଜଗାଁ |
| 127 | 691 | 0.73 | 0.24 | ଶାରଦ ଏକ | ପୁରୁଷୋତ୍ତମ ପରିଡା, ପି: ବନମାଳି ପରିଡା, ନିଆସି ପରିଡା, ଚୈତନ୍ୟ ପରିଡା, ପି: ଫକିର ପରିଡା, ଜା: ରାଜୁ, ବା: ମାଣିକପୁର |
| 134 | 664 | 0.09 | 0.01 | ଶାରଦ ତିନି | ବଳାଇ ମାଝୀ, ପି: ଉନୁପା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 666 | 0.27 | 0.20 | ଶାରଦ ତିନି | |
| 146 | 650 | 0.92 | 0.54 | ଶାରଦ ଦୁଇ | ବିରୁ ମାଝୀ, ସାନ ସଲମା ମାଝୀ, ପି: ଦୁବେଇ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 147 | 106 | 0.49 | 0.27 | ଶାରଦ ଦୁଇ | ବିରୁ ମାଝୀ, ବିଶ୍ୱାଳ ମାଝୀ, କନ୍ଦା ମାଝୀ, ପି: ଭଦ୍ର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 113 | 0.06 | 0.02 | ଶାରଦ ତିନି | |
| | 114 | 0.29 | 0.01 | ଶାରଦ ତିନି | |
| | 121 | 0.58 | 0.03 | ଶାରଦ ତିନି | |
| 154 | 377 | 1.28 | 0.12 | ଶାରଦ ତିନି | ବୁଧରାୟ ମାଝୀ, ପି: ଦୁଃଖିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 156 | 814 | 0.35 | 0.13 | ଶାରଦ ଦୁଇ | ଭଜ ମାଝୀ, ପି: ବିରାମ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 817 | 0.50 | 0.18 | ଶାରଦ ଦୁଇ | |
| 162 | 663 | 0.29 | 0.18 | ଶାରଦ ତିନି | ଭିକା ମାଝୀ, ପି: ଚାନ୍ଦରାୟ ମାଝୀ, ଜା: ସାନ୍ତାଳ, ବା:ନିଜଗାଁ |
| | 379 | 2.29 | 0.80 | ଶାରଦ ତିନି | |
| 168 | 117 | 0.19 | 0.19 | ଶାରଦ ତିନି | ମଙ୍ଗଳା ମାଝୀ, ପି: କନ ମାଝୀ, ମଦନ ମାଝୀ, ପି: ଖାଣ୍ଡ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 375 | 0.40 | 0.01 | ଶାରଦ ତିନି | |
| 171 | 115 | 0.03 | 0.03 | ଶାରଦ ତିନି | ବଡ ମଦନ ମାଝୀ, ପି: ପାରୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 116 | 0.34 | 0.24 | ଶାରଦ ତିନି | |
| 177 | 92 | 0.13 | 0.01 | ଶାରଦ ଦୁଇ | ମାଣିକା ମାଝୀ, ପି: ରାମାୟ ମାଝୀ, ଚାନା ମାଝୀ, ସାମନା ମାଝୀ, ସଣ ମାଝୀ, ପି: ମାଣିକା ମାଝୀ, ସାଗରାମ ମାଝୀ, ପି: ଉନୁପା ମାଝୀ, ବାହ୍ଲୀ ମାଝୀ, ସ୍ୱା: ରେଣ୍ଟା ମାଝୀ, ଦୁଖା ମାଝୀ, ପି: ରେଣ୍ଟା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 93 | 0.30 | 0.26 | ଶାରଦ ଦୁଇ | |
| | 95 | 0.69 | 0.16 | ଶାରଦ ଦୁଇ | |
| | 336 | 0.43 | 0.01 | ଶାରଦ ତିନି | |
| 179 | 854 | 0.18 | 0.02 | ଶାରଦ ତିନି | ମାୟା ମାଝୀ, ପି: ହପା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 190 | 373 | 0.69 | 0.22 | ଶାରଦ ତିନି | ରାମଦେ ମାଝୀ, ପି: ଦୁଲା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 199 | 259 | 0.33 | 0.06 | ଶାରଦ ତିନି | ରାଣୀ ମାଝୀ, ସ୍ୱା: ଉନୁପା ମାଝୀ, ଜା: ସାନ୍ତାଳ, ବା: ମାଣିକପୁର, ସରପା ମାଝୀ, ସ୍ୱା: ସାଓଗେ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 209 | 28 | 0.41 | 0.20 | ଶାରଦ ତିନି | ସାଗରାମ ମାଝୀ, ପି: ଅନପା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 26 | 0.14 | 0.14 | ଆଶୁ | |
| 200 | 372 | 1.69 | 0.38 | ଶାରଦ ତିନି | ରାନ ମାଝୀ, ପି: ଗୋପାଳ ମାଝୀ, ପିଥ ମାଝୀ, ପକେ ମାଝୀ, ପି: କାନ୍ଦୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 374 | 0.16 | 0.06 | ଶାରଦ ତିନି | |
| 220 | 91 | 1.00 | 0.39 | ଶାରଦ ଏକ | ଶୁଣୁ ମାଝୀ, ପି: ହଗରା ମାଝୀ, ହରେନ୍ଦ୍ର ମାଝୀ, ପି: ଦେବେନ୍ଦ୍ର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 94 | 0.56 | 0.20 | ଶାରଦ ଦୁଇ | |
| | 378 | 0.62 | 0.42 | ଶାରଦ ତିନି | |
| | 274 | 0.37 | 0.01 | ଆଶୁ | |
| 232/2 | 896/1041 | 0.23 | 0.07 | ଘରବାରି | ସହଦେବ ରାମ, ବିଜୟ ରାମ, ପି: ମଧୁ ରାମ, ଜା: ଓରାଣ, ବା: ବର୍ତ୍ତନା |
| 232/8 | 384 | 0.51 | 0.18 | ଶାରଦ ଦୁଇ | ଚାନା ହେମ୍ବ୍ରମ, ପି: ମାନିକା ହେମ୍ବ୍ରମ, ଜା: ସାନ୍ତାଳ, ବା: ନିଜଗାଁ |
| 232/14 | 273/1056 | 0.19 | 0.03 | ଶାରଦ ତିନି | କାର୍ତ୍ତିକ ଚନ୍ଦ୍ର ଟୁଡୁ, ମାସାଂ ଟୁଡୁ, ମଙ୍ଗଲ ଚରଣ ଟୁଡୁ, ପି: ମଦନ ମୋହନ ଟୁଡୁ, ଜା: ସାନ୍ତାଳ, ବା:ନିଜଗାଁ |
| 232/19 | 651/1050 | 0.69 | 0.03 | ଶାରଦ ଦୁଇ | ସିମନ ମହାନ୍ତ, ପି: ରୁଦୁ ମହାନ୍ତ, ଜା: କୁଡୁମି କ୍ଷେତ୍ରିୟ, ବା: ନିଜଗାଁ |
| 232/24 | 896/1057 | 0.25 | 0.20 | ଶାରଦ ଦୁଇ | ସାଧୁ ରାମ, ଗଣେଶ ରାମ, ବିରଞ୍ଚି ରାମ, ପି: ମାଲି ରାମ, ଜା: ଓରାଣ, ବା: ବର୍ତ୍ତନା |
| 232/50 | 835 | 0.46 | 0.02 | ଶାରଦ ତିନି | ନିତ୍ୟାନନ୍ଦ ରାମ, ପି: ଯତିନ୍ଦ୍ର ରାମ, ଜା: ଓରାଣ, ବା: କରଞ୍ଜିଆ |
| 232/57 | 665 | 0.31 | 0.01 | ଶାରଦ ତିନି | ନବୀନ ମହାନ୍ତ, ପି: ଘାସିରାମ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ଡମ୍ବରୁ ଡହର, ଥାନା: ବଇଶିଙ୍ଗା |
| 232/78 | 659 | 0.09 | 0.05 | ଶାରଦ ତିନି | ସହଦେବ ରାମ, ପି: ହାଡିଆ ରାମ, ଜା: ଓରାଣ, ବା: ନିଜଗାଁ |
| 232/79 | 659/1092 | 0.09 | 0.05 | ଶାରଦ ତିନି | ମଦନମୋହନ ରାମ, ମହେଶ୍ୱର ରାମ, ପ୍ରଭାକର ରାମ, ସୁରେନ୍ଦ୍ର ରାମ, ପି: ଚନ୍ଦ୍ରା ରାମ, ପିତାମ୍ବର ରାମ, କର୍ମୁ ରାମ, ପି: ଉପେନ୍ଦ୍ର ରାମ, ସାବିତ୍ରୀ ରାମ, ସ୍ୱା: ଉପେନ୍ଦ୍ର ରାମ, କୁନା ରାମ, ମୁନା ରାମ, ବିଶ୍ୱନାଥ ରାମ ପି: ଗଣେଶ୍ୱର ରାମ, ସୁବାସିନୀ ରାମ ସ୍ୱା: ଗଣେଶ୍ୱର ରାମ, ଜା: ଓରାଣ, ବା: ରାଘବପୁର |
| 232/80 | 662/1094 | 0.09 | 0.02 | ଶାରଦ ତିନି | ଇନ୍ଦ୍ର ରାମ, ପି: ସନା ରାମ, ଜା: ଓରାଣ, ବା: ନିଜଗାଁ |
| | 864/1100 | 0.16 | 0.16 | ଶାରଦ ତିନି | |
| 232/81 | 662 | 0.09 | 0.09 | ଶାରଦ ତିନି | ସଦା ରାମ, ପି: ଶ୍ୟାମ ରାମ, ଜା: ଓରାଣ, ବା: ନିଜଗାଁ |
| | 864 | 0.17 | 0.03 | ଘରବାରି | |
| 232/84 | 660/1093 | 0.08 | 0.08 | ଶାରଦ ତିନି | ଅନନ୍ତ ରାମ, ପି:କାର୍ତ୍ତିକ ରାମ, ଜା: ଓରାଣ, ବା: ନିଜଗାଁ |
| 232/87 | 661 | 0.18 | 0.09 | ଶାରଦ ତିନି | ରସିକ ରାମ, ମିଥୁନ ରାମ, ପୂର୍ଣ୍ଣମୀ ରାମ, ଗଙ୍ଗାରାମ ରାମ, ସୁମତୀ ରାମ, ଛବି ରାମ, ଅଞ୍ଜଳି ରାମ, ପି: ଯତନ ରାମ, ଇଛାମଣୀ ରାମ, ସ୍ୱା: ଯତନ ରାମ, ଜା:ଓରାଣ, ବା: ନିଜଗାଁ |
| | 863 | 0.30 | 0.06 | ଶାରଦ ତିନି | |
| 232/105 | 105 | 0.14 | 0.11 | ଶାରଦ ଦୁଇ | ଶକୁନ୍ତଳା ଟୁଡୁ, ସ୍ୱା: ଗାଲୁ ଟୁଡୁ, ଚମ୍ପା ମୁର୍ମୁ, ସ୍ୱା: ସୁରାଇ ମୁର୍ମୁ, ଜା: ସାନ୍ତାଳ, ବା: ନିଜଗାଁ |
| 232/106 | 128/1127 | 0.20 | 0.20 | ଶାରଦ ତିନି | ରାଧାରାଣି ଟୁଡୁ, ସ୍ୱା: କିଶୋର ଟୁଡୁ, ଚମ୍ପାମଣି ମୁର୍ମୁ, ସ୍ୱା: ସୁରାଇ ମୁର୍ମୁ, ଜା: ସାନ୍ତାଳ, ବା:ନିଜଗାଁ |
| | 126 | 0.24 | 0.20 | ଶାରଦ ତିନି | |
| | 127 | 0.04 | 0.04 | ବଗାୟତ ତିନି | |
| 232/128 | 817/1167 | 0.24 | 0.12 | ଶାରଦ ଦୁଇ | ଟିକା ମାଝୀ, ପି: ଭଞ୍ଜ ମାଝୀ, ମାନ୍ଦ ସରେନ, ସ୍ୱା: ବିରାମ ସରେନ, ରାମରାଏ ସରେନ, ଶାନ୍ତି ସରେନ, ପି: ବିରାମ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 234/1 | 90 | 0.29 | 0.02 | ଶାରଦ ଦୁଇ | ଦୁଲା ମାଝୀ, ଶୁଣୁ ମାଝୀ, ପି: ହଗରା ମାଝୀ, ହରେନ୍ଦ୍ର ମାଝୀ, ପି: ଦେବେନ୍ଦ୍ର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ମୋଟ | ୧୦୭ ପ୍ଲଟକୁ | ଏ.୫୧.୭୮ ଡେ.ମି. | ଏ.୧୫.୭୮ ଡେ.ମି. | | |

Sd./- Amin, Deuli Zone | Sd./- Revenue Inspector, Deuli Zone | Sd./- Zone Officer-cum-L.A. Collector, S.I.P. Deuli Zone | Sd./- Spl. Land Acquisition Officer, S.I.P., Baripada

OIPR:

# ଆଜିଠୁ ଏସିଆ କପ୍ ବଧିର କ୍ରିକେଟ

କଟକ,୧୮।୨(କୁମାରଶ୍ରୀ)

ଏସିଆନ ବଧିର କ୍ରିକେଟ ସଂଘ(ଏଡିସିଏ) ଏବଂ ଭାରତୀୟ ବଧିର କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ଗୁରୁବାରଠାରୁ କଟକରେ ଏସିଆ କପ୍ ଆରମ୍ଭ ହେବ। ଟି୨୦ ଫର୍ମାଟରେ ସମସ୍ତ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଆୟୋଜକ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ହେବ। ଏହି ପରିପ୍ରେକ୍ଷୀରେ ବୁଧବାର ଅପରାହ୍ନରେ ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ବାବଦରେ ବିସ୍ତୃତ ସୂଚନା ଦିଆଯାଇଛି। ଭାରତୀୟ ଦଳର ଅଧିନାୟକ ଭିରେନ୍ଦ୍ର ସିଂଙ୍କ ଉପସ୍ଥିତିରେ ଜର୍ସି ଉନ୍ମୋଚନ ଅନୁଷ୍ଠିତ ହୋଇଯାଇଛି।



ଖବରଦାତା ସମ୍ମିଳନୀରେ ଭାରତୀୟ ଦଳର ଜର୍ସି ଉନ୍ମୋଚନ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

- ବାରବାଟୀରେ ଭାରତ-ଶ୍ରୀଲଙ୍କା ଉଦ୍‌ଘାଟନୀ ମ୍ୟାଚ
- ଜାତୀୟ ଦଳରେ ୨ ଖେଳାଳିଙ୍କ ସମେତ ୪ ଓଡ଼ିଆ

୨୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଆୟୋଜକ ଭାରତ ସମେତ ଶ୍ରୀଲଙ୍କା ଏବଂ ନେପାଳ ଭାଗନେବେ। ପ୍ରତ୍ୟେକ ଦଳ ୪ଟି ଲେଖାଏ ମ୍ୟାଚ୍ ଖେଳିବେ। ପଏଣ୍ଟ ଆଧାରରେ ଶ୍ରେଷ୍ଠ ଦୁଇ ଦଳ ଫାଇନାଲରେ ପ୍ରବେଶ କରିବେ। ତେବେ ୨୨ଜଣିଆ ଭାରତୀୟ ଦଳରେ ୪ଜଣ ଓଡ଼ିଆ ସ୍ଥାନ ପାଇଛନ୍ତି। ଅଲରାଉଣ୍ଡର ସନ୍ତୋଷ କୁମାର ମହାପାତ୍ର, ଫାଷ୍ଟ ବୋଲର ଶିବୁନ ନନ୍ଦ ଖେଳାଳି ତାଲିକାରେ ରହିଛନ୍ତି। ଶକ୍ତି ସ୍ୱରୂପ ଦାସ ସହକାରୀ କୋଚ୍ ଏବଂ ଜଗନ୍ନାଥ ଟ୍ରେନର ଭାବେ ଦଳସହ ରହିଛନ୍ତି। ଏଡିସିଏର ସୋସିଆଲ ମିଡିଆ ପ୍ଲାଟଫର୍ମରେ ସମସ୍ତ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ। ଏଡିସିଏ ସଭାପତି ସୁମିତ ଜୈନ କହିଛନ୍ତି ଯେ, ଏସିଆନ ବଧିର କ୍ରିକେଟ ସଂଘର ଯାତ୍ରାରେ ଏଭଳି ଏକ ଟୁର୍ଣ୍ଣାମେଣ୍ଟ ନୂଆ ମାଇଲଖୁଣ୍ଟ ପ୍ରତିଷ୍ଠା କରିବ। ଏସିଆ ମହାଦେଶର ବଧିର କ୍ରିକେଟ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜନ ହେଉଥିବା ଟୁର୍ନାମେଣ୍ଟକୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଏବଂ ଓଡ଼ିଶା ବଧିର କ୍ରିକେଟ ସଂଘ(ଓଡିସିଏ) ପକ୍ଷରୁ ସମର୍ଥନ ମିଳୁଛି ବୋଲି ସୁମିତ କହିଛନ୍ତି। ଏଡିସିଏ ନିର୍ଦ୍ଦେଶକ ରୋମା ବଲୱାନି ବାରବାଟୀର କ୍ରିକେଟ ପରିବେଶକୁ ପ୍ରଶଂସା କରିଛନ୍ତି।

**ସିନିୟର ମହିଳା ଏକଦିବସୀୟ କ୍ରିକେଟ**

## ଓଡ଼ିଶା ଅଭିଯାନ ଶେଷ

କଟକ,୧୮।୨(କୁମାରଶ୍ରୀ)

ରୋମାଞ୍ଚକ ମୁକାବିଲାରେ ମହାରାଷ୍ଟ୍ରଠାରୁ ପରାସ୍ତ ସହ ଚଳିତ ସିନିୟର ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଅଭିଯାନ ଶେଷ ହୋଇଛି। ୭ ମ୍ୟାଚ୍‌ରୁ ୪ ବିଜୟ, ୩ ପରାଜୟ ସହ ୧୬ ପଏଣ୍ଟ ହାସଲକରି ଓଡ଼ିଶା ଗ୍ରୁପ୍-ଏ'ର ୪ର୍ଥ ସ୍ଥାନରେ ରହିଛି। ରାଜକୋଟର ନିରଞ୍ଜନ ସାହା ଷ୍ଟାଡିୟମ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ଶେଷ ଲିଗ୍‌ରେ ମହାରାଷ୍ଟ୍ର ୧ ଉଇକେଟରେ ବିଜୟୀ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୯୮ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଓପ୍‌ନର ମାଧୁରୀ ମେହେଟା ସର୍ବାଧିକ ୮୮ ରନ୍ କରିଥିଲେ। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ୯ ଉଇକେଟ ହରାଇ ଅନ୍ତିମ ଓଭରରେ ମହାରାଷ୍ଟ୍ର ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ଅଧିନାୟିକା ଏ.ଏ. ପାଟିଲ ଅପରାଜିତ ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ଇନିଂସ୍(୭୮ ରନ୍) ଖେଳିଥିଲେ।

# ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୩



ମାଧୁରୀ ମେହେଟା



ସୁଶ୍ରୀ ଦିବ୍ୟଦର୍ଶିନୀ



ତନ୍ମୟୀ ବେହେରା

କଟକ,୧୮।୨(କୁମାରଶ୍ରୀ)

ମାର୍ଚ୍ଚ ୫ରୁ ୧୫ ପର୍ଯ୍ୟନ୍ତ ସିନିୟର ମହିଳା ଆନ୍ତଃ ଜୋନାଲ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିନିମନ୍ତେ ବୁଧବାର ଘୋଷିତ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୩ ଜଣ ସ୍ଥାନ ପାଇଛନ୍ତି। ରାଜ୍ୟ ଦଳର ବରିଷ୍ଠ ଖେଳାଳି ମାଧୁରୀ ମେହେଟା, ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଏବଂ ଅଲ୍‌ରାଉଣ୍ଡର ତନ୍ମୟୀ ବେହେରା ଚୂଡ଼ାନ୍ତ ୧୬ଜଣିଆ ଦଳରେ ସାମିଲ ହୋଇଛନ୍ତି। ଏପରିକି ସୁଶ୍ରୀଙ୍କୁ ଉପଅଧିନାୟିକା ଦାୟିତ୍ୱ ଦିଆଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ସମ୍ପାଦକ ସଞ୍ଜୟ ବେହେରା ଉପରୋକ୍ତ ୩ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଖେଳିବା ପୂର୍ବରୁ ଆମକୁ ବାସନ ମାଜିବାକୁ ପଡୁଥିଲା: ପାକିସ୍ତାନ ହକି ଅଧିନାୟକ ଶକିଲ

କରାଚୀ,୧୮।୨(ପି.ଟି.)

ବିବାଦୀୟ ଅଷ୍ଟ୍ରେଲିଆ ଟୁର୍‌ରୁ ଫେରିବା ପରେ ପାକିସ୍ତାନ ହକି ଅଧିନାୟକ ଶକିଲ ଅହମଦ ବଟ୍ ଜାତୀୟ ହକି ଫେଡେରେଶନ(ପିଏଚ୍‌ଏଫ୍)କୁ କଡ଼ା ଶବ୍ଦରେ ସମାଲୋଚନା କରିଛନ୍ତି। ଏହି ଟୁର୍‌ରେ ତାଙ୍କ ଦଳ କେବଳ ରହିବା ଲାଗି ଘଣ୍ଟା ଘଣ୍ଟା ଧରି ରାସ୍ତାରେ ବିତାଇଥିଲା। କେବଳ ଏତିକି ନୁହେଁ, ବରଂ ଖେଳାଳିଙ୍କୁ ମ୍ୟାଚ୍ ଖେଳିବା ପୂର୍ବରୁ ବାସନ ମାଜିବାକୁ ପଡ଼ିଥିଲା। 'ବର୍ତ୍ତମାନ ଫେଡେରେଶନ ଦାୟିତ୍ୱରେ ଥିବା ମ୍ୟାନେଜ୍‌ମେଣ୍ଟ ସହ ଆମେ କାମ କରିପାରିବୁ ନାହିଁ। ମ୍ୟାଚ୍‌ରେ ଖେଳିବା ପୂର୍ବରୁ ଖେଳାଳିମାନଙ୍କୁ କିଚେନ୍ ଓ ବାସନ ସଫା କରିବାକୁ ପଡୁଥିବା ବେଳେ ଆମଠାରୁ କେଉଁଭଳି ଫଳାଫଳ ଆଶା କରାଯାଇପାରିବ। ସବୁଠୁ ଦୁଃଖଦାୟକ କଥା ହେଲା, ଆମକୁ ୧୩ ଦିନ ଧରି ଅଷ୍ଟ୍ରେଲିଆରେ ରହିବାକୁ ଥିବା ବେଳେ ୧୦ ଦିନ ପାଇଁ ରହିବା ବ୍ୟବସ୍ଥା କରାଯାଇଥିଲା। ୧୦ ଦିନ ପରେ ଆମକୁ ଶସ୍ତା ହୋଟେଲରେ ରହିବାକୁ ପଡ଼ିଥିଲା' ବୋଲି ଶକିଲ ବୁଧବାର କରାଚୀ ବିମାନବନ୍ଦରରେ ପହଞ୍ଚିବା ପରେ କହିଛନ୍ତି। ଏଥିସହିତ ସେ ପ୍ରକାଶ କରିଛନ୍ତି, ଆମକୁ ଆଗକୁ ବଢ଼ିବାକୁ ହେଲେ ଜଣେ ବିଦେଶୀ କୋଚ୍ ଦରକାର। ଆମ ପାଖରେ ଖେଳାଳିଙ୍କ ଭଲ କମ୍ବିନେଶନ ରହିଛି। କିନ୍ତୁ ଆମକୁ ବିଦେଶୀ କୋଚ୍ ଓ ଭଲ ମ୍ୟାନେଜ୍‌ମେଣ୍ଟ ଜରୁରୀ।

## ଏଓସିଏ କାର୍ଯ୍ୟନିର୍ବାହୀ କମିଟି ବୈଠକ

ଭୁବନେଶ୍ୱର, ୧୮।୨(ତପନ ସ୍ୱାଇଁ)

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ)ର କାର୍ଯ୍ୟନିର୍ବାହୀ କମିଟି ବୈଠକ କଟକ ବାରବାଟୀ ଚେସ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୨୪ରେ ଅନୁଷ୍ଠିତ ବୈଠକରେ ଆଗତ ପ୍ରସ୍ତାବକୁ ଏଥିରେ ଗୃହୀତ କରାଯାଇଥିଲା। ଆସନ୍ତା ୨୪ ତାରିଖରେ ହେବାକୁଥିବା ବୈଠକରେ ଚେସ୍ ଅଭିଭାବକମାନେ ମଧ୍ୟ ଯୋଗଦେଇପାରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଆସନ୍ତା ମାର୍ଚ୍ଚ ୧ରେ ଏଓସିଏର ଜରୁରିକାଳୀନ ବୈଠକ ଅନୁଷ୍ଠିତ ହେବ। ୨୦୨୫-୨୬ ଆର୍ଥିକ ବର୍ଷର ଅଡିଟ୍ ଆସନ୍ତା ଏପ୍ରିଲ୍ ମାସରେ ସମ୍ପନ୍ନ କରାଯିବ ବୋଲି ସମ୍ପାଦକ ଦେବବ୍ରତ ଭଞ୍ଜ ଉକ୍ତ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ।

# ଜାତୀୟ ରୋଲ୍‌ବଲ୍: ଓଡ଼ିଶା ଦଳ ଘୋଷିତ



୧୧ ବର୍ଷରୁ କମ୍ ଜାତୀୟ ରୋଲ୍‌ବଲ୍ ପ୍ରତିଯୋଗିତା ପାଇଁ ଓଡ଼ିଶା ଖେଳାଳିଙ୍କୁ ଅତିଥି ବିଦାୟୀ ଶୁଭେଚ୍ଛା ଜଣାଉଛନ୍ତି।

ଭୁବନେଶ୍ୱର, ୧୮।୨(ତପନ ସ୍ୱାଇଁ)

**୧୧ ବର୍ଷରୁ କମ୍**

ତାମିଲନାଡୁର ତ୍ରିଚିଠାରେ ୧୫ଶ ଜାତୀୟ ୧୧ ବର୍ଷରୁ କମ୍ ରୋଲ୍‌ବଲ୍ ଚାମ୍ପିୟନଶିପ୍ ଚଳିତ ମାସ ୨୧ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଓଡ଼ିଶା ବାଳିକା ଓ ବାଳକ ଦଳ ଘୋଷିତ ହୋଇଛି। ରାଜ୍ୟ ଦଳକୁ ବିଦାୟୀ ଶୁଭେଚ୍ଛା ଜଣାଇବାଲାଗି କଳିଙ୍ଗ ଷ୍ଟାଡିୟମରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ଆଶିଷ କୁମାର ରାଉତ, ଓଡ଼ିଶା ରୋଲ୍‌ବଲ୍ ଆସୋସିଏଶନ ସମ୍ପାଦକ ସୌଦାମିନୀ ପାତ୍ର, କୋଚ୍ ସୌମ୍ୟ ଜୟସିଂ ଓ ଅଫିସିଆଲ ୱାଟ୍‌ସନ ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ରିତା ବରାଳ ବାଳିକା ଦଳର ଅଧିନାୟିକା ଓ ସୁଦୀକ୍ଷା ସ୍ୱାଇଁ ଉପଅଧିନାୟିକା ମନୋନୀତ ହୋଇଛନ୍ତି। ସେହିପରି ରୋନକ ମଲିକ ବାଳକ ଦଳର ଅଧିନାୟକ ଓ ଅର୍ଚ୍ଚିତ ଅନୁରାଗ ଦାସ ଉପଅଧିନାୟକ ହୋଇଛନ୍ତି। **ଓଡ଼ିଶା ବାଳିକା ଦଳ:** ଅମ୍ରିତା ବରାଳ (ଅଧିନାୟିକା), ଅନ୍‌ଭି ସୁଦୀପ କୁମାର, ଆଦ୍ୟା ଆରାଧ୍ୟା ଷଡ଼ଙ୍ଗୀ, ଆର୍ଯ୍ୟା ଐଶ୍ୱର୍ଯ୍ୟ ଷଡ଼ଙ୍ଗୀ, ଅନନ୍ୟା ଭରତିଆ, ବଂଶିକା ସ୍ୱାଇଁ, ଲଗ୍ନିକା ମହାପାତ୍ର, ପ୍ରନଭି ସନୟା ବେହେରା, ରେହାଂଶୀ ଆଚାର୍ଯ୍ୟ, ସୁଦୀକ୍ଷା ସ୍ୱାଇଁ, ସାକ୍ଷୀ ପାତ୍ର, ଏମ୍. ଆଦ୍ୟାଶା। ଓଡ଼ିଶା ବାଳକ ଦଳ: ରୋନକ ମଲିକ (ଅଧିନାୟକ), ଅର୍ଚ୍ଚିତ ଅନୁରାଗ ଦାସ, ବିଶାଲ ପ୍ରତୀକ ସାହୁ, ଦେବାଂଶ ବେହେରା, ଜୈତିକ ଗର୍ଗ, ହିତାର୍ଥ ମଲିକ, ହେତଭିକ ଶର୍ମା, କୁଶାଲ କୁମାର, ଶ୍ରେୟାଂଶ ପଟେଲ, ଲଭ୍ୟାଂଶ ସାହୁ, ସିତାଂଶୁ ସାହୁ, ତେଜେଶ ରୁଦ୍ର ପ୍ରଧାନ।

# ଏସ୍‌ଆର୍‌ଏଚ୍‌ରେ ଓଡ଼ିଶାର ଉତ୍ତମଙ୍କୁ ସୁଯୋଗ



ଇଶାନ କିଶନଙ୍କ ସହ ଉତ୍ତମ ମହାନ୍ତି।

କଟକ,୧୮।୨(କୁମାରଶ୍ରୀ)

ପୁଣି ଜଣେ ଓଡ଼ିଆ ଖେଳାଳିଙ୍କୁ ଆଇପିଏଲ ଦଳରେ ସାମିଲ ହେବାର ସୁଯୋଗ ମିଳିଛି। ଫ୍ରାଞ୍ଚାଇଜ୍‌ଭିତ୍ତିକ ପେସାଦାର କ୍ରିକେଟ୍‌ର ଏହି ବ୍ୟୟବହୁଳ ଲିଗ୍‌ରେ ସାଇଡ୍ ଆର୍ମର ଭାବେ ଓଡ଼ିଶାର ଉତ୍ତମ ମହାନ୍ତିଙ୍କୁ ସନ୍‌ରାଇଜର୍ସ ହାଇଦ୍ରାବାଦ ନିଯୁକ୍ତ କରିଛି। ଖୁବ୍‌ଶୀଘ୍ର ସେ ଦଳ ସହ ଯୋଗଦେବେ। କଟକ ଦେଉଳସାହିର

**ଆଇପିଏଲ୍**

ମଧୁସୂଦନ ମହାନ୍ତି ଓ ସଂଯୁକ୍ତା ମହାନ୍ତିଙ୍କ ପୁଅ ଉତ୍ତମ ଗାଡ଼ି ଚଳାଇ ପରିବାର ପୋଷୁଥିଲେ। କ୍ରିକେଟ ଜଗତ ପ୍ରତି ଆନ୍ତରିକତା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା। ବିଡ଼ାନାସୀ ଖେଳପଡ଼ିଆରେ ରାଜ୍ୟ ଦଳର ଖେଳାଳିଙ୍କୁ ସାଇଡ୍ ଆର୍ମର ପକାଇବା ଆରମ୍ଭ କରିଥିଲେ। ପରେ ଝାଡ଼ଖଣ୍ଡ ରାଜ୍ୟ ଦଳରେ ତାଙ୍କୁ ସୁଯୋଗ ମିଳିଥିଲା। ଇଶାନ କିଶାନଙ୍କ ବ୍ୟକ୍ତିଗତ ସାଇଡ୍ ଆର୍ମର ଭାବେ ମଧ୍ୟ ସେ ନିଯୁକ୍ତ ହୋଇଥିଲେ।

## ହୁବଲିରେ ଖେଳାଯିବ ରଣଜୀ ଫାଇନାଲ

ବେଙ୍ଗାଲୁରୁ,୧୮।୨(ପି.ଟି.)

ଚଳିତ ରଣ୍‌ଜୀ ଟ୍ରଫି ସିଜନର ଫାଇନାଲ ମ୍ୟାଚ୍ ଆସନ୍ତା ୨୪ ତାରିଖରୁ ରାଜନଗରର ହୁବଲିସ୍ଥିତ କେଏସ୍‌ସିଏ ଷ୍ଟାଡିୟମରେ ଖେଳାଯିବ। ଏ ନେଇ କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ(କେଏସ୍‌ସିଏ)ର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଟାଇଟଲ ମୁକାବିଲାରେ ଜମ୍ମୁ-କଶ୍ମୀର ଓ କର୍ନାଟକ ପରସ୍ପରକୁ ଭେଟିବେ। ଜମ୍ମୁ-କଶ୍ମୀର ପ୍ରଥମ ସେମିଫାଇନାଲରେ ବେଙ୍ଗଲକୁ ପରାସ୍ତ କରିଥିବା ବେଳେ ଲକ୍ଷ୍ନୌରେ ଉତ୍ତରାଖଣ୍ଡ ବିପକ୍ଷରେ ଚାଲିଥିବା ଦ୍ୱିତୀୟ ସେମିଫାଇନାଲରେ କର୍ନାଟକ ୮୦୨ ରନ୍‌ରେ ଆଗରେ ରହିଛି।

# ସୁପର-୮ ଦଳକୁ ୨୦୨୮ ବିଶ୍ୱକପ୍ ଯୋଗ୍ୟତା

କଲମ୍ବୋ, ୧୮।୨

ନାମିବିଆ ବିପକ୍ଷରେ ପାକିସ୍ତାନର ବିଜୟ ପରେ ଚଳିତ ଟି୨୦ କ୍ରିକେଟ୍ ବିଶ୍ୱକପ୍‌ର ସୁପର-୮ କର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଯାଇଛି। ଗ୍ରୁପ୍-ଏ' ରୁ ଭାରତ, ପାକିସ୍ତାନ, ଗ୍ରୁପ୍ ବି'ରୁ ଶ୍ରୀଲଙ୍କା, ଜିମ୍ବାୱେ, ଗ୍ରୁପ୍ ସି'ରୁ ୱେଷ୍ଟଇଣ୍ଡିଜ୍, ଇଂଲଣ୍ଡ ଓ ଗ୍ରୁପ୍ ଡି'ରୁ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ସୁପର-୮ରେ ପ୍ରବେଶ କରିଛନ୍ତି। ପୂର୍ବ ସିଡିଂ ଅନୁସାରେ, ଗ୍ରୁପ୍-ଏକ୍ସରେ ଭାରତ, ଜିମ୍ବାୱେ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍ ଏବଂ ଗ୍ରୁପ୍-ୱାଇରେ ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ଶ୍ରୀଲଙ୍କା ସ୍ଥାନ ପାଇଛି। ଆଇସିସି ର୍‍ୟାଙ୍କିଂର ୧୧ଶ ସ୍ଥାନରେ ଥିଲେ ମଧ୍ୟ ଅଷ୍ଟ୍ରେଲିଆକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ଜିମ୍ବାୱେ ଗ୍ରୁପ୍ 'ଏକ୍ସ'ରେ ସ୍ଥାନ ପାଇଛି। ଗ୍ରୁପ୍-ଏକ୍ସ ମ୍ୟାଚ ଗୁଡ଼ିକ ଭାରତରେ ଏବଂ ଗ୍ରୁପ୍-ୱାଇ ମ୍ୟାଚ୍ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବ। ସୁପର-୮ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍ ଫେବୃଆରୀ ୨୧ରେ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ମଧ୍ୟରେ କଲମ୍ବୋରେ ଖେଳାଯିବ। ଏହି ପର୍ଯ୍ୟାୟରେ ଭାରତ

**ଟି୨୦ ବିଶ୍ୱକପ୍**

ଏହାର ପ୍ରଥମ ମ୍ୟାଚ ଫେବୃଆରୀ ୨୨ରେ ଅହମଦାବାଦରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ସୁପର-୮ରେ ସ୍ଥାନ ପାଇଥିବା ୮ଟି ଦଳ ୨୦୨୮ରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଲାଗି ସିଧାସଳଖ ଯୋଗ୍ୟତା ହାସଲ କରିଛନ୍ତି। ଆୟୋଜକ ଦେଶ ଭାବେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟ ଯୋଗ୍ୟତା ହାସଲ କରିଛନ୍ତି। ମାର୍ଚ୍ଚ ୯ ଡେଡ୍‌ଲାଇନ ସୁଦ୍ଧା ଆଇସିସି ର୍‍ୟାଙ୍କିଂ ଅନୁସାରେ ଅବଶିଷ୍ଟ ୩ଟି ଦଳ ଯୋଗ୍ୟତା ପାଇବେ। ଫଳରେ ନିୟମ ଅନୁସାରେ ୧୨ଟି ଦଳ ସିଧାସଳଖ ଯୋଗ୍ୟତା ପାଇବା ଔପଚାରିକତା ପୂରଣ ହେବ। ବାଂଲାଦେଶ, ଆଫଗାନିସ୍ତାନ ଓ ଆୟର୍ଲାଣ୍ଡ ଏହି ୩ଟି ସ୍ଥାନ ନେବା ଏକପ୍ରକାର ନିଶ୍ଚିତ। କାରଣ କଟ୍-ଅଫ୍ ତାରିଖ ମଧ୍ୟରେ ଏହି ୩ଟି ଦଳର ଆଉ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ନାହିଁ। ରିଜିଓନାଲ କ୍ୱାଲିଫିକେଶନ ପର୍ଯ୍ୟାୟରେ ଅବଶିଷ୍ଟ ୮ଟି ଦଳକୁ ନେଇ ବିଶ୍ୱକପ୍ ଲାଗି ୨୦ ଦଳ ସଂଖ୍ୟା ପୂରଣ କରାଯିବ। ରିଜିଓନାଲ କ୍ୱାଲିଫିକେଶନ ଟୁର୍ନାମେଣ୍ଟ ଗୁଡ଼ିକ ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହେବ।

# ଖୋର୍ଦ୍ଧା, ଭୁବନେଶ୍ୱର ଦଳ ବିଜୟୀ

କଟକ,୧୮।୨(କୁମାରଶ୍ରୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ସିନିୟର ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର ପ୍ରଥମ ପର୍ଯ୍ୟାୟ ଲିଗ୍ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଜାରି ରହିଛି। ବୁଧବାର ଖୋର୍ଦ୍ଧା ବିଜେବି ସ୍କୁଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ସମ୍ବଲପୁର-ଏ ୨୩ରନରେ ସୋନପୁରକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ସମ୍ବଲପୁର-ଏ ୯ ଉଇକେଟ ବିନିମୟରେ ୨୬୫ରନ ସଂଗ୍ରହ କରିଥିଲା। ଦେବାଶିଷ ବାଘ ୧୧୯ରନର ଶତକୀୟ ପାଳି ଖେଳିଥିଲେ। ଜବାବରେ ସୋନପୁର ୮ ଉଇକେଟ ହରାଇ ୨୪୨ରନ ସଂଗ୍ରହ କରିଥିଲା। ବିଜୟୀ ଦଳର ନୀତିଶ ସିଂ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଶତକୀୟ ପାଳି ଖେଳିଥିବା ଦେବାଶିଷଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ବୁଧବାର ଖେଳାଯାଇଥିବା ଅନ୍ୟ ମ୍ୟାଚ ଗୁଡିକରେ ସୁନ୍ଦରଗଡ ୪୭ରନରେ ନୟାଗଡକୁ, ନବରଙ୍ଗପୁର ୭ ଉଇକେଟରେ ସମ୍ବଲପୁର-ବି'କୁ, କେନ୍ଦ୍ରାପଡା ୭ ଉଇକେଟରେ ଢେଙ୍କାନାଳକୁ, ପୂର୍ବତଟ ରେଲୱେ ୪୪ରନରେ ବଲାଙ୍ଗୀରକୁ, ଖୋର୍ଦ୍ଧା ୬ ଉଇକେଟରେ କଟକ-ବି'କୁ, ଭୁବନେଶ୍ୱର ୭ ଉଇକେଟରେ କୋରାପୁଟକୁ, ଯାଜପୁର ୬ ଉଇକେଟରେ ବୌଦ୍ଧକୁ, ଦେବଗଡ ୧ ଉଇକେଟରେ ମାଲକାନଗିରିକୁ ପରାସ୍ତ କରିଛି।

## ବାଦ୍ ପଡ଼ିଲେ ମାଥିଶା ପାଥିରାନା

କଲମ୍ବୋ,୧୮।୨

ଚଳିତ ଟି୨୦ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିଥିବା ଶ୍ରୀଲଙ୍କା ଦଳକୁ ବୁଧବାର ଶକ୍ତ ଆଘାତ ଲାଗିଛି। ଦଳର ମୁଖ୍ୟ ପେସର ମାଥିଶା ପାଥିରାନା ଇଞ୍ଜୁରି କାରଣରୁ ଟୁର୍ନାମେଣ୍ଟର ଅବଶିଷ୍ଟାଂଶରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ବାମହାତୀ ପେସର ଦିଲ୍‌ଶାନ ମଦୁଶଙ୍କାଙ୍କୁ ଦଳରେ ସାମିଲ କରିବାକୁ ଆଇସିସିର ଇଭେଣ୍ଟ ଟେକ୍‌ନିକାଲ କମିଟି ଅନୁମତି ଦେଇଛି। ଏଥିପୂର୍ବରୁ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି କାରଣରୁ ସ୍ପିନ୍ ଅଲ୍‌ରାଉଣ୍ଡର ୱାନିନ୍ଦୁ ହସରଙ୍ଗା ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଥିଲେ।

# ପ୍ରଥମଥର ଫାଇନାଲରେ ଜମ୍ମୁ-କଶ୍ମୀର

କଲ୍ୟାଣୀ, ୧୮।୨ (ପି.ଟି.)

ରଣ୍‌ଜୀ ଟ୍ରଫିରେ ଖେଳିବା ଆରମ୍ଭ କରିବାର ୬୭ ବର୍ଷ ପରେ ଜମ୍ମୁ-କଶ୍ମୀର ପ୍ରଥମଥର ପାଇଁ ରଣ୍‌ଜୀ ଟ୍ରଫି ଫାଇନାଲରେ ପ୍ରବେଶ କରିଛି। ଆକିବ ନବି ଦାରଙ୍କ ଘାତକ ବୋଲିଂ ବଳରେ ଜମ୍ମୁ-କଶ୍ମୀର ବୁଧବାର ସେମିଫାଇନାଲରେ ଦୁଇଥରର ଚାମ୍ପିୟନ ବେଙ୍ଗଲକୁ ୬ ଉଇକେଟରେ ହରାଇ ଏହି ଐତିହାସିକ ସଫଳତା ପାଇଛି। ମ୍ୟାଚ୍‌ରେ ଆକିବ ନବି ୯ ଉଇକେଟ ନେଇଥିବା ବେଳେ ଆଇପିଏଲ୍ ଷ୍ଟାର ଅବ୍‌ଦୁଲ ସମଦ ଉଭୟ ଇନିଂସ୍‌ରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ।

ପ୍ରଥମ ଇନିଂସ୍‌ରେ ବେଙ୍ଗଲ ୩୨୮ ରନ୍ କରିଥିବା ବେଳେ ଜମ୍ମୁ-କଶ୍ମୀର ୩୦୨ ରନ୍ କରିଥିଲା। ୨୬ ରନ୍‌ରେ ଆଗୁଆ ଥିବା ବେଙ୍ଗଲ ଦ୍ୱିତୀୟ ଇନିଂସ୍‌ରେ ୯୯ ରନ୍ ମଧ୍ୟରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ୧୨୬ ରନ୍‌ର ବିଜୟଲକ୍ଷ୍ୟକୁ ମ୍ୟାଚ୍‌ର ଚତୁର୍ଥ ଦିନରେ ଜମ୍ମୁ-କଶ୍ମୀର ୪ ଉଇଟେ ହରାଇ ହାସଲ କରିନେଇଥିଲା। ସମଦ ୩୦(୩ ଚୌକା ଓ ୧ ଛକା) ଓ ବଂଶଜ ଶର୍ମା ଅପରାଜିତ ୪୩(୪ ଚୌକା) ରନ୍‌କରି ଦଳକୁ ଜିତାଇଥିଲେ।



ଫାଇନାଲରେ ପ୍ରବେଶ କରିଥିବା ଜମ୍ମୁ-କଶ୍ମୀର ରଣଜୀ ଦଳ।

### ସଂଘର୍ଷପୂର୍ଣ୍ଣ ଇତିହାସ

**ରଣ୍‌ଜୀ ଟ୍ରଫି**

ଜମ୍ମୁ-କଶ୍ମୀର ଚଳିତ ସିଜନ ପୂର୍ବରୁ ୩୩୪ଟି ରଣ୍‌ଜୀ ମ୍ୟାଚ୍ ଖେଳି ମାତ୍ର ୪୫ଟିରେ ଜିତିଥିଲା। ସେମାନଙ୍କୁ ପ୍ରଥମ ବିଜୟ ହାସଲ କରିବା ପାଇଁ ୪୪ ବର୍ଷ ଲାଗିଥିଲା। ୧୯୮୨-୮୩ ସିଜନରେ ସର୍ଭିସେସ୍ ବିପକ୍ଷରେ ଜମ୍ମୁ-କଶ୍ମୀର ତା'ର ପ୍ରଥମ ମ୍ୟାଚ୍ ଜିତିଥିଲା। ରଣ୍‌ଜୀ ଟ୍ରଫିର ନକ୍‌ଆଉଟ୍ ପର୍ଯ୍ୟାୟରେ ଦଳ ଖୁବ୍ କମ୍ ଖେଳିଛି। ୨୦୧୩-୧୪ ସିଜନରେ ନେଟ୍ ରନ୍‌ରେଟ୍ ଆଧାରରେ ଗୋଆକୁ ପଛରେ ପକାଇ ଓ ୨୦୧୫-୧୬ ସିଜନରେ ରାଜ୍ୟର ଷ୍ଟାର ଖେଳାଳି ପରଭେଜ ରସୁଲଙ୍କ ନେତୃତ୍ୱରେ ୱାଙ୍ଖେଡେ ଷ୍ଟାଡିୟମରେ ମୁମ୍ବାଇକୁ ହରାଇ ଜମ୍ମୁ-କଶ୍ମୀର କ୍ୱାର୍ଟର ଫାଇନାଲ ଖେଳିଥିଲା। ଗତ ୨୦୨୪-୨୫ ସିଜନର କ୍ୱାର୍ଟର ଫାଇନାଲରେ ଜମ୍ମୁ-କଶ୍ମୀର ୧ ରନ୍‌ରେ କେରଳଠାରୁ ପରାଜିତ ହୋଇଥିଲା। ହେଲେ ସ୍ଥିର ପ୍ରଦର୍ଶନ ପାଇଁ ଦଳକୁ ଏକ ଦଶନ୍ଧି ଲାଗି ଅପେକ୍ଷା କରିବାକୁ ପଡ଼ିଥିଲା। କୋଚ୍ ଅଜୟ ଶର୍ମା ଓ ଅଧିନାୟକ ପାରସ ଡୋଗ୍ରାଙ୍କ ନେତୃତ୍ୱରେ ଜମ୍ମୁ-କଶ୍ମୀର ଦଳର ବିଶ୍ୱାସ ଫଳାଫଳରେ ପ୍ରତିଫଳିତ ହୋଇଥିଲା।

### ଡୋଗ୍ରାଙ୍କ ମାଇଲଷ୍ଟୋନ୍

୪୧ ବର୍ଷୀୟ ଅଧିନାୟକ ପାରସ ଡୋଗ୍ରା ଏହି ମ୍ୟାଚ୍‌ରେ ନିଜ କ୍ୟାରିୟରରେ ଏକ ମାଇଲଷ୍ଟୋନ୍ ପୂରଣ କରିଛନ୍ତି। ୨୪ ବର୍ଷର ଲମ୍ବା କ୍ୟାରିୟରରେ ହିମାଚଳ ପ୍ରଦେଶ, ପୁଡୁଚେରୀ ଓ ଜମ୍ମୁ-କଶ୍ମୀର ପାଇଁ ଖେଳିଥିବା ଡୋଗ୍ରା ରଣ୍‌ଜୀ ଟ୍ରଫିରେ ୧୦ ହଜାର ରନ୍ ପୂରଣ କରିଛନ୍ତି। ମୁମ୍ବାଇର ୱାସିମ୍ ଜାଫରଙ୍କ ପରେ ଡୋଗ୍ରା ଦ୍ୱିତୀୟ ବ୍ୟାଟର ଭାବେ ରଣ୍‌ଜୀ ଟ୍ରଫିରେ ଦଶ ହଜାର ରନ୍ କରିଛନ୍ତି।

# ଲଳିତକଣ୍ଠୀ ଗୀତା



ଶ୍ରଦ୍ଧାଞ୍ଜଳି/ଗୀତା ପଟ୍ଟନାୟକ

ରେଡିଓ ଖୋଲିଲାମାତ୍ରେ ସେଇ ପରିଚିତ ବୀଣାଜିଣା କଣ୍ଠସ୍ୱରରୁ କୋଠରି ସାରା ଗୁମୁରି ଉଠେ ଆଧୁନିକ, ପଲ୍ଲୀସ୍ୱର, ଭଜନ ; ପୁଣି ବେଳେବେଳେ ଓଡ଼ିଆ ଚଳଚ୍ଚିତ୍ରର କବାଲି ଏମିତି ବିଭିନ୍ନ ସଙ୍ଗୀତ ପୂଜାଡିଥି ଆସେ ତ ଠାକୁରଙ୍କ ମେଢ଼ ଆଡୁଆଳରୁ ଷ୍ଟେରିଓରେ ଭାସିଆସେ ଠାକୁରଙ୍କ ଜଣାଣ, ଭଜନ, ସବୁ କାମ ଛାଡ଼ି ଆଖି ବନ୍ଦ କରି ଶୁଣିବାକୁ ଇଚ୍ଛାହୁଏ। ପୁଣି ଆସେ ବାହାଘର ଋତୁ। ବଛା ବଛା ରେକର୍ଡ ବାଜେ। କନ୍ୟାପକ୍ଷ ଲୋକେ କେହି କେହି ବର ପକ୍ଷଙ୍କୁ ଖତେଇ ହେବା ଭଳି ବାରମ୍ବାର ଗୋଟିଏ ନିର୍ଦ୍ଦିଷ୍ଟ ରେକର୍ଡ଼ ଲଗାନ୍ତି 'ଯଉତୁକ ନବ ଚଢ଼ା–ହେଲେ କନିଆଁ ପାଇବ ଡେଢ଼ା'। ଏଇ ସବୁରି ଭିତରେ ସେଇ ଏକା, ପରିଚିତ କଣ୍ଠସ୍ୱର–ଗୀତା ପଟ୍ଟନାୟକ। ଗୀତା ପଟ୍ଟନାୟକ ଓଡ଼ିଶାର ସ୍ୱନାମଧନ୍ୟା ଗାୟିକାଙ୍କ ମଧ୍ୟରେ ଅନ୍ୟତମ।

ଗୀତା ପଟ୍ଟନାୟକଙ୍କର ସ୍ୱର ଓଡ଼ିଶାର ପୁରପଲ୍ଲୀରେ କିଏ ନ ଚିହ୍ନିଛି ? ଏହି ବିଶିଷ୍ଟ କଣ୍ଠଶିଳ୍ପୀ ରେଡିଓ, କ୍ୟାସେଟ ଆଉ ରେକର୍ଡ଼ ଏବଂ ସର୍ବୋପରି ଚଳଚ୍ଚିତ୍ର ସଙ୍ଗୀତ କ୍ଷେତ୍ରରେ ଯେଉଁଭଳି ପ୍ରତିଷ୍ଠା ବଜାୟ ରଖିପାରିଛନ୍ତି, ତାହା ଖୁବ୍ କ୍ୱଚିତ ଓଡ଼ିଆ ଝିଅଙ୍କ ଭାଗ୍ୟରେ ଜୁଟେ। ଗୀତା କଟକ ଝିଅ। କଟକ କଳାବିକାଶ କେନ୍ଦ୍ରରୁ 'ସଙ୍ଗୀତ ଭୂଷଣ' ଉପାଧି ପାଇଛନ୍ତି।

ଗୀତାଙ୍କ ସହ ଗତ ଗଣେଶ ପୂଜାଦିନ ଏକ ଉତ୍ସବରେ ସାକ୍ଷାତ୍ ହୋଇଥିଲା। ଓଠରେ ଚେନାଏ ମିଠାହସ ଲାଖି ରହିଥାଏ। କଥା କହିବେ ତ ଗୀତ ଶୁଣିଲା ଭଳି ଲାଗିବ। ଗର୍ବ ନାହିଁ, ଅହଂକାର ନାହିଁ। ଅମାୟିକ ବ୍ୟବହାର। ସ୍ୱଳ୍ପମୁହୂର୍ତ୍ତର କଥାବାର୍ତ୍ତା ଭିତରେ ତାଙ୍କ ମନ ଭିତରର ଲୁକ୍କାୟିତ ସ୍ୱପ୍ନ, ଆଶା, ଆକାଂକ୍ଷା, ଗ୍ଲାନି, ଏ ସବୁର କିଞ୍ଚିତ ପରିଚୟ ମିଳିଲା। ଆମ ଓଡ଼ିଶାରେ ଗାୟକ ଗାୟିକାଙ୍କ ଅଭାବ ନାହିଁ। କିନ୍ତୁ ଓଡ଼ିଆ ଝିଅ ସଙ୍ଗୀତ କଳାକୁ ପେଶା ରୂପେ ଗ୍ରହଣ କରିନେବାକୁ କୁଣ୍ଠିତ ହେବା ଆଦୌ ଠିକ୍ ନୁହେଁ। ସୁନନ୍ଦା ପଟ୍ଟନାୟକ, ହେମଲତା ଆଦି ସ୍ୱନାମଧନ୍ୟା ଗାୟିକା ଓଡ଼ିଆ ହୋଇ ମଧ୍ୟ ଓଡ଼ିଶାରେ ତାଙ୍କର ପ୍ରତିଷ୍ଠା ନାହିଁ। ବାହାର ରାଜ୍ୟରେ ସେମାନେ ବେଶ୍ ପ୍ରତିଷ୍ଠିତା।

ଗୀତା ପଟ୍ଟନାୟକ ପିଲାଟି ଦିନରୁ ସଙ୍ଗୀତ ସାଧନା ଆରମ୍ଭ କରିଥିଲେ। ସେଇ ସଙ୍ଗୀତରେ ମସଗୁଲ ଥାଇ ସୁଦ୍ଧା ସେ କୃତିତ୍ୱ ସହକାରେ ରାଜନୀତି ବିଜ୍ଞାନରେ ଏମ୍.ଏ ପାଶ୍ କରିଛନ୍ତି। ଜଣକ ପ୍ରେରଣା, ତାଲିମ ଆଉ ଭୂମିକା ଗୀତାଙ୍କ ଗାୟିକା ଜୀବନକୁ ନୂଆ ମୋଡ ଦେଇଥିଲା। ସେ ହେଲେ ଓଡ଼ିଶାର ଅପ୍ରତିଦ୍ୱନ୍ଦ୍ୱୀ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି ଓରଫ ଖୋକାଭାଇ। ଓଡ଼ିଆ ଚିତ୍ରର ପ୍ରଚ୍ଛଦପଟ ଗାୟିକା ଭାବେ ସେ 'ଅଦିନ ମେଘ', 'ସଂସାର', 'ମାଂସର ବିଳାପ', 'ଯାଯାବର', 'ନାଗଫାଶ', 'ତଅପୋଇ', 'ଅଶାନ୍ତଗ୍ରହ', 'ମଥୁରା ବିଜୟ' ପ୍ରଭୃତିରେ କଣ୍ଠଦାନ କରିଛନ୍ତି। 'ଫୁର୍ କିନା ଉଡ଼ିଗଲା ବଣୀ'(ଯାଯାବର), 'ଏ ରାତି ପାହିବ କେବେ, (ନାଗଫାଶ), 'ଯଉତୁକ ନେବ ଚଢା', 'ଆହା, ଡଙ୍ଗାରେ ବସିଗଲେ', 'ମୋ ଦେହରେ ବୋଳି ଦିଅ ରଙ୍ଗ ହଳଦୀ', 'ତୋର ମୋର କଥା ହେବା ଚୁପ୍‌ଚାପ୍' ଆଦି ଗୀତାଙ୍କର ଅନେକ ଗୀତ ଚିରଦିନ ଅଭୁଲା ହୋଇକକରହିବ।

ସଙ୍ଗୀତ, ସାଗର ପରିସମାପ୍ତିହୀନ। ତେଣୁ ଗୀତା କୁହନ୍ତି, 'ଜୀବନର ଶେଷନିଃଶ୍ୱାସ ପର୍ଯ୍ୟନ୍ତ ମୁଁ ଏଇ ସାଧନା କରୁଥିବି। ସବୁ ସଙ୍ଗୀତ ଶିଳ୍ପୀମାନଙ୍କର ପ୍ରତିଭା ଅଛି। ସେମାନେ ଏହାକୁ ଉପଯୋଗ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ସଙ୍ଗୀତ କ୍ଷେତ୍ରରେ ଆଗକୁ ଯିବା ପାଇଁ ସାଧନାର ଆବଶ୍ୟକତା ରହିଛି। କଳା ପ୍ରତି ଆକର୍ଷଣ ଏବଂ ଏକାଗ୍ରତା ବଳରେ ଗୀତା ପଟ୍ଟନାୟକ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି।

**–ଦିଲୀପ ହାଲି**
ବଡ଼ଗଡ଼, ଭୁବନେଶ୍ୱର,
ମୋ:୯୮୬୧୦୦୯୨୫୨

# ଚିନ୍ତା କରୁଛନ୍ତି ତ୍ରିପ୍ତି

ତ୍ରିପ୍ତି ଡିମରି ଏବେ ଟିକେ ଚିନ୍ତାରେ ପଡ଼ିଛନ୍ତି। ହେଲେ କ'ଣ ପାଇଁ ଜାଣନ୍ତି ? ନିକଟରେ ତାଙ୍କୁ ଏକ ନୂଆ ଅଫର ମିଳିଛି। ଏଥିରେ ତାଙ୍କୁ କେତୋଟି ଆକ୍ସନ ଶଟ୍ ଦେବାକୁ ପଡ଼ିବ। ହେଲେ ସେଥିପାଇଁ ତାଙ୍କୁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି ଜାଣିବା ପରେ ତାଙ୍କର ଚିନ୍ତା ବଢ଼ିଯାଇଛି। ଏ ନେଇ ତ୍ରିପ୍ତି କହନ୍ତି, ''ଆକ୍ସନ ଭୂମିକାରେ ଅଭିନୟ କରିବା ଏତେ ସହଜ କଥା ନୁହେଁ। ତଥାପି ଏ ନେଇ ନିଜକୁ ମୁଁ ମାନସିକ ସ୍ତରରେ ପ୍ରସ୍ତୁତ କରିବା ଆରମ୍ଭ କରିଦେଇଛି। ଏଥିଲାଗି ମୋତେ କିଛି ମାସ ସ୍ପେଶାଲ ଟ୍ରେନିଂ ନେବାକୁ ପଡିବ। ଯଦିଓ ଏହାକୁ ନେଇ ମୋର ଚିନ୍ତା ବଢ଼ିଯାଇଛି, ହେଲେ ଆଶା ରଖିଛି ଏଭଳି ଭୂମିକାକୁ ମୁଁ ଠିକ୍ ଭାବରେ ତୁଲାଇ ପାରିବି। ଏଥିରେ ମୋ ଅପୋଜିଟ୍‌ରେ ଜଣେ ନବାଗତଙ୍କୁ କାଷ୍ଟିଂ କରାଯିବାର ଯୋଜନା ରହିଛି। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ତା'ସହ ଏହା ପାଇଁ ଏକ ସୁଇଟେବୁଲ ଟାଇଟଲ ଖୋଜା ଚାଲିଛି।'' ତ୍ରିପ୍ତି ଇତିମଧ୍ୟରେ ବଲିଉଡ୍‌ରେ ତାଙ୍କର ନବମ ବର୍ଷ ପୂରଣ କରିଛନ୍ତି। ସେ ପ୍ରଥମେ 'ମମ୍'ଏବଂ 'ପୋଷ୍ଟର ବୟେଜ'ରେ ଛୋଟ ଭୂମିକାରେ ଅଭିନୟ କରିଥିଲେ। ନିର୍ଦ୍ଦେଶକ ସାଜିଦ ଅଲ୍ଲୀଙ୍କ 'ଲୈଲା ମଜ୍‌ନୁ'ରେ ସେ ପ୍ରଥମ ଥର ପାଇଁ ନାୟିକା ସାଜିଥିଲେ। ଏଥିରେ ଅବିନାଶ ତିୱାରୀଙ୍କ ସହ ତ୍ରିପ୍ତିଙ୍କ ଯୋଡିକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ହେଲେ ୨୦୨୩ରେ ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କର 'ଆନିମଲ୍' ତାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ଫିଲ୍ମଟି ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା।



ତ୍ରିପ୍ତି

# ଖୁସି ଅଛନ୍ତି ଜ୍ୟାକ୍‌ଲିନ୍

ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍ ବଲିଉଡ୍‌ରେ ନିଜ କ୍ୟାରିୟରକୁ ନେଇ ବେଶ୍ ଖୁସି ଅଛନ୍ତି। ସୁଜୟ ଘୋଷଙ୍କ ପରି ନାମୀ ଅଭିନେତା ତାଙ୍କୁ ପ୍ରଥମେ ହିନ୍ଦୀ ସିନେମାରେ ବ୍ରେକ୍ ଦେଇଥିଲେ। ଫିଲ୍ମଟିର ଟାଇଟଲ ଥିଲା 'ଆଲ୍ଲାଦିନ'। ଅମିତାଭ ବଚ୍ଚନ ଏବଂ ସଞ୍ଜୟ ଦତ୍ତଙ୍କ ପରି ଅଭିନେତା ଏହାର କାଷ୍ଟିଂରେ ଥିଲେ। କିନ୍ତୁ ଫିଲ୍ମଟି ବକ୍ସ ଅଫିସରେ ଆଶାନୁରୂପ ସଫଳତା ହାସଲ କରିବାରେ ବିଫଳ ହୋଇଥିଲା। ହେଲେ ପ୍ରାରମ୍ଭରୁ ଏପରି ଘଟଣାରେ ଭାଙ୍ଗି ପଡି ନ ଥିଲେ ସେ । ନିଜ କ୍ୟାରିୟର ବିଷୟରେ ସେ କହନ୍ତି, ''ମୋ ପ୍ରଥମ ହିନ୍ଦୀ ସିନେମା ଫ୍ଲପ୍ ହୋଇଥିଲା। ଅବଶ୍ୟ ଏ ନେଇ ମନଦୁଃଖ ହେଲା। କିନ୍ତୁ ମୋର ନିଜ ଉପରେ ଶତ ପ୍ରତିଶତ ଭରସା ଥିଲା। ଦିନେ ନା ଦିନେ ମୋତେ ଭଲ ସୁଯୋଗ ନିଶ୍ଚୟ ମିଳିବ–ଏକଥାକୁ ମନରେ ରଖି ଆଗେଇଥିଲି। କିନ୍ତୁ ଯେତେବେଳେ ମୋର ପ୍ରଥମ ଫିଲ୍ମ ପାଇଁ ମୋତେ ଆଇଫା ପୁରସ୍କାର (ଶ୍ରେଷ୍ଠ ନବାଗତା) ମିଳିଲା ସେତେବେଳେ ମୋର ହୃଦବୋଧ ହେଲା ଯେ ମୋର ପରିଶ୍ରମ ବୃଥା ହୋଇନାହିଁ। ତା'ପରେ ୨୦୧୧ରେ ରିଲିଜ ହୋଇଥିବା 'ମର୍ଡର ୨' ହିଟ୍ ସାବ୍ୟସ୍ତ ହେଲା। ବାସ୍, ତା'ପରେ ଆଉ ମୁଁ ପଛକୁ ଫେରି ଚାହିଁ ନ ଥିଲି। ଏହାପରେ 'ହାଉସଫୁଲ୨' ଏବଂ 'ରେସ୍ ୨' ମଧ୍ୟ ଦର୍ଶକାଦୃତ ହେଲା। ଚଳିତବର୍ଷ ମୋ ଅଭିନୀତ 'ୱେଲକମ୍ ଟୁ ଦ ଜଙ୍ଗଲ' ରିଲିଜ ହେବାକୁ ଯାଉଛି। ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜନେସ୍ କରିବ ବୋଲି ଆଶା ରହିଛି।'' ଶ୍ରୀଲଙ୍କା ସୁନ୍ଦରୀ' ମୁକୁଟ ବିଜୟିନୀ ହେବା ପରେ ଜ୍ୟାକ୍‌ଲିନ୍ ୨୦୦୯ରେ ଭାରତକୁ ମଡେଲିଂ ଆଶାରେ ଆସିଥିଲେ। ମାତ୍ର ସେହି ବର୍ଷ ହିଁ ତାଙ୍କୁ ବଲିଉଡ୍‌ରେ ସୁଯୋଗ ମିଳିଥିଲା।



ଜ୍ୟାକ୍‌ଲିନ୍

# ଶହେରୁ ଜଣେ

ଭୂମି ପେଡେନକର ଯେତେବେଳେ ଆକ୍ଟିଂକୁ କ୍ୟାରିୟର କରିବାକୁ ଚାହିଁଲେ ସେତେବେଳେ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡ଼ି ନ ଥିଲା। ସେ ଅଭିନୟ କରିଥିବା ପ୍ରଥମ ସିନେମା ଥିଲା 'ଦମ୍ ଲଗାକେ ହୈସା'। ହେଲେ ଏହାର ନାୟିକା ଚରିତ୍ରରେ ଅବତୀର୍ଣ୍ଣ ହେବା ପୂର୍ବରୁ ତାଙ୍କୁ ମାରାଥନ ଅଡିସନ ଦେବାକୁ ପଡ଼ିଥିଲା। ଏହି ଅଡିସନରେ ପ୍ରାୟ ୧୦୦ଜଣ ନବାଗତା ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ସମସ୍ତଙ୍କୁ ବାଜିମାତ କରି ଭୂମି ଏଥିରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏ ବିଷୟରେ ସେ କହନ୍ତି, ''ଯେତେବେଳେ ମୋତେ 'ଦମ୍ ଲଗାକେ ହୈସା'ର ନିର୍ଦ୍ଦେଶକ ଶରତ କଟାରିଆ ଏ ସମ୍ପର୍କରେ ଜଣାଇଲେ ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା। ଏଥିରେ ଆୟୁଷ୍ମାନ ଖୁରାନା ମୋର ନାୟକ ସାଜିଥିଲେ। ଏବେ କିଛି ମାସ ହେବ ମୋତେ କିଛି ଅଫର ମିଳିନାହିଁ। ହେଲେ ଅପେକ୍ଷା କରିଛି ପ୍ରଯୋଜକମାନଙ୍କର ଶୁଭ ଦୃଷ୍ଟି ମୋ ଉପରେ ନିଶ୍ଚୟ ପଡ଼ିବ।'' ପ୍ରଥମ ସିନେମା ପାଇଁ ତାଙ୍କୁ ନିଜ ଓଜନ କମାଇବାକୁ ପଡ଼ିଥିଲା। ମାତ୍ର ପାଞ୍ଚ ମାସ ମଧ୍ୟରେ ସେ ୨୦ କିଗ୍ରା ଓଜନ କମାଇବାରେ ସକ୍ଷମ ହୋଇଥିଲେ। ଭୂମି ଅଭିନୟ କରିବା ପୂର୍ବରୁ କ'ଣ କରୁଥିଲେ ଜାଣନ୍ତି ? ନାମୀ ବ୍ୟାନର ଯଶରାଜ ଫିଲ୍ମରେ ସେ ଜଣେ ଆସିସଷ୍ଟାଣ୍ଟ କାଷ୍ଟିଂ ଡାଇରେକ୍ଟର ଭାବରେ କାମ କରୁଥିଲେ ଭୂମି ।



ଭୂମି

ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡ଼ିକ ହେଲା–'ଟୟଲେଟ୍–ଏକ ପ୍ରେମ କଥା', 'ଲଷ୍ଟ ଷ୍ଟୋରିଜ', 'ବାଲା', 'ପତି ପତ୍ନୀ ଔର ୱ୍', 'ଭୂତ୍', 'ଦୁର୍ଗାମତି', 'ଭକ୍ଷକ' ଏବଂ 'ମେରେ ହଜବ୍ୟାଣ୍ଡ କି ବିବି'।

# ସବୁ ଫୁଲରେ ଟିକିଲି

ଏକଦା ଜଣେ ତରୁଣୀ ଏକ ଲେଡିଜ କର୍ନରକୁ ଟିକିଲି କିଣିବାକୁ ଆସେ। ସେଠାରେ ଜଣେ ସେଲସମ୍ୟାନ୍ ତାକୁ ଟିକିଲି ଦେଖାଏ। କିନ୍ତୁ ଟିକିଲି ଦେଖାଇବା ସମୟରେ ସେହି ସୁନ୍ଦରୀର ରୂପ ରାଇଜରେ ହଜିଯାଏ ସେଲସମ୍ୟାନ୍। ମନେମନେ ତାକୁ ଭଲ ପାଇ ବସେ। ଭାବନା ରାଇଜରେ ଘୂରି ବୁଲିବା ସମୟରେ ଏକ ଗୀତରେ ସେ ମତୁଆଲା ହୋଇଥାଏ। କିନ୍ତୁ ଯେଉଁ ଟିକିଲି ପାଇଁ ସେ ଆଜି ସୁନ୍ଦରୀକୁ ପ୍ରେମ କରି ବସିଛି, ତାହା ବାସ୍ତବରେ ସଫଳ ହୁଏତ ? ଗୀତଟି ଶେଷ ହେବା ପରେ ଏହି କାହାଣୀରେ ଲୁଚି ରହିଛି ଏକ ଟ୍ୱିଷ୍ଟ। ଆଉ ତାହା କ'ଣ ଜାଣିବାକୁ ନିଶ୍ଚୟ ଚାହୁଁଥିବେ। ବାସ୍, ଥରେ ଏହି ଗୀତଟିକୁ ଦେଖିଲେ ଆପଣଙ୍କ ମନରେ ଉଙ୍କି ମାରିଥିବା ସମସ୍ତ ପ୍ରଶ୍ନର ଉତ୍ତର ଆପେ ଆପେ ପାଇଯିବେ। ହଁ, ଏଭଳି ଏକ ଗୀତ ସଂଯୋଜିତ ହୋଇଛି ଏକ ସମ୍ବଲପୁରୀ ଆଲବମ୍‌ରେ, ଯାହାର ଟାଇଟଲ ରହିଛି 'ଟିକିଲି ମାଖି'। ଏଥିରେ ଅଭିନୟ କରିଛନ୍ତି ରିତେଶ ଏବଂ ମନସ୍ୱିନୀ। ଅରୂପା ପ୍ରିୟଦର୍ଶିନୀଙ୍କ ଦ୍ୱାରା ପ୍ରଯୋଜିତ ଏହି ଆଲବମ୍‌ଟିର ନିର୍ଦ୍ଦେଶନା ଦେଇଛନ୍ତି ନିବେଦନ। ରଞ୍ଜନ ହାତୀଙ୍କ ରଚିତ ତଥା ରୁଦ୍ର ପ୍ରସାଦ ନାୟକଙ୍କ ସ୍ୱର ସଂଯୋଜିତ ଉକ୍ତ ଗୀତଟି ପାଇଁ କଣ୍ଠଦାନ କରିଛନ୍ତି ପ୍ରଥମ କୁମ୍ଭର ଏବଂ ଶୁଭଦୀପ୍ତା ମହାନ୍ତି। ଏହାର କୋରିଓଗ୍ରାଫି କରିଛନ୍ତି କେ. ଅଭି। ଏହି ଆଲବମ୍‌ଟି ପ୍ରାରମ୍ଭରୁ ଦର୍ଶକାଦୃତ ହୋଇପାରିଛି।



ରିତେଶ–ମନସ୍ୱିନୀ

# ପୂର୍ଣ୍ଣିମାଙ୍କ ମନକଥା

ପୂର୍ଣ୍ଣିମା ଜଣେ ଶିକ୍ଷିତା ଝିଅ। ତା' ବାପା କାଙ୍ଗୁଲାଙ୍କ ଲକ୍ଷ୍ୟ କେମିତି ପ୍ରାୟ ଲୋପ ପାଇବାକୁ ବସିଥିବା ଦଣ୍ଡନାଚକୁ ଆହୁରି ଲୋକପ୍ରିୟ କରିବେ। ଆଉ ସେଥିରେ ପୂର୍ଣ୍ଣିମା ନିଜକୁ ସାମିଲ କରିବାକୁ ପଛାଇ ନାହିଁ। ତେବେ ସେ ଏଥିରେ ସଫଳ ହେଉଛି ତ ? ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ଫିଲ୍ମ 'କାଙ୍ଗୁଲା–ମା କାଳୀର ଦଣ୍ଡ ନାଚ'। ଆଉ ଏଥିରେ ପୂର୍ଣ୍ଣିମା ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ସୂର୍ଯ୍ୟମୟୀ ମହାପାତ୍ର। ଖାସ୍ କଥା ହେଲା, ଏହାର ପ୍ରଯୋଜନା କରିବା ସହ ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସମିତ ଆଚାର୍ଯ୍ୟ। ଏହି ଫିଲ୍ମର ଅନ୍ୟତମ ପ୍ରଯୋଜକ ହେଉଛନ୍ତି ଶୁଭେନ୍ଦୁ କୁମାର ମଲ୍ଲ (ଲିଟୁ)। ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ଅଶ୍ୱିନୀ ତ୍ରିପାଠୀ।



'କାଙ୍ଗୁଲା' ଫିଲ୍ମରେ ସୂର୍ଯ୍ୟମୟୀ

# ପୂରଣ ହେଲା ଆଶା



'ମିଡ୍ ନାଇଟ୍' ଫିଲ୍ମରେ ସିମ୍ମି

ତାଙ୍କର ବାପା ଥିଏଟର ଜଗତ ସହ ଜଡିତ। ଆଉ ଏବେ ତାଙ୍କ ଅଭିନୀତ ଦୁଇଟି ସିନେମା– 'ମିଡ୍‌ନାଇଟ୍' ଏବଂ 'ପରୀ' ରିଲିଜ ହୋଇଛି। ସେ ହେଲେ ସିମ୍ମି ଶର୍ମା ଖଟ୍ଟର। ହେଲେ ଏଭଳି ଅଫର ପାଇବାର ଶ୍ରେୟ ସେ ମିଡ୍‌ନାଇଟ୍'ର ପ୍ରଯୋଜକ–ନିର୍ଦ୍ଦେଶକ–ଅଭିନେତା ମନୁ ଦ୍ୱିବେଦୀ ଏବଂ ଉପରୋକ୍ତ ଫିଲ୍ମଦ୍ୱୟର ସଂଳାପକାର ଡ. ରଜନୀ ରଞ୍ଜନଙ୍କୁ ଦିଅନ୍ତି। ଏ ବିଷୟରେ ସିମ୍ମି କହନ୍ତି, ''ମୋତେ 'ପରୀ' ଏବଂ 'ମିଡ୍‌ନାଇଟ୍'ରେ ଆକ୍ଟିଂ କରିବାକୁ ଯେତେବେଳେ ଅଫର ମିଳିଲା ସେତେବେଳେ ତାକୁ ଗ୍ରହଣ କରିଥିଲି। ଏଥିରେ ଯେଉଁ ଭୂମିକା ମିଳିଛି ତାହାକୁ ଠିକ୍ ଭାବରେ ତୁଲାଇଛି। ଫିଲ୍ମଦ୍ୱୟ ରିଲିଜ ହେବା ପରେ ମୋର କେତେଜଣ ସାଙ୍ଗ ମୋତେ ଅଭିନନ୍ଦନ ଜଣାଇଛନ୍ତି। ବିଶେଷଭାବରେ ମନୁ ସାର୍ ଏବଂ ରଜନୀ ସାର୍‌ଙ୍କ ପାଇଁ ଆଜି ମୋର ବହୁ ଦିନର ସ୍ୱପ୍ନ ସଫଳ ହୋଇଛି।'' ଅବସର ସମୟରେ ଲେଖାଲେଖି ଏବଂ ଗୀତ ଶୁଣିବାକୁ ଭଲ ପାଆନ୍ତି ସେ। ପେସାରେ କର୍ମଜୀବୀ ହୋଇଥିଲେ ମଧ୍ୟ ସମାଜସେବା ପ୍ରତି ରୁଚି ରଖନ୍ତି ସିମ୍ମି।

ଧରିତ୍ରୀ 52 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧୯/୨୦୨୬ Bhubaneswar, Thursday, February 19/ 2026


# ଲିଗ୍‌ରେ ଭାରତ ଅପରାଜେୟ

**ଅହମଦାବାଦ,୧୮।୨**

ଶିବମ ଦୁବେଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଏଠାରେ ଗୁରୁବାର ସନ୍ଧ୍ୟାରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତ ୧୭ ରନରେ ନେଦରଲାଣ୍ଡ୍‌ସ୍‌କୁ କରାସ୍ତ କରିଛି। ଫଳରେ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳ ଅପରାଜେୟ ଭାବେ ଲିଗ୍ ପର୍ଯ୍ୟାୟ ଶେଷ କରିଛି। ଆସନ୍ତା ୨୨ ତାରିଖରେ ଭାରତ ତା'ର ପ୍ରଥମ ସୁପର-୮ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଆରମ୍ଭରୁ ଅଭିଷେକ ଶର୍ମାଙ୍କ ଉଇକେଟ ହରାଇଥିଲା। ସେ ଟୁର୍ନାମେଣ୍ଟରେ ଲଗାତର ତୃତୀୟ ଥର ପାଇଁ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଫର୍ମରେ ଥିବା ଇଶାନ କିଶନ (୧୮ ରନ, ୨ ଚୌକା ଓ ୧ ଛକା) ଦୁର୍ଭାଗ୍ୟବଶତଃ ଆର୍ଯ୍ୟନଙ୍କ ବଲରେ ବୋଲ୍ଡ ହୋଇଥିଲେ। ତିଲକ ବର୍ମା (୩୧ ରନ, ୩ ଚୌକା ଓ ୧ ଛକା) ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୩୪ ରନ୍, ୨ ଚୌକା ଓ ୧ ଛକା) କ୍ରିଜ୍‌ରେ ସେଟ୍ ହେବା ସତ୍ତ୍ୱେ ବଡ଼ ସ୍କୋର କରିପାରି ନ ଥିଲେ। ଫଳରେ ୧୪ ଓଭର ସୁଦ୍ଧା ଭାରତ ୪ ଉଇକେଟ ହରାଇ ୧୧୩ କରିଥିଲା। ଏହିଠାରୁ ଦୁବେ ଓ ହାର୍ଦ୍ଦିକ ପାଣ୍ଡ୍ୟା ଦଳୀୟ ସ୍ଥିତି ସମ୍ଭାଳିଥିଲେ। ଦୁହେଁ ଆଟାକିଂ ବ୍ୟାଟିଂ କରି ପଞ୍ଚମ ଉଇକେଟରେ ୩୫ ବଲରେ ୭୬ ରନ ଯୋଡ଼ିଥିଲେ। ଦୁବେ ୩୧ ବଲରେ ୪ ଚୌକା ଓ ୬ ଛକା ବଳରେ ୬୬ ରନ କରି ପଞ୍ଚମ ବ୍ୟାଟର ଭାବେ ଶେଷ ଓଭରରେ ଆଉଟ୍ ହୋଇଥିଲେ। ରିଙ୍କୁ ସିଂ ୬ ରନ କରି ଅପରାଜିତ ରହିଥିବା ବେଳେ ହାର୍ଦ୍ଦିକ ୨୧ ବଲରେ ୩ ଛକା ସହ ୩୦ ରନ କରି ପାଭିଲିଅନ ଫେରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୯୩ ରନ କରିଥିଲା। ଜବାବରେ ନେଦରଲାଣ୍ଡ୍‌ସ୍ ନିୟମିତ ବ୍ୟବଧାନରେ ଉଇକେଟ ହରାଇବାରୁ ୨୦ ଓଭରରେ ୭ ଉଇକେଟ ହରାଇ ୧୭୬ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ବାସ ଡି ଲିଡ୍ ସର୍ବାଧିକ ୩୩ ରନ କରିଥିବା ବେଳେ ଭାରତ ପାଇଁ ବରୁଣ ଚକ୍ରବର୍ତ୍ତୀ ୩ ଓ ଦୁବେ ୨ ଉଇକେଟ ନେଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ୍ ଶିବମ୍ ଦୁବେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୧୯୩/୬ (ଶିବମ ଦୁବେ-୬୬, ସୂର୍ଯ୍ୟକୁମାର ଯାଦବ-୩୪, ତିଲକ ବର୍ମା-୩୧, ଲୋଗାନ ଭାନ ବିକ-୩/୫୬, ଆର୍ଯ୍ୟନ ଦତ୍ତ-୨/୧୯, କାଇଲ କ୍ଲେନ-୧/୩୮)। ନେଦରଲାଣ୍ଡ୍‌ସ୍: ୨୦ ଓଭରରେ ୧୭୬/୭ (ବାସ ଡି ଲିଡ-୩୩, ବରୁଣ ଚକ୍ରବର୍ତ୍ତୀ-୩/୧୪, ଶିବମ ଦୁବେ-୨/୩୫, ଯଶପ୍ରୀତ ବୁମରା-୧/୧୭)।

## ଟି୨୦ ବିଶ୍ୱକପ୍

**(ଆଜିର ମ୍ୟାଚ୍)**

**ୱେଷ୍ଟଇଣ୍ଡିଜ ବନାମ ଇଟାଲି**
ସ୍ଥାନ: କୋଲକାତା
ସମୟ: ପୂର୍ବାହ୍ନ ୧୧ଟା

**ଶ୍ରୀଲଙ୍କା ବନାମ ଜିମ୍ବାୱେ**
ସ୍ଥାନ: କଲମ୍ବୋ
ସମୟ: ଅପରାହ୍ନ ୩ଟା

**ଆଫଗାନିସ୍ତାନ ବନାମ କାନାଡା**
ସ୍ଥାନ: ଚେନ୍ନାଇ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# ୟୁଏଇକୁ ହରାଇଲା ଦକ୍ଷିଣ ଆଫ୍ରିକା

**ନୂଆଦିଲ୍ଲୀ,୧୮।୨**

ଚଳିତ ଟି୨୦ ବିଶ୍ୱକପ୍‌ରେ ବୁଧବାର ପୂର୍ବାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ୟୁଏଇକୁ ପରାସ୍ତ କରିଛି। ଏହି ବିଜୟ ସହ ଗତ ସଂସ୍କରଣର ରନରଅପ୍ ଦ. ଆଫ୍ରିକା ଅପରାଜେୟ ଭାବେ ଲିଗ୍ ପର୍ଯ୍ୟାୟ ଶେଷ କରିଛି। ୟୁଏଇ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୧୨୨ ରନ କରିଥିଲା। ଦଳ ପାଇଁ ଅଲିଶାନ ଶାରାଫୁ ୪୫ (୫ ଚୌକା ଓ ୧ ଛକା) ରନ କରିଥିବା ବେଳେ ଦକ୍ଷିଣ ଆଫ୍ରିକାର କର୍ବିନ ବୋଶ୍ଚ ୩ ଓ ଅନରିକ୍ ନର୍କିଆ ୨ ଉଇକେଟ ହାତେଇଥିଲେ। ଜବାବରେ ଦ. ଆଫ୍ରିକା ୧୩.୨ ଓଭରରେ ୪ ଉଇକେଟ ହରାଇ ୧୨୩ ରନ କରି ନେଇଥିଲା। ଦଳ ପକ୍ଷରୁ ଡେୱାଲ୍ଡ ବ୍ରେଭିସ ୩୬ (୧ ଚୌକା ଓ ୩ ଛକା), ରିୟାନ ରିକଲଟନ ୩୦ (୩ ଚୌକା ଓ ୨ ଛକା) ଓ ଅଧିନାୟକ ଏଡେନ ମାରକ୍ରମ ୨୮ (୫ ଚୌକା ଓ ୧ ଛକା) ରନ କରିଥିଲେ।

## ସୁପର-୮ କାର୍ଯ୍ୟସୂଚୀ

ଗ୍ରୁପ-ଏକ୍ସ: ଭାରତ, ଜିମ୍ବାୱେ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ
ଗ୍ରୁପ୍-ୱାଇ: ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଶ୍ରୀଲଙ୍କା

| ତାରିଖ | ମ୍ୟାଚ | ଭେନ୍ୟୁ | ସମୟ |
|---|---|---|---|
| ଫେବୃଆରୀ ୨୧ | ନ୍ୟୁଜିଲାଣ୍ଡ-ପାକିସ୍ତାନ | କଲମ୍ବୋ | ସନ୍ଧ୍ୟା ୭ଟା |
| ଫେବୃଆରୀ ୨୨ | ଇଂଲଣ୍ଡ-ଶ୍ରୀଲଙ୍କା | ପାଲିକେଲେ | ଅପରାହ୍ନ ୩ଟା |
| ଫେବୃଆରୀ ୨୨ | ଭାରତ-ଦ.ଆଫ୍ରିକା | ଅହମଦାବାଦ | ସନ୍ଧ୍ୟା ୭ଟା |
| ଫେବୃଆରୀ ୨୩ | ଜିମ୍ବାୱେ-ୱେଷ୍ଟଇଣ୍ଡିଜ | ମୁମ୍ବାଇ | ସନ୍ଧ୍ୟା ୭ଟା |
| ଫେବୃଆରୀ ୨୪ | ଇଂଲଣ୍ଡ-ପାକିସ୍ତାନ | ପାଲିକେଲେ | ସନ୍ଧ୍ୟା ୭ଟା |
| ଫେବୃଆରୀ ୨୫ | ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା | କଲମ୍ବୋ | ସନ୍ଧ୍ୟା ୭ଟା |
| ଫେବୃଆରୀ ୨୬ | ୱେଷ୍ଟଇଣ୍ଡିଜ-ଦ.ଆଫ୍ରିକା | ଅହମଦାବାଦ | ଅପରାହ୍ନ ୩ଟା |
| ଫେବୃଆରୀ ୨୬ | ଭାରତ-ଜିମ୍ବାୱେ | ଚେନ୍ନାଇ | ସନ୍ଧ୍ୟା ୭ଟା |
| ଫେବୃଆରୀ ୨୭ | ଇଂଲଣ୍ଡ-ନ୍ୟୁଜିଲାଣ୍ଡ | କଲମ୍ବୋ | ସନ୍ଧ୍ୟା ୭ଟା |
| ଫେବୃଆରୀ ୨୮ | ପାକିସ୍ତାନ-ଶ୍ରୀଲଙ୍କା | ପାଲିକେଲେ | ସନ୍ଧ୍ୟା ୭ଟା |
| ମାର୍ଚ୍ଚ ୧ | ଜିମ୍ବାୱେ-ଦ.ଆଫ୍ରିକା | ଦିଲ୍ଲୀ | ଅପରାହ୍ନ ୩ଟା |
| ମାର୍ଚ୍ଚ ୧ | ଭାରତ-ୱେଷ୍ଟଇଣ୍ଡିଜ | କୋଲକାତା | ସନ୍ଧ୍ୟା ୭ଟା |

## ଟି୨୦ ବିଶ୍ୱକପ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| **ଗ୍ରୁପ୍ 'ଏ'** | | | | | |
| ଭାରତ | ୪ | ୪ | ୦ | ୮ | +୨.୫୦୦ |
| ପାକିସ୍ତାନ | ୪ | ୩ | ୧ | ୬ | -୦.୯୭୬ |
| ଆମେରିକା | ୪ | ୨ | ୨ | ୪ | +୦.୭୮୮ |
| ନେଦରଲାଣ୍ଡ୍‌ସ | ୪ | ୧ | ୩ | ୨ | -୧.୨୧୭ |
| ନାମ୍ବିୟା | ୪ | ୦ | ୪ | ୦ | -୩.୧୦୮ |
| **ଗ୍ରୁପ୍ 'ବି'** | | | | | |
| ଶ୍ରୀଲଙ୍କା | ୩ | ୩ | ୦ | ୬ | +୨.୪୬୨ |
| ଜିମ୍ବାୱେ | ୩ | ୨ | ୦ | ୫ | +୧.୯୮୪ |
| ଆୟର୍ଲାଣ୍ଡ | ୪ | ୧ | ୨ | ୩ | +୦.୧୫୦ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୨ | +୦.୪୧୪ |
| ଓମାନ | ୩ | ୦ | ୩ | ୦ | -୪.୫୪୬ |
| **ଗ୍ରୁପ 'ସି'** | | | | | |
| ୱେଷ୍ଟଇଣ୍ଡିଜ | ୩ | ୩ | ୦ | ୬ | +୧.୮୨୦ |
| ଇଂଲଣ୍ଡ | ୪ | ୩ | ୧ | ୬ | +୦.୨୦୧ |
| ସ୍କଟଲାଣ୍ଡ | ୪ | ୧ | ୩ | ୨ | +୦.୧୮୪ |
| ଇଟାଲି | ୩ | ୧ | ୨ | ୨ | -୦.୫୮୮ |
| ନେପାଳ | ୪ | ୧ | ୩ | ୨ | -୧.୩୪୯ |
| **ଗ୍ରୁପ୍ 'ଡି'** | | | | | |
| ଦ.ଆଫ୍ରିକା | ୪ | ୪ | ୦ | ୮ | +୧.୯୪୩ |
| ନ୍ୟୁଜିଲାଣ୍ଡ | ୪ | ୩ | ୧ | ୬ | +୧.୨୨୭ |
| ଆଫଗାନିସ୍ତାନ | ୩ | ୧ | ୨ | ୨ | -୦.୨୧୫ |
| ୟୁଏଇ | ୪ | ୧ | ୩ | ୨ | -୧.୩୬୪ |
| କାନାଡ଼ା | ୩ | ୦ | ୩ | ୦ | -୧.୮୬୫ |

(ବିଦ୍ରଃ ଗ୍ରୁପ୍ 'ବି'ରେ ଆୟର୍ଲାଣ୍ଡ-ଜିମ୍ବାୱେ ମ୍ୟାଚ ବର୍ଷାରେ ଧୋଇଯିବାରୁ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏ ପ୍ରଦାନ କରାଯାଇଛି)।

# ନାମ୍ବିୟାକୁ ହରାଇ ସୁପର-୮ରେ ପାକିସ୍ତାନ

**କଲମ୍ବୋ,୧୮।୨**

ଶାହିବଜାଦା ଫର୍ହାନ୍‌ଙ୍କ ଅପରାଜିତ ଶତକ ଓ ସ୍ପିନରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ବୁଧବାର ନାମ୍ବିୟା ବିପକ୍ଷରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ମ୍ୟାଚ୍‌କୁ ପାକିସ୍ତାନ ୧୦୨ ରନର ବଡ଼ ବ୍ୟବଧାନରେ ଜିତି ନେଇଛି। ଏହି ବିଜୟ ସହ ପାକିସ୍ତାନ ଅନ୍ତିମ ଦଳ ଭାବେ ସୁପର-୮ ପର୍ଯ୍ୟାୟରେ ପ୍ରବେଶ କରିଛି।

ନିଶ୍ଚିତ ବିଜୟ ଆବଶ୍ୟକ ଥିବା ମ୍ୟାଚ୍‌ରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ କ୍ଷତିରେ ୧୯୯ ରନ କରିଥିଲା। ଫର୍ହାନ ୫୮ ବଲରେ ଅପରାଜିତ ୧୦୦ ରନ କରିଥିଲେ। ତାଙ୍କ ଇନିଂସରେ ୧୧ ଚୌକା ଓ ୪ ଛକା ସାମିଲ ଥିଲା। ସେ ଅହମଦ ଶେହଜାଦଙ୍କ ପରେ ଦ୍ୱିତୀୟ ପାକିସ୍ତାନୀ ବ୍ୟାଟର ଭାବେ ଟି୨୦ ବିଶ୍ୱକପ୍‌ରେ ଶତକ କରିଛନ୍ତି। ଫର୍ହାନ ଅଧିନାୟକ ସଲମାନ ଆଘାଙ୍କ ସହ ୬୭ ଓ ଶଦାବ ଖାନଙ୍କ ସହ ୮୧ ରନ ଯୋଡ଼ିଥିଲେ। ଜବାବରେ ନାମ୍ବିୟା ୧୭.୩ ଓଭରରେ ୯୭ ରନରେ ଅଲଆଉଟ୍ ହୋଇଯାଇଥିଲେ। ପାକିସ୍ତାନ ପାଇଁ ଉସ୍ମାନ ତାରିକ ୪ ଓ ଶଦାବ ଖାନ ୩ ଉଇକେଟ ନେଇଥିଲେ। ଏହି ବିଜୟ ସହ ପାକିସ୍ତାନ ୨୦୨୮ରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ର ପରବର୍ତ୍ତୀ ସଂସ୍କରଣ ଲାଗି ଯୋଗ୍ୟତା ହାସଲ କରିଛି।





Authorised Dealers for BAJAJ Auto Ltd.: Bhubaneswar: Lewis Road MSB BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444• Rasulgarh BHARAT BAJAJ 9124717803 • Phulnakhara BHARAT BAJAJ 9124717805 • Charichak MSB BAJAJ 8018881850 , • Banki MSB BAJAJ 9348819293 • Balugaon BHARAT BAJAJ 7381099441 • Puri MSB BAJAJ 7077735752 • Pipili MSB BAJAJ 7077735755 • Cuttack: Badambadi SURAJ BAJAJ 8093066603 • Shikharpur RASHMI BAJAJ 9237379210 • Satichaura RASHMI BAJAJ 9237379211 • Rahama MAITREE BAJAJ 9668801781• Chandikhole TARINI BAJAJ 9937310800, • Pattamundai MAITREE BAJAJ 7064987720/9668801781, • Kendrapara TARINI BAJAJ 8338944471 • Rajnagar MAITREE BAJAJ 7064987720/9668801781 • Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722 • Anandapur PARIDA BAJAJ 7381670007, • Udala BALA BAJAJ 8260843646 • Markona SURAJ BAJAJ 9124626001 • Jaleswar SURAJ BAJAJ 9124626016, • Basudevpur SHANKAR BAJAJ 9040902802 • Rairangpur BALA BAJAJ 9583777236 • Harichandanpur JR BAJAJ 7008484029.



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ